RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

BHUBANESWAR
◆VOLUME- 43 ◆ISSUE-75 ◆MONDAY ◆8 SEPTEMBER 2025 ◆PAGE-12 ◆₹ 6.00
◆ବର୍ଷ-୪୩ ◆ସଂଖ୍ୟା-୭୫ ◆ସୋମବାର ◆୮ ସେପ୍ଟେମ୍ବର ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦





## ଏସିଆ କପ୍ ପୁରୁଷ ହକି
# ଭାରତ ଚାମ୍ପିଅନ

**୪-୧ ଗୋଲ୍‌ରେ ଦ.କୋରିଆ ପରାସ୍ତ**

■ **ରାଜଗିର, ୭।୯ (ଏଜେନ୍ସି):** ଆୟୋଜକ ଭାରତ ଏସିଆ କପ୍ ପୁରୁଷ ହକି ଚାମ୍ପିଅନ ଆଖ୍ୟା ଅର୍ଜନ କରିଛି । ରବିବାର ଅନୁଷ୍ଠିତ ଫାଇନାଲରେ ଭାରତ ୪-୧ ଗୋଲରେ ଡିଫେଣ୍ଡିଂ ଚାମ୍ପିଅନ ଦକ୍ଷିଣ କୋରିଆକୁ ପରାସ୍ତ କରିଛି । ଫାଇନାଲ୍‌ରେ ଡବଲ ଗୋଲ୍ ଦେଇଥିବା ଭାରତର ଫରୱାର୍ଡ ଖେଳାଳି ସୁଖଜିତ ସିଂହଙ୍କୁ ଫାଇନାଲ ମ୍ୟାଚ୍‌ର ଓ ଅଭିଷେକ ନୈନ୍‌ଙ୍କୁ ଟୁର୍ଣ୍ଣାମେଣ୍ଟର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି । ଏସିଆ କପ୍ ଚାମ୍ପିଅନ ହେବା ଫଳରେ ଭାରତ ଏଫଆଇଏଚ୍ ପୁରୁଷ ବିଶ୍ୱକପ୍‌ରେ ଭାଗନେବାକୁ ସିଧାସଳଖ ଯୋଗ୍ୟତା ଅର୍ଜନ କରିଛି । ଆସନ୍ତାବର୍ଷ ନେଦରଲାଣ୍ଡସ ଓ ବେଲ୍‌ଜିୟମ୍‌ରେ ପୁରୁଷ ହକି ବିଶ୍ୱକପ୍ ଖେଳାଯିବ । **(ବିବରଣୀ: ପୃଷ୍ଠା-୧୨)**




# ଇନ୍ଦୁ ପୂର୍ଣ୍ଣିମାରେ ପୂର୍ଣ୍ଣଗ୍ରାସ ଗ୍ରହଣ

■ **ଭୁବନେଶ୍ୱର, ୭।୯ (ସମିସ):** ଭାଦ୍ରବ ଶୁକ୍ଳପକ୍ଷ ପୂର୍ଣ୍ଣିମା ତିଥିରେ ଆଜି (ରବିବାର) ମହାକାଶରେ ବିରଳ ଚନ୍ଦ୍ରଗ୍ରହଣ ଦୃଶ୍ୟମାନ ହୋଇଛି । ଭାରତ ସମେତ ବିଭିନ୍ନ ରାଷ୍ଟ୍ରରେ ଗ୍ରହଣଜନିତ ଏହି ମହାଜାଗତିକ ଦୃଶ୍ୟକୁ କୋଟିକୋଟି ଜନତା ଉପଭୋଗ କରିଛନ୍ତି । ମେଘମୁକ୍ତ ଥିବା ଆଜିର ଭାଦ୍ରବ ଆକାଶରେ ଚନ୍ଦ୍ରମା ଖେଳିଯାଇଥିବା ବେଳେ ରାତି ୯.୫୭ ଠାରୁ ରାତି ୧.୨୭ ପର୍ଯ୍ୟନ୍ତ ଇନ୍ଦୁ ପୂର୍ଣ୍ଣିମାର ଜହ୍ନ ପୃଥିବୀର ଛାଇରେ ଢାଙ୍କି ହୋଇଯାଇଥିଲା । ଜ୍ୟୋତିଷ ଶାସ୍ତ୍ର ମତରେ ପୂର୍ଣ୍ଣ ରାହୁଗ୍ରସ୍ତ ଏହି ଚନ୍ଦ୍ରଗ୍ରହଣ ପାଇଁ ସକାଳ ୯.୫୭ରୁ ପାକତ୍ୟାଗ ସହ ୧୨.୫୭ରୁ ଦେବନୀତି ନିଷେଧ ରହିଥିଲା ।

# ଧସିଲା କଳିଙ୍ଗ ଘାଟି




■ **ଜି.ଉଦୟଗିରି, ୭।୯ (ସମିସ):** ଲଗାଣ ବର୍ଷା ଯୋଗୁଁ କନ୍ଧମାଳ ଜିଲ୍ଲା ଜି.ଉଦୟଗିରି ନିକଟସ୍ଥ କଳିଙ୍ଗ ଘାଟିରୁ ପଥର ଖସୁଛି । ଆଜି ଅପରାହ୍ଣରେ ଏକ ବିରାଟ ପଥର ରାସ୍ତା ଉପରକୁ ଖସିପଡ଼ିଥିଲା । ତେବେ ସେ ସମୟରେ କୌଣସି ଯାନବାହନ ଚଳାଚଳ କରୁନଥିବାରୁ ଏକ ବଡ଼ ଅଘଟଣ ଟଳି ଯାଇଛି । ରାସ୍ତା ଉପରେ ପଥରଟି ପଡ଼ିରହିବାରୁ ଭାରୀଯାନ ଯାତାୟାତରେ କିଛି ସମୟ ପାଇଁ ସମସ୍ୟା ହୋଇଥିଲା । ଏହା ଏକ ପ୍ରମୁଖ ରାସ୍ତା ହୋଇଥିବାରୁ ଗାର୍ଡୱାଲକୁ ଅଧିକ ଉଚ୍ଚା କରିବା ସହ ୱାଲ ନଥିବା ସ୍ଥାନରେ ନିର୍ମାଣ କରିବାକୁ ଦାବି ହୋଇଛି ।

# ଫୁଲିଲା ମହାନଦୀ

## ୩ ଜିଲ୍ଲାକୁ ବନ୍ୟା ଭୟ ● ସତର୍କ ରହିବାକୁ ନିର୍ଦ୍ଦେଶ

**ମୁଣ୍ଡଲୀରେ ୭ ଲକ୍ଷ୍ୟ କୁସେକ୍ ଜଳ ପ୍ରବାହିତ**

**୧୧ରୁ ରାଜ୍ୟରେ ପୁଣି ବଢ଼ିବ ବର୍ଷାର ପ୍ରଭାବ**

■ **ଭୁବନେଶ୍ୱର, ୭।୯ (ସମିସ):** ହୀରାକୁଦର ୨୪ ଟି ଗେଟ୍‌ରୁ ନିଷ୍କାସିତ ହୋଇଥିବା ବନ୍ୟାଜଳ ରବିବାର ସକାଳେ ମୁଣ୍ଡଳୀ ଅତିକ୍ରମ କରିଛି । ହୀରାକୁଦ ଓ ମହାନଦୀର ତଳମୁଣ୍ଡରେ ହୋଇଥିବା ବର୍ଷା ପାଣି ମିଶି ବର୍ତ୍ତମାନ ପାଖାପାଖି ୭ ଲକ୍ଷ କୁସେକ୍ ଜଳ ପ୍ରବାହିତ ହେଉଛି । ଚଳିତ ବର୍ଷ ପ୍ରଥମ ଥର ପାଇଁ ମହାନଦୀରେ ସର୍ବାଧିକ ପରିମାଣର ବନ୍ୟା ଜଳ ପ୍ରବାହିତ ହେଉଛି । ଫଳରେ ମହାନଦୀ ଫୁଲିଉଠିବା ସହ ବଡ଼ମ୍ବାସ୍ଥିତ ଭଟ୍ଟାରିକା ପୀଠକୁ ଛୁଇଁଛି ବନ୍ୟାଜଳ । ମହାନଦୀରେ ଜଳସ୍ତର ବଢୁଥିବା ଯୋଗୁଁ କଟକ, କେନ୍ଦ୍ରାପଡ଼ା ଓ ପୁରୀ ଜିଲ୍ଲାର ବିଭିନ୍ନ ଶାଖାନଦୀରେ ମଧ୍ୟ ଜଳସ୍ତର ବୃଦ୍ଧି ପାଇଛି । ଏହିସବୁ ଜିଲ୍ଲାଗୁଡ଼ିକ ପାଇଁ ପ୍ରଶାସନ ସତର୍କ ସୂଚନା ଜାରି କରିଛି ।

ଶନିବାର ଦିନ ୧୧ ଟାରୁ ମହାନଦୀର ମୁଣ୍ଡଳୀଠାରେ ୬ ଲକ୍ଷ ୧୬ ହଜାର କ୍ୟୁସେକ୍ ବନ୍ୟା ଜଳ ପ୍ରବାହିତ ହେଉଥିଲା । ଏହି ଧାରା ପ୍ରାୟ ଜାରି ରହିଥିବା ବେଳେ ଧୀରେ ଧୀରେ ଏହା ହ୍ରାସ ହେବା ନେଇ ଆକଳନ କରାଯାଉଛି ।

ଅନ୍ୟପଟେ ହୀରାକୁଦରେ ପର୍ଯ୍ୟାୟକ୍ରମେ ଗେଟ୍ ବନ୍ଦ କରାଯାଇଥିଲେ ମଧ୍ୟ ବର୍ତ୍ତମାନ ୪ଟି ଗେଟ୍ ଦେଇ ବନ୍ୟା ଜଳ ନିଷ୍କାସିତ ହେଉଛି ।

ଏହି ସ୍ଥିତିକୁ ନେଇ ରାଜ୍ୟ ଜଳସମ୍ପଦ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ ଚନ୍ଦ୍ରଶେଖର ପାଢ଼ୀ କହିଛନ୍ତି ଯେ ମୁଣ୍ଡଳୀରେ ମହାନଦୀ ▶ପୃଷ୍ଠା-୭



# ଦିଲ୍ଲୀ ଗସ୍ତରେ ନବୀନ



■ **ଭୁବନେଶ୍ୱର, ୭।୯ (ସମିସ):** ବିଜେଡି ସୁପ୍ରିମୋ, ବିରୋଧୀ ଦଳ ନେତା ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରବିବାର ଦିଲ୍ଲୀ ଗସ୍ତରେ ଯାଇଛନ୍ତି । ଆସନ୍ତା ୯ ତାରିଖରେ ଉପରାଷ୍ଟ୍ରପତି ନିର୍ବାଚନ ଥିବାବେଳେ ଦଳୀୟ ସାଂସଦଙ୍କ ସହ ଏନେଇ ଆଲୋଚନା କରିପାରନ୍ତି ବୋଲି ସୂଚନା ମିଳିଛି ।

ତାଙ୍କ ଦିଲ୍ଲୀ ଗସ୍ତ ସଂପର୍କରେ ସୂଚନା ଦେଇ ନବୀନ ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ଲେଖିଛନ୍ତି, "କିଛି ସାମାଜିକ ପ୍ରତିବଦ୍ଧତା ପାଇଁ ମୁଁ ଏବେ କିଛି ଦିନ ପାଇଁ ଦିଲ୍ଲୀରେ ଅଛି ।"

# ଜନ୍ମଦିନ ପାର୍ଟିରେ ଗଣଦୁଷ୍କର୍ମ

■ **କୋଲକାତା, ୭।୯ (ଏଜେନ୍ସି):** କୋଲକାତାରେ ଆଉ ଏକ ଅମାନୁଷିକ ଘଟଣା । ଜଣେ ଯୁବତୀଙ୍କ ଜନ୍ମଦିନ ପାର୍ଟି ତାଙ୍କ ପାଇଁ ଦୁଃସ୍ୱପ୍ନ ପାଲଟିଛି । ଜନ୍ମଦିନ ପାର୍ଟିରେ ଯୁବତୀଙ୍କୁ ତାଙ୍କ ଦୁଇଜଣ ପରିଚିତ ଲୋକ ଗଣଦୁଷ୍କର୍ମ କରିଛନ୍ତି । ଏନେଇ ୨୦ ବର୍ଷୀୟା ଯୁବତୀ ଜଣକ ଦୁଷ୍କର୍ମ ଅଭିଯୋଗ ଆଣିବା ପରେ ଘଟଣା ସାମ୍ନାକୁ ଆସିଛି । କୋଲକାତାର ହରିଦେବପୁର ଥାନା ଅଞ୍ଚଳରେ ଗତ ଶୁକ୍ରବାର ଏହି ଘଟଣା ଘଟିଛି । ଦୁଇ ଅଭିଯୁକ୍ତ ଯୁବତୀଙ୍କୁ ତାଙ୍କ ଜନ୍ମଦିନ ପାର୍ଟି ଆୟୋଜନ ବାହାନାରେ ରିଜେଣ୍ଟସ ପାର୍କ ଅଞ୍ଚଳରେ ଏକ ଫ୍ଲାଟକୁ ଡାକିଥିଲେ । ସେଠାରେ ଖାଇବା ପରେ ଯୁବତୀ ଜଣକ ଯେତେବେଳେ ଘରକୁ ବାହାରିଥିଲେ ଏହି ଦୁଇଜଣ କବାଟ ବନ୍ଦ କରିଥିଲେ । ଦୁଇ ଅଭିଯୁକ୍ତ ହେଲେ ଚନ୍ଦନ ମଲିକ ଓ ଦୀପ । ଦୀପ ସରକାରୀ ଚାକିରି କରୁଥିବା ପୁଲିସ ଜାଣିବାକୁ ପାଇଛି । ଚନ୍ଦନ ଜନ୍ମଦିନ ପାଳନ କରିବାକୁ ଯୁବତୀଙ୍କୁ ଦୀପ ଘରକୁ ନେଇଯାଇଥିଲା । ଯୁବତୀଙ୍କ ବିରୋଧ ସତ୍ତ୍ୱେ ସେମାନେ ଦୁଷ୍କର୍ମ କରିଥିଲେ । ▶ପୃଷ୍ଠା-୭

# ଗଣେଶ ବିସର୍ଜନ ବେଳେ ୪ ବୁଡ଼ିଗଲେ

**୧୩ ନିଖୋଜ**

■ **ମୁମ୍ବଇ,୭।୯ (ଏଜେନ୍ସି):** ମହାରାଷ୍ଟ୍ରରେ ଗଣେଶ ବିସର୍ଜନ ଅବସରରେ ବିଭିନ୍ନ ସ୍ଥାନରେ ଏକାଧିକ ଅଘଟଣ ଘଟିଛି । ଏଥିରେ ୪ ଜଣ ଶ୍ରଦ୍ଧାଳୁ ବୁଡିଯାଇଥିବା ବେଳେ ୧୩ ଜଣ ନିଖୋଜ ଅଛନ୍ତି ରବିବାର ପୁଲିସ କହିଛି । ପୁଣେ ଜିଲ୍ଲାର ଚକନ ଅଞ୍ଚଳରେ ଭିନ୍ନ ଭିନ୍ନ ଘଟଣାରେ ୪ ଜଣ ଭାସି ଯାଇଛନ୍ତି । ୱାକି ଖୁର୍ଦ୍ଦର ଭାମା ନଦୀରେ ଦୁଇଜଣ ଓ ଶେଲ ପିମ୍ପାଲଗାଓଁରେ ଜଣେ ଶ୍ରଦ୍ଧାଳୁ ▶ପୃଷ୍ଠା-୭



# ଅନ୍‌ଲାଇନ୍‌ରେ ଖାଦ୍ୟ ମଗାଇଲେ ୧୮% ଜିଏସ୍‌ଟି



■ **ନୂଆଦିଲ୍ଲୀ, ୭।୯ (ଏଜେନ୍ସି):** ପାର୍ବଣ ଋତୁ ପୂର୍ବରୁ ଜୋମାଟୋ, ସ୍ୱିଗୀ ଏବଂ ମ୍ୟାଜିକ୍‌ପିନ୍ ଭଳି ଅନ୍‌ଲାଇନ୍ ଫୁଡ୍ ଏଗ୍ରିଗେଟରମାନେ ସେମାନଙ୍କର ଗ୍ରାହକଙ୍କୁ ଏକ ବଡ଼ ଝଟ୍‌କା ଦେଇଛନ୍ତି । ଏହି କମ୍ପାନୀଗୁଡ଼ିକ ପ୍ଲାଟଫର୍ମ ଫି ବୃଦ୍ଧି କରିବାକୁ ଘୋଷଣା କରିଛନ୍ତି । ଯାହାଫଳ ।।ରେ ସାରା ଦେଶର ଲକ୍ଷ ଲକ୍ଷ ଲୋକଙ୍କ ପାଇଁ ଅନ୍‌ଲାଇନରେ ଖାଦ୍ୟ ଅର୍ଡର କରିବା ମହଙ୍ଗା ହୋଇଯିବ । କାରଣ ସେପ୍ଟେମ୍ବର ୨୨ ରୁ ଅନ୍‌ଲାଇନ୍ ଫୁଡ୍ ଡେଲିଭରି ଚାର୍ଜ ଉପରେ ୧୮% ଦ୍ରବ୍ୟ ଏବଂ ସେବା ଟିକସ (ଜିଏସ୍‌ଟି) ଲାଗୁ ହେବାକୁ ଯାଉଛି । ସ୍ୱିଗୀ କିଛି ନିର୍ଦ୍ଦିଷ୍ଟ ବଜାରରେ ଜିଏସ୍‌ଟି ସହିତ ଏହାର ପ୍ଲାଟଫର୍ମ ଚାର୍ଜ ୧୫ ଟଙ୍କାକୁ ବୃଦ୍ଧି ▶ପୃଷ୍ଠା-୭

## ରାଜ୍ୟ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ
# ଆଶା-ଆଶଙ୍କାରେ ଦଳଡିଆଁ

**ଏକାଧିକ ନୂଆ ଆଶାୟୀ, ମନ୍ତ୍ରୀଙ୍କୁ ଘାରିଛି ବାଦ୍ ପଡ଼ିବାର ଭୟ**

**ମନ୍ତ୍ରୀ ପଦ ନ ମିଳିଲେ ଡିସିସି ଅଧ୍ୟକ୍ଷ, ରାଜ୍ୟ ସଂଗଠନରେ ମିଳିବ ଦାୟିତ୍ୱ !**

**ଦିଲ୍ଲୀ ଗଲେ ମନମୋହନ, ଆଜି ଯିବେ ମୁଖ୍ୟମନ୍ତ୍ରୀ ମୋହନ**

■ **ଭୁବନେଶ୍ୱର, ୭।୯ (ସମିସ):** ଗତ ସପ୍ତାହେ ମଧ୍ୟରେ ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କ ୪ ଦିନିଆ ଦିଲ୍ଲୀ ଗସ୍ତ ଏବଂ ରାଜ୍ୟ ବିଜେପି ସଭାପତି ମନମୋହନ ସାମଲଙ୍କ ଦୁଇ ଥର ଦିଲ୍ଲୀ ଗସ୍ତ ରାଜ୍ୟ ରାଜନୀତିରେ ଉଷ୍ମତା ଭରିଛି । ଗ୍ରହଣ ସପ୍ତାହ ପରେ କୌଣସି ଦିନ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ହୋଇପାରେ ବୋଲି ଏବେ ବିଜେପିରେ ଚର୍ଚ୍ଚା ଆଲୋଚନା ଜୋର୍ ଧରିଛି । ଏହି ଚର୍ଚ୍ଚା ଆଲୋଚନା ମଧ୍ୟରେ ବେଶ୍ ଚିନ୍ତାରେ ଅଛନ୍ତି ଦଳଡିଆଁ ବିଧାୟକ । ଗତ ସାଧାରଣ ନିର୍ବାଚନ ପୂର୍ବରୁ ଅନ୍ୟ ଦଳରୁ ଆସି ବିଜେପି ଟିକଟରେ ନିର୍ବାଚନ ଜିଣିଥିବା ବିଧାୟକ ଏବେ ଆଶା, ଆଶଙ୍କା ମଧ୍ୟରେ ଗତି କରୁଛନ୍ତି । ଦଳଡିଆଁଙ୍କ ମଧ୍ୟରୁ କିଛି ବିଧାୟକଙ୍କ ନାମ ମନ୍ତ୍ରିମଣ୍ଡଳ ରେସରେ ରହିଥିବା ଚର୍ଚ୍ଚା ହେଉଛି । ତେବେ ଅନ୍ୟ ଦଳରୁ ଆସିଥିବାରୁ ଶେଷ ମୁହୂର୍ତ୍ତରେ ବାଦ୍ ପଡ଼ିଯିବାର ଭୟ ସେମାନଙ୍କୁ ଘାରୁଛି । ଯାହାକୁ ନେଇ ସେମାନେ ନିଜ ନିଜ ନେତାଙ୍କ ନିକଟରେ ରାତିଦିନ ଅଧିଆ ପଡୁଛନ୍ତି ବୋଲି ବିଶ୍ୱସ୍ତ ସୂତ୍ରରୁ ଖବର ମିଳିଛି ।

ପୂର୍ବରୁ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ନେଇ ଏକାଧିକ ଥର ପ୍ରୟାସ ହୋଇଥିଲେ ହେଁ ଦଳ ମଧ୍ୟରେ ପ୍ରବଳ ଗୋଷ୍ଠୀବିବାଦ କାରଣରୁ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ସମ୍ଭବ ହୋଇପାରୁ ନଥିଲା । ତେବେ ନିକଟରେ ଦଳର ଶୀର୍ଷ ନେତାଙ୍କ ମଧ୍ୟରେ ଏନେଇ ସହମତି ଆସିଥିବା କୁହାଯାଉଥିବା ବେଳେ ଖୁବଶୀଘ୍ର ସମ୍ପ୍ରସାରଣକୁ ଚୂଡ଼ାନ୍ତ ରୂପ ଦିଆଯିବ ବୋଲି ଆଲୋଚନା ଜୋର୍ ଧରିଛି । ମନ୍ତ୍ରିମଣ୍ଡଳରେ ସ୍ଥାନ ପାଇବାକୁ ଆଶାୟୀ ନିଜ ନିଜ ନେତାଙ୍କ ନିକଟରେ ଲବି ରାଜନୀତି ଜୋର୍ କରିଥିବା ବେଳେ ଦଳଡିଆଁ ବିଧାୟକ ମଧ୍ୟ ଏଥିରେ ପଛରେ ନାହାନ୍ତି । ବିଶେଷକରି ଅନ୍ୟ ଦଳରୁ ଆସିଥିବା ବିଧାୟକ ପ୍ରଶାନ୍ତ ଜଗଦେବ, ସିଦ୍ଧାନ୍ତ ମହାପାତ୍ର, ଆକାଶ ▶ପୃଷ୍ଠା-୭

## ଲଗାମଛଡ଼ା କଳାବଜାରୀ
# ସାର ପାଇଁ ରାଜରାସ୍ତାରେ ଚାଷୀ

■ **ଭୁବନେଶ୍ୱର, ୭।୯ (ସମିସ):** ଚଳିତ ବର୍ଷ ଆଗୁଆ ମୌସୁମୀ ବର୍ଷା ହୋଇଛି । ଚାଷ ପାଇଁ ପାଗ ଅନୁକୂଳ ରହିଛି । ତେଣୁ ପୂର୍ବବର୍ଷ ତୁଳନାରେ ରାଜ୍ୟରେ ଏଥର ଅଧିକ ପରିମାଣ ଜମି ଚାଷ ହୋଇଛି । ମାତ୍ର ଚାଷ ପାଇଁ ଜରୁରୀ ସାର ଚାଷୀଙ୍କୁ ମିଳୁନି । ରାଜ୍ୟବ୍ୟାପୀ ମାସାଧିକ କାଳ ହେଲା ସାର ସମସ୍ୟା ଲାଗି ରହିଥିଲେ ହେଁ ସରକାର ଏଥିପ୍ରତି ଦୃଷ୍ଟି ଦେଉନାହାନ୍ତି । ସାର ଯୋଗାଣସ୍ଥିତିକୁ ନେଇ ମୁଖ୍ୟମନ୍ତ୍ରୀଙ୍କଠାରୁ ଆରମ୍ଭ କରି ମୁଖ୍ୟ ଶାସନ ସଚିବଙ୍କ ପର୍ଯ୍ୟନ୍ତ ଘନ ଘନ ବୈଠକ ବସୁଛି । କାଗଜପତ୍ରରେ ସାରର ଉପଲବ୍ଧତା ବି ଦର୍ଶାଯାଉଛି । କିନ୍ତୁ ବାସ୍ତବରେ ସାର ପାଇଁ ପ୍ରତ୍ୟେକ ଦିନ ଚାଷୀ ରାଜରାସ୍ତାରେ ଆନ୍ଦୋଳନ କରୁଛି । ସାର ପର୍ଯ୍ୟାପ୍ତ ପରିମାଣରେ ମହଜୁଦ୍ ଥିବା ସରକାର କହୁଥିବା ବେଳେ ଚାଷୀଙ୍କୁ ଆବଶ୍ୟକ ମୁତାବକ ମିଳୁନଥିବା ଅଭିଯୋଗ ହେଉଛି । ତେଣୁ କେବେ ସାର ସମସ୍ୟାର ସମାଧାନ ହେବ ତାକୁ ନେଇ ସାଧାରଣରେ ପ୍ରଶ୍ନ ଉଠୁଛି । ଅନ୍ୟପକ୍ଷରେ ସରକାରୀ ସାର ବାହାରେ କଳାବଜାରୀ ହେଉଥିବା ଭଳି ଅଭିଯୋଗ ଆସୁଥିଲେ ବି ସରକାର ଏହାକୁ ସେତେଟା ଗୁରୁତ୍ୱ ଦେଉନାହାନ୍ତି ।

ଗତକାଲି ସମବାୟ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ ଓ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ପୃଥକ୍ ପୃଥକ୍ ଭାବେ ସାରସ୍ଥିତିର ସମୀକ୍ଷା କରିଥିଲେ । ମୁଖ୍ୟ ଶାସନ ସଚିବଙ୍କ ବୈଠକରେ କୃଷି ଓ ସମବାୟ ସଚିବ ଉପସ୍ଥିତ ଥିଲେ । ସବୁ ଜିଲ୍ଲାର ଜିଲ୍ଲାପାଳମାନେ ଆଭାସୀ ମାଧ୍ୟମରେ ଯୋଡ଼ି ହୋଇଥିଲେ । ଲାମ୍ପସ୍, ପାକ୍‌ସରେ ସାର ପହଞ୍ଚିବା, ଚାଷୀମାନଙ୍କୁ ସାର ଯୋଗାଣ, କଳାବଜାରୀ ରୋକିବା ଉପରେ ବୈଠକରେ ବିସ୍ତୃତ ▶ପୃଷ୍ଠା-୭

**ସମୀକ୍ଷାରେ ସୀମିତ ସରକାରୀ କାର୍ଯ୍ୟାନୁଷ୍ଠାନ**



## ମିଳୁନି ୟୁରିଆ
# ଜାତୀୟ ରାଜପଥ ଅବରୋଧ

■ **ଏମିଭି-୭୯/ମାଲକାନଗିରି, ୭।୯ (ସମିସ):** ୟୁରିଆ ସାରର ଅଭାବ ଓ କଳାବଜାର ନେଇ ଆଜି ମହାରାଜପାଲ୍ଲୀ ପଞ୍ଚାୟତରେ ଚାଷୀ ଅସନ୍ତୋଷ ଦେଖାଦେଇଛି । ଉତ୍ତ୍ୟକ୍ତ ଚାଷୀମାନେ ମାଲକାନଗିରି ଜିଲ୍ଲା କାଳିମେଳା ବ୍ଲକ ମହାରାଜପାଲ୍ଲୀ ପଞ୍ଚାୟତ ସମ୍ମୁଖ ଦେଇ ଯାଇଥିବା ୩୨୬ ନମ୍ବର ଜାତୀୟ ରାଜପଥକୁ ଅବରୋଧ କରିଥିଲେ । କାଳିମେଳା ଲ୍ୟାମ୍ପ୍‌ସ ଏମ୍‌ଡି ଚନ୍ଦନ କୁମାର ମଦଲାଙ୍କ ନେତୃତ୍ୱରେ ଲ୍ୟାମ୍ପ୍‌ସ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ▶ପୃଷ୍ଠା-୭

# ରାଜଧାନୀରେ ପୁଣି ହତ୍ୟା

## ଯୁବକଙ୍କୁ ମାରି ଶୌଚାଳୟ ପଛରେ ଫିଙ୍ଗିଦେଲେ



■ **ଭୁବନେଶ୍ୱର, ୭।୯ (ସମିସ):** ରାଜଧାନୀରେ ପୁଣି ଜଣଙ୍କ ମୁଣ୍ଡ ଗଡ଼ିଛି । ମଞ୍ଚେଶ୍ୱର ଥାନା ରେଳଡବା ମରାମତି କାରଖାନା ନିକଟ ଖେଳ ପଡ଼ିଆରେ କିଛି ଦୁର୍ବୃତ୍ତ ଜଣେ ଯୁବକଙ୍କୁ ଅତି ବୀଭତ୍ସ ଭାବେ ହତ୍ୟା କରିଛନ୍ତି । ଧରାପଡ଼ିଯିବା ଭୟରେ ଅଭିଯୁକ୍ତମାନେ ଶବକୁ ଲୁଚାଇ ଦେଇଥିଲେ । ଆଜି ପୁଲିସ୍ ଖେଳ ପଡ଼ିଆରେ ଥିବା ପାଇଖାନା ପଛପଟୁ ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ କ୍ୟାପିଟାଲ ହସ୍ପିଟାଲକୁ ପଠାଇଛି । ଦୁଇ ଦିନ ତଳୁ ଏହି ହତ୍ୟାକାଣ୍ଡ ଘଟିଥିବା ପୁଲିସ ଅନୁମାନ କରୁଛି । ଯୁବକଙ୍କ ପରିଚୟ ମିଳିନଥିବା ବେଳେ ବୟସ ପାଖାପାଖି ୩୫ବର୍ଷ ହେବ ବୋଲି କୁହାଯାଉଛି । ମୃତକଙ୍କ ପରିଚୟ ମିଳିବା ପରେ ତାଙ୍କ ପରିବାରଲୋକଙ୍କୁ ଖବର ଦିଆଯିବ । ପରିବାରଲୋକ ଆସିଲେ ଶବ ବ୍ୟବଚ୍ଛେଦ କରାଯିବ ବୋଲି ପୁଲିସ କହିଛି ।

ଅପରପକ୍ଷେ, ପୁଲିସ ଏବଂ ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳରେ ତଦନ୍ତ କରି ଏକାଧିକ ନମୁନା ସଂଗ୍ରହ କରିଛନ୍ତି । କେହି ଦୁର୍ବୃତ୍ତ ଏକ ଧାରୁଆ ଅସ୍ତ୍ରରେ ତାଙ୍କୁ ହତ୍ୟା କରିବା ପରେ ପଥରରେ ମୁଣ୍ଡକୁ ଛେଚି ଦେଇଥିବା ପୁଲିସ ସନ୍ଦେହ କରୁଛି । ଯୁବକଙ୍କ ପରିଚୟ ମିଳି ନଥିବାରୁ ପୁଲିସ ନିଜଆଡୁ ଏକ ହତ୍ୟା ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି ।

ସୂଚନାନୁସାରେ, ରେଳଡବା ମରାମତି କାରଖାନା ନିକଟସ୍ଥ ଖେଳ ପଡ଼ିଆ ଭିତରେ ଏକ ଶୌଚାଳୟ ରହିଛି । ଯୁବକଙ୍କୁ ହତ୍ୟା କରିବା ପରେ ଏହି ଶୌଚାଳୟ ପଛରେ ମୃତଦେହକୁ ଫିଙ୍ଗିଥିଲେ । କେହି ନ ଜାଣିବା ପାଇଁ ହତ୍ୟାକାରୀ ମୃତଦେହ ଉପରେ ପଟା ଏବଂ ଅଳିଆ ପକାଇ ଦେଇଥିଲା । ୨ ଦିନ ତଳେ ହତ୍ୟା କରାଯାଇଥିଲେ ମଧ୍ୟ କେହି ଜାଣିପାରି ନଥିଲେ । ଆଜି ସନ୍ଧ୍ୟାରେ ▶ପୃଷ୍ଠା-୭

'ଭେନିସ ଇଣ୍ଟରନ୍ୟାସନାଲ ଫିଲ୍ମ ଫେଷ୍ଟିଭାଲ'ରେ ଇତିହାସ ସୃଷ୍ଟିକଲେ

## ଶ୍ରେଷ୍ଠ ନିର୍ଦ୍ଦେଶକ ପୁରସ୍କାର ଜିତିଲେ ଅନୁପର୍ଣ୍ଣା ରାୟ



ମୁମ୍ବାଇ, ୭।୯ (ଏଜେନ୍ସି): ଚଳଚ୍ଚିତ୍ର ନିର୍ମାତା ଅନୁପର୍ଣ୍ଣା ରାୟ ଇତିହାସ ସୃଷ୍ଟି କରିଛନ୍ତି । ଶନିବାର ଶେଷ ହୋଇଥିବା 'ଭେନିସ ଇଣ୍ଟରନ୍ୟାସନାଲ ଫିଲ୍ମ ଫେଷ୍ଟିଭାଲ'ରେ ସେ ଶ୍ରେଷ୍ଠ ନିର୍ଦ୍ଦେଶକ ପୁରସ୍କାର ଜିତିଛନ୍ତି । ପ୍ରଥମ ଚଳଚ୍ଚିତ୍ରରେ ଅନୁପର୍ଣ୍ଣା ଏହି କୃତିତ୍ୱ ହାସଲ କରିଛନ୍ତି । 'ସଙ୍ଗସ ଅଫ୍ ଫରଗଟନ ଟ୍ରିଜ୍' ପାଇଁ ସେ ଏହି ପୁରସ୍କାର ହାତେଇଛନ୍ତି । ଫରଗଟନ ଟ୍ରିଜ୍ ଚଳଚ୍ଚିତ୍ରକୁ ଅନୁରାଗ କଶ୍ୟପ ଉପସ୍ଥାପନ କରିଥିଲେ । 'ଓରିଜୋଣ୍ଟି କମ୍ପିଟେସନ ସେକ୍ସନ'ରେ ଏହାର ପ୍ରିମିୟର ଅନୁଷ୍ଠିତ ହୋଇଥିଲା । ନୂଆ ଧାରା ଏବଂ ପ୍ରତିଭାଙ୍କୁ ସାମ୍ନାକୁ ଆଣୁଥିବା ଚଳଚ୍ଚିତ୍ର ପାଇଁ ଏହା ଉଦ୍ଦିଷ୍ଟ । ଚଳିତ ଥର ପ୍ରଥମ ଫିଲ୍ମ, ଇଣ୍ଡି ଫିଚର୍ସ ଏବଂ କମ୍ ପରିଚୟ ହାସଲ କରିଥିବା ଚଳଚ୍ଚିତ୍ରକୁ ଧ୍ୟାନ ଦିଆଯାଇଥିଲା । ଅନୁପର୍ଣ୍ଣା ଏହି ପୁରସ୍କାରକୁ ଜୋର ଜବରଦସ୍ତି ଚୁପ୍ କରାଯାଇଥିବା, ଅଣଦେଖାର ଶିକାର ହୋଇଥିବା ଏବଂ କ୍ଷମତାକୁ କମ୍ କରି ଆକଳନ କରାଯାଇଥିବା ମହିଳାଙ୍କୁ ସମର୍ପିଛନ୍ତି । ଏହି ବିଜୟ ଦ୍ୱାରା ଅନେକ ରୁଦ୍ଧ ସ୍ୱର, ଅକୁହା କାହାଣୀ ଏବଂ କ୍ଷମତା ବାହାରକୁ ଆସିବ ବୋଲି ସେ କହିଛନ୍ତି । ଏହି ଚଳଚ୍ଚିତ୍ର ଜଣେ ମହିଳାଙ୍କ କାହାଣୀ ଉପରେ ଆଧାରିତ ।

ବୟସ୍କ ହେଲେ ଜାପାନ ରାଜକୁମାର ହିସାହିତୋ

## ୪୦ ବର୍ଷ ପରେ ପୁରୁଷ ସଦସ୍ୟ ହେଲେ ବୟସ୍କ



ନୂଆଦିଲ୍ଲୀ,୭।୯(ଏଜେନ୍ସି): ଜାପାନ ରାଜକୁମାର ହିସାହିତୋ ଏବେ ଆନୁଷ୍ଠାନିକ ଭାବେ ବୟସ୍କ ହେବାର ସୌଭାଗ୍ୟ ଲାଭ କରିଛନ୍ତି । ରବିବାର ରାଜମହଲରେ ୧୯ ବର୍ଷୀୟ ହିସାହିତୋଙ୍କ ବୟସ୍କ ହେବା ନେଇ ଏକ ଉତ୍ସବ ତଥା ସମାରୋହର ଆୟୋଜନ ହୋଇଥିଲା । ସେ ସମ୍ରାଟ୍ ନାରୁହିତୋଙ୍କ ଭଣଜା । ସବୁଠାରୁ ବଡ଼ କଥା ହେଉଛି ଯେ, ଗତ ୪୦ ବର୍ଷରେ ପ୍ରଥମଥର ପାଇଁ ରାଜ ପରିବାରର ଜଣେ ପୁରୁଷ ସଦସ୍ୟ ବୟସ୍କ ହୋଇଛନ୍ତି । ହିସାହିତୋ ବୟସ୍କ ହେବା ପରେ ରାଜ ପରିବାରେ ଆନନ୍ଦର ଲହରି ଖେଳିଯାଇଛି । ଫଳରେ ସେ ଏବେ ରାଜସିଂହାସନର ଉତ୍ତରାଧିକାରୀ ସୂଚୀରେ ଦ୍ୱିତୀୟସ୍ଥାନରେ ରହିଛନ୍ତି । ଏହି ଉତ୍ସବ ରାଜ ପରିବାରରୁ ହିଁ ଆରମ୍ଭ ହୋଇଛି । ହିସାହିତୋଙ୍କୁ ସମ୍ରାଟଙ୍କଠାରୁ ଏକ ସ୍ୱତନ୍ତ୍ର ପ୍ରକାର ମୁକୁଟ ଦିଆଯାଇଛି । ଏଥିସହ ସେ ରାଜପରିବାରର ଜଣେ ବୟସ୍କ ସଦସ୍ୟ ହୋଇଛନ୍ତି । ଏହି ଉତ୍ସବ ଗୋଟିଏ ବର୍ଷ ପାଇଁ ବିଳମ୍ବିତ ହୋଇଥିଲା । କାରଣ ହିସାହିତୋ ସେତେବେଳେ ନିଜ ବିଶ୍ୱବିଦ୍ୟାଳୟ ପରୀକ୍ଷାକୁ ଧ୍ୟାନ କେନ୍ଦ୍ରିତ କରୁଥିଲେ । ସେ ବୟସ୍କତା ପ୍ରତୀକ ଭାବେ ପରିଗଣିତ ହେଉଥିବା ରାଜ ପରିବାରର ପାରମ୍ପରିକ ବସ୍ତ୍ର ପରିଧାନ କରିଥିଲେ । ଏହାପରେ ସେ ଔପଚାରିକ ପୋଷାକ ପିନ୍ଧି ରାଜ ପରିବାର ରଥରେ ୩ଟି ପବିତ୍ର ମନ୍ଦିରକୁ ଯାଇ ଆଶୀର୍ବାଦ ନେଇଥିଲେ ।

୨୫୦୦ କୋଟିର ର୍‍ୟାକେଟ୍

## ଦୁବାଇରେ ଡ୍ରଗ୍ସ ସମ୍ରାଟ୍



ନୂଆଦିଲ୍ଲୀ, ୭।୯ (ଏଜେନ୍ସି): ଗତ ବର୍ଷ ନଭେମ୍ବର ୧୪ରେ ଦିଲ୍ଲୀର ନାଙ୍ଗଲୋଇରୁ ୨୫୦୦ କୋଟି ଟଙ୍କାର ୮୨ କେଜି କୋକେନ ଜବତ ହୋଇଥିଲା । ସାରା ଦେଶରେ ଚର୍ଚ୍ଚାରେ ଥିବା ଏହି ମାମଲାର ତଦନ୍ତରୁ ନାର୍କୋଟିକ୍ସ କଣ୍ଟ୍ରୋଲ ବ୍ୟୁରୋ (ଏନ୍‌ସିବି) ହାତରେ ବଡ଼ ପ୍ରମାଣ ଲାଗିଛି । ଏହା ପଛର ମାଷ୍ଟରମାଇଣ୍ଡକୁ ଚିହ୍ନଟ କରାଯାଇଛି । ଅଭିଯୁକ୍ତର ନାମ ପବନ ଠାକୁର । ସେ ଦୁବାଇରେ ରହି ଏହି କଳା କାରବାର ଚଳାଇଛି । ଡ୍ରଗ୍ସ ଧରା ପଡ଼ିବା ପରେ ସେ ପରିବାର ସହ ଭାରତରୁ ଫେରାର ହୋଇଯାଇଥିଲା । ସେଠାରେ ରହି ସେ ବିଳାସପୂର୍ଣ୍ଣ ଜୀବନ ଯାପନ କରୁଛି । ପ୍ରଥମ ଥର ପାଇଁ ଏନ୍‌ସିବି ଏହା ବିରୋଧରେ 'ଇଣ୍ଟରନ୍ୟାସନାଲ ତଥା ଇଣ୍ଟରପୋଲ ସିଲ୍‌ଭର ନୋଟିସ' ଜାରି କରିଛି । ଅନ୍ତର୍ଜାତୀୟ ନିଶା କାରବାର ବିରୋଧରେ ଏହା ଏକ ବଡ଼ ପଦକ୍ଷେପ ବୋଲି ଅଧିକାରୀମାନେ କହୁଛନ୍ତି ।

ସୂଚନା ଅନୁଯାୟୀ ସେ ମେକ୍ସିକୋରୁ ଏକ ବନ୍ଦର ଦେଇ ପବନ କୋକେନ ଭାରତକୁ ଆଣିଥିଲା । ପରେ ଟ୍ରକ୍ ଯୋଗେ ଏହାକୁ ଦିଲ୍ଲୀର ଏକ ଗୋଦାମ ଘରେ ରଖିଥିଲା । ଅଷ୍ଟ୍ରେଲିଆରୁ ଆହୁରି ଡ୍ରଗ୍ସ ଆଣିବାକୁ ଯୋଜନା କରିଥିଲା । ଏହି ନୋଟିସ୍ ଅନ୍ତର୍ଜାତୀୟ ଆଇନ ପ୍ରବର୍ତ୍ତନ ଏଜେନ୍ସିଗୁଡ଼ିକୁ ବିଭିନ୍ନ କ୍ଷେତ୍ର ସହ ଜଡ଼ିତ ଅଭିଯୁକ୍ତର ସମ୍ପତ୍ତି, ବ୍ୟବସାୟ ଏବଂ ଆର୍ଥିକ କାର୍ଯ୍ୟଗୁଡ଼ିକୁ ଠାବ କରିବାକୁ ଅନୁମତି ଦେଇଥାଏ । ଏହା ଇଣ୍ଟରପୋଲର ୧୯୬ ସଦସ୍ୟ ଦେଶ ମଧ୍ୟରେ ଗୁଇନ୍ଦା ସୂଚନା ପ୍ରଦାନ ଏବଂ ଅବୈଧ ସମ୍ପତ୍ତି ଜବତକୁ ସହଜ କରିଥାଏ । ୟୁଏଇ, ସିଙ୍ଗାପୁର, ହଂକଂ ଏବଂ ଅନ୍ୟ ୟୁରୋପୀୟ ରାଷ୍ଟ୍ରଙ୍କୁ ଏହି ସିଲ୍‌ଭର ନୋଟିସ ପଠାଇ ଦିଆଯାଇଛି । ଅଭିଯୁକ୍ତ ପବନ ଏହି ସବୁ ଦେଶରେ ରିୟଲ ଇଷ୍ଟେଟ କାରବାର ଚଳାଇଛି । ସେଲ୍ କମ୍ପାନୀରେ ନିବେଶ କରି ଅନେକ ସଂଗଠନ ଚଳାଉଥିବା ବିଶ୍ୱାସ କରାଯାଉଛି ।

ପବନ କେବଳ କୋକେନ କାରବାର

### ଅଭିଯୁକ୍ତ ପବନ ଠାକୁର ବିରୋଧରେ ସିଲ୍‌ଭର ନୋଟିସ

### ହାୱାଲା କାରବାର, ମନି ଲଣ୍ଡରିଂ ବ୍ୟବସାୟରେ ମଧ୍ୟ ଜଡ଼ିତ

### ଦୁବାଇରେ ରହିଛି ବିଳାସପୂର୍ଣ୍ଣ କାର୍ ଓ ଭିଲା

ନୁହେଁ, ବହୁ ପୂର୍ବରୁ ହାୱାଲା ର୍‍ୟାକେଟ ଏବଂ ମନି ଲଣ୍ଡରିଂ ବ୍ୟବସାୟ ଚଳାଉଥିଲା । ସେ ଦିଲ୍ଲୀର କୁଚ ମହାଜାନୀ ବଜାରରେ ହାୱାଲା ଏଜେଣ୍ଟ ଭାବେ କାମ କରୁଥିଲା । ସେ ଧିରେ ଧିରେ ବେଆଇନ କାରବାରକୁ ଲୁଚାଇବା ପାଇଁ ବଡ଼ ଧରଣର ନିଶାଦ୍ରବ୍ୟ ଚାଲାଣରେ ସାମିଲ ହୋଇଥିଲା । ତଦନ୍ତକାରୀ ଅଧିକାରୀଙ୍କ ମତରେ ପବନର କାରବାର ଭାରତ ସହିତ ଦୁବାଇରେ ବ୍ୟାପିଛି । ନିଶା କାରବାରରୁ ସେ ପାଉଥିବା କଳାଧନକୁ ଏକ ବଡ଼ ହାୱାଲା ସିଷ୍ଟମ ମାଧ୍ୟମରେ ପଠାଯାଉଥିଲା । ପ୍ରମାଣ ଭାବେ ଭାରତ, ଚୀନ୍, ସିଙ୍ଗାପୁର, ହଂକଂ ଏବଂ ୟୁଏଇରେ କ୍ରିପ୍ଟୋକରେନ୍ସି କାରବାର ଏବଂ ସୀମାପାର ସେଲ୍ କମ୍ପାନୀଗୁଡ଼ିକର ବ୍ୟବହାର କରାଯାଉଥିଲା ।

ତଦନ୍ତ ରିପୋର୍ଟ ଅନୁଯାୟୀ ପବନର ସିଣ୍ଡିକେଟ୍ ନକଲି ଆମଦାନୀ-ରପ୍ତାନି କାଗଜପତ୍ର, କ୍ରିପ୍ଟୋ ସ୍ଥାନାନ୍ତର ଏବଂ ଜାଲ୍ ଆର୍ଥିକ ବିବରଣୀ ମାଧ୍ୟମରେ ୬୮୧ କୋଟି ଟଙ୍କାରୁ ଅଧିକ କଳାଧନକୁ ଧଳା କରିଥିଲା । ଇଡି ଅନେକ ଥର ସମନ କରିବା ସତ୍ତ୍ୱେ ସେ ହାଜର ହୋଇ ନ ଥିଲା । ଏଥିଯୋଗୁଁ ପଟିଆଲା ହାଉସ କୋର୍ଟ ତା ବିରୋଧରେ ଜାମିନ ବିହୀନ ଗିରଫ ପରୱାନା ଜାରି କରିଥିଲେ । ପରେ ଭାରତ ଛାଡ଼ି ପଳାଇ ଥିଲା । ଦୁବାଇରେ ତାର ଅନେକ ସମ୍ପତ୍ତି, ବିଳାସପୂର୍ଣ୍ଣ କାର୍, ଭିଲା ଆଦି ରହିଛି ।

ବିଦେଶୀ ଏଜେନ୍ସି ସହ ମିଶି ଚଳିତ ବର୍ଷ ଏନ୍‌ସିବି ନବୀନ ଚିଚକର, ଲିଜୋ ଜୋର ସମେତ ଚାରି ପ୍ରମୁଖ ନିଶା ବ୍ୟବସାୟୀଙ୍କୁ ଭାରତ ଆଣିବାରେ ସଫଳ ହୋଇଛି । ଏ ପର୍ଯ୍ୟନ୍ତ ଭାରତରେ ନିଶା କାରବାରରେ ସମ୍ପୃକ୍ତ ୨୧ ଜଣଙ୍କ ବିରୋଧରେ ବ୍ଲୁ କର୍ଣ୍ଣର ନୋଟିସ ଜାରି କରାଯାଇଛି । ସେହିପରି ୧୦ ପ୍ରମୁଖ ପଳାତକଙ୍କ ବିରୋଧରେ ରେଡ୍ କର୍ଣ୍ଣର ନୋଟିସ ଜାରି ହୋଇଛି ।

## ନଦୀକୁ କାର୍ ଖସି ୩ ପୁଲିସ ଅଧିକାରୀ ମୃତ



ଉଜ୍ଜୈନ୍,୭।୯(ଏଜେନ୍ସି): ମଧ୍ୟପ୍ରଦେଶ ଉଜ୍ଜୈନର ସିପ୍ରା ନଦୀରେ ଏକ କାର୍ ଖସିପଡିବାରୁ ୩ ଜଣ ପୁଲିସ ଅଧିକାରୀ ମୃତ୍ୟୁବରଣ କରିଛନ୍ତି । ଦୁଇଜଣଙ୍କ ମୃତଦେହ ଉଦ୍ଧାର କରାଯାଇଥିବା ବେଳେ ମହିଳା କନଷ୍ଟେବଳ ଏପର୍ଯ୍ୟନ୍ତ ନିଖୋଜ ଅଛନ୍ତି । ଏ ୩ ପୁଲିସ ଅଧିକାରୀମାନେ ହେଲେ ଅନହେଲ ଥାନା ଇନ୍‌ଚାର୍ଜ ଆଶୋକ ଶର୍ମା, ସବ୍-ଇନିସପେକ୍ଟର ମଦନଲାଲା ନିନାମା ଓ କନଷ୍ଟେବଳ ଆରତୀ ପାଲ୍ । କିନ୍ତୁ ଆରତୀ ଏପର୍ଯ୍ୟନ୍ତ ନିଖୋଜ ଅଛନ୍ତି । ଏନ୍‌ଡିଆରଏଫ୍ ଟିମ୍ ତାଙ୍କୁ ଖୋଜିବା ପ୍ରକ୍ରିୟା ଜାରି ରଖିଛି । ଶନିବାର ରାତି ୮.୪୫ରେ ସିପ୍ରା ନଦୀର ଏକ ବଡ଼ ପୋଲ ଉପରେ ଆରତୀ କାର୍ ଚଳାଉଥିଲେ । ସେ ନିୟନ୍ତ୍ରଣ ହରାଇବାରୁ କାର୍ ପୋଲ ତଳକୁ ନଦୀ ଭିତରେ ଖସି ପଡିଥିଲା ବୋଲି ଏସ୍‌ପି ପ୍ରଦୀପ ଶର୍ମା କହିଛନ୍ତି । ଜଣେ ୧୪ ବର୍ଷୀୟ ଝିଅ ନିଖୋଜ ହେବା ପରେ ତାକୁ ଖୋଜିବାକୁ ଏହି ୩ ପୁଲିସ ଅଧିକାରୀ ଚିନ୍ତାମଣ ଯାଉଥିବା ବେଳେ ଏହି ଘଟଣା ଘଟିଥିଲା । ନଦୀରେ ଏବେ ପ୍ରଖର ସୁଅ ଥିବାରୁ ଆରତୀଙ୍କ ମୃତଦେହକୁ ଠାବ କରାଯାଇ ପାରିନାହିଁ ।

## ହଜରତବଲ ଦର୍ଘା ବିବାଦ; ୨୬ ଅଟକ

ନୂଆଦିଲ୍ଲୀ,୭।୯(ଏଜେନ୍ସି): ଜମ୍ମୁ-କଶ୍ମୀର ଶ୍ରୀନଗରରେ ସେପ୍ଟେମ୍ବର ୩ରେ ହଜରତବଲ ଦରଘାରେ ହୋଇଥିବା ବିବାଦକୁ ନେଇ ପୁଲିସ ୨୬ ଜଣଙ୍କୁ ଅଟକ ରଖିଛି । ବିବାଦର ସିସିଟିଭି ଫୁଟେଜ ଭାଇରାଲ ହୋଇଥିଲା । ଏହି ଭାଇରାଲ ଭିଡିଓକୁ ଆଧାର କରି ପୁଲିସ ଏମାନଙ୍କୁ ଅଟକ ରଖିଛି । ୱାକଅଫ୍ ବୋର୍ଡ ଏହି ଦରଘାର ପୁନର୍ଗଠନ କରିଥିଲା । ଉଦ୍‌ଘାଟନ ଫଳକରେ ଜାତୀୟ ପ୍ରତୀକ ଆଶୋକ ସ୍ତମ୍ଭ ରହିଥିଲା । କିନ୍ତୁ କିଛି ଲୋକ ଏହାକୁ ବିରୋଧ କରିଥିଲେ ଓ ଆଶୋକ ସ୍ତମ୍ଭକୁ ଭାଙ୍ଗି ଦେଇଥିଲେ । ଫଳରେ ପୁଲିସ ଏମାନଙ୍କୁ ଅଟକ ରଖି ପଚରାଉଚରା କରିଛି । ଉଦ୍‌ଘାଟନ ଫଳକରେ ଅଶୋକ ସ୍ତମ୍ଭ ଚିହ୍ନକୁ ପିଡିପି, ନ୍ୟାସନାଲ କନଫରେନ୍ସ ସମେତ ବିଭିନ୍ନ ରାଜନୈତିକ ପାର୍ଟି ବିରୋଧ କରିଥିଲେ । କୌଣସି ଧାର୍ମିକ ସ୍ଥଳରେ ଜାତୀୟ ଚିହ୍ନ ଆଶୋକ ସ୍ତମ୍ଭ ଚିହ୍ନିତ ହେବାର ଦେଖିନାହିଁ ବୋଲି ମୁଖ୍ୟମନ୍ତ୍ରୀ ଓମାର ଅବଦୁଲ୍ଲା କହିଛନ୍ତି । ତେଣୁ ହଜରତବଲ ଦରଘାରେ ଏହାକୁ ଲଗାଇବାର କ'ଣ ଆବଶ୍ୟକତା ଅଛି ବୋଲି ସେ ପ୍ରଶ୍ନ ଉଠାଇଥିଲେ । ଜାତୀୟ ପ୍ରତୀକ ଆଶୋକ ସ୍ତମ୍ଭର ଅପମାନ କଲେ ଅତିକମ୍‌ରେ ୩ ବର୍ଷ ଜେଲ୍ ଦଣ୍ଡ ହେବାର ଆଇନ ରହିଛି ।

## ଜାପାନ ପ୍ରଧାନମନ୍ତ୍ରୀ ଶିଗେରୁଙ୍କ ଇସ୍ତଫା

ଟୋକିଓ,୭।୯(ଏଜେନ୍ସି): ଜାପାନ ପ୍ରଧାନମନ୍ତ୍ରୀ ଶିଗେରୁ ଇଶିବା ରବିବାର ଇସ୍ତଫା ଦେଇଛନ୍ତି । ଶାସକ ଲିବେରାଲ ଡେମୋକ୍ରାଟିକ୍ ପାର୍ଟି (ଏଲ୍‌ଡିପି)ର ବିଭାଜନକୁ ରୋକିବା ପାଇଁ ସେ ଏହି ନିଷ୍ପତ୍ତି ନେଇଛନ୍ତି ବୋଲି ଜାପାନ ଗଣମାଧ୍ୟମ ଏନ୍‌କେଏଚ୍ ସୂଚନା ଦେଇଛି । ଇଶିବାଙ୍କ ମେଣ୍ଟ ସରକାର ଗତ ଜୁଲାଇରେ ଉଚ୍ଚ ସଦନ ଅର୍ଥାତ ହାଉସ୍ ଅଫ୍

### ଦଳ ବିଭାଜନକୁ ରୋକିବା ପାଇଁ ଛାଡିଲେ ପଦ



କାଉନସିଲର ନିର୍ବାଚନରେ ପରାସ୍ତ ହୋଇଥିଲା । ଇଶିବା ମଧ୍ୟ ଏଥିପାଇଁ କିଛି ଦିନ ତଳେ କ୍ଷମା ମାଗିଥିଲେ ଓ ଇସ୍ତଫା ଦେବା କଥା ଚିନ୍ତା କରୁଛନ୍ତି ବୋଲି କହିଥିଲେ । ନିର୍ବାଚନରେ ପରାଜୟ ପରେ ଏଲ୍‌ଡିପି ମଧ୍ୟରେ ଇଶିବାଙ୍କୁ ହଟାଇବା ନେଇ ଅଭିଯାନ ଆରମ୍ଭ ହୋଇଥିଲା । ପାର୍ଟିର କିଛି ନେତା ଓ ସାଂସଦ ତାଙ୍କ ନେତୃତ୍ୱ ଉପରେ ପ୍ରଶ୍ନ ଉଠାଇଥିଲେ । ଫଳରେ ତାଙ୍କ ସ୍ଥିତି ଦୁର୍ବଳ ହୋଇଥିଲା ଓ ତାଙ୍କ ଉପରେ ପ୍ରବଳ ଚାପ ମଧ୍ୟ ଥିଲା । ଏବେ ଇଶିବା ହଟିବା ପରେ ଏବେ ପାର୍ଟିରେ ନୂଆ ନେତା ନିର୍ବାଚନ ନେଇ ପ୍ରତିଯୋଗିତା ଆରମ୍ଭ ହୋଇଛି ।

## ଇସ୍ରାଏଲ ବିମାନ ବନ୍ଦରରେ ହୁତୀ ବିଦ୍ରୋହୀଙ୍କ ଡ୍ରୋନ୍ ଆକ୍ରମଣ

ତେଲ ଅଭିଭ୍,୭।୯(ଏଜେନ୍ସି): ୟେମେନର ହୁତୀ ବିଦ୍ରୋହୀ ରବିବାର ଇସ୍ରାଏଲ୍‌ର ରେମୋନ ବିମାନ ବନ୍ଦରରେ ଡ୍ରୋନ ଆକ୍ରମଣ କରିଛନ୍ତି । ଏଥିରେ ଜଣେ ବୟସ୍କ ବ୍ୟକ୍ତିଙ୍କ ସମେତ ୫ ଜଣ ଲୋକ ମାମୁଲି ଭାବେ ଆହତ ହୋଇଛନ୍ତି । ଏହି ଡ୍ରୋନ୍ ବିମାନ ବନ୍ଦରର ପାସେଞ୍ଜର ଟର୍ମିନାଲରେ ମାଡ଼ ହୋଇଥିଲା । ଫଳରେ ଧୂଆଁ ଉଠୁଥିବାର ଦେଖାଯାଇଥିଲା । ଏହି ଡ୍ରୋନର ପରିଚୟ ମିଳିନାହିଁ ଓ ଏଥିପାଇଁ କୌଣସି ସାଇରନ ମଧ୍ୟ ବାଜି ନ ଥିଲା ବୋଲି ଇସ୍ରାଏଲ ସେନା ତରଫରୁ କୁହାଯାଇଛି । ଏହାପୂର୍ବରୁ ୟେମେନରୁ ଆସିଥିବା ୩ଟି ଡ୍ରୋନକୁ ଇସ୍ରାଏଲ ବାୟୁସେନା ମାରି ତଳକୁ ଖସାଇଥିଲା ବୋଲି କହିଛି । ଏହାପରେ ତୁରନ୍ତ ଏୟାର ସ୍ପେସ୍‌କୁ ବନ୍ଦ କରାଯାଇଥିଲା । ସୁରକ୍ଷା ଓ ବୈଷୟିକ ଯାଞ୍ଚ ଏବଂ ବାୟୁସେନା ମଞ୍ଜୁରି ପରେ ରେମୋନ ବିମାନ ବନ୍ଦରରୁ ବିମାନ ଉଡାଣ ଆରମ୍ଭ ହୋଇଥିଲା ।

## ମୌସୁମୀ ଯାତନା: ହିମାଚଳରେ ୩୬୦ରୁ ଊର୍ଦ୍ଧ୍ୱ ମୃତ

**୪.୦୭ ଲକ୍ଷ କୋଟି ଟଙ୍କାର କ୍ଷତି ● ଉତ୍ତରାଖଣ୍ଡରେ ପୁଣି ବାଦଲ ଫଟା ବର୍ଷା ● ସେପ୍ଟେମ୍ବର ୯ରେ ପଞ୍ଜାବ ଯିବେ ପ୍ରଧାନମନ୍ତ୍ରୀ**



ନୂଆଦିଲ୍ଲୀ,୭।୯(ଏଜେନ୍ସି): ଚଳିତ ବର୍ଷ ମୌସୁମୀ ଖାସ୍ କରି ଉତ୍ତର ଭାରତରେ ନାହିଁ ନଥିବା ସ୍ଥିତି ସୃଷ୍ଟି କରିଛି । ଫଳରେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି । ଏଥର ମୌସୁମୀ ଋତୁ (ଜୁଲାଇ ୨୪ରୁ ଆରମ୍ଭ କରି ଅଗଷ୍ଟ ୭ ତାରିଖ ପର୍ଯ୍ୟନ୍ତ)ରେ ବର୍ଷା, ବନ୍ୟା, ଭୂସ୍ଖଳନ ଜଡିତ ଘଟଣାରେ କେବଳ ହିମାଚଳ ପ୍ରଦେଶରେ ୩୬୬ ଜଣ ଲୋକ ପ୍ରାଣ ହରାଇଛନ୍ତି । ୪ ଲକ୍ଷ କୋଟି ଟଙ୍କାର ସମ୍ପତ୍ତି ନଷ୍ଟ ହୋଇଛି ବୋଲି ହିମାଚଳ ସରକାର ଘୋଷଣା କରିଛନ୍ତି । ଏଥର ସିମ୍‌ଲାରେ ୧୧୬ ଓ କୁଲ୍ଲୁରେ ୧୧୩ ପ୍ରତିଶତ ବର୍ଷା ହୋଇଛି । ଏହା ସାମାନ୍ୟଠାରୁ ଦୁଇଗୁଣ । ଅର୍ଥାତ ଏଥର ବର୍ଷା ଦୁଇଗୁଣରୁ ଅଧିକ ହୋଇଛି ।

ପଞ୍ଜାବର ୨୩ଟି ଜିଲ୍ଲାରେ ଗମ୍ଭୀର ସମସ୍ୟା ସୃଷ୍ଟି କରିଛି । ତେବେ ଆସନ୍ତା ୩ ଦିନ ମଧ୍ୟ ବର୍ଷା ହେବ ନାହିଁ ବୋଲି ପାଣିପାଗ କାର୍ଯ୍ୟାଳୟ ତରଫରୁ କୁହାଯାଇଛି । ଲୁଧିଆନାର ସସରାଲି ଡ୍ୟାମ୍ ଭାଙ୍ଗିବାର ବିପଦ ସୃଷ୍ଟି ହୋଇଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ୯ ତାରିଖରେ ପଞ୍ଜାବର ବନ୍ୟା ପ୍ରଭାବିତ ଅଞ୍ଚଳ ବୁଲି ଦେଖିବେ । ଏହି ରାଜ୍ୟରେ ୧୯୯୬ ଗାଁ ଜଳମଗ୍ନ ହୋଇଛି । ୩.୮୪ ଲକ୍ଷରୁ ଅଧିକ ଲୋକ ବନ୍ୟା ଯୋଗୁ ପ୍ରଭାବିତ ହୋଇଛନ୍ତି । ୪୬ ଜଣ ମୃତ୍ୟୁବରଣ କରିଛନ୍ତି । ୨୨,୮୫୪ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି । ୨୧୯ ରିଲିଫ୍ ଶିବିରକୁ ସକ୍ରିୟ କରାଯାଇଛି । ବନ୍ୟା ଯୋଗୁ ଏପର୍ଯ୍ୟନ୍ତ ୧,୭୪, ୪୫୪ ହେକ୍ଟର ଜମିର ଫସଲ ନଷ୍ଟ ହୋଇଛି ।

ଉତ୍ତରାଖଣ୍ଡ ଉତ୍ତରକାଶୀ ଜିଲ୍ଲାର ନାଉଗାଁରେ ବାଦଲ ଫଟା ବର୍ଷା ହୋଇଛି । ଫଳରେ ବଜାର ଓ କିଛି ଘରେ ପାଣି ଓ ଆବର୍ଜନା ପ୍ରବେଶ କରିଛି । ସଡକ ଉପରେ ଥିବା ଗାଡ଼ିଗୁଡିକ ମଧ୍ୟ ପାଣି ସୁଅରେ ଭାସି ଯାଇଥିଲା । ସେହିପରି ଉତ୍ତରପ୍ରଦେଶ ମଥୁରାରେ ଯମୁନା ନଦୀର ପାଣି ସହରଠାରୁ ୧ କିମି ଦୂରରେ ପହଞ୍ଚିଛି । ଘାଟକୂଳରେ ଥିବା ଆଶ୍ରମଗୁଡିକରେ ୫ ଫୁଟ ଉଚ୍ଚର ପାଣି ପଶି ଯାଇଛି । ବୃନ୍ଦାବନ ପରିକ୍ରମା ମାର୍ଗ ମଧ୍ୟ ଜଳମଗ୍ନ ହୋଇଛି । ଗୁଜରାଟ ଓ ରାଜସ୍ଥାନ, ମହାରାଷ୍ଟ୍ରରେ ପ୍ରବଳ ବର୍ଷା ହେବ ବୋଲି ସତର୍କତା ଅର୍ଥାତ ରେଡ୍ ଆଲର୍ଟ ଜାରି କରାଯାଇଛି । ଗୋଆରେ ଅରେଞ୍ଜ ଏବଂ ମଧ୍ୟପ୍ରଦେଶ ଓ ବିହାର ସମେତ ୨୦ଟି ରାଜ୍ୟରେ ୟେଲୋ ଆଲର୍ଟ ଜାରି କରାଯାଇଛି । ପ୍ରବଳ ବର୍ଷା କାରଣରୁ ବାହାଦୂରଗଡ଼ର ରାସ୍ତା ଉପରେ ଠିଆ ହୋଇଥିବା ଗାଡ଼ିଗୁଡିକ ବୁଡିଯାଇଛି । ରାଜସ୍ଥାନର ଆଜମେରରେ ଦୁଇ ମହଲା କୋଠା ଭୁଶୁଡି ପଡିଛି । ସିରୋହିରେ ଏକ ନଦୀରେ ଜିପ୍ ଭାସି ଯାଇଛି । ଉତ୍ତରପ୍ରଦେଶର ଇଟାୱାରେ ଯମୁନା ନଦୀ ପାଇଁ ୭ଟି ଗାଁରେ ବନ୍ୟା ଆସିଛି । ଗୁଜରାଟର ସାବରମତୀ ନଦୀର ଜଳ ପତନ ବୃଦ୍ଧି ପାଇଛି । ଫଳରେ ତଳିଆ ଅଞ୍ଚଳରେ ସତର୍କତା ଜାରି କରାଯାଇଛି । ଗୁଜରାଟର ୭ ଜିଲ୍ଲାରେ ରେଡ୍ ଓ ୧୮ ଜିଲ୍ଲାରେ ଅରେଞ୍ଜ ଆଲର୍ଟ ଜାରି କରାଯାଇଛି । ହିମାଚଳରେ ଭୂସ୍ଖଳନ ଯୋଗୁ ୭୦୫ ଜାତୀୟ ରାଜପଥ ବନ୍ଦ ହୋଇଛି । ବିହାରରେ ୨୦ ଜିଲ୍ଲାରେ ପ୍ରବଳ ବର୍ଷା ହେବା ନେଇ ୟେଲୋ ଆଲର୍ଟ ଜାରି କରାଯାଇଛି ।

## ନାଇଜେରିଆରେ ୭୦ ଜଣଙ୍କୁ ହତ୍ୟା

ଅବୁଜା,୭।୯(ଏଜେନ୍ସି): ଆଫ୍ରିକୀୟ ଦେଶ ନାଇଜେରିଆର ଉତ୍ତରପୂର୍ବ ରାଜ୍ୟ ବୋରନୋରେ କୁଖ୍ୟାତ ବୋକୋ ହାରାମ ଆତଙ୍କବାଦୀ ସଂଗଠନର ଜିହାଦୀମାନେ ଶୁକ୍ରବାର ରାତି ୮.୩୦ରେ ବଡ଼ ଧରଣର କାଣ୍ଡ ଘଟାଇଛନ୍ତି । ଏହି ଜିହାଦୀମାନେ ୭୦ରୁ ଊର୍ଦ୍ଧ୍ୱ ଲୋକଙ୍କୁ ହତ୍ୟା କରିଛନ୍ତି ବୋଲି ସ୍ଥାନୀୟ ଅଧିକାରୀମାନେ ସୂଚନା ଦେଇଛନ୍ତି । ମୃତକଙ୍କ ମଧ୍ୟରେ କେତେଜଣ ସୈନିକ ସାମିଲ ଅଛନ୍ତି । ବୋରନୋ ରାଜ୍ୟର ଦାରୁଲ ଜମା ଟାଉନ୍‌ରେ ଏହି ଆକ୍ରମଣ ହୋଇଥିଲା । ମୋଟର ବାଇକ୍‌ରେ ଡଜନେରୁ ଊର୍ଦ୍ଧ୍ୱ ଆତଙ୍କବାଦୀ ଅସ୍ତ୍ରଧରି ପହଞ୍ଚି ଥିଲେ ଓ ଆଖିବୁଜା ଗୁଳି ଚଳାଇଥିଲେ ବୋଲି ପ୍ରତ୍ୟକ୍ଷଦର୍ଶୀ କହିଛନ୍ତି । ସେମାନେ ମଧ୍ୟ କେତୋଟି ଘରେ ନିଆଁ ଲଗାଇ ଜାଳି ଦେଇଥିଲେ । ଘର ଘର ବୁଲି ପୁରୁଷଙ୍କୁ ଗୁଳି କରିଥିଲେ । କିନ୍ତୁ ମହିଳାଙ୍କୁ ଛାଡି ଦେଇଥିଲେ । ଶନିବାର ସକାଳ ସୁଦ୍ଧା ୭୦ଟି ମୃତଦେହ ଉଦ୍ଧାର କରାଯାଇଛି । ଆହୁରି କିଛି ନିଖୋଜ ଅଛନ୍ତି । ଉଲ୍ଲେଖଥାଉ କି, ଉତ୍ତରପୂର୍ବ ନାଇଜେରିଆରେ ଇସ୍‌ଲାମିକ୍ ଖଲିଫେଟ୍ ସ୍ଥାପନ କରିବା ଲକ୍ଷ୍ୟରେ ୨୦୦୯ରେ ବୋକୋ ହାରାମ ଆତଙ୍କବାଦୀ ସଂଗଠନର ସ୍ଥାପନ ହୋଇଥିଲା । ଏହା ଏ ପର୍ଯ୍ୟନ୍ତ ୪୦,୦୦୦ ଲୋକଙ୍କ ଜୀବନ ନେଇଥିବା କୁହାଯାଉଛି ।

## ୟୁକ୍ରେନରେ ରୁଷିଆର ସର୍ବବୃହତ୍ ଏୟାର ଷ୍ଟ୍ରାଇକ୍

**କିଭ୍‌ରେ ୮୦୦ରୁ ଅଧିକ ଡ୍ରୋନ୍, ମିସାଇଲ୍ ଆକ୍ରମଣ**



କିଭ୍,୭।୯(ଏଜେନ୍ସି): ରୁଷିଆ ଓ ୟୁକ୍ରେନ ମଧ୍ୟରେ ଚାଲିଥିବା ଯୁଦ୍ଧ ଏବେ ପାଖାପାଖି ୪ ବର୍ଷ ପୂରଣ କରିବାକୁ ଯାଉଛି । କିନ୍ତୁ କେହି ପଛକୁ ହଟିବାକୁ ଚାହୁଁନାହାନ୍ତି । ରୁଷ ପୁଣିଥରେ ୟୁକ୍ରେନ ରାଜଧାନୀ କିଭ୍ ଉପରେ ବଡ଼ ଧରଣର ଆକ୍ରମଣ କରିଛି । ଏଥିରେ ଦୁଇଜଣ ଲୋକ ମୃତ୍ୟୁବରଣ କରିଥିବା ବେଳେ ୧୮ ଜଣ ଆହତ ହୋଇଛନ୍ତି । କିଭ୍‌ସ୍ଥିତ ୟୁକ୍ରେନର ସରକାରୀ କୋଠାରୁ ଧୂଆଁ ବାହାରୁଥିବାର ଦେଖାଯାଇଛି । ଏହି କୋଠାରେ ୟୁକ୍ରେନ ମନ୍ତ୍ରିମଣ୍ଡଳର ମୁଖ୍ୟାଳୟ ରହିଛି ଓ ଏଥିରେ ସବୁ ମନ୍ତ୍ରୀମାନଙ୍କ କର୍ଯ୍ୟାଳୟ ରହିଛି । ଗତ ରାତି ସାରା ରୁଷିଆ ଆକାଶମାର୍ଗରୁ ୮୦୫ଟି ଡ୍ରୋନ୍ ଓ ମିସାଇଲ୍ ଦ୍ୱାରା ଆକ୍ରମଣ କରିଥିଲା ବୋଲି ୟୁକ୍ରେନର ଅଧିକାରୀ ମାନେ ସୂଚନା ଦେଇଛନ୍ତି । ଯୁଦ୍ଧ ଆରମ୍ଭ ହେବାଠାରୁ ଏହା ରୁଷ୍‌ର ସବୁଠାରୁ ବଡ଼ ଆକ୍ରମଣ ବୋଲି କୁହାଯାଉଛି । ଡ୍ରୋନ ସମେତ ରୁଷ୍ ୧୩ଟି ମିସାଇଲ ମଧ୍ୟ ମାଡ଼ କରିଥିଲା । ତେବେ ରୁଷିଆର ୭୪୭ ଓ ୪ଟି ମିସାଇଲକୁ ଖସାଇ ଦିଆଯାଇଛି ବୋଲି ୟୁକ୍ରେନ ପକ୍ଷରୁ କୁହାଯାଇଛି । ତେବେ ୟୁକ୍ରେନର ୩୭ଟି ସ୍ଥାନ ଉପରେ ମିସାଇଲ ସହିତ ୫୬ଟି ଡ୍ରୋନ ଦ୍ୱାରା ଆକ୍ରମଣ କରାଯାଇଛି ବୋଲି ଅଧିକାରୀ କହିଛନ୍ତି ।

ଟ୍ରମ୍ପଙ୍କୁ କଟାକ୍ଷ କଲେ ସଲ୍‌ମାନ

## ବିଶ୍ୱରେ ଅଶାନ୍ତି ସୃଷ୍ଟିକାରୀଙ୍କୁ ଦରକାର ଶାନ୍ତି ପୁରସ୍କାର

ମୁମ୍ବାଇ, ୭।୯ (ଏଜେନ୍ସି): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ଭର୍ତ୍ସନା କରିଛନ୍ତି ଅଭିନେତା ସଲ୍‌ମାନ ଖାନ । ସେ ନାମ ନ ନେଇ ନୋବେଲ ଶାନ୍ତି ପୁରସ୍କାର ଆଶା କରୁଥିବା ଏହି ମାର୍କିନ ରାଷ୍ଟ୍ରପତିଙ୍କ ଅଭିଳାଷକୁ ପରିହାସ କରିଛନ୍ତି । ବିଶ୍ୱରେ ସର୍ବାଧିକ ଅଶାନ୍ତି ସୃଷ୍ଟି କରିଥିବା ବ୍ୟକ୍ତି ନୋବେଲ ପୁରସ୍କାର ଚାହୁଁଥିବା କହିଛନ୍ତି । ରିୟଲିଟି ଶୋ' 'ବିଗ୍ ବସ୍-୧୯'ର ସାପ୍ତାହାନ୍ତ ସଂଘର୍ଷରେ ସେ ଏହି ଟିପ୍ପଣୀ ଦେଇଥିଲେ । ଏଠାରେ ଘରର ଶାନ୍ତି ଭଙ୍ଗ କରିବାକୁ ନେଇ ସେ ସବୁ ପ୍ରତିଯୋଗୀଙ୍କୁ ଭର୍ତ୍ସନା କରିଥିଲେ । ଏଥିରେ ଅନ୍ୟ ଘରର ଶାନ୍ତି ଭଙ୍ଗ ସହ ଝଗଡ଼ା କରୁଥିବା ପ୍ରତିଯୋଗୀ ତଥା 'ପିସ୍ ଆକ୍ଟିଭିଷ୍ଟ' ଫରାଜାନା ଖାନଙ୍କୁ ସେ ଗାଳି କରିଥିଲେ । ଏହି ସମୟରେ ସଲ୍‌ମାନ କହିଥିଲେ, ଏ ସବୁ କ'ଣ ଚାଲିଛି? ସାରା ବିଶ୍ୱରେ ଯିଏ ସର୍ବାଧିକ ସମସ୍ୟା ସୃଷ୍ଟି କରୁଛି ତାଙ୍କୁ ହିଁ ଶାନ୍ତି ପରୁସ୍କାର ଦରକାର । ସଲ୍‌ମାନଙ୍କ ଏହି ଟିପ୍ପଣୀ ଖୁବ୍ ଭାଇରାଲ ହେବାରେ ଲାଗିଛି । ଫରଜାନାକୁ ଦେଖି ସେ ଏହି ମନ୍ତବ୍ୟ ଦେଇଥିଲେ ମଧ୍ୟ ଟ୍ରମ୍ପଙ୍କୁ ଯୋଡ଼ି ଦେଖାଯାଉଛି । କାରଣ କିଛି ଦିନ ତଳେ ନରୱେର ଅର୍ଥମନ୍ତ୍ରୀଙ୍କୁ ଫୋନ କରି ଟ୍ରମ୍ପ ନୋବେଲ ପୁରସ୍କାର ମାଗିଥିଲେ ।

# ସିବିଏସ୍‌ଇ ପରୀକ୍ଷା ଢାଞ୍ଚାରେ ଓଟିଇଟି

ଭୁବନେଶ୍ୱର, ୭।୯ (ସମିସ): ସ୍ୱତନ୍ତ୍ର ଓଟିଇଟି ପରୀକ୍ଷା ପ୍ରଶ୍ନପତ୍ର ଲିକ୍ ଘଟଣାରେ ଉପସଭାପତିଙ୍କ ସମେତ ୮ଜଣ ବନ୍ଧା ହେବା ପରେ ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ)ର ଚେତା ପଶିଛି। ଦୁଇଥର ତାରିଖ ଘୋଷଣା ପରେ ମଧ୍ୟ ପରୀକ୍ଷା କରିବାରେ ସଫଳ ହୋଇପାରି ନ ଥିବା ବୋର୍ଡ ଏଥର ନୂତନ ଢାଞ୍ଚାରେ ପରୀକ୍ଷା ପରିଚାଳନା କରିବାକୁ ନିଷ୍ପତ୍ତି ନେଇଛି। ପ୍ରଶ୍ନପତ୍ର ସୁରକ୍ଷା ଏବଂ ପରୀକ୍ଷା ବ୍ୟବସ୍ଥାକୁ ସମୀକ୍ଷା କରିବା ପରେ କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ପରିଷଦ (ସିବିଏସ୍‌ଇ) ଢାଞ୍ଚାରେ ସ୍ୱତନ୍ତ୍ର ଓଟିଇଟି ପରୀକ୍ଷା ପରିଚାଳନା ବ୍ୟବସ୍ଥା ଆପଣାଇବାକୁ ଯାଉଥିବା ବୋର୍ଡ ସଭାପତି ଶ୍ରୀକାନ୍ତ ତରାଇ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

ପରୀକ୍ଷା ପ୍ରସ୍ତୁତି ସମ୍ପର୍କରେ ଶ୍ରୀ ତରାଇ କହିଛନ୍ତି, ଡିଜି ଲକର୍ ବ୍ୟବସ୍ଥା ସହ ବାକ୍ସ ବା ଟ୍ରଙ୍କରେ ପ୍ରଶ୍ନପତ୍ର ପଠାଯିବ। ବ୍ୟାପକ ପୁଲିସ୍ ସୁରକ୍ଷା ପାଇଁ ମଧ୍ୟ ବ୍ୟବସ୍ଥା କରାଯିବ। ଜିଲ୍ଲାପାଳ, ଏସ୍‌ପି ଓ ଜିଲ୍ଲା ଶିକ୍ଷା ଅଧିକାରୀ (ଡିଇଓ)ଙ୍କ ସହାୟତାରେ ପରୀକ୍ଷା ହେବ। ପୂର୍ବରୁ ପରୀକ୍ଷା କେନ୍ଦ୍ର ହୋଇଥିବା ରାଜ୍ୟର ୧୯୩ଟି ପରୀକ୍ଷା କେନ୍ଦ୍ରରେ ହିଁ ପରୀକ୍ଷା ହେବ। ଏଥିରେ କୌଣସି ପରିବର୍ତ୍ତନ କରାଯାଇନାହିଁ। ପ୍ରଶ୍ନପତ୍ର ଲିକ୍ ଘଟଣାରେ 'ଘରଡିଙ୍କି କୁମ୍ଭୀର' ସାଜିଥିବା ଘଟଣାକୁ ଗୁରୁତ୍ୱର ସହ ନେଇ ଏଥର ପରୀକ୍ଷା ପରିଚାଳନା ଓ ସମ୍ବେଦନଶୀଳ କାର୍ଯ୍ୟ ଦାୟିତ୍ୱରେ ଥିବା କର୍ମଚାରୀ ଓ ଅଧିକାରୀଙ୍କ ଉପରେ ତୀକ୍ଷ୍ଣ ନଜର ରଖାଯାଇଛି।

**ଦାୟିତ୍ୱରେ ଥିବା ଅଧିକାରୀ ଓ କର୍ମଚାରୀଙ୍କ ଉପରେ ରହିବ ତୀକ୍ଷ୍ଣ ନଜର**

ସ୍ୱତନ୍ତ୍ର ଓଟିଇଟି ପରୀକ୍ଷା ପାଇଁ ଜୁଲାଇ ୨୦କୁ ଦିନ ଧାର୍ଯ୍ୟ ହୋଇଥିବା ବେଳେ ପ୍ରଶ୍ନପତ୍ର ଲିକ୍ କାରଣରୁ ମଧ୍ୟରାତ୍ରିରେ ପରୀକ୍ଷା ବାତିଲ୍ କରାଯାଇଥିଲା। ଏପରିକି, ଅଗଷ୍ଟ ୩୧ରେ ପୁନଃପରୀକ୍ଷା ପାଇଁ ବିଜ୍ଞପ୍ତି ପ୍ରକାଶ କରିଥିଲେ ମଧ୍ୟ ପରୀକ୍ଷା ପରିଚାଳନା କରିବାରେ ବୋର୍ଡ ବିଫଳ ହୋଇଥିଲା। ଆସନ୍ତା ୨୭ ତାରିଖରେ ସେହି ପରୀକ୍ଷା କରିବାକୁ ଗତକାଲି ବିଜ୍ଞପ୍ତି ପ୍ରକାଶ ପାଇଥିବା ବେଳେ ଏଥର ପରୀକ୍ଷା ହେବ ନା ପୁଣିଥରେ ଘୁଞ୍ଚିବ, ସେନେଇ ପ୍ରଶ୍ନ ଉଠିଥିଲା। ଏନେଇ ଶ୍ରୀ ତରାଇ କହିଛନ୍ତି ଯେ ସମସ୍ତ ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ନିଶ୍ଚିତ ଭାବେ ସେହି ଦିନ ହିଁ ପରୀକ୍ଷା ହେବ ବୋଲି ସେ ଦମ୍ଭୋକ୍ତି ରଖିଛନ୍ତି।

ଶିକ୍ଷକଙ୍କ ପଦୋନ୍ନତି ଓ ଚାକିରି ପାଇଁ ଶିକ୍ଷକ ଯୋଗ୍ୟତା ପରୀକ୍ଷା (ଟିଇଟି)କୁ ସୁପ୍ରିମ୍‌କୋର୍ଟ ବାଧ୍ୟତାମୂଳକ କରିବା ପରେ ଓଟିଇଟି ପରୀକ୍ଷାର ଗୁରୁତ୍ୱ ବହୁଗୁଣିତ ହୋଇଛି। ରାଜ୍ୟରେ ସରକାର ଏହାକୁ କାର୍ଯ୍ୟକାରୀ କରିବା ପରେ ୨ ବର୍ଷ ମଧ୍ୟରେ ଓଟିଇଟି ପରୀକ୍ଷାରେ କୃତକାର୍ଯ୍ୟ ହୋଇ ନ ପାରିଲେ ସେମାନଙ୍କ ଚାକିରି ଯିବାର ଆଶଙ୍କା ଥିବାରୁ ଶିକ୍ଷକଙ୍କ ମଧ୍ୟରେ ଆଶା ଆଶଙ୍କା ଲାଗି ରହିଛି। ସୂଚନାଯୋଗ୍ୟ, ପରୀକ୍ଷା ପାଇଁ ଆସନ୍ତା ୧୭ତାରିଖରୁ ବୋର୍ଡ ୱେବସାଇଟ୍‌ରେ ଆଡମିଟ୍ କାର୍ଡ ଉପଲବ୍ଧ ହେବ। ରାଜ୍ୟର ମୋଟ୍ ୭୫ ହଜାର ୪୦୩ଜଣ ଶିକ୍ଷକ/ଶିକ୍ଷୟିତ୍ରୀ ଏହି ପରୀକ୍ଷା ଦେବାକୁ ଆବେଦନ କରିଛନ୍ତି।

**ଦାରିଙ୍ଗବାଡ଼ିରେ ଚାଞ୍ଚଲ୍ୟ**

# ନାବାଳିକାକୁ ଅପହରଣ କରି କାର୍ ଭିତରେ ଦୁଷ୍କର୍ମ

ଦାରିଙ୍ଗବାଡ଼ି, ୭।୯ (ସମିସ): କାର୍ ଭିତରେ ଜଣେ ନାବାଳିକାକୁ ଦୁଷ୍କର୍ମ ଭଳି ଏକ ଲଜ୍ଜାଜନକ ଚିତ୍ର କନ୍ଧମାଳ ଜିଲ୍ଲା ଦାରିଙ୍ଗବାଡ଼ି ଅଞ୍ଚଳରୁ ଆସିଛି। ପୁଲିସ ପୋକ୍‌ସୋ ଆକ୍ଟରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିବା ବେଳେ ଅଭିଯୁକ୍ତଜଣଙ୍କ ଫେରାର୍ ହୋଇଯାଇଛି।

ସୂଚନାନୁସାରେ, ନାବାଳିକାଜଣଙ୍କ ଗତ ଅଗଷ୍ଟ ୩୧ରେ ନିଜ ବଡ଼ ଭଉଣୀ ଘରକୁ ବୁଲି ଆସିଥିଲେ। ଶୁକ୍ରବାର ସନ୍ଧ୍ୟାରେ ଭଉଣୀଙ୍କ ଘରଠାରୁ କିଛି ଦୂରରେ ଗଣେଶ ମୂର୍ତ୍ତି ଭସାଣି ପାଇଁ ଶୋଭାଯାତ୍ରା ହେଉଥିଲା। ଭଉଣୀଙ୍କ ସହ ସେ ଶୋଭଯାତ୍ରା ଦେଖିବାକୁ ଯାଇଥିଲେ। ବାଟରେ ଜଣଙ୍କ ଘରେ ନାବାଳିକଜଣଙ୍କ ନିଜର ଜ୍ୟାକେଟ୍ ରଖିଥିଲେ। ଭସାଣି ସରିବା ପରେ ସେ ନିଜ ଜ୍ୟାକେଟ୍ ନେଇ ଫେରୁଥିବା ବେଳେ ସେହି ସମୟରେ ଏକ କାର୍ ତାଙ୍କର ବାଟ ଓଗାଳିଥିଲା। ନାବାଳିକାଜଣଙ୍କ କିଛି ବୁଝିବା ପୂର୍ବରୁ କାର୍ ଭିତରୁ ଜଣେ ଯୁବକ ବାହାରି ତାଙ୍କୁ ଅପହରଣ କରିନେଇଥିଲା। ତାଙ୍କୁ ସେ କାର୍‌ରେ ଦାରିଙ୍ଗବାଡ଼ି ସହର ବାହାରକୁ ନେଇଯିବା ପରେ ଏକ ନିଛାଟିଆ ସ୍ଥାନରେ କାର୍ ଭିତରେ ତାଙ୍କୁ ଦୁଷ୍କର୍ମ କରିଥିଲା। ତେବେ କାର୍‌ର ଡୋର୍ ଖୋଲିବା ଦେଖି ନାବାଳିକାଜଣଙ୍କ ସେଠାରୁ ଖସି ପଳାଇବାକୁ ଉଦ୍ୟମ କରିଥିଲା। ମାତ୍ର ଅଭିଯୁକ୍ତଜଣଙ୍କ ତାଙ୍କୁ ଗୋଡ଼ାଇ ଗୋଡ଼ାଇ ଧରିବା ସହ ଚୁଟିକୁ ଘୋଷାଡ଼ି ଘୋଷାଡ଼ି ପୁଣିଥରେ କାର୍ ଭିତରକୁ ନେଇ ଦୁଷ୍କର୍ମ କରିଥିଲା। ଏ ସଂପର୍କରେ କାହାରିକୁ କହିଲେ ଜୀବନରୁ ମାରିଦେବାକୁ ଧମକ ଦେଇଥିଲା। ତେବେ ନାବାଳିକାଜଣଙ୍କ ପରିବାରଲୋକଙ୍କୁ ଏ ସଂପର୍କରେ ଜଣାଇବା ପରେ ପୁଲିସ୍ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।



## ପରିତ୍ୟକ୍ତ ଘରେ ନାବାଳିକାକୁ ଦୁଷ୍କର୍ମ

ଡେଲାଙ୍ଗ, ୭।୯ (ସମିସ): ପୁରୀ ଜିଲ୍ଲା ଶ୍ରୀପୁରୁଷୋତ୍ତମପୁର ପଞ୍ଚାୟତ ଅଞ୍ଚଳରେ ୧୨ବର୍ଷୀୟା ଜଣେ ନାବାଳିକାକୁ ଦୁଷ୍କର୍ମ ଅଭିଯୋଗରେ ଡେଲାଙ୍ଗ ପୁଲିସ ଜଣେ ଯୁବକକୁ ଗିରଫ କରି କୋର୍ଟଚାଲାଣ କରିଛି। ଅଭିଯୁକ୍ତଜଣଙ୍କ ହେଲା, ସ୍ଥାନୀୟ ଅଞ୍ଚଳର ପଙ୍କଜ ସ୍ୱାଇଁ ଓରଫ କାବୁ।

ସୂଚନାମୁତାବକ, ନାବାଳିକାଜଣଙ୍କ ଜଣେ ଛେଳିଚରାଳି। ପ୍ରତିଦିନ ଛେଳି ଚରାଇବାକୁ ଯାଆନ୍ତି। ୬ ଦିନ ତଳେ ନାବାଳିକାଜଣଙ୍କ ଛେଳି ଚରାଇବାକୁ ଯାଇଥିବା ବେଳେ ପଙ୍କଜ ତାକୁ ନାନା ପ୍ରଲୋଭନ ଦେଖାଇ ଏକ ନିକାଞ୍ଚନ ଜାଗାକୁ ଡାକି ନେଇଥିଲା। ସେଠାରେ ନାବାଳିକାର ପାଟି ବନ୍ଦ କରି ଏକ ପରିତ୍ୟକ୍ତ ଘରେ ତାକୁ ଦୁଷ୍କର୍ମ କରିଥିଲା। ଏ ସଂପର୍କରେ କାହାରିକୁ କହିଲେ ଜୀବନରୁ ମାରିଦେବାକୁ ଧମକ ଦେଇଥିଲା। ଏ ସଂପର୍କରେ ନାବାଳିକାଜଣଙ୍କ ତାଙ୍କ ପରିବାରଲୋକଙ୍କୁ ଜଣାଇବା ପରେ ଡେଲାଙ୍ଗ ଥାନାରେ ଅଭିଯୋଗ ହୋଇଥିଲା। ତେବେ ଗିରଫଦାରୀ ଭୟରେ ପଙ୍କଜ ଗାଁ ଛାଡ଼ି ଫେରାର୍ ହୋଇଯାଇଥିଲା। ପୁଲିସ ତାକୁ ବ୍ରହ୍ମଗିରି ଅଞ୍ଚଳରୁ ଗିରଫ କରି କୋର୍ଟଚାଲାଣ କରିଛି। ଆଜି ପୁଲିସ ଦୁହିଁଙ୍କ ଡାକ୍ତରୀମାଇନା କରାଇଛି। ଅନ୍ୟପଟେ, ନାବାଳିକାକୁ ଶିଶୁ ବିକାଶ ପରିଷଦରେ ଛଡ଼ାଯାଇଥିବା ଡେଲାଙ୍ଗ ଥାନା ଅଧିକାରୀ ଶ୍ୟାମଘନ ବାରିକ ସୂଚନା ଦେଇଛନ୍ତି।

**ଡେଲାଙ୍ଗରେ ଲଜ୍ଜା!**

# ଦିଲ୍ଲୀ ଏମ୍‌ସକୁ ଯାଇପାରନ୍ତି ଅଭିଜିତ

ଭୁବନେଶ୍ୱର, ୭।୯ (ସମିସ): ଏକାଧିକ ରୋଗରେ ପୀଡ଼ିତ ହୋଇ ଭୁବନେଶ୍ୱର ଏମ୍‌ସରେ ଚିକିତ୍ସିତ ହେଉଥିବା ସଙ୍ଗୀତ ନିର୍ଦ୍ଦେଶକ ଅଭିଜିତ ମଜୁମଦାର ଅଧିକ ଚିକିତ୍ସା ପାଇଁ ଦିଲ୍ଲୀ ଏମ୍‌ସକୁ ଯାଇପାରନ୍ତି। ତାଙ୍କର ଚିକିତ୍ସା ବାବଦ ସମସ୍ତ ଖର୍ଚ୍ଚ ରାଜ୍ୟ ସରକାର ବହନ କରିବେ। ଆଜି ସ୍ୱାସ୍ଥ୍ୟମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ଏମ୍‌ସରେ ଶ୍ରୀ ମଜୁମଦାରଙ୍କୁ ଭେଟିବା ପରେ ଗଣମାଧ୍ୟମରେ ଏହା କହିଛନ୍ତି। ଡ. ମହାଲିଙ୍ଗ ଏମ୍‌ସରେ ଅଭିଜିତଙ୍କ ସ୍ୱାସ୍ଥ୍ୟାବସ୍ଥା ବୁଝିବା ସହ ଡାକ୍ତରୀ ଦଳ ସହ ଆଲୋଚନା କରିଛନ୍ତି। ତାଙ୍କର କିଡନୀ ଓ ଲିଭର୍ ସମସ୍ୟାରେ ସୁଧାର ଆସୁଛି। କିନ୍ତୁ ଅଭିଜିତ କଥାବାର୍ତ୍ତା କରୁନାହାନ୍ତି। ଅଧିକ ଚିକିତ୍ସା ଆବଶ୍ୟକ ହେଉଥିବାରୁ ଦରକାର ପଡ଼ିଲେ ତାଙ୍କୁ ଦିଲ୍ଲୀ ସ୍ଥାନାନ୍ତର କରାଯିବ ବୋଲି ସ୍ୱାସ୍ଥ୍ୟମନ୍ତ୍ରୀ କହିଛନ୍ତି। ଭୁବନେଶ୍ୱର ଏମ୍‌ସର ଡାକ୍ତରୀ ଟିମ୍ ଦିଲ୍ଲୀ ଏମ୍‌ସ ସହ କଥାବାର୍ତ୍ତା ହେବେ। ଆବଶ୍ୟକ ପଡ଼ିଲେ ଅଭିଜିତଙ୍କୁ ଏୟାରଲିଫ୍ଟ କରାଯାଇପାରେ ବୋଲି ଡ. ମହାଲିଙ୍ଗ କହିଛନ୍ତି।

ଗତ ୪ ତାରିଖରେ ଶ୍ରୀ ମଜୁମଦାରଙ୍କୁ ଭୁବନେଶ୍ୱର ଏମ୍‌ସରେ ଭର୍ତ୍ତି କରାଯାଇଥିଲା। ସେବେଠାରୁ ତାଙ୍କୁ ଭେଣ୍ଟିଲେଟର୍ ସପୋର୍ଟରେ ରଖାଯାଇଛି। ଆଇସିୟୁ ଓ ଏକମୋ ବିଶେଷଜ୍ଞ ଡାକ୍ତର ଶ୍ରୀକାନ୍ତ ବେହେରାଙ୍କ ତତ୍ତ୍ୱାବଧାନରେ ତାଙ୍କର ଚିକିତ୍ସା ଜାରି ରହିଛି। ଅଭିଜିତ ଅସ୍ମୋଟିକ୍ ଡିମାଏଲିନେସନ୍ ସିଣ୍ଡ୍ରୋମ୍ (ପୋଣ୍ଟିନ୍ ଓ ଏକ୍ସଟ୍ରାପୋଣ୍ଟିନ୍), ଦ୍ୱିପାକ୍ଷିକ ନିମୋନିଆ, ରକ୍ତ ସଂକ୍ରମଣ (ଏମଡିଆରଓ-ଆସେନଟୋବ୍ୟାକ୍ଟର), କ୍ରୋନିକ୍ ଯକୃତ ରୋଗ, ଡିସେଲେଟ୍ରୋଲାଇଟେମିଆ (ହାଇପୋକଲେମିଆ, ହାଇପୋଫସଫେଟେମିଆ, ହାଇପୋମାଗ୍ନେସିମିଆ) ଓ ପୁଷ୍ଟିକର ଅଭାବ (ଭିଟାମିନଡି, ଫୋଲିକ୍ ଏସିଡ୍ ଅଭାବ) ଭଳି ରୋଗରେ ପୀଡ଼ିତ ଥିବା ସ୍ୱାସ୍ଥ୍ୟାବସ୍ଥା ଯାଞ୍ଚ ପରେ ଜଣାପଡ଼ିଛି। ଆଣ୍ଟିବାୟୋଟିକ୍ ଓ ଅନ୍ୟାନ୍ୟ ଯାନ୍ତ୍ରିକ ସହାୟତାରେ ତାଙ୍କର ଚିକିତ୍ସା କରାଯାଉଥିବା ଡାକ୍ତର ଶ୍ରୀକାନ୍ତ ବେହେରା ସୂଚନା ଦେଇଛନ୍ତି।



ଅଭିଜିତ ମଜୁମଦାରଙ୍କ ଆରୋଗ୍ୟ କାମନା କରି ପୁରୀ ବେଳାଭୂମିରେ ସୁଦର୍ଶନ ପଟ୍ଟନାୟକଙ୍କ ବାଲୁକା କଳା

# ନାବାଳିକାକୁ ହତ୍ୟା କରି ନାଳରେ ଫିଙ୍ଗିଦେଲେ!

ଅନୁଗୋଳ, ୭।୯ (ସମିସ): ଶନିବାରଠାରୁ ନିଖୋଜ ଥିବା ଅନୁଗୋଳ ସଦର ଥାନା ଶ୍ୟାମସୁନ୍ଦରପୁର ଗ୍ରାମର ଜଣେ ନାବାଳିକାଙ୍କ ଉଲଗ୍ନ ମୃତଦେହ ରବିବାର ଗାଁ ନିକଟ ଭାଲୁଖାଇ ନାଳରୁ ଉଦ୍ଧାର କରାଯାଇଛି। ମୃତକ ହେଲେ, ଅକ୍ଷୟ ସେଠଙ୍କ ସାନ ଝିଅ ଜସ୍ମିନ ସେଠ(୧୧)।

- **ନିଖୋଜର ୧୬ଘଣ୍ଟା ପରେ ନାଳରୁ ଉଲଗ୍ନ ଶବ ଉଦ୍ଧାର**
- **ନ୍ୟାୟ ଦାବିରେ ଟାୟାର ଜାଳି ରାସ୍ତାରୋକ**



ତାଙ୍କୁ ହତ୍ୟା କରାଯାଇଥିବା ପରିବାରଲୋକେ ଅଭିଯୋଗ କରିଛନ୍ତି। ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଛି। ନ୍ୟାୟ ଦାବିରେ ଗ୍ରାମବାସୀ ଟାୟାର୍ ଜାଳି ଅନୁଗୋଳ-ବନ୍ତଳା ମୁଖ୍ୟ ରାସ୍ତାକୁ ଶାବଳଭଙ୍ଗା ଛକରେ ଅବରୋଧ କରିଛନ୍ତି।

ଶନିବାର ଜସ୍ମିନ ସ୍କୁଲରୁ ଫେରିବା ପରେ ଖେଳିବାକୁ କହି ଘରୁ ବାହାରି ଯାଇଥିଲା। କିନ୍ତୁ ସନ୍ଧ୍ୟା ପର୍ଯ୍ୟନ୍ତ ଘରକୁ ନଫେରିବାରୁ ପରିବାରଲୋକଙ୍କ ସନ୍ଦେହ ହୋଇଥିଲା। ଗ୍ରାମବାସୀଙ୍କ ସହ ମିଶି ରାତିତମାମ ଖୋଜାଖୋଜି କରିଥିଲେ ହେଁ ଜସ୍ମିନଙ୍କ ପତ୍ତା ମିଳି ନଥିଲା। ଖବର ପାଇ ପୁଲିସ ମଧ୍ୟ ଗାଁରେ ପହଞ୍ଚି ଖୋଜାଖୋଜି କରିଥିଲା। ତଥାପି ଜସ୍ମିନଙ୍କ ସନ୍ଧାନ ମିଳିନଥିଲା। ତେବେ ଆଜି ସକାଳେ ଜସ୍ମିନଙ୍କ ମୃତଦେହ ଗାଁ ନିକଟ ଭାଲୁଖାଇ ନାଳରେ ଭାସୁଥିବା ତାଙ୍କ ଭାଇ ଦେଖିବାକୁ ପାଇଥିଲେ। ଜସ୍ମିନଙ୍କ ଶରୀରରେ କ୍ଷତଚିହ୍ନ ରହିଥିଲା। କେଉଁ ପରିସ୍ଥିତିରେ ତାଙ୍କ ମୃତ୍ୟୁ ହେଲା, ତାହା ଅସ୍ପଷ୍ଟ ଥିବା ବେଳେ ପୁଲିସ ତୁରନ୍ତ ଘଟଣା ଉପରୁ ପରଦା ହଟାଇବା ପାଇଁ ଲୋକେ ଦାବି କରିଛନ୍ତି। ପୁଲିସ୍ ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏନେଇ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

**୨୨ତମ ଶ୍ରାଦ୍ଧବାର୍ଷିକୀରେ ଶ୍ରଦ୍ଧାଞ୍ଜଳି**

# ବସନ୍ତ ବିଶ୍ୱାଳ ଥିଲେ ଆଧୁନିକ ଓଡ଼ିଶାର ନିର୍ମାତା

ଭୁବନେଶ୍ୱର, ୭।୯ (ସମିସ): ବସନ୍ତ ବିଶ୍ୱାଳ ଆଧୁନିକ ଓଡ଼ିଶାର ନିର୍ମାତା ଥିଲେ। ରାଜ୍ୟର ସାମଗ୍ରିକ ବିକାଶକୁ ସେ ପ୍ରାଥମିକତା ଦେଉଥିଲେ। କୃଷି କ୍ଷେତ୍ରରୁ ଆରମ୍ଭ କରି ଜଳସେଚନ, ଭିତ୍ତିଭୂମି, ସଡ଼କ, ସେତୁ ଆଦି ନିର୍ମାଣ କରିବା ଏବଂ ଲୋକଙ୍କୁ ବିଶୁଦ୍ଧ ପାନୀୟ ଜଳଯୋଗାଣ ଉପରେ ଗୁରୁତ୍ୱ ଦେଉଥିଲେ। ରାଜ୍ୟର ବହୁବିଧ ବିକାଶରେ ତାଙ୍କର ଅନନ୍ୟ ଯୋଗଦାନ ଥିଲା। ଆଜିର ରାଜନୀତିରେ ତାଙ୍କ ଭଳି ବ୍ୟକ୍ତିତ୍ୱ ବିରଳ। ଭୁବନେଶ୍ୱରସ୍ଥିତ ଜୟଦେବ ଭବନ ପରିସରରେ ଆୟୋଜିତ ରାଜ୍ୟର ପୂର୍ବତନ ଉପ-ମୁଖ୍ୟମନ୍ତ୍ରୀ ବସନ୍ତ ବିଶ୍ୱାଳଙ୍କ ୨୨ତମ ଶ୍ରାଦ୍ଧବାର୍ଷିକୀରେ ଯୋଗଦେଇଥିବା ଅତିଥିମାନେ ଆଜି ଏପରି ମତ ରଖିଛନ୍ତି।

ରାଜ୍ୟସ୍ତରୀୟ କର୍ମଯୋଗୀ ବସନ୍ତ କୁମାର ବିଶ୍ୱାଳ ସ୍ମୃତି କମିଟିର ସଭାପତି ଆର୍ଯ୍ୟ କୁମାର ଜ୍ଞାନେନ୍ଦ୍ର ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗଦେଇ ପିସିସି ସଭାପତି ଭକ୍ତଚରଣ ଦାସ କହିଥିଲେ ଯେ ବସନ୍ତ ବାବୁ ଯାହା କହନ୍ତି, ତାହାକୁ କାମରେ କରି ଦେଖାନ୍ତି। କଟକର ରିଙ୍ଗ୍‌ରୋଡ୍ ତାଙ୍କ ସମୟର ଶ୍ରେଷ୍ଠ କାର୍ଯ୍ୟ। ସ୍ୱର୍ଗତ ବିଶ୍ୱାଳ ରାଜନୀତିରେ ସବୁବେଳେ ଅମର ହୋଇ ରହିବେ। ସମ୍ମାନିତ ଅତିଥି ବିଜେଡିର ବରିଷ୍ଠ ଉପସଭାପତି ଦେବୀ ପ୍ରସାଦ ମିଶ୍ର କହିଥିଲେ, ସ୍ୱର୍ଗତ ବିଶ୍ୱାଳ ଅତ୍ୟନ୍ତ ସ୍ପଷ୍ଟବାଦୀ ନେତା ଥିଲେ। ତାଙ୍କ ଭିତରେ କପଟତା ନ ଥିଲା। ସଠିକ୍ ନିଷ୍ପତ୍ତି ନେବାରେ ତାଙ୍କର ପାରଦର୍ଶିତା ଥିଲା। ରିଙ୍ଗ୍‌ରୋଡ୍ ପାଇଁ କଟକବାସୀ ତାଙ୍କୁ ସବୁବେଳେ ମନେ ରଖିବେ। ସେ ସମସ୍ତଙ୍କ ସଙ୍ଗେ ମିଳିମିଶି କାମ କରୁଥିଲେ। ମୁଖ୍ୟବକ୍ତା ଭାବେ ଯୋଗଦେଇ ବରିଷ୍ଠ ସମ୍ବାଦିକ ପ୍ରଦ୍ୟୁମ୍ନ ଶତପଥୀ କହିଥିଲେ, ସ୍ୱର୍ଗତ ବିଶ୍ୱାଳ ଜଣେ ଗଭୀର ଅନୁଚିନ୍ତକ ଥିଲେ। ସେ ପୂର୍ବ ମନ୍ତ୍ରୀ ଥିଲା ବେଳେ ତାଙ୍କୁ 'ସୁପର ଚିଫ୍-ମିନିଷ୍ଟରଡ଼' ବୋଲି ସମ୍ବୋଧନ କରାଯାଏ। କଟକ ଏବଂ ସମ୍ବଲପୁରରେ ରିଙ୍ଗରୋଡ୍ ନିର୍ମାଣ ତାଙ୍କର ଶ୍ରେଷ୍ଠ କାର୍ଯ୍ୟ। ସେ ରାଜୀବ ଭବନକୁ ସମୟ ଅବଧି ପୂର୍ବରୁ ନିର୍ମାଣ କରି ଏକ ଉଦାହରଣ ସୃଷ୍ଟି କରିଥିଲେ। ରାଜ୍ୟ ନିର୍ମାଣରେ ତାଙ୍କର ବହୁତ ଅବଦାନ ରହିଛି। ଅନ୍ୟତମ ଅତିଥି ଦୈନିକ 'ସମୟ'ର ସମ୍ପାଦକ ଗୁରୁକଲ୍ୟାଣ ମହାପାତ୍ର ତାଙ୍କ ଦୁଃସାହସିକ ବ୍ୟକ୍ତିତ୍ୱକୁ ପ୍ରଶଂସା କରିଥିଲେ। ସ୍ମୃତି କମିଟିର ସଭାପତି ଆର୍ଯ୍ୟ କୁମାର ଜ୍ଞାନେନ୍ଦ୍ର କହିଥିଲେ ଯେ ସ୍ୱର୍ଗତ ବିଶ୍ୱାଳ ରାଜଧାନୀ ଭୁବନେଶ୍ୱରର ମୂଳଦୁଆ ପକାଇଥିଲେ। ସେ ଯେଉଁ ଅନୁଷ୍ଠାନ ନିର୍ମାଣ କରିଛନ୍ତି, ତାହା ଆଜି ପର୍ଯ୍ୟନ୍ତ ଶିଖର ଛୁଉଁଛି। କଂଗ୍ରେସ ନେତା ମାନସ ଚୌଧୁରୀ ସ୍ୱଗତ ଭାଷଣ ପ୍ରଦାନ କରି ତାଙ୍କ ସ୍ମୃତିଚାରଣ କରିଥିଲେ। ଶେଷରେ 'ସମୟ'ର ପ୍ରକାଶକ ସତ୍ୟନାରାୟଣ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ବିଭିନ୍ନ କାର୍ଯ୍ୟରେ ପାରଦର୍ଶିତା ପ୍ରଦର୍ଶନ କରିଥିବା ବ୍ୟକ୍ତିତ୍ୱମାନଙ୍କୁ ପୁରସ୍କୃତ କରାଯାଇଥିଲା।

କାର୍ଯ୍ୟକ୍ରମରେ ଶତାୟୁ ପୁରୁଷ ତଥା ବିଶିଷ୍ଟ ଗାନ୍ଧୀବାଦୀ ଓ ସମାଜସେବୀ ପଦ୍ମଚରଣ ନାୟକ, ପୂର୍ବତନ ବରିଷ୍ଠ ପ୍ରଶାସକ ପ୍ରସନ୍ନ କୁମାର ମିଶ୍ର, ବିଶିଷ୍ଟ ସାହିତ୍ୟିକା ପ୍ରଫେସର୍ ମନୋରମା ବିଶ୍ୱାଳ ମହାପାତ୍ର, ଖୋର୍ଦ୍ଧା ଜିଲ୍ଲା ସ୍କାଉଟ୍ସ ଗାଇଡ୍ସ ସଂଗଠନ ସମ୍ପାଦକ ସରୋଜ ଚନ୍ଦ୍ର ପାଇକରାୟ ଓ ଧାବକ ଅମିୟ କୁମାର ମଲ୍ଲିକଙ୍କୁ ସମ୍ମାନିତ କରାଯାଇଥିଲା। 'ସମୟ'ର ନିର୍ଦ୍ଦେଶିକା ଅନିତା ମହାନ୍ତି ଅତିଥିମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ।




## ଆଜିଠୁ ପିତୃପକ୍ଷ ଆରମ୍ଭ

ପୁରୀ, ୭।୯ (ସମିସ): ସୋମବାରଠାରୁ ଆରମ୍ଭ ହେବ ପିତୃପକ୍ଷ। ଏହା ୧୫ଦିନ ଅର୍ଥାତ୍ ମହାଳୟା ପର୍ଯ୍ୟନ୍ତ ଚାଲିବ। ତେବେ ଏହି ପିତୃପକ୍ଷରେ ପିତୃପୁରୁଷଙ୍କ ଉଦ୍ଦେଶ୍ୟରେ ତିଳତର୍ପଣ ଓ ପିଣ୍ଡଦାନ କରାଯାଇଥାଏ। ଏଥିଲାଗି ଶ୍ରୀକ୍ଷେତ୍ରରେ ଅନେକ ଶ୍ରଦ୍ଧାଳୁ ବିଭିନ୍ନ ତୀର୍ଥ ପୁଷ୍କରିଣୀ ଏବଂ ମହୋଦଧିରେ ତିଳତର୍ପଣ ଏବଂ ପିଣ୍ଡଦାନ କରିଥାନ୍ତି। ତୀର୍ଥରାଜ ମହୋଦଧି, ଶ୍ୱେତଗଙ୍ଗା, ମାର୍କଣ୍ଡ, ଇନ୍ଦ୍ରଦ୍ୟୁମ୍ନ ଓ ନରେନ୍ଦ୍ର ପୁଷ୍କରିଣୀରେ ଶ୍ରଦ୍ଧାଳୁମାନଙ୍କ ଭିଡ଼ ଦେଖିବାକୁ ମିଳିଥାଏ। ସେମାନେ ସ୍ନାନ କରି ତିଳତର୍ପଣ କରିଥା'ନ୍ତି। ବିଶ୍ୱାସ ରହିଛି, ଏହି ପକ୍ଷରେ ପିତୃଗଣ କୌଣସି ନା କୌଣସି ରୂପରେ ଆମ୍ଭମାନଙ୍କ ପାଖକୁ ଆସନ୍ତି ଏବଂ ଆଶୀର୍ବାଦ ପ୍ରଦାନ କରିଥା'ନ୍ତି। ଏହି ପିତୃପୁରୁଷଙ୍କୁ ଦୀପାବଳି ଅମାବାସ୍ୟା ଦିନ 'ଅନ୍ଧାରରେ ଆସି ଆଲୁଅରେ ଯାଅ' ବୋଲି କୁହାଯାଇ ବିଦାୟ ଦିଆଯାଏ। ଧାର୍ମିକ ଗ୍ରନ୍ଥ ଅନୁସାରେ ପାରିବାରିକ କଲ୍ୟାଣ ଓ ପିତୃପୁରୁଷଙ୍କ ଆତ୍ମାଶାନ୍ତି ପାଇଁ ପିତୃପକ୍ଷରେ ଶ୍ରାଦ୍ଧ କର୍ମ କରିବା ଉଚିତ। ବିଧିପୂର୍ବକ ଶ୍ରାଦ୍ଧ କଲେ ପିତୃପୁରୁଷ ଆଶୀର୍ବାଦ କରିଥା'ନ୍ତି।

**ରାଜ୍ୟରେ ସେମିକଣ୍ଡକ୍ଟର୍ କ୍ଲଷ୍ଟର୍ ପାଇଁ ପ୍ରକ୍ରିୟା ଆରମ୍ଭ**

# ରାଜଧାନୀରେ ୧୦୦୦ ଏକର ଜମି ଚିହ୍ନଟ

ଭୁବନେଶ୍ୱର, ୭।୯ (ସମିସ): ରାଜ୍ୟକୁ ସେମିକଣ୍ଡକ୍ଟର୍ କ୍ଷେତ୍ରରେ ଏକ ଅଗ୍ରଣୀ ରାଜ୍ୟ ଭାବେ ଗଢ଼ି ତୋଳିବାକୁ ରାଜ୍ୟ ସରକାର ଲକ୍ଷ୍ୟ ରଖିଛନ୍ତି। ନିକଟରେ କେନ୍ଦ୍ର ସରକାର ଓଡ଼ିଶା ପାଇଁ ୪୦୦୦ କୋଟି ଟଙ୍କାର ସେମିକଣ୍ଡକ୍ଟର୍ ପ୍ରକଳ୍ପ ମଞ୍ଜୁର କରିଥିବା ବେଳେ ରାଜ୍ୟ ସରକାର ନିଜ ଆଡୁ ମଧ୍ୟ ୨ଟି ପ୍ରକଳ୍ପ ସ୍ଥାପନ ପାଇଁ ଏମ୍‌ଓୟୁ ସ୍ୱାକ୍ଷର କରିଛନ୍ତି। ଏହି ୨ଟି ପ୍ରକଳ୍ପରେ ୨୬୦୦ କୋଟି ଟଙ୍କା ନିବେଶ କରାଯିବ। ସେମିକଣ୍ଡକ୍ଟର୍ କ୍ଷେତ୍ରରେ ଓଡ଼ିଶାକୁ ଦେଶର ଏକ ପ୍ରମୁଖ ରାଜ୍ୟ କରିବାକୁ ରାଜ୍ୟ ସରକାର ଦୂରଗାମୀ ଲକ୍ଷ୍ୟ ନେଇ ଆଗକୁ ବଢୁଛନ୍ତି। ଏହି କ୍ରମରେ ସରକାର ଭୁବନେଶ୍ୱର ବିମାନବନ୍ଦର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ୧୦୦୦ ଏକର ଜମି ଚିହ୍ନଟ କରିଛନ୍ତି। ଏହି ଜାଗାରେ ଗ୍ରୀନଫିଲ୍ଡ ସେମିକଣ୍ଡକ୍ଟର ଓ ଇଲେକ୍ଟ୍ରୋନିକ୍ସ ଉତ୍ପାଦନ କ୍ଲଷ୍ଟର୍ ପ୍ରତିଷ୍ଠା କରାଯିବ।

ମିଳିଥିବା ସୂଚନାନୁଯାୟୀ, ରାଜ୍ୟ ସରକାର ଏହି କ୍ଲଷ୍ଟର ପ୍ରତିଷ୍ଠା ପାଇଁ ମାଲେସିଆର ଇଞ୍ଜିନିୟରିଂ ବିଶେଷଜ୍ଞଙ୍କ ସହ ଆଲୋଚନା ଆରମ୍ଭ କରିଛନ୍ତି। ସବୁ କିଛି ଯୋଜନା ଅନୁସାରେ କାର୍ଯ୍ୟନ୍ୱୟନ ହେଲେ ଖୁବ୍‌ଶୀଘ୍ର ଏହି କ୍ଲଷ୍ଟର୍ ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ।

**୨୦୩୦ ସୁଦ୍ଧା ୧୨୦ ଚିପ୍ ଡିଜାଇନ୍ କମ୍ପାନୀକୁ ଆକୃଷ୍ଟ କରିବା ଲକ୍ଷ୍ୟ**

ସୂଚନାଯୋଗ୍ୟ ଯେ କେନ୍ଦ୍ର ସରକାର ଗତ ଅଗଷ୍ଟ ମାସରେ ଓଡ଼ିଶା ପାଇଁ ଯେଉଁ ୨ଟି ସେମିକଣ୍ଡକ୍ଟର୍ ପ୍ରକଳ୍ପ ମଞ୍ଜୁର କରିଥିଲେ, ସେଥିରୁ ଗୋଟିଏ ସିକସେମ୍ କମ୍ପାନୀର ପ୍ରକଳ୍ପ ରହିଛି। ଭୁବନେଶ୍ୱରରେ ସିକସେମ ସିଲିକନ କାର୍ବାଇଡ ଆଧାରିତ କମ୍ପାଉଣ୍ଡ ସେମିକଣ୍ଡକ୍ଟର୍ ଫେବ୍ରିକେସନ୍ ୟୁନିଟ୍ ସହ ଏକ ଏଟିଏମପି (ଆସେମ୍ବ୍ଲି, ଟେଷ୍ଟିଂ, ମାର୍କେଟିଂ, ପ୍ୟାକେଜିଂ) ୟୁନିଟ୍ ପ୍ରତିଷ୍ଠା କରିବ। ଏହାର ଚିପ୍ ଫେବ୍ରିକେସନ୍ କ୍ଷମତା ବାର୍ଷିକ ୬୦ ହଜାର ୱେଫର୍ ରହିବାକୁ ଥିବା ବେଳେ ଏଟିଏମପି ପ୍ଲାଣ୍ଟର କ୍ଷମତା ୯୬ନିୟୁତ ୟୁନିଟ୍ ରହିବ ବୋଲି ଜଣାପଡ଼ିଛି। ଆସନ୍ତା ଅକ୍ଟୋବରରେ ସିକସେମ କମ୍ପାନୀର ଶିଳାନ୍ୟାସ କରାଯିବ। ପ୍ରକଳ୍ପ ପାଇଁ ଆବଶ୍ୟକ ଜମି ଚିହ୍ନଟ ସରିଥିବା ବେଳେ ଅନ୍ୟାନ୍ୟ ପ୍ରକ୍ରିୟା ବର୍ତ୍ତମାନ ଜାରି ରହିଥିବା ଜଣାପଡ଼ିଛି। ସେହିପରି ଦ୍ୱିତୀୟ ପ୍ରକଳ୍ପଟି ନ୍ୟୁ-ମେକ୍ସିକୋର୍ ୩-ଡି ଗ୍ଲାସ୍ ସଲ୍ୟୁସନ୍ ପ୍ରତିଷ୍ଠା କରିବ। ଏହି କମ୍ପାନୀ ଏଟିଏମ୍‌ପି ପ୍ଲାଣ୍ଟ ପ୍ରତିଷ୍ଠା କରିବାକୁ ଥିବା ବେଳେ ଏହାର ବାର୍ଷିକ କ୍ଷମତା ୫୦ ନିୟୁତ ୟୁନିଟ୍ ରହିବ। ସେହିପରି ଏହା ବାର୍ଷିକ ୭୦ ହଜାର ଗ୍ଲାସ୍ ପ୍ୟାନେଲ ଉତ୍ପାଦନ କରିବ ବୋଲି ଜଣାପଡ଼ିଛି। ରାଜ୍ୟ ସରକାର ନୂଆ ସେମିକଣ୍ଡକ୍ଟର୍ ନୀତି ଅନୁଯାୟୀ ଆସନ୍ତା ୨୦୩୦ ସୁଦ୍ଧା ପ୍ରାୟ ୧୦୦ରୁ ୧୨୦ ଚିପ୍ ଡିଜାଇନ କମ୍ପାନୀକୁ ଓଡ଼ିଶାରେ ନିବେଶ ପାଇଁ ଲକ୍ଷ୍ୟ ରଖିଥିବା ଜଣାପଡ଼ିଛି।


# ଦୁର୍ଘଟଣାରେ ଗଲା ୪ ଜୀବନ

## ଟ୍ରେଲର୍‌କୁ ପଛରୁ ପିଟିଲା ବାଇକ୍: ୨ ମୃତ

ରାଉରକେଲା, ୭।୯ (ସମିସ): ସ୍ଥାନୀୟ ରାଜଗାଙ୍ଗପୁର ଥାନା ଅନ୍ତର୍ଗତ ରାଣୀବନ୍ଧ ନିକଟ ୧୦ ନମ୍ବର ରାଜ୍ୟ ରାଜପଥରେ ଆଜି ଏକ ମର୍ମନ୍ତୁଦ ଦୁର୍ଘଟଣାରେ ୨ଜଣଙ୍କ ମୃତ୍ୟୁ ହୋଇଛି। ମୃତକଦ୍ୱୟ ହେଲେ, କାଂଶବାହାଲ ଅଞ୍ଚଳର ଜସବିର ବେଗ ଓ ସୋନାଖାନ ଅଞ୍ଚଳର ରୋହିତ ମାଝୀ। ଆଜି ଦୁହେଁ ଏକ ବାଇକ୍‌ରେ ଯାଉଥିବା ବେଳେ ଭାରସାମ୍ୟ ହରାଇ ଏକ ଟ୍ରେଲର୍‌କୁ ପଛରୁ ଧକ୍କା ଦେଇଥିଲେ। ସ୍ଥାନୀୟ ଲୋକ ସେମାନଙ୍କୁ ଉଦ୍ଧାର କରି ରାଜଗାଙ୍ଗପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଥିଲେ। କିନ୍ତୁ ଡାକ୍ତର ସେଠାରେ ଘୋଷଣା କରିଥିଲେ। ରାଜଗାଙ୍ଗପୁର ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଶବଦ୍ୱୟକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏକ ଦୁର୍ଘଟଣାଜନିତ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

## ପଥଚାରୀଙ୍କୁ ଧକ୍କା ଦେଲା ବାଇକ୍

ଫିରିଙ୍ଗିଆ, ୭।୯ (ସମିସ): କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ଥାନା ସାଡ଼ିଙ୍ଗିଆ ବିଏସ୍‌ଏଫ୍ କ୍ୟାମ୍ପ ନିକଟରେ ଆଜି ଏକ ଦୁର୍ଘଟଣାରେ ୨ଜଣଙ୍କ ଜୀବନ ଯାଇଛି। ମୃତକଦ୍ୱୟ ହେଲେ, ସାଡ଼ିଙ୍ଗିଆ ଗାଁର ଦାସେବନ କହଁର ଓ ବାଲିଗୁଡ଼ା ଥାନା ବାଟାଗୁଡ଼ା ପଞ୍ଚାୟତ ପୁସାଙ୍ଗିଆ ଗାଁର ଶଶିକାନ୍ତ ପ୍ରଧାନ। ସେହିଭଳି ଏହି ଦୁର୍ଘଟଣାରେ ଅନ୍ୟ ୨ଜଣ ଗୁରୁତର ଆହତ ହୋଇଛନ୍ତି। ଗୁରୁତରଦ୍ୱୟଙ୍କୁ ଫୁଲବାଣୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି।




ସୂଚନାନୁସାରେ, ଦୁଇ ଦିନ ତଳେ ସ୍ତ୍ରୀ ଓ ପିଲାଙ୍କୁ ଧରି ଶଶିକାନ୍ତ ଶଶୁରଘର ସୁମେରବନ୍ଧ ପଞ୍ଚାୟତର ବଜଡ଼ି ଗାଁକୁ ଆସିଥିଲେ। ଶନିବାର ସନ୍ଧ୍ୟାରେ ସେ ୨ଶଳାଙ୍କ ସହ ବାଇକ୍‌ରେ ସାଡ଼ିଙ୍ଗିଆ ବଜାରକୁ ଯାଇ ରାତି ପ୍ରାୟ ୯ଟାରେ ଫେରୁଥିଲେ। ଶଶିକାନ୍ତ ବାଇକ୍‌ରେ ବସିଥିବା ବେଳେ ସାନ ଶଳା ଚଲାଉଥିଲେ। ସାଡ଼ିଙ୍ଗିଆ ବିଏସ୍‌ଏଫ୍ କ୍ୟାମ୍ପ ନିକଟରେ ବାଇକ୍‌ଟି ଭାରସାମ୍ୟ ହରାଇ ବଜାରରୁ କାମ ସାରି ଘରକୁ ଚାଲିଚାଲି ଫେରୁଥିବା ଦାସେବନଙ୍କୁ ପଛପଟୁ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ହିଁ ଦାସେବନଙ୍କ ସେଠାରେ ମୃତ୍ୟୁ ହୋଇଯାଇଥିଲା। ଶଶିକାନ୍ତ ମଧ୍ୟ ବାଇକ୍‌ରୁ ଛିଟିକି ପଡ଼ି ପ୍ରାଣ ହରାଇଥିବା ବେଳେ ତାଙ୍କର ଦୁଇ ଶଳା ଗୁରୁତର ଆହତ ହୋଇଥିଲେ।

ମୃତକଦ୍ୱୟ ଶ୍ରମିକ ଶ୍ରେଣୀର। ଶଶିକାନ୍ତ ମୁମ୍ବାଇର ଏକ ଘରୋଇ କମ୍ପାନୀରେ ଶ୍ରମିକ ଭାବେ କାମ କରନ୍ତି। ନୂଆଁଖାଇ ଅବସରରେ ସେ ଘରକୁ ଆସିଥିଲେ। ତାଙ୍କର ଦୁଇଟି ଛୋଟ ଛୋଟ ଝିଅ ଅଛନ୍ତି। ଦୁର୍ଘଟଣା ପରେ ଉଭୟ ପରିବାରରେ ଶୋକର ଛାୟା ଖେଳି ଯାଇଛି। ଫିରିଙ୍ଗିଆ ଏଏସ୍‌ଆଇ ପ୍ରିୟରଞ୍ଜନ ନାଏକ ଶବଦ୍ୱୟକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏକ ଦୁର୍ଘଟଣାଜନିତ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଅପରପକ୍ଷେ, ବେପରୁଆ ଓ ଦ୍ରୁତ ଗାଡ଼ିଚାଳନା ପାଇଁ ଦୁର୍ଘଟଣା ଘଟିଥିବା ମୃତ ଦାସେବନ କହଁରଙ୍କ ବଡ଼ଭାଇ ତିଳେସନ ଥାନାରେ ଅଭିଯୋଗ କରିଛନ୍ତି।

ସକାଳ THE SAKALA



# ନିମାପଡ଼ା-ବଳଙ୍ଗା ରାସ୍ତାର ଉନ୍ନତୀକରଣ ନିମନ୍ତେ ଶିଳାନ୍ୟାସ



ନିମାପଡ଼ା,୭।୯ (ସମିସ): ନିମାପଡ଼ା-ବଳଙ୍ଗା ପୂର୍ତ୍ତବିଭାଗ ୧୪ କି.ମି ରାସ୍ତାର ଉନ୍ନତୀକରଣ ଓ ମରାମତି ନିମନ୍ତେ ରବିବାର ଭିତ୍ତିପ୍ରସ୍ତର ସ୍ଥାପନ ହୋଇଯାଇଛି। ୩୬ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟରେ ନିର୍ମାଣ ହେବାକୁ ଯାଉଥିବା ରାସ୍ତାକୁ ମୁଖ୍ୟ ଅତିଥିଭାବେ ସ୍ଥାନୀୟ ବିଧାୟିକା ତଥା ରାଜ୍ୟ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଯୋଗଦେଇ ଶିଳାନ୍ୟାସ କରିଥିଲେ। ଉକ୍ତ ରାସ୍ତା କାର୍ଯ୍ୟର ଏଷ୍ଟିମେଟ୍ ଅନୁଯାୟୀ ମରାମତି କାର୍ଯ୍ୟ ୧ ବର୍ଷ ମଧ୍ୟରେ ଶେଷ କରାଯିବା ସହିତ ବିଭାଗୀୟ ଅଧିକାରୀମାନେ ରାସ୍ତା ନିର୍ମାଣ କାର୍ଯ୍ୟକୁ ତଦାରଖ କରିବାକୁ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ଶିଳାନ୍ୟାସ ଉତ୍ସବରେ ପୂର୍ତ୍ତବିଭାଗ ଅଧୀକ୍ଷଣ ଯନ୍ତ୍ରୀ ସୌମ୍ୟରଞ୍ଜନ ଦ୍ୱିବେଦୀ, ନିମାପଡ଼ା ବିଡିଓ ଡ. ଅଭିଜିତ ଷଡ଼ଙ୍ଗୀ, ନିମାପଡ଼ା ପୂର୍ତ୍ତବିଭାଗ ସହକାରୀ କାର୍ଯ୍ୟନିର୍ବାହୀ ଅଧିକାରୀ କୁଶାଳ ହେମ୍ବ୍ରମ, କନିଷ୍ଠ ଯନ୍ତ୍ରୀ ଦିଲ୍ଲୀପ କୁମାର ବିଶ୍ୱାଳ, ଠିକାସଂସ୍ଥା ବଳଭଦ୍ର ଡେଭଲପ୍‌ମେଣ୍ଟ ଲିମିଟେଡ୍‌ର ଡାଇରେକ୍ଟର ରାହୁଲ ଅଗ୍ରୱାଲ, ଜେନେରାଲ ମ୍ୟାନେଜର ସୁଧାଂଶୁ ଭୂଷଣ ଜେନା, ପ୍ରକଳ୍ପ ନିର୍ଦ୍ଦେଶକ ବିଶ୍ୱଜିତ୍ ମହାନ୍ତି, ସାଂସଦଙ୍କ ନିମାପଡ଼ା ବ୍ଲକ୍ ପ୍ରତିନିଧି ପୂର୍ଣ୍ଣଚନ୍ଦ୍ର ଓଝା, ସାଂସଦଙ୍କ ନିମାପଡ଼ା ନଗର ପ୍ରତିନିଧି ମୀନଲତା ମହାନ୍ତି, ଗୋପ ବ୍ଲକ୍ ପ୍ରତିନିଧି ସୁଶାନ୍ତ ସ୍ୱାଇଁ, ନଗର ସଭାପତି ନିରଞ୍ଜନ ନାୟକ, ସମ୍ପାଦକ ଜ୍ୟୋତିରଞ୍ଜନ ସାହୁ, ଯୁବ ସଭାପତି ସାଇ ପ୍ରୀତମ୍ ପଟ୍ଟନାୟକ, ଆମ୍ବା ଅଧ୍ୟକ୍ଷ ଦିଲ୍ଲୀପ କୁମାର ପରିଡ଼ା, ମଣ୍ଡଳ ସଭାପତି ସନ୍ତୋଷ ପରିଡ଼ାଙ୍କ ସମେତ ଦଳୀୟ କର୍ମୀ ଓ ବିଭାଗୀୟ କର୍ମଚାରୀମାନେ ଉପସ୍ଥିତ ଥିଲେ।

# ଗୋପକୁ ଏନ୍‌ଏସି ଦାବିରେ ଏକାଠି ହେଲେ ଜନସାଧାରଣ



ଗୋପ,୭।୯ (ସମିସ): ଗୋପକୁ ବିଜ୍ଞପିତ ଅଞ୍ଚଳ ଘୋଷଣା କରିବା ନିମନ୍ତେ ଏକାଠି ହୋଇଛନ୍ତି ବରିଷ୍ଠ ନାଗରିକ, ଯୁବଗୋଷ୍ଠୀ, ବିଭିନ୍ନ ରାଜନୈତିକ ଦଳ ଓ ସାମ୍ବାଦିକ। ରବିବାର ଗୋପ ଆଖଣ୍ଡଳମଣି ଶୈବପୀଠରେ ଜିତେନ୍ଦ୍ର ସାହୁଙ୍କ ଆବାହକତ୍ୱରେ ଅନୁଷ୍ଠିତ ବୈଠକରେ ଗୋପକୁ ସରକାର ଦୀର୍ଘ ବର୍ଷ ଧରି ଅଣଦେଖା କରିଆସୁଛନ୍ତି। ବର୍ଷ ବର୍ଷ ଧରି ଗୋପକୁ ଏନ୍‌ଏସି ଘୋଷଣା କରିବାକୁ ଦାବି ହୋଇ ଆସୁଥିଲେ ମଧ୍ୟ ଅଦ୍ୟାବଧି ଏନ୍‌ଏସି ଘୋଷଣା ହୋଇନାହିଁ। ଫଳରେ ବିଭିନ୍ନ ସୁବିଧାସୁଯୋଗ ପାଇବାରୁ ବଞ୍ଚିତ ହେଉଛି। ଏନ୍‌ଏସି ଲାଗି ସମସ୍ତ ମାନଦଣ୍ଡ ଥିଲେ ମଧ୍ୟ କାହିଁକି ଗୋପକୁ ଏନ୍‌ଏସି ଘୋଷଣା କରାଯାଉନାହିଁ ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଗୋପକୁ ଏନ୍‌ଏସି କରିବାକୁ ଆନ୍ଦୋଳନକୁ ବ୍ୟାପକ କରାଯିବା ପାଇଁ ବୈଠକରେ ଆଲୋଚନା କରାଯାଇଥିଲା। ଏହା ସହିତ ଏକ କମିଟି ଗଠନ କରାଯାଇଥିବା ଜଣାପଡ଼ିଛି। ଉପଦେଷ୍ଟା ଭାବେ ବରିଷ୍ଠ ନାଗରିକ ବିଭୂତି ଭୂଷଣ ପଟ୍ଟନାୟକ, ପୁନେସ ସେନାପତି, ପ୍ରମୋଦ ସ୍ୱାଇଁ, ପବିତ୍ର ଦାସ ରହିଥିବାବେଳେ କମିଟି ସଦସ୍ୟ ଭାବେ ପ୍ରତାପ ପରିଡ଼ା, ମନଦିପ୍ ପାଇକରାୟ, ସଚ୍ଚିଦାନନ୍ଦ ଗୋଛାୟତ, ଜିତେନ୍ଦ୍ର ସାହୁ, ପୂର୍ବତନ ସରପଞ୍ଚ ସୁଶାନ୍ତ ସ୍ୱାଇଁ, ବସନ୍ତ ସେନାପତି, ବିଷ୍ଣୁ ଚରଣ ପ୍ରଧାନ, ସମରେନ୍ଦ୍ର ସିଂ, ସେକ୍ ଅସମତ ବକ୍ସ, ସତରାଜ ଖାନ୍, ସୁଧାଂଶୁ ସେନାପତି, ଗୁନାକାର ଭୋଇ ଚୟନ ହୋଇଥିବାବେଳେ ସାମ୍ବାଦିକ ଭାରତୀ ଭୂଷଣ ଉପାଧ୍ୟାୟ, ସୁବାସ ରଞ୍ଜନ ସେନାପତି, ମିଲନ ମହାନ୍ତି, ସୁରେଶ ସାହୁ, ସନ୍ତୋଷ ରାୟ, ପ୍ରଶାନ୍ତ ରାୟ, ଶତ୍ରୁଘ୍ନ ସେନାପତି, ସଞ୍ଜୟ ସେନାପତି ଗଣମାଧ୍ୟମ କମିଟିରେ ଚୟନ ହୋଇଛନ୍ତି। ଆଗାମୀ ଦିନରେ ଏକ ପ୍ରତିନିଧିମଣ୍ଡଳୀ ଉପମୁଖ୍ୟମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କୁ ଭେଟି ଗୋପକୁ ଏନ୍‌ଏସି ଘୋଷଣା କରିବାକୁ ଦାବିପତ୍ର ପ୍ରଦାନ କରିବେ ବୋଲି ଜଣାପଡ଼ିଛି।

■ କାଦୁଅ ପଚପଚ ଓଥକା ପାଳି ହାଟ

# ହାଟ ମଝିରେ ବ୍ୟବସାୟୀ ରୋଇଲେ ତଳି



କାକଟପୁର/ଗମ୍ଭାରୀପଦା,୭।୯ (ସମିସ): ପୁରୀ ଜିଲ୍ଲା କାକଟପୁର ବ୍ଲକ୍‌ର ସର୍ବପୁରାତନ ହାଟ ତଥା ପାନ ହାଟ ପାଇଁ ସାରା ରାଜ୍ୟରେ ଦିନେ ପ୍ରସିଦ୍ଧିଲାଭ କରିଥିଲା। ଏବେ କିନ୍ତୁ ହାଟର ଅବସ୍ଥା କହିଲେ ନସରେ। ଓଥକା ହାଟଟି ଅସରାଏ ବର୍ଷାରେ କାଦୁଅ ପଚପଚ ହେଉଥିବାବେଳେ ଚାଷୀମାନେ ହାଟରୁ ମୁହଁ ଫେରାଉଛନ୍ତି। ଅନ୍ୟପଟେ ଏଭଳି ଅବସ୍ଥା ଦୀର୍ଘ ଦିନ ଧରି ଲାଗିଥିଲେ ମଧ୍ୟ ଏହାକୁ ସୁଧାରିବାରେ ବିଫଳ ହୋଇଛି ସ୍ଥାନୀୟ ପ୍ରଶାସନ। ଦୀର୍ଘ ଦିନର ସମସ୍ୟା ନ ସୁଧାରିବାରୁ ରବିବାର ପାଳି ହାଟ ଚାଲିଥିବାବେଳେ ସ୍ଥାନୀୟ ବ୍ୟବସାୟୀମାନେ ଉକ୍ତ କାଦୁଅ ପଚପଚ ଜାଗାରେ ହଳ କରିବା ସହିତ ଧାନ ତଳି ରୋଇବା ଭଳି ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ସ୍ଥାୟୀ ବ୍ୟବସାୟୀମାନେ ନିଜ ବ୍ୟବସାୟ କରି ନ ପାରି ଦୁଃଖରେ କାଳାତିପାତ କରୁଥିବାବେଳେ ପଞ୍ଚାୟତ ପ୍ରଶାସନକୁ ଧିକ୍କାର କରିଛନ୍ତି।

ଓଥକା ହାଟ ସ୍ଥାନୀୟ ଅଞ୍ଚଳର ପାନ ଚାଷୀ ଓ ପରିବା ଚାଷୀଙ୍କ ଜୀବନ ରେଖା ହୋଇଥିବାବେଳେ ଏହା ଦିନକୁ ଦିନ ଦୁର୍ବିସହ ହୋଇପଡ଼ିବା ସାଙ୍ଗକୁ ସ୍ଥାୟୀ ବ୍ୟବସାୟୀମାନେ ଅଣ୍ଟା ସଳଖି ଠିଆ ହୋଇପାରୁନାହାନ୍ତି। ଏ ସଂକ୍ରାନ୍ତରେ ସ୍ଥାନୀୟ ସରପଞ୍ଚ କୁନିଲତା କାଣ୍ଡିଙ୍କୁ ପଚାରିବାରେ ସେ ଓଥକା ହାଟରୁ ଆସୁଥିବା ଅର୍ଥରେ ହାଟର ସମସ୍ୟା ସୁଧାରିବା ପର୍ଯ୍ୟାପ୍ତ ହେଉନଥିବାରୁ ସମସ୍ୟା ଲାଗିରହୁଥିବା ପ୍ରତିକ୍ରିୟାରେ ପ୍ରକାଶ କରିଛନ୍ତି। ତୁରନ୍ତ ସ୍ଥାନୀୟ ପ୍ରଶାସନ ଓ ପୁରୀ ଜିଲ୍ଲାପାଳ ଦୃଷ୍ଟି ଦେଇ ସମସ୍ୟା ସୁଧାରିଲେ ଚାଷୀମାନେ ଉପକୃତ ହୋଇପାରିବେ ବୋଲି ବୁଦ୍ଧିଜୀବୀମାନେ ମତବ୍ୟକ୍ତ କରିଛନ୍ତି।

# ପ୍ରଧାନଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



ଡେଲାଙ୍ଗ,୭।୯ (ସମିସ): ଡେଲାଙ୍ଗ ବ୍ଲକ୍ ଗୋଦାସାହି ପ୍ରାଥମିକ ବିଦ୍ୟାଳୟର ଆଦର୍ଶ ପ୍ରଧାନଶିକ୍ଷକ ଗୋପାଳ ଚନ୍ଦ୍ର ମହାପାତ୍ରଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ଉତ୍ସବ ଶିକ୍ଷାବିତ୍ ପ୍ରହ୍ଲାଦ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଡେଲାଙ୍ଗ ବ୍ଲକ୍ ଅଧ୍ୟକ୍ଷା ବାସନ୍ତୀ ସାହୁ, ଉପାଧ୍ୟକ୍ଷ ଦୁର୍ବାସା ନିଶଙ୍କ, ଶିଶୁ ସାହିତ୍ୟିକ ବିରେନ୍ଦ୍ର ମହାନ୍ତି, ପ୍ରଶାନ୍ତ ମଙ୍ଗରାଜ, ପ୍ରାକ୍ତନ ଜିଲ୍ଲା ପରିଷଦ ମଳୟ ମହାନ୍ତି, ପୂର୍ବତନ ପିପିଲି ଡିଆଇ ସଚ୍ଚିଦାନନ୍ଦ ପ୍ରଧାନ, ପିପିଲିର ପ୍ରାକ୍ତନ ବିଇଓ ପ୍ରମୋଦ କୁମାର ପରିଡ଼ା, ଏବିଇଓ ସୁଷମା ଦାଶ, ସଞ୍ଜୁକ୍ତା ମିଶ୍ର, ପ୍ରାକ୍ତନ ଶିକ୍ଷା ଅଣ୍ଡୁନିରୀକ୍ଷକ ହରିହର ସାହୁ, ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷୟିତ୍ରୀ ମିନତୀ ପଟ୍ଟନାୟକ, ଶିକ୍ଷାବିତ୍ ରମେଶ ରାଉତରାୟ, ପୂର୍ବତନ ଶିକ୍ଷକ ଚନ୍ଦ୍ରଭାନୁ ସାହୁ, ଶିକ୍ଷାବିତ୍ ତଥା ସୁସାହିତ୍ୟିକ ସନ୍ତୋଷ ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। ଡେଲାଙ୍ଗ ବ୍ଲକ୍ ପ୍ରାଥମିକ ଶିକ୍ଷକ ସଂଘ ସଭାପତି ଦିଗମ୍ବର ରଥ, ସମ୍ପାଦକ ପ୍ରଶାନ୍ତ ଦାସ, ସୁରେନ୍ଦ୍ର ନାୟକ ପ୍ରମୁଖ ସଂଘ ତରଫରୁ ଉକ୍ତ ବିଦ୍ୟାଳୟରେ ୨୧ ବର୍ଷର ତାଙ୍କର ଶିକ୍ଷା ସେବା ଓ ସଂଘୀୟ ଭାବକୁ ମନେପକାଇ ମଞ୍ଚରେ ସମ୍ମାନିତ କରିଥିଲେ। ମେଧା ଛାତ୍ରୀ ନୀଳିମା ପୃଷ୍ଟି ଓ ସୁନିତା ବରାଳଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସଭାରେ "ବୁଦ୍ଧଶୀଳା' ପୁସ୍ତକ ଉନ୍ମୋଚିତ ହୋଇଥିଲା।

# ନିଲମ୍ବିତ ସମ୍ପାଦକଙ୍କୁ ପୁନଃନିଯୁକ୍ତି ପ୍ରତିବାଦରେ ଜିଲ୍ଲାପାଳଙ୍କୁ ଦାବିପତ୍ର

ସାକ୍ଷୀଗୋପାଳ,୭।୯ (ସମିସ): ସତ୍ୟବାଦୀ ବ୍ଲକ୍ ଅନ୍ତର୍ଗତ ବଳପୁର ସେବା ସମବାୟ ସମିତିରେ ଦୁଇ ଥର ନିଲମ୍ବିତ ସମବାୟ ସମ୍ପାଦକଙ୍କୁ ପୁନଃନିଯୁକ୍ତି ପ୍ରତିବାଦରେ ବଳପୁର ସେବା ସମିତିରେ ଚାଷୀ ଅସନ୍ତୋଷ ହେବା ସହ ଆନ୍ଦୋଳନ ପାଇଁ ସମସ୍ତ ବିଭାଗୀୟ ଅଧିକାରୀଙ୍କୁ ପତ୍ର ପ୍ରଦାନ କରାଯାଇଛି। ପୁରୀ ଜିଲ୍ଲାପାଳଙ୍କୁ ପ୍ରଦାନ କରାଯାଇଥିବା ଦାବିପତ୍ରରୁ ଜଣାପଡ଼ିଛି ଯେ, ବଳପୁର ସେବା ସମବାୟ ସମିତିରେ ୧୦ ବର୍ଷ ତଳେ ଦୁର୍ନୀତି ଅଭିଯୋଗରେ ନିଲମ୍ବିତ ହୋଇଥିବା ସମ୍ପାଦକଙ୍କୁ ବିନା ତଦନ୍ତରେ ପୁନଃ ଉକ୍ତ ସେବା ସମବାୟ ସମିତିରେ ନିଯୁକ୍ତି କରାଯାଇଛି।

ଏହି ସମିତିରେ ପୂର୍ବରୁ କାର୍ଯ୍ୟରତ ନନ୍ କ୍ୟାଡର୍ ସେକ୍ରେଟାରୀ କର୍ପୂର ସ୍ୱାଇଁ ୨.୫.୨୦୧୬ରେ ବଳପୁର ସେବା ସମବାୟ ସମିତିରେ ନାନାଦି ଦୁର୍ନୀତି କରିଥିବା ଅଭିଯୋଗରେ ପୁରୀ ଉପଜିଲ୍ଲାପାଳ, ସମବାୟ ସମିତିର ଉପନିବନ୍ଧକ ଓ ସତ୍ୟବାଦୀ ସମବାୟ ସମିତି ସିଇଓଙ୍କ ଦ୍ୱାରା କାର୍ଯ୍ୟରୁ ନିଲମ୍ବିତ ହୋଇଥିଲେ। ସମବାୟ ସମିତିର ରେଜିଷ୍ଟ୍ରର କୋ-ଅପରେଟିଭ୍ ସୋସାଇଟି, ଭୁବନେଶ୍ୱର, ପୁରୀ ସମବାୟ ଉପନିବନ୍ଧକ ଓ ସତ୍ୟବାଦୀ ସମବାୟ ସମିତି ସିଇଓ କମଳ କୁମାର ଆଚାର୍ଯ୍ୟଙ୍କୁ ଉପଜିଲ୍ଲାପାଳ ଏହି ଦୁର୍ନୀତି ସମ୍ବନ୍ଧରେ ଏକ ସ୍ୱତନ୍ତ୍ର ତଦନ୍ତ କରି ନିଲମ୍ବିତ ସମିତି ସମ୍ପାଦକଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ତତ୍କାଳୀନ ବଳପୁର ସେବା ସମବାୟ ସମିତିର ଦାୟିତ୍ୱରେ ଥିବା ଶ୍ରୀ ଆଚାର୍ଯ୍ୟଙ୍କ ଖାମଖିଆଲି ମନୋଭାବ ଓ ନିଲମ୍ବିତ ସମ୍ପାଦକଙ୍କ ପ୍ରତି ସମର୍ଥନ ମନୋବୃତ୍ତି ଯୋଗୁଁ ଆଜକୁ ୧୦ ବର୍ଷ ହେବ କୌଣସି ତଦନ୍ତ ନକରି ଏବଂ ସମ୍ପାଦକଙ୍କ ଦୁର୍ନୀତିର ଶିକାର ହେଉଥିବା ଚାଷୀ ଓ ସମବାୟ ସମିତିର ସଭ୍ୟ/ସଭ୍ୟାଙ୍କୁ ଅଣଦେଖା କରି ଏକ ଶୋଷଣ ମନୋବୃତ୍ତି ରଖି ପୁନଃ ସେହି ସମ୍ପାଦକ କର୍ପୂର ସ୍ୱାଇଁଙ୍କୁ ଉକ୍ତ ସମବାୟ ସମିତିରେ ଗତ ୬.୭.୨୦୨୩ରେ ନିଯୁକ୍ତି ଦେଇଥିଲେ। ଯେଉଁ ନିଯୁକ୍ତିକୁ ସ୍ଥାନୀୟ ବାସିନ୍ଦା ଓ ସମବାୟ ସମିତିର ସମସ୍ତ ଚାଷୀ ଗ୍ରହଣ କଲେନାହିଁ। ଫଳରେ ୨୨.୭.୨୦୨୩ରେ ପୁରୀ ସହକାରୀ ଉପନିବନ୍ଧକଙ୍କ କାର୍ଯ୍ୟାଳୟରେ ତତ୍କାଳୀନ ସହକାରୀ ଉପନିବନ୍ଧକ, ତତ୍କାଳୀନ ସିଇଓ ଶ୍ରୀ ଆଚାର୍ଯ୍ୟ ଓ ଶତାଧିକ ଚାଷୀ, ସମ୍ପାଦକ କର୍ପୂର ସ୍ୱାଇଁଙ୍କ ଉପସ୍ଥିତିରେ ତାଙ୍କୁ ବଳପୁର ସମବାୟ ସମିତିରୁ ବଦଳି କରାଯାଇ ଅନ୍ୟତ୍ର ସେବା ସମବାୟ ସମିତିର ଦାୟିତ୍ୱ ଦେବା ସହ ତାଙ୍କ ବିରୋଧରେ ପୂର୍ବରୁ ଥିବା ଅଭିଯୋଗକୁ ତୁରନ୍ତ ତଦନ୍ତ କରିବା ପାଇଁ ସହକାରୀ ଉପନିବନ୍ଧକ ଲିଖିତ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ବର୍ତ୍ତମାନ ପର୍ଯ୍ୟନ୍ତ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନାହିଁ। ଏହି ସମସ୍ୟାର ସୁସମାଧାନ ନ ହୋଇ ବଳପୁର ସେବା ସମବାୟ ସମିତିରୁ ନିଲମ୍ବିତ ସମ୍ପାଦକଙ୍କୁ ଯଦି ଏହି ସମିତିରେ ପୁନଃନିଯୁକ୍ତି କରାଯାଏ, ତେବେ ସମସ୍ତ ଚାଷୀ ପୁରୀ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ନିକଟରେ ଆମରଣ ଅନଶନ କରିବେ ବୋଲି ଚେତାବନୀ ଦେଇଛନ୍ତି। ଏ ସମ୍ପର୍କରେ ମୁଖ୍ୟମନ୍ତ୍ରୀ, ମୁଖ୍ୟ ଶାସନ ସଚିବ, ସମବାୟ ସଚିବ, ରେଜିଷ୍ଟ୍ରର କୋ-ଅପରେଟିଭ୍ ଭୁବନେଶ୍ୱର, ସହକାରୀ ଉପନିବନ୍ଧକ, ପୁରୀ ଓ ସିଇଓ ସତ୍ୟବାଦୀଙ୍କୁ ପତ୍ର ଦ୍ୱାରା ଅବଗତ କରାଯାଇଛି ବୋଲି ଜଣାପଡ଼ିଛି।

# ଦୁର୍ଘଟଣାରେ ଯୁବକ ମୃତ

ସାକ୍ଷୀଗୋପାଳ,୭।୯ (ସମିସ): ସତ୍ୟବାଦୀ ଥାନା ଅନ୍ତର୍ଗତ ପୁରୀ-ଭୁବନେଶ୍ୱର ଜାତୀୟ ରାଜପଥର କାଦୁଆ ଛକ ନିକଟରେ ରବିବାର ରାତି ୧୦ଟା ସମୟରେ ଏକ ଦୁର୍ଘଟଣା ଘଟି ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ହୋଇଛି। ବ୍ରହ୍ମଗିରି ଥାନା ଅନ୍ତର୍ଗତ ସାହାଜାହାନପୁର ଗ୍ରାମର ନିର୍ମଳ ଦାସ (୩୫) ଏକ ବାଇକ୍ ଯୋଗେ ବ୍ରହ୍ମଗିରିରୁ ଭୁବନେଶ୍ୱର ଅଭିମୁଖେ ଯାଉଥିଲେ। କାଦୁଆ ଛକ ନିକଟରେ ହଠାତ୍ ୨ଟି ବାଛୁରୀ ରାଜପଥ ଉପରକୁ ଉଠି ଆସିଥିଲେ। ସେ ଭାରସାମ୍ୟ ହରାଇ ବାଛୁରୀଦ୍ୱୟଙ୍କ ସହିତ ପିଟି ହୋଇ ରାଜପଥ ଉପରକୁ ଛିଟିକି ପଡ଼ି ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଜନସାଧାରଣ ତାଙ୍କୁ ତୁରନ୍ତ ଚିକିତ୍ସା ନିମନ୍ତେ ସାକ୍ଷୀଗୋପାଳ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। କିନ୍ତୁ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ଦୁର୍ଘଟଣାରେ ବାଛୁରୀଦ୍ୱୟଙ୍କର ମଧ୍ୟ ମୃତ୍ୟୁ ଘଟିଛି। ସତ୍ୟବାଦୀ ପୁଲିସ ମୃତଦେହ ଓ ଦୁର୍ଘଟଣାଗ୍ରସ୍ତ ବାଇକ୍‌ଟିକୁ ଜବତ କରିଛି। ସୋମବାର ଶବ ବ୍ୟବଚ୍ଛେଦ କରାଯିବ ବୋଲି ଥାନା ଆଇଆଇସି ବିଜୟ କେତନ ବେହେରାଙ୍କ ସୂତ୍ରରୁ ଜଣାପଡ଼ିଛି। ପୁରୀ-ଭୁବନେଶ୍ୱର ଜାତୀୟ ରାଜପଥ ଉପରେ ଗାଈଗୋରୁଙ୍କ ଅବାଧ ବିଚରଣ ଫଳରେ ନିୟମିତ ଦୁର୍ଘଟଣା ଘଟୁଛି। ଅକାଳରେ ଅନେକ ଧନଜୀବନ ନଷ୍ଟ ହେଉଛି। ଜାତୀୟ ରାଜପଥ କର୍ତ୍ତୃପକ୍ଷ ଓ ସ୍ଥାନୀୟ ପ୍ରଶାସନ ଏହା ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ନିମନ୍ତେ ସାଧାରଣରେ ମତ ପ୍ରକାଶ ପାଇଛି।

# ସ୍ୱଚ୍ଛ ଭାରତ ଅଭିଯାନ

ନିମାପଡ଼ା,୭।୯ (ସମିସ): ଜନସାଧାରଣ ସୁସ୍ଥ ରହିବାକୁ ହେଲେ ପରିବେଶ ପରିଷ୍କାର ପରିଚ୍ଛନ୍ନ ରହିବା ଦରକାର। ଏ ନେଇ ରବିବାର ନିମାପଡ଼ା ବିଜେପି କର୍ମୀମାନେ ବ୍ଲକ୍ ପରିସର ସଫେଇ କରୁଥିବା ଦେଖିବାକୁ ମିଳିଛି। ନଗର ସଭାପତି ନିରଞ୍ଜନ ନାୟକଙ୍କ ନେତୃତ୍ୱରେ ସମ୍ପାଦକ ଜ୍ୟୋତିରଞ୍ଜନ ସାହୁ, ନଗର ଯୁବ ସଭାପତି ସାଇ ପ୍ରିତମ ପଟ୍ଟନାୟକ, ଜିଲ୍ଲା କମିଟି ସଦସ୍ୟ ଭକ୍ତବନ୍ଧୁ ବିଶ୍ୱାଳ, ଆମ୍ବା ଅଧ୍ୟକ୍ଷ ଦିଲ୍ଲୀପ ପରିଡ଼ା, ମଣ୍ଡଳ ସଭାପତି ସନ୍ତୋଷ ପରିଡ଼ା, କୃଷ୍ଣଚନ୍ଦ୍ର ସ୍ୱାଇଁ, ବ୍ରଜ ମୋହନ ନାୟକ, କୈଳାଶ ଚନ୍ଦ୍ର କରଙ୍କ ସମେତ ଶତାଧିକ କର୍ମୀ ନିମାପଡ଼ା ବ୍ଲକ୍ ପରିସରକୁ ସଫେଇ କରିଥିଲେ।

# ବଜ୍ରପାତରୁ ରକ୍ଷା ପାଇବା ପାଇଁ ତାଳଚାରା ରୋପଣ

ଗୋପ,୭।୯ (ସମିସ): ଜଳବାୟୁ ପରିବର୍ତ୍ତନର ସଙ୍କଟାପନ୍ନ ପରିସ୍ଥିତିରେ ଦିନକୁ ଦିନ ବଜ୍ରପାତଜନିତ ମୃତ୍ୟୁସଂଖ୍ୟା ବଢ଼ିବାରେ ଲାଗିଛି। ପୁରୀ ଜିଲ୍ଲା ଗୋପ ବ୍ଲକ୍‌ର 'ପ୍ରକୃତି ମିତ୍ର' ପୁରସ୍କାରପ୍ରାପ୍ତ ଅଗ୍ରଣୀ ସାମାଜିକ ସଂଗଠନ ସବୁଜ ସଂକଳ୍ପ ନିଜକୁ ସାମିଲ କରି ବ୍ୟାପକ ରୂପେ ତାଳଚାରା ରୋପଣ କରୁଛି। ସଂଗଠନର ସ୍ୱେଚ୍ଛାସେବୀ ଦୀର୍ଘ ଏକ ସପ୍ତାହ ଧରି ବିଭିନ୍ନ ସ୍ଥାନରୁ ୩୩୦୦ ତାଳ ମଞ୍ଜି ସଂଗ୍ରହ କରିଥିଲେ। ଗଳଦରିଠାରୁ ଇଟାକୁଦ ପର୍ଯ୍ୟନ୍ତ ମୁଗେଇ ନଦୀ ବନ୍ଧ ପାର୍ଶ୍ୱରେ ମଞ୍ଜି ରୋପଣ କରାଯାଇଛି। ଏହି କାର୍ଯ୍ୟକ୍ରମ ପ୍ରକୃତି ପ୍ରେମୀ ତାପସ ସାହୁଙ୍କ କରକମଳରେ ଉଦ୍‌ଘାଟିତ ହୋଇଥିଲା। ଆଗାମୀ ଦିନରେ ସଂଗଠନ ସହ ଅଧିକରୁ ଅଧିକ ତାଳଚାରା ରୋପଣ କରିବା ପାଇଁ ଶ୍ରୀ ସାହୁ ଦୃଢ଼ୋକ୍ତି ପ୍ରକାଶ କରିଥିଲେ। ଶିକ୍ଷକ ଆଲୋକ ପ୍ରଧାନ ଏବଂ ସୁଧାଂଶୁ ଶେଖର ସେଠୀ ସାମିଲ ହୋଇ ଉତ୍ସାହିତ କରିଥିଲେ। ସଭାପତି ରମେଶ ବେହେରା, ସମ୍ପାଦକ ରମାକାନ୍ତ ପାଣି, ମଦନ ମୋହନ ପ୍ରଧାନ, ନରହରି ଖଟୋଇ, କୃଷ୍ଣ ଚନ୍ଦ୍ର ମଲ୍ଲିକ, ପବିତ୍ର ମୋହନ ପ୍ରଧାନ, ଅମିୟ ଭଞ୍ଜ, ରଶ୍ମି ରଞ୍ଜନ ନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ବନ୍ଧୁକରେ ମୁଣ୍ଡ ଫଟାଇ ଲୁଟିନେଲେ ୨ ଲକ୍ଷ



ନୟାହାଟ,୭।୯ (ସମିସ): ସ୍ଥାନୀୟ ପୁଲିସର ପାଟ୍ରୋଲିଂ ଅଭାବରୁ ନୟାହାଟ-କାକଟପୁର ମୁଖ୍ୟ ରାସ୍ତାରେ ଡକାୟତି ବଢ଼ିବାରେ ଲାଗିଛି। ନୟାହାଟ ଅଞ୍ଚଳର ସାର ଡିଲର ସର୍ବେଶ୍ୱର ସାହୁଙ୍କର ସୋମନାଥପୁର ନିକଟରେ ସାର ଗୋଦାମ ରହିଛି। ତାଙ୍କ ପୁଅ ସନ୍ତୋଷ ସାହୁ ରାତି ୯ଟାରେ ଘରକୁ ଫେରିବା ବାଟରେ ଗୋପିକାନ୍ତପୁର ଶାସନ ନିକଟରେ ଦୁଇଟି ବାଇକ୍‌ରେ ୪ଜଣ ଦୁର୍ବୃତ୍ତ ତାଙ୍କ ଗାଡ଼ିକୁ ଅଟକାଇ ମୁଣ୍ଡରେ ବନ୍ଧୁକ ଲଗାଇ ତାଙ୍କଠାରୁ ଟଙ୍କା ବ୍ୟାଗ୍ ଛାଡ଼େଇବାକୁ ଉଦ୍ୟମ କରିଥିଲେ। ସନ୍ତୋଷ ନ ଦେବାରୁ ତାଙ୍କ ମୁଣ୍ଡକୁ ବନ୍ଧୁକ ଦ୍ୱାରା ବାଡ଼େଇ ଫଟାଇ ରକ୍ତାକ୍ତ କରି ଟଙ୍କା ବ୍ୟାଗ୍ ଛଡ଼ାଇ ନେଇଥିଲେ। ବ୍ୟାଗ୍‌ରେ ୨ଲକ୍ଷ ୧୨ହଜାର ଓ ଏକ ଲାପଟପ୍ ଥିବା ନେଇ କାକଟପୁର ଥାନାରେ ସନ୍ତୋଷ ଅଭିଯୋଗ କରିଛନ୍ତି। ଏ ପର୍ଯ୍ୟନ୍ତ କାହାରିକୁ ଧରାଯାଇନାହିଁ।

# ବିଭିନ୍ନ ସ୍ଥାନରେ ଭାଗବତ ଜନ୍ମୋତ୍ସବ


କଣାସ/କାକଟପୁର,୭।୯ (ସମିସ): ରବିବାର ଥିଲା ପବିତ୍ର ଭାଦ୍ରବ ପୂର୍ଣ୍ଣିମା ବା ଇନ୍ଦୁ ପୂର୍ଣ୍ଣିମା। ସାରା ରାଜ୍ୟରେ ଭାଗବତଙ୍କ ଜନ୍ମ ଉତ୍ସବ ମହାସମାରୋହରେ ପାଳିତ ହେଉଥିବାବେଳେ ପୁରୀ ଜିଲ୍ଲା କଣାସ, କାକଟପୁର, ଅସ୍ତରଙ୍ଗ, ନୟାହାଟ ଓ ଏହାର ଆଖପାଖ ଅଞ୍ଚଳର ବିଭିନ୍ନ ମଠ, ମନ୍ଦିରରେ ଭକ୍ତି ଓ ନିଷ୍ଠାର ସହିତ ଭାଗବତ ଜନ୍ମ ଉତ୍ସବ ଅନୁଷ୍ଠିତ ହୋଇଥିଲା। ପୂଜା ପାଉଥିବା ଭାଗବତ ଗାଦିକୁ ଗଙ୍ଗା ଜଳରେ ସ୍ନାନ କରାଯାଇ ନବବସ୍ତ୍ର ପିନ୍ଧାଯାଇଥିଲା। ପରେ ଭାଗବତ ଗାଦିଙ୍କ ନିକଟରେ ଚୁଡ଼ା ଘସା, କଦଳୀ ଓ ଅନ୍ନ ପ୍ରସାଦ ଭୋଗ ଲାଗି କରାଯାଇଥିଲା। ଭକ୍ତ ଓ ଶ୍ରଦ୍ଧାଳୁମାନେ ଭାଗବତ ଗୋସାଇଁଙ୍କୁ ପ୍ରଣାମ ଓ ବନ୍ଦାପନା କରିଥିଲେ। ଏଥିପାଇଁ ବିଭିନ୍ନ ଗାଁର କୋଠ ଘର, ମଠ, ଭାଗବତ ଟୁଙ୍ଗିମାନଙ୍କରେ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା।

# ଦୟାନଦୀରେ ପହଞ୍ଚିଲା ବନ୍ୟାଜଳ



କଣାସ,୭।୯ (ସମିସ): ଦୟା ଓ ତାହାର ଶାଖା ନଦୀଗୁଡିକରେ ହୀରାକୁଦରୁ ଖୋଲିଥିବା ୨୪ଟି ଗେଟ୍‌ର ବନ୍ୟାଜଳ ଶନିବାରଠାରୁ ପହଞ୍ଚିଛି। ଦୟାନଦୀରେ ବିପଦ ସଙ୍କେତ ୩.୯୯ ମି.ମି. ଥିବାବେଳେ ୩ ମି.ମି. ବନ୍ୟାଜଳ ରବିବାର ସନ୍ଧ୍ୟାରେ ପ୍ରବାହିତ ହେଉଛି। ଯାହା ଫଳରେ କି ଦୟା ଓ ରାଜୁଆ ନଦୀର ମଧ୍ୟବର୍ତ୍ତୀ ଅଞ୍ଚଳ ଦୋକନ୍ଦା, ବଡ଼ାସ, ଗଡ଼ବଳଭଦ୍ରପୁର ଗ୍ରାମପଞ୍ଚାୟତର ଦୋକନ୍ଦା, କଦଳୀଦଣ୍ଡା, ବାଲିପାଟଣା, ତରପଡ଼ା, ବୈଦ୍ୟନାଥ ପାଟଣା, କଖାରୁବସ୍ତ, ସବଳଙ୍ଗ, ଅଠରବାଟିଆ ଗ୍ରାମର ଧାନ ଓ ପରିବା ଫସଲ ଜମି ଦୀର୍ଘ ୧ମାସ ହେଲା ବନ୍ୟାଜଳରେ ବୁଡ଼ିରହିଛି। ଫଳରେ କଣାସ ଅଞ୍ଚଳରେ ହେଉଥିବା ବାଇଗଣ, ପୋଟଳ, କଲରା, କଖାରୁ, ଜହ୍ନି, କଞ୍ଚାଲଙ୍କା, ଭେଣ୍ଡି ଫସଲ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିବାରୁ କଣାସ ଅଞ୍ଚଳରେ ପରିବା ଦର ଆକାଶଛୁଆଁ ହୋଇଥିବାରୁ ମଧ୍ୟବର୍ତ୍ତୀ ଓ ଦିନମଜୁରିଆ ପରିବାରମାନେ ପରିବାରେ ହାତ ମାରିପାରୁ ନାହାନ୍ତି।

# ଖବର ପ୍ରକାଶ ପରେ ମରାମତି ହେଲା ରାସ୍ତା



କୁଣ୍ଢେଇ,୭।୯ (ସମିସ): କାକଟପୁର-ବାଜପୁର ପୂର୍ତ୍ତ ବିଭାଗ ରାସ୍ତାସାରା ଆଣ୍ଠୁଏ ଲେଖାଏଁ ଖାଲ ହୋଇଥିବା ଖବର 'ସକାଳ'ରେ ଗତ ୪ ତାରିଖରେ ବିସ୍ତୃତ ଭାବେ ପ୍ରକାଶ ପାଇବା ପରେ କାକଟପୁର ପୂର୍ତ୍ତ ବିଭାଗ କାର୍ଯ୍ୟାଳୟ ପକ୍ଷରୁ ତୁରନ୍ତ ପଦକ୍ଷେପ ନିଆଯାଇଛି। ଖାଲ ହୋଇଥିବା ରାସ୍ତାରେ ଡଷ୍ଟ ଗୁଣ୍ଡ ପକାଯାଇ ଖାଲଗୁଡ଼ିକ ପୋତାଯାଇଛି। ବର୍ଷାରେ ପିଚୁ ହୋଇପାରିବ ନାହିଁ। ତେଣୁ ବର୍ଷା କମିବା ପରେ ଏହି ରାସ୍ତା ସମ୍ପୂର୍ଣ୍ଣ ପିଚୁ କରାଯିବ ବୋଲି କହିଛନ୍ତି ପୂର୍ତ୍ତ ବିଭାଗ ଏସ୍‌ଡିଓ କୁଶଳ କୁମାର ହେମ୍ବ୍ରମ। ସ୍ଥାନୀୟ ଅଞ୍ଚଳବାସୀ 'ସକାଳ'କୁ ଧନ୍ୟବାଦ ଜଣାଇଛନ୍ତି।

# ଓଏଭି ଅଧ୍ୟକ୍ଷ ଓ ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକଙ୍କ ସମୀକ୍ଷା ବୈଠକ



ନିମାପଡ଼ା,୭।୯ (ସମିସ): ନିମାପଡ଼ା ବ୍ଲକ୍ ପରିସରରେ ଥିବା ବିଜୁ ପଟ୍ଟନାୟକ ସମ୍ମିଳନୀ କକ୍ଷରେ ରବିବାର ନିମାପଡ଼ା-ଗୋପ ନିର୍ବାଚନ ମଣ୍ଡଳୀସ୍ତରୀୟ ସମସ୍ତ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଏବଂ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଅଧ୍ୟକ୍ଷମାନଙ୍କ ସହ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ପୁରୀ ଜିଲ୍ଲା ଶିକ୍ଷାଧିକାରୀ ଦୀପକ କୁମାର ପାଢ଼ୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସମୀକ୍ଷା ବୈଠକରେ ମୁଖ୍ୟ ଅତିଥିଭାବେ ସ୍ଥାନୀୟ ବିଧାୟିକା ତଥା ରାଜ୍ୟ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ସମ୍ମାନିତ ଅତିଥିଭାବେ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ହିମାଂଶୁ ଭୂଷଣ ସମରଥ, ନିମାପଡ଼ା ବିଡିଓ ଡ. ଅଭିଜିତ ଷଡ଼ଙ୍ଗୀ, ଗୋପ ବିଇଓ ପ୍ରମୋଦ କୁମାର କର, ନିମାପଡ଼ା ବିଇଓ କୈଳାଶ ଚନ୍ଦ୍ର ପାଢ଼ୀ, ଏବିଇଓ ସୁଦର୍ଶନ ଭୋଇଙ୍କ ସମେତ ସମସ୍ତ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ, ପ୍ରଧାନଶିକ୍ଷୟିତ୍ରୀ ଏବଂ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଅଧ୍ୟକ୍ଷ ଉପସ୍ଥିତ ଥିଲେ। ଗୁଣାତ୍ମକ ଶିକ୍ଷାର ବିକାଶ ପାଇଁ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା ସମସ୍ତ ଓଏଭି ଅଧ୍ୟକ୍ଷ ଓ ବିଦ୍ୟାଳୟର ପ୍ରଧାନଶିକ୍ଷକ, ଶିକ୍ଷୟିତ୍ରୀମାନଙ୍କ ସହିତ ଜଣ ଜଣ କରି ତାଙ୍କ ବିଦ୍ୟାଳୟ ସମ୍ପର୍କରେ ପଚାରି ବୁଝିଥିଲେ। ଏଥିରେ ବିଦ୍ୟାଳୟ ଭିତ୍ତିଭୂମି, ଶିକ୍ଷା ବ୍ୟବସ୍ଥା ଓ ଚଳିତ ମାଟ୍ରିକ୍ ପରୀକ୍ଷାରେ କେଉଁ ବିଦ୍ୟାଳୟରୁ କେତେ ଜଣ ଛାତ୍ରଛାତ୍ରୀ ଏ' ୱାନ୍‌ରେ ପାସ୍ କରିଛନ୍ତି ସେ ସମ୍ପର୍କରେ ସବିଶେଷ ଆଲୋଚନା କରାଯାଇଥିଲା। ଆସନ୍ତା ମାଟ୍ରିକ୍ ପରୀକ୍ଷାରେ ନିର୍ବାଚନମଣ୍ଡଳୀର ସମସ୍ତ ବିଦ୍ୟାଳୟରେ ଯେପରି ଶତ ପ୍ରତିଶତ ଫଳାଫଳ ହେବ ସମସ୍ତେ ଉଦ୍ୟମ ଜାରି ରଖିବାକୁ ଉପସ୍ଥିତ ସମସ୍ତ ପ୍ରଧାନଶିକ୍ଷକ, ଶିକ୍ଷୟିତ୍ରୀମାନଙ୍କୁ ଶ୍ରୀମତୀ ପରିଡ଼ା ତାଗିଦ୍ କରିଛନ୍ତି। ବିଭିନ୍ନ ସ୍କୁଲରେ ଥିବା ସମସ୍ୟା ସବୁ ଯଥାଶିଘ୍ର ସମାଧାନ କରାଯିବ ବୋଲି ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା ପ୍ରତିଶ୍ରୁତି ଦେଇଛନ୍ତି। ଉକ୍ତ କାର୍ଯ୍ୟକ୍ରମକୁ ପ୍ରଧାନଶିକ୍ଷକ ଜ୍ୟୋତି ରଞ୍ଜନ ରଥ ପରିଚାଳନା କରିଥିଲେ।

# ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ଗୋପ,୭।୯ (ସମିସ): ଗୋପ ବ୍ଲକ୍‌ର ଉତ୍କଳମଣି ଗୋପବନ୍ଧୁ ନୋଡାଲ ଉଚ୍ଚ ବିଦ୍ୟାଳୟ, ଓଲଣ୍ଡି ଆଞ୍ଚଳିକ ସାଧନ କେନ୍ଦ୍ର ଅନ୍ତର୍ଗତ ନେନ୍ତି ବାଲିବସ୍ତ ପ୍ରାଥମିକ ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ଅମର ପ୍ରସାଦ ବେହେରାଙ୍କୁ ବିଦ୍ୟାଳୟ ପକ୍ଷରୁ ଅବସରକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଆୟୋଜିତ ସମ୍ବର୍ଦ୍ଧନା ସଭାରେ ରାହାଙ୍ଗଗୋରଡ଼ା ପଞ୍ଚାୟତ ସରପଞ୍ଚ ମମତା ପାଇକରାୟ ମୁଖ୍ୟ ଅତିଥି, ଗୋପ ଏବିଇଓ ବିନୋଦିନୀ ମହାପାତ୍ର ମୁଖ୍ୟବକ୍ତା ଏବଂ ସମ୍ମାନିତ ଅତିଥିରୂପେ ପୁରୀ ଜିଲ୍ଲା ପ୍ରାଥମିକ ୟୁନିଅନର ସଭାପତି ଶିବଦତ୍ତ ନାୟକ, ଗୋପ ବ୍ଲକ୍ ଶିକ୍ଷକ ସମନ୍ୱୟ ସମିତି ସଭାପତି ଅଜୟ କୁମାର ରଥ, ସମ୍ପାଦକ ସରୋଜ କୁମାର ମିଶ୍ର, ସିଆର୍‌ସିସି ଗିରିଜା ଭୂଷଣ ସେଠୀ, ଶିକ୍ଷକ ରମାକାନ୍ତ ମଲ୍ଲିକ, ପ୍ରଧାନଶିକ୍ଷୟିତ୍ରୀ ଇତିଶ୍ରୀ ସେଠୀ, ସମାଜସେବୀ ପ୍ରମୋଦ କୁମାର ପାଇକରାୟ, ସ୍କୁଲ ପରିଚାଳନା କମିଟି ସଭାପତି ଅଶୋକ କୁମାର ବାରିକ ଓ ଗ୍ରାମ୍ୟ କମିଟି ସଭାପତି ପଦ୍ମନାଭ ଖଣ୍ଡୁଆଳ ପ୍ରମୁଖ ଯୋଗଦେଇ ଅମର ସାରଙ୍କ ଆଦର୍ଶ ଶିକ୍ଷକତାର ଗୁଣଗାନ କରିଥିଲେ।

॥ ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ॥




୰ ଶ୍ରୀ ଅଭିରାମ ବେହେରା
କନ୍ଦରପୁର, ଦରଡ଼ାପାଇ (ଗରାମ), ଜଗତସିଂହପୁର
ଧରାବତରଣ- ୧୫.୧୧.୧୯୫୩
ସର୍ଗାରୋହଣ- ୨୯.୦୮.୨୦୨୫

ଚାହୁଁ ଚାହୁଁ ୧୧ ଦିନ ବିତିଗଲା, ଆଜି ବି ଅପେକ୍ଷା କରିଛୁ ଆପଣଙ୍କ ଫେରିବା ବାଟକୁ। ଆପଣ ଯେଉଁଠି ଥାଆନ୍ତୁ ଭଲରେ ଥାଆନ୍ତୁ। ଆପଣଙ୍କର ସ୍ନେହ, ଶ୍ରଦ୍ଧା, ଆଶିର୍ବାଦ, ଆମ ଉପରେ ସବୁଦିନ ପାଇଁ ରହିଥାଉ, ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।

-: ଶୋକସନ୍ତପ୍ତ :-
ସ୍ତ୍ରୀ - ଅନୁସୂୟା ବେହେରା, ପୁତ୍ର-ପୁତ୍ରବଧୂ, ଆଲୋକ, ଅମୀୟ, ଡକ୍ଟର ଦୀପଶିଖା, ଡକ୍ଟର ପ୍ରଦ୍ୟୋତି ବେହେରା, ନାତି-ନାତୁଣୀ, ଆଦର୍ଶ, ଆଦିତ୍ୟ, ଆଦ୍ୟାଶା, ଅସ୍ମିତା, ବନ୍ଧୁ ଆତ୍ମୀୟସ୍ୱଜନ ଓ ପରିବାରବର୍ଗ

ବର୍ତ୍ତମାନ ସ୍ଥାୟୀ ଠିକଣା: ପ୍ଲଟ୍ ନଂ.୧୦୪/୨୦୧୭, ପାରାଦ୍ୱୀପ କଲୋନୀ, କଳିଙ୍ଗ ବିହାର, ଭୁବନେଶ୍ୱର

ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୰ପ୍ରଫୁଲ୍ଲ କୁମାର ରାଉତ
ତିଳପଦା, ଢେଙ୍କାନାଳ
ଆବିର୍ଭାବ: ୦୫.୦୯.୧୯୪୩ / ତିରୋଧାନ: ୨୯.୦୮.୨୦୨୫

ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ପଦାରବିନ୍ଦରେ ଆମ୍ଭେମାନେ ପ୍ରାର୍ଥନା କରୁଛୁ।

ଶୋକସନ୍ତପ୍ତ:
ପ୍ରକାଶ କୁମାର ରାଉତ, ପ୍ରବିଣ କୁମାର ରାଉତ, ପ୍ରଶାନ୍ତ କୁମାର ରାଉତ, ନନ୍ଦିତା ରାଉତ, ଜ୍ୟୋତିର୍ମୟୀ ରାଉତ, ଆନନ୍ଦିତା ରାଉତ, ରିନା, ତୃପ୍ତି, ନାତି ନାତୁଣୀ, ବନ୍ଧୁ ଓ ପରିବାରବର୍ଗ

୭/୯/୨୦୨୫ (ରବିବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ
ଟ. ୫,୧୬,୪୪୬/- ସୁନା: ୦୨.୪୦୦ ଗ୍ରାମ୍ ରୁପା: ୧୭.୪୦୦ ଗ୍ରାମ୍





# ଶ୍ରୀମନ୍ଦିରରେ ଇନ୍ଦ୍ର, ଗୋବିନ୍ଦ ବନ୍ଦାପନା

ପୁରୀ,୭।୯ (ସମିସ)




ଶ୍ରୀମନ୍ଦିରରେ ରବିବାର ଭାଦ୍ରବ ପୂର୍ଣ୍ଣିମା ନୀତି ପାଳିତ ହୋଇଛି। ଏହି ପବିତ୍ର ତିଥିରେ ଇନ୍ଦ୍ର, ଗୋବିନ୍ଦ ବନ୍ଦାପନା ନୀତି ସମ୍ପନ୍ନ ହୋଇଛି। ଚନ୍ଦ୍ରଗ୍ରହଣ ଯୋଗୁଁ ଏହି ନୀତି ବେଶ୍ ସଅଳ ହୋଇଛି। ଛତିଶା ନିଯୋଗ ଏବଂ ପରିଚାଳନା କମିଟିର ବୈଠକରେ ଚନ୍ଦ୍ରଗ୍ରହଣ ପାଇଁ ସ୍ୱତନ୍ତ୍ର ନୀତିନିର୍ଘଣ୍ଟ ହୋଇଥିଲା। ସେହି ଅନୁଯାୟୀ, ଶନିବାର ରାତି ୨ଟା ୨୦ରେ ଦ୍ୱାର ଫିଟି ନୀତିକାନ୍ତି ଆରମ୍ଭ ହୋଇଥିଲା। ରାତି ୨ଟା ୫୦ରେ ଭିତର ଶୋଧ, ୩ଟାରେ ମଙ୍ଗଳ ଆଳତି ପରେ ଅନ୍ୟାନ୍ୟ ନୀତି ଚାଲିଥିଲା। ସକାଳ ସାଢ଼େ ୫ଟା ଗୋପାଳବଲ୍ଲଭ ପୂଜା ସରିଥିବାବେଳେ ୬ଟା ୧୫ରେ ଭୋଗମଣ୍ଡପ ଉଠିଥିଲା। ୭ଟା ୧୦ରେ ସକାଳ ଧୂପ ସରିଥିବାବେଳେ ପୂର୍ବାହ୍ଣ ୧୦ଟା ୫୦ରେ ଦ୍ୱିତୀୟ ଭୋଗମଣ୍ଡପ ବଢ଼ିଥିଲା। ପୂର୍ବାହ୍ଣ ୧୧ଟା ୩୦ରେ ସନ୍ଧ୍ୟା ଆଳତି ହୋଇଥିଲା।

ସନ୍ଧ୍ୟା ଆଳତି ବେଶରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ବାଡ଼ରେ ଖଣ୍ଡିଏ ଆଜ୍ଞାମାଳ ଲାଗି ହୋଇଥିଲା। ଦକ୍ଷିଣୀ ଘର ଭୋଗ ସରିବା ପରେ ଦୋଳଗୋବିନ୍ଦଙ୍କୁ ମହାଜନ ସେବକ ହାତରେ ବିଜେ କରାଇ ରତ୍ନସିଂହାସନକୁ ନେଇଥିଲେ। ସେଠାରେ ପୂଜାପଣ୍ଡା ଦୋଳଗୋବିନ୍ଦଙ୍କୁ ମହାପ୍ରଭୁଙ୍କ ଆଜ୍ଞାମାଳ ଲାଗି କରିଥିଲେ। ଏହାପରେ ବଟବୃକ୍ଷ ତଳେ ଥିବା ପାଲିଙ୍କିରେ ଦୋଳଗୋବିନ୍ଦଙ୍କୁ ବିଜେ କରାଯାଇଥିଲା। ବିମାନବଡୁମାନେ ଘଣ୍ଟ, ଛତା, କାହାଳୀ ସହିତ ପାଲିଙ୍କିକୁ ନେଇ ସିଂହଦ୍ୱାର ନିକଟରେ ଥିବା ବଡ଼ଛତା ମଠ ପାଶ୍ୱର୍ରେ ରଖିଥିଲେ। ସେଠାରେ ଶୀତଳ ଭୋଗ ହେବା ପରେ ଭିତରଚ୍ଛ ମହାପାତ୍ର ଇନ୍ଦ୍ର ଏବଂ ଗୋବିନ୍ଦଙ୍କୁ ବନ୍ଦାପନା କରିଥିଲେ। ଏହାପରେ ଠାକୁର ବଡ଼ଦେଉଳକୁ ବିଜେ କରିଥିଲେ। ଏହି ଅବସରରେ ହରଚଣ୍ଡୀ ସାହି ଆଖଡାରୁ ସୁସଜ୍ଜିତ ଐରାବତ ହସ୍ତୀ ଉପରେ ଜଣେ ଇନ୍ଦ୍ର ଏବଂ ଅନ୍ୟ ଜଣେ ମାହୁନ୍ତ ବେଶରେ ସିଂହଦ୍ୱାର ନିକଟକୁ ଆସି ଇନ୍ଦ୍ର, ଗୋବିନ୍ଦ ବନ୍ଦାପନା ନୀତିରେ ସାମିଲ ହୋଇଥିଲେ।



ବଡ଼ ଓଡ଼ିଆ ମଠରେ ଭାଗବତ ଜନ୍ମ ନୀତି

## ଭାଗବତ ଜନ୍ମରେ ଭାର୍ଗବୀ ଆଳତି

ପୁରୀ,୭।୯ (ସମିସ): ସବୁ ମାସ ପରି ଭାଦ୍ରବ ପୂର୍ଣ୍ଣିମା ଭାଗବତ ଜନ୍ମରେ ମା' ପଞ୍ଚମୁଖୀ ଘାଟରେ ଭାର୍ଗବୀ ଆଳତି ସମ୍ପାଦିତ ହୋଇଛି। ଏହି ଆଳତିରେ କିଛି ବ୍ୟତିକ୍ରମ ଦେଖା ଦେଇଥିଲା। ଗ୍ରହଣ ପଡ଼ିଥିବାରୁ ପୂର୍ବ ନିର୍ଦ୍ଧାରିତ ସମୟ ସନ୍ଧ୍ୟା ୬ଟା ପରିବର୍ତ୍ତେ ପୂର୍ବାହ୍ଣ ୧୧ଟାରେ ଆଳତି ସମ୍ପନ୍ନ ହୋଇଥିଲା। ଆଳତି କମିଟିର ଅଧ୍ୟକ୍ଷ ବଦ୍ରି ମିଶ୍ରଙ୍କ ଅଧ୍ୟକ୍ଷତାରେ ଗାଁର ମହାଜନ, ଯୁବାସାଥି ଓ ଆଧ୍ୟାତ୍ମିକ ପ୍ରେମୀମାନେ ଯୋଗଦେଇଥିଲେ। ପଣ୍ଡିତ ଶୁଭାଶିଷ କରଙ୍କ ମନ୍ତ୍ରଧ୍ୱନିରେ ଏକ ଆଧ୍ୟାତ୍ମିକ ବାତାବରଣ ସୃଷ୍ଟି ହୋଇଥିଲା। ମା' ପଞ୍ଚମୁଖୀଙ୍କ ପାଖରେ ଲଡୁ ମହାପ୍ରସାଦ ସମର୍ପଣ ଓ ମାଳ ପ୍ରଦାନ କରି ଘଣ୍ଟ, ହରିବୋଲ, ହୁଳହୁଳିରେ ଭାର୍ଗବୀ ନଦୀ କୂଳକୁ ଭକ୍ତମାନେ ଯାଇ ଭାର୍ଗବୀ ମା'ଙ୍କୁ ମହାପ୍ରସାଦ, କ୍ଷୀର ପ୍ରଦାନ ପରେ ଆଳତି କରାଯାଇଥିଲା। ଏହି ଆଳତି ମହାର୍ଘ ମୁହୂର୍ତ୍ତରେ ଶ୍ରୀଧର କର, ଗଙ୍ଗାଧର କର, ଭବାନୀ ଶଙ୍କର ତ୍ରିପାଠୀ, ଗୋପାଳ ଚନ୍ଦ୍ର କର, ବାପିନା ପତି, ଶରତ ଦେଓ, ଅନ୍ତର୍ଯ୍ୟାମୀ ପଟ୍ଟନାୟକ, ଦ୍ୱାରିକାନାଥ ବିଶ୍ୱାଳ, ବାନାମ୍ବର ପରିଡ଼ା, କାର୍ତ୍ତିକ ବେହେରା, ତ୍ରିଲୋଚନ ଦଳାଇଙ୍କ ସମେତ ଅନେକ ଭକ୍ତ ଉପସ୍ଥିତ ଥିଲେ। ଆଗାମୀ କୁମାର ପୂର୍ଣ୍ଣିମାରେ ଏହି ଭାର୍ଗବୀ ଆଳତି ଏକ ବିସ୍ତାର ରୂପ ନେବ ବୋଲି ପ୍ରଶାନ୍ତ କୁମାର ତ୍ରିପାଠୀ ଆଶାପୋଷଣ କରିଛନ୍ତି।

## ଓଡ଼ିଶାର ଆୟୁଷ୍ ମହାପାତ୍ର 'ହଣ୍ଡ୍ରେଡ୍' ଦ୍ୱାରା ଯୁବ ରାଷ୍ଟ୍ରଦୂତ ମନୋନୀତ

ପୁରୀ,୭।୯ (ସମିସ): ପୁରୀର ୧୭ ବର୍ଷୀୟ ସ୍ପିଡ୍ ପେଣ୍ଟର ଆୟୁଷ୍ ମହାପାତ୍ରଙ୍କୁ ହଣ୍ଡ୍ରେଡ ଯୁବ ରାଷ୍ଟ୍ରଦୂତ ଭାବେ ୟୁରୋପ (ଫିନଲ୍ୟାଣ୍ଡର) ର ଅନ୍ତର୍ଜାତୀୟ ସଂସ୍ଥା 'ହଣ୍ଡ୍ରେଡ୍' ଦ୍ୱାରା ଚୟନ କରାଯାଇଛି। ସମଗ୍ର ବିଶ୍ୱରୁ ୧୦୦ ଜଣଙ୍କ ମଧ୍ୟରେ ଏବଂ ଭାରତରୁ ୧୭ ଜଣଙ୍କ ମଧ୍ୟରେ ଓଡ଼ିଶାରୁ ଏକମାତ୍ର ପ୍ରତିନିଧି ହେଉଛନ୍ତି ଆୟୁଷ୍। ସ୍ପିଡ୍ ପେଣ୍ଟିଂ ମାଧ୍ୟମରେ କେବଳ କିଛି ମିନିଟ୍‌ରେ କାନ୍‌ଭାସ୍ ଉପରେ ଓଲଟା ପେଣ୍ଟିଂ କରିବାରେ ସେ ପରିଚିତ। ସେ ପେଣ୍ଟିଂ ସହିତ ଗତ ୫ବର୍ଷ ଧରି ପ୍ରତ୍ୟେକ ରବିବାର ପୁରୀର ଉତ୍କଳ ବାଳାଶ୍ରମର ଅନାଥ ଓ ଅବହେଳିତ ଶିଶୁଙ୍କୁ ନିଃଶୁଳ୍କରେ ଚିତ୍ରକଳା ଶିଖାଉଛନ୍ତି। ପିଲାମାନଙ୍କୁ କେବଳ ଚିତ୍ରାଙ୍କନ ପ୍ରଣାଳୀ ଶିଖାଉନାହାନ୍ତି ବରଂ ଦୟା, ପ୍ରକୃତିପ୍ରେମ, ସୃଜନଶୀଳ ଚିନ୍ତାଧାରା ଓ ଖୋଲା ମନରେ ବିଶ୍ୱକୁ ବୁଝିବାର ପାଠ ମଧ୍ୟ ଦେଇଥା'ନ୍ତି। ଆୟୁଷ୍ ଆର୍ଟ ଫାଉଣ୍ଡେସନର ପ୍ରତିଷ୍ଠାତା ଭାବେ ସେ କଳାକୁ ସମାଜ, ପରିବେଶ ଏବଂ ସାମ୍ପ୍ରଦାୟିକ ସଚେତନତା ପ୍ରଚାରରେ ବ୍ୟବହାର କରୁଛନ୍ତି। ଆୟୁଷ୍ କୁହନ୍ତି ଚିତ୍ରକଳା ବିଶ୍ୱର ସାଧାରଣ ଭାଷା। ଏହା ମାଧ୍ୟମରେ ମୁଁ ସମାଜକୁ ଶିକ୍ଷା, ପ୍ରେରଣା ଓ ସଚେତନତା ବାଣ୍ଟିବାକୁ ଚାହେଁ।

■ ଶ୍ରୀନୀଳାଚଳ ତତ୍ତ୍ୱ ସନ୍ଧାନ ପରିଷଦର ମାସିକ ଆଲୋଚନା

## 'ଅନନ୍ତ ଦାସ ଶ୍ରୀଜଗନ୍ନାଥଙ୍କର ଏକାନ୍ତ ଅନୁଗତ ଥିଲେ'

ପୁରୀ,୭।୯ (ସମିସ)

ଶ୍ରୀନୀଳାଚଳ ତତ୍ତ୍ୱ ସନ୍ଧାନ ପରିଷଦର ସେପ୍ଟେମ୍ବର ମାସର ଆଲୋଚନାଚକ୍ର ଜଗନ୍ନାଥ ବଲ୍ଲଭ ମଠ ପରିସରରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଡ. ଉମେଶ ଚନ୍ଦ୍ର ଚିହ୍ନରାଙ୍କ ସଭାପତିତ୍ୱ ଏବଂ ଡ. ଶ୍ରୀନିବାସ ଆଚାର୍ଯ୍ୟଙ୍କ ସଞ୍ଚାଳନରେ ଆୟୋଜିତ ଆଲୋଚନାଚକ୍ରର ଆଲୋଚ୍ୟ ବିଷୟ 'ଶିଶୁ ଅନନ୍ତଙ୍କ ଭକ୍ତିଧାରାରେ ଶ୍ରୀଜଗନ୍ନାଥ' ଉପରେ ଭିତ୍ତିପ୍ରବନ୍ଧ ଉପସ୍ଥାପନ କରିଥିଲେ ଡ. ଭାସ୍କର ମିଶ୍ର। ଶିଶୁ ଅନନ୍ତ ଖୋର୍ଦ୍ଧା ଜିଲ୍ଲା ବାଳକାଟୀ ନିକଟସ୍ଥ ବାଲିପାଟଣା ଗ୍ରାମରେ ୧୪୯୩ରେ କପିଳ ମହାନ୍ତି ଏବଂ ଗୌରୀଦେବୀଙ୍କ ପୁତ୍ର ରୂପେ ଜନ୍ମ ନେଇଥିଲେ। ସେ ଭୁବନେଶ୍ୱରର ଅନନ୍ତ ବାସୁଦେବଙ୍କ ଆରାଧନା କରି ଅଶେଷ ସାଧନାରେ ସିଦ୍ଧିଲାଭ କରିଥିଲେ। ତାଙ୍କ ସାଧନାପୀଠ ଥିଲା ଖଣ୍ଡଗିରି ପାଦଦେଶସ୍ଥ ଗାଦି ତପୋବନ ଆଶ୍ରମ। କୋଣାର୍କରେ ସେ ସୂର୍ଯ୍ୟନାରାୟଣଙ୍କ ଉପାସନା କରି ସୂର୍ଯ୍ୟ ତତ୍ତ୍ୱ ପ୍ରାପ୍ତ ହୋଇଥିଲେ। ଅନନ୍ତଙ୍କ ନାମ ସହ ଶିଶୁ ଶବ୍ଦର ସଂଯୋଗ ତାତ୍ପର୍ଯ୍ୟପୂର୍ଣ୍ଣ। ସେ ଶିଶୁ ପ୍ରଦ୍ୟୁମ୍ନଙ୍କ ରୂପ ନେଇ ମା' ଲକ୍ଷ୍ମୀଙ୍କ କୋଳମଣ୍ଡନ କରିଥିଲେ। ପୁନଃ ଜଣାଯାଏ ଯେ, ଜଗନ୍ନାଥ ଦାସ ନାରୀ ରୂପ ଧାରଣ କରିଥିବାବେଳେ ଶିଶୁଭଳି ନିର୍ବିକାର ମନରେ ତାଙ୍କ ସ୍ତନ୍ୟପାନ କରି ଶିଶୁ ଅନନ୍ତ ନାମରେ ପରିଚିତ ହୋଇଥିଲେ। ସେ ଶିଶୁ ବେଦର ତତ୍ତ୍ୱଜ୍ଞ, ଶିଶୁ ଚକ୍ର, ଶିଶୁ ମଠ ଓ ଶିଶୁ ସମ୍ପ୍ରଦାୟର ପୁରୋଧା ଥିଲେ।

ସ୍ୱୟଂ ଅନନ୍ତ ଦାସ ଶ୍ରୀଜଗନ୍ନାଥଙ୍କର ଏକାନ୍ତ ଅନୁଗତ ଥିଲେ। ସେ ନିଜକୁ ଶ୍ରୀଜଗନ୍ନାଥଙ୍କ ହୃଦୟରୁ ଜାତ ବୋଲି ସ୍ୱୀକାର କରିଛନ୍ତି। ନିରାକାରବାଦୀ ଅନନ୍ତ ଶ୍ରୀଜଗନ୍ନାଥଙ୍କୁ ଅଣାକାର ବ୍ରହ୍ମରୂପେ ବର୍ଣ୍ଣନା କରିଛନ୍ତି। ସେ ଚତୁର୍ଦ୍ଧାମୂର୍ତ୍ତିଙ୍କ ରହସ୍ୟ ଓ ତତ୍ତ୍ୱ, ବୀଜମନ୍ତ୍ର ଆଦି ବର୍ଣ୍ଣନା ପୂର୍ବକ ଶ୍ରୀଜଗନ୍ନାଥ ଚେତନାକୁ ପରିପୁଷ୍ଟ କରିଛନ୍ତି। ଶ୍ରୀଜଗନ୍ନାଥ ହିଁ ଓଁ ଅର୍ଥାତ୍ ଅ.ଉ.ମ. ଅର୍ଦ୍ଧମାତ୍ରା। ତାଙ୍କ ଭଜନରେ ଓଁକାରକୁ ସୁଦର୍ଶନ, ହ୍ଲୀଂ ବୀଜମନ୍ତ୍ରକୁ ହରେ ବଳଭଦ୍ରଙ୍କ ସହ, ଶ୍ଲୀଂକୁ ରାମ ସୁଭଦ୍ରାଙ୍କ ସହ, କ୍ଲୀଂ କୃଷ୍ଣ ଜଗନ୍ନାଥଙ୍କ ସହ ତୁଳନା କରିଛନ୍ତି। ଦାର୍ଶନିକ ଦୃଷ୍ଟିରେ ସେ ଶ୍ରୀଜଗନ୍ନାଥଙ୍କଠାରେ ପିଣ୍ଡ ବ୍ରହ୍ମାଣ୍ଡ ତତ୍ତ୍ୱ ଦର୍ଶନ କରିଛନ୍ତି। ଗୀତାସାର ଗ୍ରନ୍ଥରେ ଶରୀରକୁ କ୍ଷେତ୍ର ଓ ଶ୍ରୀଜଗନ୍ନାଥଙ୍କୁ କ୍ଷେତ୍ରଜ୍ଞ ରୂପେ ବର୍ଣ୍ଣନା କରି ମହାପ୍ରଭୁଙ୍କୁ ମୁକ୍ତିଦାତା ରୂପେ ଗ୍ରହଣ କରିଛନ୍ତି। ପଞ୍ଚବିନ୍ଦୁ ସ୍ୱରୂପରେ ଶ୍ରୀଜଗନ୍ନାଥ, ଶ୍ରୀବଳଭଦ୍ର, ଦେବୀ ସୁଭଦ୍ରା, ଶ୍ରୀସୁଦର୍ଶନ ଓ ରତ୍ନସିଂହାସନ ଥିବାବେଳେ କେନ୍ଦ୍ରବିନ୍ଦୁ ହିଁ ନୀଳଚକ୍ର। ପଞ୍ଚଦେବତାଙ୍କୁ ଦର୍ଶନ ନ କରିପାରିଲେ କେବଳ ନୀଳଚକ୍ରଙ୍କୁ ଦର୍ଶନ କଲେ ଏକା ଫଳ ମିଳେ। ସେ ମଧ୍ୟ ନୀଳାଚଳକୁ ରାଧାକୃଷ୍ଣଙ୍କ ନିତ୍ୟ ରାସସ୍ଥଳ ରୂପେ ବର୍ଣ୍ଣନା କରିଛନ୍ତି। ସେ ଜଗନ୍ନାଥଙ୍କୁ ଦଶରୂପଧାରୀ କହି ଶରୀର ମଧ୍ୟରେ ଦଶ ଅବତାର ପ୍ରସଙ୍ଗର ଅବତାରଣା କରିଛନ୍ତି। ଶ୍ରୀଜଗନ୍ନାଥଙ୍କ ପଦପଙ୍କଜରେ ସମର୍ପିତ ଭାବେ ଆଶ୍ରୟ କାମନା କରି ଅନନ୍ତ କୋଟି ପୁଣ୍ୟ ଲାଭ କରିବା ପାଇଁ ପ୍ରେରଣା ଦେଇଛନ୍ତି ବୋଲି ଆଲୋଚନା ହୋଇଥିଲା। ରବିବାର ଭାଗବତ ଜନ୍ମ ତିଥି ଥିବାରୁ ଡ. ନରେଶ ଚନ୍ଦ୍ର ଦାଶ ଭାଗବତ ପାରାୟଣ ପୂର୍ବକ ଭାଗବତଙ୍କ ଜନ୍ମ ସମ୍ପର୍କରେ ସାରଗର୍ଭକ ବକ୍ତବ୍ୟ ଉପସ୍ଥାପନା କରିଥିଲେ। ଏହି ଆଲୋଚନାଚକ୍ରରେ ଅନାମ ଚନ୍ଦ୍ର ସାହୁ, ପ୍ରଶାନ୍ତ ପାତ୍ର, ଅଶୋକ କୁମାର ଆଢ୍ୟ ପ୍ରମୁଖ ଉପସ୍ଥିତ ଥିଲେ।

● ଲକ୍ଷ୍ୟବିହୀନ ଜୀବନ ଏକ ଜୀବନ ନୁହେଁ

## ପ୍ରତ୍ୟେକ ଶିଶୁଙ୍କ ପାଖରେ ପ୍ରତିଯୋଗିତା ମନୋଭାବ ରହିବା ଦରକାର

ପୁରୀ,୭।୯ (ସମିସ): ପ୍ରତ୍ୟେକ ଶିଶୁଙ୍କ ପାଖରେ ପ୍ରତିଯୋଗିତା ମନୋଭାବ ରହିବା ଦରକାର। ଏହି ମନୋଭାବ ହିଁ ଜଣେ ଶିଶୁକୁ ଶୀର୍ଷରେ ପହଞ୍ଚାଇପାରେ। ଏଣୁ ଭଲ ପାଠ ପଢ଼ିବା ସହ କ୍ରୀଡ଼ା, ସଂସ୍କୃତି ଓ ତର୍କ-ଜ୍ଞାନରେ ସାମିଲ ହେବା ଏକ ଆବଶ୍ୟକତା ବୋଲି କହିଛନ୍ତି ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ମନୋଜ କୁମାର ତ୍ରିପାଠୀ। ସେବା ଓ ସଂସ୍କାର ପକ୍ଷରୁ ସମାଜ ସଂଗଠକ ଓମ୍ ପ୍ରସାଦ ମହାନ୍ତିଙ୍କ ପରିଚାଳନାରେ ପୁରୀ ଝାଡ଼େଶ୍ୱରୀ କ୍ଲବ୍‌ରେ ଅନୁଷ୍ଠିତ ସେବା ଓ ସଂସ୍କାରର ଉତ୍କର୍ଷ କାର୍ଯ୍ୟକ୍ରମରେ ଶ୍ରୀ ତ୍ରିପାଠୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହା କହିଥିଲେ। ସେହିପରି ମୁଖ୍ୟବକ୍ତା ଭାବେ ବିଶିଷ୍ଟ କ୍ରୀଡ଼ା ସଂଗଠକ ବଦ୍ରି ମିଶ୍ର ଯୋଗଦେଇ କହିଥିଲେ ଯେ ଲକ୍ଷ୍ୟ ବିହୀନ ଜୀବନ ଏକ ଜୀବନ ନୁହେଁ। ସେ ପାଠ ହେଉ ବା ଖେଳ ସବୁଥିରେ ଉତ୍କର୍ଷତା ହାସଲ କରିବା ଶିଶୁ, କିଶୋରଙ୍କ ଲକ୍ଷ୍ୟ ହେଉ। ଏହି କାର୍ଯ୍ୟକ୍ରମରେ ଦ୍ରୁତ ଦୌଡ଼, ଅଙ୍କ ଦୌଡ଼, ବକ୍ତୃତା, ଚିତ୍ରାଙ୍କନ ଓ କୁଇଜ୍‌ରେ ସଫଳତା ପାଇଥିବା ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ତୃପ୍ତିମୟୀ ଶତପଥୀ, ଜୟନ୍ତ ସେଠୀ, ପ୍ରିୟଙ୍କା ବିଶ୍ୱାଳ, କବୀର ସୋରେନ୍, ଶୁଭଶ୍ରୀ ଜେନା, ଦିପୁ ଶଙ୍ଖବାର, ଶ୍ରଦ୍ଧାଞ୍ଜଳି ପ୍ରଧାନ, ସୂର୍ଯ୍ୟ ମହାପାତ୍ର, ପ୍ରଦୀପ ସାହୁ, ତେଜସ୍ୱିନୀ ଦାସ ଓ ସୁମନ ଶର୍ମା।

## ଚତୁର୍ମାସ୍ୟା ବ୍ରତ ଶେଷକଲେ ଶଙ୍କରାଚାର୍ଯ୍ୟ

ପୁରୀ,୭।୯ (ସମିସ): ପୁରୀ ଗୋବର୍ଦ୍ଧନ ପୀଠର ଶଙ୍କରାଚାର୍ଯ୍ୟ ସ୍ୱାମୀ ନିଶ୍ଚଳାନନ୍ଦ ସରସ୍ୱତୀ ରବିବାର ଚତୁର୍ମାସ୍ୟା ବ୍ରତ ସମାପନ କରିଛନ୍ତି। ଅପରାହ୍ଣରେ ପ୍ରଥମେ ଜଗଦ୍‌ଗୁରୁ ମଠରୁ ବାହାରି ଗୋମାତାଙ୍କୁ ଦର୍ଶନ କରିଥିଲେ। ଏହାପରେ ସିଂହଦ୍ୱାର ନିକଟରେ ପହଞ୍ଚିଥିଲେ। ସିଂହଦ୍ୱାର ଗୁମୁଟରୁ ପତିତପାବନଙ୍କୁ ଦର୍ଶନ କରିଥିଲେ। ପରେ କାଠପୋଲ ଛକ ନଦୀ ଅତିକ୍ରମ କରିଥିଲେ। ତୁଳସୀ ଚଉରା ଛକରେ ଓହ୍ଲାଇ ଭୂମି ସ୍ପର୍ଶ କରି ସେଠାରୁ ପ୍ରତ୍ୟାବର୍ତ୍ତନ କରିଥିଲେ। ଫେରିବା ବେଳେ ବାଟରେ ମା' ବାଟମଙ୍ଗଳାଙ୍କୁ ଦର୍ଶନ କରି ମଠକୁ ଫେରିଥିଲେ। ଚନ୍ଦ୍ରଗ୍ରହଣ ଯୋଗୁଁ ସକାଳୁ ସମୁଦ୍ର ଆଳତି ସରିଥିବାରୁ ଗୁରୁଜୀ ସମୁଦ୍ରକୂଳକୁ ନ ଯାଇ ମଠକୁ ଫେରିଥିଲେ। ଗ୍ରହଣ ପାଇଁ ଦେବନୀତି ବନ୍ଦ ଥିବାରୁ ସେ କୌଣସି ଜାଗାରେ ପୂଜାର୍ଚ୍ଚନା ବା ଆଳତି କରି ନ ଥିଲେ। ସୂଚନାଥାଉ କି, ଆଷାଢ଼ ପୂର୍ଣ୍ଣିମାଠାରୁ ଭାଦ୍ରବ ପୂର୍ଣ୍ଣିମା ପର୍ଯ୍ୟନ୍ତ ସମୟକୁ ଚତୁର୍ମାସ୍ୟା କୁହାଯାଏ। ଏହି ଚାରିପକ୍ଷକୁ ଚାରିମାସ ଭାବେ ଅଭିହିତ କରାଯାଏ। ଏହି ସମୟରେ ସାଧୁସନ୍ଥମାନେ ଆଶ୍ରମ ଛାଡ଼ି ବାହାରକୁ ଯାଆନ୍ତିନାହିଁ। ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟ ମଧ୍ୟ ପୁରୀ ସୀମା ପାର୍ ହୋଇ ନ ଥାନ୍ତି। ପୀଠରେ ରହି ଶିଷ୍ୟ, ସାଧକଙ୍କୁ ଅଦ୍ୱୈତ ବେଦାନ୍ତର ଶିକ୍ଷା ପ୍ରଦାନ କରିଥାନ୍ତି। ଚତୁର୍ମାସ୍ୟାର ଶେଷ ଦିନରେ ଶଙ୍କରାଚାର୍ଯ୍ୟ କାଠପୋଲ ପର୍ଯ୍ୟନ୍ତ ଯାଇଥାନ୍ତି। ମା' ବାଟମଙ୍ଗଳାଙ୍କୁ ଦର୍ଶନ କରି ପୀଠକୁ ଫେରନ୍ତି। ଏହାକୁ ସୀମା ପାର୍ କୁହାଯାଏ। ରବିବାର ଜଗଦ୍‌ଗୁରୁଙ୍କ ଚତୁର୍ମାସ୍ୟା ବ୍ରତ ଶେଷ ହୋଇଛି।



## ନିଃଶୁଳ୍କ ସ୍ୱାସ୍ଥ୍ୟ ସେବା ଶିବିର

ପୁରୀ,୭।୯ (ସମିସ): ହାଇଟେକ୍ ମେଡିକାଲ କଲେଜ ଓ ହସ୍ପିଟାଲ ତରଫରୁ ରବିବାର ପୁରୀ ରୋଟାରୀ କ୍ଲବ୍ ଓ ଇନର ହୁଇଲ୍ କ୍ଲବ୍ ସହଯୋଗରେ ମାଗଣା ସ୍ୱାସ୍ଥ୍ୟ ସେବା ଶିବିର ରୋଟାରୀ ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ରୋଟାରୀ କ୍ଲବ୍ ସଭାପତି ରତିକାନ୍ତ ନାୟକ ଓ ସମ୍ପାଦକ ଅଧ୍ୟାପକ ପୂର୍ଣ୍ଣ ଚନ୍ଦ୍ର ମହାପାତ୍ରଙ୍କ ସଂଯୋଜନାରେ ହାଇଟେକ୍ ହସ୍ପିଟାଲର ଡା. ସୌମେନ୍ଦ୍ର କୁମାର ପଣ୍ଡା, ଡା. ଅସୀମା ତନୟା (ଫିଜିଓ ଥେରାପିଷ୍ଟ), ଡା. ସୌମ୍ୟ ସେଫାଳିକ (ଦନ୍ତ), ଡା. ସୁଦୀପ୍ତା ପତି ଏବଂ ଡା. ଆଶୁତୋଷ ତ୍ରିପାଠୀଙ୍କ ସହଯୋଗରେ ଏହା ସମ୍ପନ୍ନ ହୋଇଥିଲା। ଡାକ୍ତରଙ୍କ ସହ ପ୍ରାୟ ୧୨ ଜଣ ପାରାମେଡିକାଲ ଷ୍ଟାଫ୍ ଓ ସେବିକା ଏଥିରେ ଯୋଗଦେଇଥିଲେ। ଶତାଧିକ ବ୍ୟକ୍ତିଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ପରାମର୍ଶ ଦିଆଯାଇଥିଲା। ରୋଟାରିଆନ ସୁରେଶ ପ୍ରହରାଜ, କୈଳାସ ବେହେରା, ଜୟ ଦଶଗୁପ୍ତା, ଶୁଭ୍ରାଂଶୁ ଶେଖର ମହାପାତ୍ର, କମଳେନ୍ଦୁ ଦାସ, ଅଜୟ ସାହା, ସନ୍ତୋଷ ଲେଙ୍କା, ଭୀମସେନ ପାତ୍ର, ବିଜୟ କୁମାର ପତି, ସମୀର ଚୌଧୁରୀ, ଭକ୍ତ ଚରଣ ଦାସ, ଚିରଞ୍ଜୀବ ସାହା, ଜିତେନ୍ଦ୍ର ସାହୁ ପ୍ରମୁଖ ସହଯୋଗ କରିଥିଲେ। ଏଥିସହିତ କ୍ଲବ୍‌ର ଚକ୍ଷୁ ସେବା କେନ୍ଦ୍ରରେ ୩୦ ଜଣରୁ ଅଧିକଙ୍କ ଚକ୍ଷୁ ପରୀକ୍ଷା କରାଯାଇଥିଲା। ଚକ୍ଷୁ କେନ୍ଦ୍ର ସହଯୋଗୀ ସୁବାସ ଚନ୍ଦ୍ର ପଣ୍ଡା ଓ ଅନ୍ୟମାନେ ସହଯୋଗ କରିଥିଲେ। ଆସନ୍ତା ୧୪ ତାରିଖରେ ମୂଳ ଆଳସର ତେନ୍ତୁଳିପଡ଼ାରେ ଅନ୍ୟ ଏକ ସ୍ୱାସ୍ଥ୍ୟ ସେବା କାର୍ଯ୍ୟକ୍ରମ ଆୟୋଜନ କରାଯିବ।

## ୭ଏସ୍‌ଭିଏଫ୍ ଆନୁକୂଲ୍ୟରେ ଫିଜିଓଥେରାପି ଚିକିତ୍ସା ଶିବିର



ପୁରୀ,୭।୯ (ସମିସ)

ପୁରୀ ଜିଲ୍ଲା ସ୍କୁଲରେ ରବିବାର ସ୍ୱେଚ୍ଛାସେବୀ ଅନୁଷ୍ଠାନ ୭ଏସ୍‌ଭିଏଫ୍ ଆନୁକୁଲ୍ୟରେ ନିଃଶୁଳ୍କ ଫିଜିଓଥେରାପି ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି। ଏହାକୁ ରାଜ୍ୟସଭା ସାଂସଦ ଶୁଭାଶିଷ ଖୁଣ୍ଟିଆ ଉଦ୍‌ଘାଟନ କରି ଆଧୁନିକ ଚିକିତ୍ସା ଜଗତରେ ଫିଜିଓଥେରାପି ଚିକିତ୍ସାର ଗୁରୁତ୍ୱ ସମ୍ପର୍କରେ ମତାମତ ରଖିଥିଲେ। ଶିବିରର ସଫଳତା ପାଇଁ ଶୁଭେଚ୍ଛା ଜଣାଇବା ସହ ଆୟୋଜକଙ୍କ ଉଦ୍ୟମକୁ ପ୍ରଶଂସା କରି ପ୍ରତି ମାସରେ ଏଭଳି ଶିବିର ଆୟୋଜନ ହେଉ ବୋଲି କହିଥିଲେ। ଶିବିରରେ ଓଡ଼ିଶାର ବିଭିନ୍ନ ଜିଲ୍ଲାରୁ ୨୫ ଜଣ ଅଭିଜ୍ଞ ଫିଜିଓଥେରାପି ଡାକ୍ତର ଅଂଶଗ୍ରହଣ କରି ବହୁ ରୋଗୀଙ୍କ ଚିକିତ୍ସା କରିଥିଲେ। ଜଟିଳ ଆଣ୍ଠୁଗଣ୍ଠିଜନିତ ସମସ୍ୟା, ଅଣ୍ଟା, ପିଠି ଯନ୍ତ୍ରଣା ତଥା ପାରାଲିସିସ୍ ରୋଗୀ ଏବଂ ଶିଶୁମାନଙ୍କର ଅଟିଜିମ୍ ଆଦି ରୋଗ ସହ ମାଗଣାରେ ରକ୍ତଚାପ, ମଧୁମେହ, ହିମୋଗ୍ଲୋବିନ୍, ତଥା ବୋନ୍‌ମାରୋ ଡେନ୍‌ସିଟି ପରୀକ୍ଷା ଆଦିର ସୁବିଧା ଯୋଗାଇ ଦିଆଯାଇଥିଲା। ସୋମବାର ବିଶ୍ୱ ଫିଜିଓଥେରାପି ଦିବସ ପାଳନ ପୂର୍ବରୁ ଏହି ଶିବିର ଆୟୋଜନ ବିଶେଷ ବହନ କରିଛି। ୭ଏସ୍‌ଭିଏଫ୍ ସହ ମିଳିତ ଭାବେ ହାପିନେସ୍ ଫାଉଣ୍ଡେସନର ପ୍ରତିଷ୍ଠାତା ପ୍ରଦୀପ୍ତ କୁମାର ପ୍ରଧାନ ତାଙ୍କ ସହଯୋଗୀମାନଙ୍କ ସହ ଏଥିରେ ଯୋଗଦେଇ ଶିବିରକୁ ଅଧିକ ଫଳପ୍ରଦ କରାଇବାରେ ସହଯୋଗ କରିଥିଲେ। ୭ଏସ୍‌ଭିଏଫ୍‌ର ନିର୍ଦ୍ଦେଶକ ଡା. ସିଦ୍ଧାର୍ଥ ଶେଖର ପାତ୍ର କହିଛନ୍ତି ଯେ ଏଭଳି ବଡ଼ ଶିବିର ଓଡ଼ିଶାରେ ପ୍ରଥମଥର ପାଇଁ ଆୟୋଜନ କରାଯାଇଛି। ୭ଏସ୍‌ଭିଏଫ୍‌ର ଡାଇରେକ୍ଟର ଅପର୍ଣ୍ଣା ମହାନ୍ତି ନିକଟ ଭବିଷ୍ୟତରେ ପୁରୀଠାରେ ଲୋକଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ବୃଦ୍ଧାଶ୍ରମ, ପୁନର୍ବାସ କେନ୍ଦ୍ର ଓ ଶିଶୁ ଯତ୍ନାଳୟକୁ ଏକତ୍ରିତ ଭାବେ ରଖି ସୁଲଭ ମୂଲ୍ୟରେ ଅଧିକ ସେବା ଯୋଗାଇବା ପାଇଁ ପ୍ରୟାସ ଜାରି ରହିଛି ବୋଲି କହିଛନ୍ତି।

## ୮୦୦ ଲିଟର ପୋଚ ଜବତ

ବ୍ରହ୍ମଗିରି,୭।୯ (ସମିସ): ରବିବାର ପୁରୀ ଜିଲ୍ଲା କୃଷ୍ଣପ୍ରସାଦ ବ୍ଲକ୍‌ର ଅରଖକୁଦା ମେରାଇନ୍ ଥାନା ପୁଲିସ ଦ୍ୱାରା ୮୦୦ ଲିଟର ପୋଚ ଜବତ ହୋଇଛି। ଦୀର୍ଘ ଦିନ ଧରି ଏହି ଅଞ୍ଚଳରେ ଅସାଧୁ ବେପାରୀ ଚୋରାରେ ପୋଚ ତିଆରି କରି ବିକ୍ରି କରୁଥିଲେ। କିନ୍ତୁ ପୁଲିସ ତା'ର ସୁରାକ୍ ପାଉ ନ ଥିଲା। ହେଲେ ରବିବାର ଚୋରା ମଦ ବେପାରୀଙ୍କୁ ଧରିବାରେ ସଫଳ ହୋଇଛି।



ଖବର ମୁତାବକ, ଅରଖକୁଦା ଥାନା ନିକଟରେ ଏକ ଜଙ୍ଗଲ ମଧ୍ୟରେ କିଛିଦିନ ଧରି ଅସାଧୁ ମଦ ବେପାରୀ ପୋଚ ତିଆରି କରିବା ପାଇଁ ବିଭିନ୍ନ ପ୍ରକାର କେମିକାଲରେ ପ୍ରସ୍ତୁତି କରୁଥିବା ପୁଲିସ ଜାଣିବାକୁ ପାଇଥିଲା। ଘଟଣାସ୍ଥଳରେ ମେରାଇନ୍ ଥାନା ଆଇଆଇସି ନିରଞ୍ଜନ ବେହେରାଙ୍କ ସହିତ ଏକ ପୁଲିସ ଟିମ୍ ପହଞ୍ଚିଥିଲା। ପୁଲିସ ପହଞ୍ଚିବା ଖବର ପାଇ ବେପାରୀ ସେଠାରୁ ଫେରାର୍ ହୋଇଯାଇଥିଲେ। ୧୦ଟି ପ୍ଲାଷ୍ଟିକ୍ ଡ୍ରମ୍‌ରେ ପ୍ରାୟ ୮୦୦ ଲିଟର ପୋଚ ଜବତ କରାଯାଇଛି। ଏହା ସହିତ ପୋଚ ପାଇଁ ବ୍ୟବହାର ହେଉଥିବା ୨୦ କିଲୋ ୟୁରିଆ ସାର, ୧୫ କିଲୋ ଲିକୁଇଡ୍ ସହ ବିଭିନ୍ନ ପ୍ରକାର ରସାୟନିକ ପଦାର୍ଥ ଜବତ କରାଯାଇଛି। ଏହି ଘଟଣାରେ ଆସାମୀକୁ ଧରିବାରେ ପୁଲିସ ବିଫଳ ହୋଇଛି। ଏଭଳି ଘଟଣା ବାରମ୍ବାର ସେହି ଅଞ୍ଚଳରେ ଦେଖାଦେଇଥିଲେ ମଧ୍ୟ ପୁଲିସ ତରଫରୁ ସେଭଳି କିଛି ପଦକ୍ଷେପ ନିଆଯାଉନାହିଁ। ଯାହାଫଳରେ ବେପାରୀମାନେ ଖୁଲମ୍‌ଖୁଲା ପୋଚ ବେପାର କରୁଛନ୍ତି। ଫଳରେ ଏହି ରନ୍ଧା ପୋଚ ଖାଇ ବିଭିନ୍ନ ସମୟରେ କିଛି ଲୋକଙ୍କ ଜୀବନ ଯିବାର ନଜର ରହିଛି। ତୁରନ୍ତ ଏହିସବୁ ଅସାଧୁ ମଦ ବେପାରୀଙ୍କୁ ପୁଲିସ ଖୋଜି ଗିରଫ କରିବା ପାଇଁ ସାଧାରଣରେ ଦାବି ହୋଇଛି।

ଶ୍ରୀଗୁଣ୍ଡିଚା ଆଧ୍ୟାତ୍ମିକ ଟ୍ରଷ୍ଟର ପ୍ରତିଷ୍ଠା ଦିବସ

## ଶ୍ରୀମଦ୍ ଭଗବତ ଶାନ୍ତି, ପ୍ରେମ ଓ ମାନବବାଦର ବାର୍ତ୍ତାବହ


ପୁରୀ,୭।୯ (ସମିସ)

ଶ୍ରୀଗୁଣ୍ଡିଚା ଆଧ୍ୟାତ୍ମିକ ଟ୍ରଷ୍ଟର ଦ୍ୱାବିଂଶତମ ପ୍ରତିଷ୍ଠା ଦିବସ ଅବସରରେ ରବିବାର ଶ୍ରୀମଦ୍ ଭାଗବତରେ ଜୀବନ ଦର୍ଶନ ଶୀର୍ଷକ ରାଜ୍ୟସ୍ତରୀୟ ଆଲୋଚନାଚକ୍ର ସ୍ଥାନୀୟ ସଂସ୍କୃତି ଭବନ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଟ୍ରଷ୍ଟର ଉପାଧ୍ୟକ୍ଷ ବିନୋଦ କୁମାର ପଣ୍ଡା ପ୍ରତିଷ୍ଠା ଉତ୍ସବରେ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ବିଶିଷ୍ଟ ଭାଷାବିତ୍ ପଦ୍ମଶ୍ରୀ ପ୍ରଫେସର ଦେବୀ ପ୍ରସନ୍ନ ପଟ୍ଟନାୟକ ଯୋଗଦେଇ କହିଲେ, ଶ୍ରୀମଦ୍ ଭଗବତ ଶାନ୍ତି, ପ୍ରେମ ଓ ମାନବବାଦର ବାର୍ତ୍ତାବହ। ବ୍ୟାସଦେବ କୃତ ଶ୍ରୀମଦ୍ ଭଗବତ ମହାପୁରାଣର ବିଷୟବସ୍ତୁକୁ ଆଧାର କରି ଅତିବଡ଼ୀ ଜଗନ୍ନାଥ ଦାସ ଓଡ଼ିଆ ଭାଷାରେ ରୂପାନ୍ତର କରିଥିଲେ। ଏହି ରଚନାରେ ଓଡ଼ିଶାର ସାଂସ୍କୃତିକ ପରମ୍ପରା, ଐତିହ୍ୟ, ସଂସ୍କୃତି ଓ ଜଗନ୍ନାଥତତ୍ତ୍ୱର ପୁଙ୍ଖାନୁପୁଙ୍ଖ ବିଶ୍ଳେଷଣ କରିଛନ୍ତି, ଯାହା ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ପାଇଁ ଅମୂଲ୍ୟ ରତ୍ନ ଅଟେ।

ମୁଖ୍ୟବକ୍ତା ଭାବେ ଶ୍ରୀଜଗନ୍ନାଥ ବେଦ କର୍ମକାଣ୍ଡ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ହରପ୍ରିୟା ଦାଶ ଯୋଗଦେଇ କହିଲେ, ଶ୍ରୀମଦ୍ ଭଗବତ ମାନବ ଜୀବନ ଦର୍ଶନକୁ ମହାନ ଦିଗ୍‌ଦର୍ଶନ ଦେଇଛି। ଷୋଡ଼ଶ ଶତାବ୍ଦୀରେ ପ୍ରତି ଗ୍ରାମରେ ଭଗବତ୍ ଟୁଙ୍ଗୀର ପରମ୍ପରା ସୃଷ୍ଟି ହୋଇ ସପ୍ତାଙ୍ଗ ପାରାୟଣ ପଦ୍ଧତିକୁ କ୍ରିୟାଶୀଳ କରିଥିଲା। ସମ୍ମାନିତ ଅତିଥି ଭାବେ ଇଂ. ବ୍ରଜକିଶୋର ପରିଡ଼ା, ଦ୍ରବ୍ୟ ଓ ସେବା କରର ଯୁଗ୍ମ କମିଶନର ପ୍ରଦୀପ୍ତ କୁମାର ସୁବୁଦ୍ଧିରାୟ, ସମାଜସେବୀ ରୁଚିମିତ୍ରା ଜଗଦେବ ମହାପାତ୍ର, ଟ୍ରଷ୍ଟର ଉପଦେଷ୍ଟା ପୁଷ୍କର ମହାପାତ୍ର, କୈଳାସ ଚନ୍ଦ୍ର ସାହୁ, ପ୍ରତିଭା ତ୍ରିପାଠୀ, ଐତିହାସିକ ମଦନ ମୋହନ ମହାପାତ୍ର, ଟ୍ରଷ୍ଟର ସମ୍ପାଦକ ଲକ୍ଷ୍ମୀ ନାରାୟଣ ପଟ୍ଟନାୟକ ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଐତିହାସିକ ଶ୍ରୀ ମହାପାତ୍ର ଆଲୋଚନାଚକ୍ରର ଆଭିମୁଖ୍ୟ ବର୍ଣ୍ଣନା କରିଥିବାବେଳେ ଅଧ୍ୟାପକ ସର୍ବେଶ୍ୱର ଷଡ଼ଙ୍ଗୀ ସ୍ୱାଗତ ଅଭିଭାଷଣ ଓ ସମ୍ପାଦକ ଲକ୍ଷ୍ମୀନାରାୟଣ ପଟ୍ଟନାୟକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ଟ୍ରଷ୍ଟର ମୁଖପତ୍ର "ଶ୍ରୀ ଗୁଣ୍ଡିଚା'ର ଶକ୍ତି ବିଶେଷାଙ୍କ ଉନ୍ମୋଚିତ ହୋଇଥିଲା। ଅପରାହ୍ଣରେ ଆୟୋଜିତ ରାଜ୍ୟସ୍ତରୀୟ ଆଲୋଚନାଚକ୍ରରେ ପଣ୍ଡିତ ଦୟାନିଧି ତ୍ରିପାଠୀ ଅଧ୍ୟକ୍ଷତା କରିଥିବାବେଳେ ବକ୍ତା ଭାବେ ପ୍ରଫେସର ଚନ୍ଦ୍ରଶେଖର ଦାଶ, ଗବେଷକ ନାରାୟଣ ନନ୍ଦ, ପ୍ରଫେସର ପ୍ରମୋଦ କୁମାର ପଣ୍ଡା, ଡ. ପ୍ରମୋଦ କୁମାର ଦଳାଇ, କୃଷ୍ଣ ଚନ୍ଦ୍ର ସୁଆର, ପଣ୍ଡିତ ସଦାଶିବ ମିଶ୍ର, ପ୍ରାଧ୍ୟାପକ ସନ୍ଧ୍ୟାରାଣୀ ବେହେରା, ଶିକ୍ଷାବିତ୍ ବିଜୟଲକ୍ଷ୍ମୀ ଦାଶ, ଡ. ଦିଲ୍ଲୀପ ସେନାପତି, ପ୍ରାଧ୍ୟାପକ ଅଭିମନ୍ୟୁ ଭୂୟାଁ ଓ ଗୋଲକ ବିହାରୀ ପରିଡ଼ା ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ଅଜୟ କୁମାର ଦାଶ, ମାନସୀ ଦେବୀ, ତପନ ସେଠୀ, ଜୁପିଟର ଦାସ। ଏହି ଅବସରରେ ଚନ୍ଦ୍ରଶେଖର ଦାଶ, ଚୁନରା ସେବକ ଡ. ଶରତ ଚନ୍ଦ୍ର ମହାନ୍ତି, ସନ୍ଧ୍ୟାରାଣୀ ବେହେରା, ମାନସୀ ରଥଙ୍କ ସମେତ ବିବିଧ ପ୍ରତିଭାମାନଙ୍କୁ ସମ୍ମାନିତ କରାଯାଇଥିଲା। ପରିଶେଷରେ ଅଧିବକ୍ତା ଭାଗବତ ପ୍ରସାଦ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

ସକାଳ
THE SAKALA

# ସମ୍ପାଦକୀୟ



ଶାନ୍ତି କେବଳ ହିଂସାର ଅନୁପସ୍ଥିତିକୁ ବୁଝାଏ ନାହିଁ, ବାସ୍ତବ ଅର୍ଥରେ ଏହା ହେଉଛି ମାନବୀୟ କରୁଣାର ପ୍ରଦର୍ଶନ।
-ଦଲାଇ ଲାମା

## ସବୁଜ ଇନ୍ଧନର ଆହ୍ୱାନ

ଭାରତର ବାଣିଜ୍ୟ-ଅର୍ଥନୀତିର ମୁଖ୍ୟ ଆହ୍ୱାନ ହେଉଛି ଇନ୍ଧନ। ବିଶ୍ୱର ସର୍ବବୃହତ୍ ଜନସଂଖ୍ୟା ବିଶିଷ୍ଟ ଏହି ଦେଶର ଇନ୍ଧନ ଚାହିଦା ବଢ଼ିଚାଲିଥିବା ବେଳେ ଏଥିରେ ଜୀବାଶ୍ମ ଇନ୍ଧନର ସିଂହଭାଗ ଅବଦାନ ରହୁଛି ଏବଂ ତୈଳ ଚାହିଦାର ୮୦% ପର୍ଯ୍ୟନ୍ତ ଭାରତକୁ ଆମଦାନୀ ଉପରେ ନିର୍ଭର କରିବାକୁ ପଡୁଛି। ଏହାଦ୍ୱାରା ଚାଲୁ ଖାତା ନିଅଣ୍ଟ(କରେଣ୍ଟ ଆକାଉଣ୍ଟ ଡେଫିସିଟ୍) ସହିତ ପରିବେଶ ପ୍ରଦୂଷଣ ମଧ୍ୟ ବଢ଼ିବାରେ ଲାଗିଛି। ଏପରିକି ସାମ୍ପ୍ରତିକ ଭାରତ-ଆମେରିକା ଦ୍ୱିପାକ୍ଷିକ ବାଣିଜ୍ୟ ସମ୍ପର୍କରେ ସୃଷ୍ଟ ତିକ୍ତତାକୁ ଇନ୍ଧନ ଯୋଗାଇଛି ରୁଷରୁ ଭାରତର ବହୁଳ ଇନ୍ଧନ ଆମଦାନୀ। ଏହି ପୃଷ୍ଠଭୂମିରେ ସୁଖର କଥା ଭାରତ ସ୍ୱଚ୍ଛ ଓ ସବୁଜ ଇନ୍ଧନ ନିର୍ଭରଶୀଳତା ଧାର୍ଯ୍ୟ ଲକ୍ଷ୍ୟର ବହୁପୂର୍ବରୁ ହାସଲ କରିବାକୁ ଯାଉଛି। ଏହାଫଳରେ ଇନ୍ଧନ ପାଇଁ ଆମଦାନୀ ଉପରେ ନିର୍ଭରଶୀଳତା ବହୁ ପରିମାଣରେ ହ୍ରାସ ପାଇବାର ଆଶା ସଞ୍ଚାର ହୋଇଛି।

ଗତ ଜୁନ୍ ଶେଷ ସୁଦ୍ଧା ଦେଶର ମୋଟ ଶକ୍ତି ଯୋଗାଣ ୪୮୪.୮୨ ଗିଗାୱାଟ୍ ହୋଇଥିବା ବେଳେ ସେଥିରୁ ପ୍ରାୟ ଅଧା ଅର୍ଥାତ୍ ୨୨.୭୮ ଗିଗାୱାଟ୍‌ର ଉତ୍ସ ଥିଲା ଜଳବିଦ୍ୟୁତ୍, ଆଣବିକ, ସୌର ଓ ପବନ ଶକ୍ତି। ୨୦୩୦ ସୁଦ୍ଧା ଦେଶର ମୋଟ ଶକ୍ତି ଚାହିଦାର ୫୦% ଅଣ-ଜୀବାଶ୍ମ ଇନ୍ଧନରୁ ଭରଣା କରିବା ପାଇଁ ଭାରତ ପ୍ୟାରିସ୍ ଜଳବାୟୁ ଚୁକ୍ତିନାମାରେ ସ୍ୱାକ୍ଷର କରିଥିବା ବେଳେ ତାହାର ପାଞ୍ଚ ବର୍ଷ ପୂର୍ବରୁ ଏହି ଲକ୍ଷ୍ୟ ହାସଲ କରିବା ପରିବେଶ ସୁରକ୍ଷା ପ୍ରତି ଭାରତର ଅଙ୍ଗୀକାରବଦ୍ଧତାକୁ ପ୍ରମାଣିତ କରୁଛି। ଏଥିସହିତ ଜୀବାଶ୍ମ ଇନ୍ଧନ ଆମଦାନୀ ଜନିତ ଅର୍ଥନୈତିକ ବୋଝ ହ୍ରାସ କରିବା ଦିଗରେ ଏକ ଶୁଭସଙ୍କେତ ଦେଇଛି।

ଏହି ସଫଳତା ପଛରେ ସୌରଶକ୍ତିର ଅବଦାନ ଉଲ୍ଲେଖନୀୟ ନ ହେଲେ ମଧ୍ୟ ଉତ୍ସାହଜନକ ଓ ପ୍ରେରଣାପ୍ରଦ। ୨୦୩୦ ସୁଦ୍ଧା ଭାରତ ୫୦୦ ଗିଗାୱାଟ୍ ସୌରଶକ୍ତି ଉତ୍ପାଦନ ପାଇଁ ଲକ୍ଷ୍ୟ ରଖିଥିବା ବେଳେ ବିଗତ ଦୁଇବର୍ଷ ମଧ୍ୟରେ ୨୪ଗିଗାୱାଟ୍ ଉତ୍ପାଦନ କରିପାରିଛି। ନିର୍ମାଣାଧୀନ ଅନେକ ପ୍ରକଳ୍ପ ଆଗାମୀ ବର୍ଷେ/ଦୁଇବର୍ଷ ଭିତରେ ସମ୍ପୂର୍ଣ୍ଣ ହେବାକୁ ଯାଉଥିବାରୁ ସବୁଜ ଶକ୍ତିରେ ଭାରତ ଉଲ୍ଲେଖନୀୟ ସଫଳତା ହାସଲ କରିପାରିବ ବୋଲି ଆଶା ସୃଷ୍ଟି ହେବା ସ୍ୱାଭାବିକ। ଏହାଛଡ଼ା ଭାରତ ଦଶଟି ଆଣବିକ ଶକ୍ତି ଉତ୍ପାଦନ ପ୍ରକଳ୍ପ(ଭାରତ ସ୍ମଲ୍ ମଡୁଲାର ରିଆକ୍ଟର) କାର୍ଯ୍ୟ ତ୍ୱରିତ୍ ଗତିରେ ଚାଲୁଛି। ଏବେ ଆଣବିକ ଶକ୍ତି ଯୋଗାଣ ୧୭ ଗିଗାୱାଟ୍ ଥିବା ବେଳେ ୨୦୩୦ ସୁଦ୍ଧା ଏହାକୁ ଦ୍ୱିଗୁଣିତ କରିବାର ଲକ୍ଷ୍ୟ ରଖାଯାଇଛି।

ଅଣ-ଜୀବାଶ୍ମ ଇନ୍ଧନରେ ଭାରତର ଏହି ସଫଳତା ଉଲ୍ଲେଖନୀୟ ଓ ଉତ୍ସାହପ୍ରଦ ହେଲେ ମଧ୍ୟ ଆହୁରି ଅନେକ ଆହ୍ୱାନକୁ ସମ୍ମୁଖୀନ ହେବାକୁ ପଡ଼ିବ। ଏବେ ସବୁଜ ଶକ୍ତି ବା ଅଣ-ଜୀବାଶ୍ମ ଇନ୍ଧନ ଶକ୍ତିରେ ଜଳବିଦ୍ୟୁତ୍ ଶକ୍ତିର ଅବଦାନ ସିଂହଭାଗ ଥିବା ବେଳେ ତା'ପଛକୁ ରହିଛି ସୌରଶକ୍ତି ପ୍ରକଳ୍ପ। କିନ୍ତୁ ଏ ଦୁଇଟି ସମ୍ପୂର୍ଣ୍ଣ ରୂପେ ଜଳବାୟୁ ଓ ପାଣିପାଗ ଉପରେ ନିର୍ଭରଶୀଳ। ଅନେକ ଜଳବିଦ୍ୟୁତ୍ ପ୍ରକଳ୍ପ ଜଙ୍ଗଲ ଓ ପରିବେଶ ମଞ୍ଜୁରୀ ବିନା ଅଧପନ୍ତରିଆ ରହିଛି। ତେଣୁ ଭାରତକୁ ଆଣବିକ ଇନ୍ଧନ ଓ ସବୁଜ ଉଦ୍‌ଜାନ ଶକ୍ତି ଉତ୍ପାଦନରେ ଅଧିକ ପୁଞ୍ଜିନିବେଶ କରିବା ଆବଶ୍ୟକ। ଏଥିସହିତ ବିଦ୍ୟୁତ୍ ଚାଳିତ ଯାନ(ଇଭି) ଉତ୍ପାଦନ ଓ ବ୍ୟବହାରକୁ ଭାରତ ଯେତେଶୀଘ୍ର ତ୍ୱରାନ୍ୱିତ କରିବ ଜୀବାଶ୍ମ ଇନ୍ଧନ ଜନିତ ଜଞ୍ଜାଳରୁ ସେତେଶୀଘ୍ର ମୁକ୍ତି ମିଳିବ। ସେହିପରି ଭାରତର ମୋଟ୍ ବିଦ୍ୟୁତ୍ ଚାହିଦାର ମାତ୍ର ୨୮% ଅଣ-ଜୀବାଶ୍ମ ଇନ୍ଧନରୁ ଭରଣା ହୋଇପାରୁଥିବା ବେଳେ ବାକି ଅଂଶ ପାଇଁ ଆମେ ସମ୍ପୂର୍ଣ୍ଣ ରୂପେ କୋଇଲା, ଜୀବାଶ୍ମ ତୈଳ ଓ ପ୍ରାକୃତିକ ବାଷ୍ପ ଉପରେ ନିର୍ଭର କରୁଛୁ। ଶକ୍ତି ନିର୍ଭରଶୀଳତାକୁ କ୍ରମଶଃ କୋଇଲା ବା ତାପଜ ବିଦ୍ୟୁତ୍‌ରୁ ସବୁଜ ବିଦ୍ୟୁତ୍‌କୁ ରୂପାନ୍ତରିତ କରିବାକୁ ପଡ଼ିବ।

ସବୁଜ ଇନ୍ଧନରେ ସମ୍ପୂର୍ଣ୍ଣ ଆତ୍ମନିର୍ଭରଶୀଳ ହେବା ପାଇଁ ଯେଉଁ କେତେକ ପ୍ରତିବନ୍ଧକ ରହିଛି ସେଥିରେ ମୁଖ୍ୟ ହେଉଛି ଶକ୍ତି ଭଣ୍ଡାରଣ। ୨୦୨୪ ଶେଷ ସୁଦ୍ଧା ଭାରତର ସବୁଜ ଶକ୍ତି ଭଣ୍ଡାରଣ କ୍ଷମତା ୫ ଗିଗାୱାଟ୍‌ରୁ ମଧ୍ୟ କମ୍ ଥିବା ବେଳେ ବ୍ୟାଟେରି ଭଣ୍ଡାରଣ ପରିମାଣ ଥିଲା ମାତ୍ର ୧୧୦ ମେଗାୱାଟ୍। ଉତ୍ପାଦିତ ଶକ୍ତିକୁ ଗଚ୍ଛିତ କରି ରଖି ତିରୋଟ ସମୟରେ ବିତରଣରେ ସମତୁଲତା ପାଇଁ ସମ୍ପୂର୍ଣ୍ଣ ଦକ୍ଷତା ଆହରଣ କରିପାରିଲେ ଶକ୍ତି ଚାହିଦା-ଯୋଗାଣ ଆହ୍ୱାନକୁ ସଫଳ ମୁକାବିଲା କରିହେବ। କିନ୍ତୁ ସବୁଜ ଶକ୍ତି ଭଣ୍ଡାରଣ ଭିତ୍ତିଭୂମି ନିର୍ମାଣ ବ୍ୟୟ ଓ ସମୟସାପେକ୍ଷ। ଏହି ସମସ୍ୟା ଦୂର କରିବା ପାଇଁ 'ଏକ ଦେଶ ଏକ ଗ୍ରୀଡ୍' ଭଳି ଅଭିନବ ଯୋଜନାକୁ ପାଇଲଟ୍ ପ୍ରକଳ୍ପ ଭିତ୍ତିରେ କାର୍ଯ୍ୟକାରୀ କରାଯାଇପାରେ। ଉଦାହରଣସ୍ୱରୂପ ପଶ୍ଚିମ ଭାରତ ତୁଳନାରେ ସୌରଶକ୍ତିର ଉପଲବ୍ଧତା ଉତ୍ତର-ପୂର୍ବ ଭାରତରେ ବହୁତ କମ୍ ଏବଂ ମଧ୍ୟ-ଭାରତ, ଦକ୍ଷିଣ-ଭାରତ ଓ ପୂର୍ବ-ଭାରତର ଜଳବିଦ୍ୟୁତ୍ ଉତ୍ପାଦନ କ୍ଷମତା ପଶ୍ଚିମ ଭାରତ ତୁଳନାରେ ବହୁ ଅଧିକ। ସେହିପରି ଉପକୂଳ ଭାରତରେ ପବନ ଶକ୍ତିର ଉପଲବ୍ଧତା ଆଭ୍ୟନ୍ତରୀଣ ଭାରତ ତୁଳନାରେ ପର୍ଯ୍ୟାପ୍ତ। 'ଏକ ଦେଶ ଏକ ଗ୍ରୀଡ୍'ରେ ସମନ୍ୱୟ ରକ୍ଷା ହୋଇପାରିଲେ ଗ୍ରୀଷ୍ମଋତୁରେ ଉତ୍ତର-ପୂର୍ବ ଓ ପୂର୍ବ ଭାରତ ପଶ୍ଚିମ ଭାରତରୁ ସୌରଶକ୍ତି ଏବଂ ବର୍ଷା ଋତୁରେ ପଶ୍ଚିମ ଭାରତ ଅବଶିଷ୍ଟ ଭାରତରୁ ଜଳବିଦ୍ୟୁତ ଶକ୍ତି ପାଇପାରିବ। ଏ ଦିଗରେ କେନ୍ଦ୍ରୀୟ ବିଦ୍ୟୁତ କର୍ତ୍ତୃପକ୍ଷ(ସିଇଏ) ଦେଶର ପ୍ରତ୍ୟେକ ସୌରଶକ୍ତି ଉତ୍ପାଦନ କେନ୍ଦ୍ରମାନଙ୍କୁ ଏକ ମାର୍ଗଦର୍ଶିକା ଜାରି କରି ଭଣ୍ଡାରଣ ଓ ବିତରଣ ବ୍ୟବସ୍ଥାକୁ ସୁସଂହତ କରିବାକୁ ଉପଦେଶ ଦେଇଛି। କିନ୍ତୁ ରାଜ୍ୟମାନଙ୍କର ଉଦାସୀନତା କାରଣରୁ ଏହା ସଫଳ ହୋଇପାରିନଥିବାରୁ ଧାର୍ଯ୍ୟ ସମୟ ସୀମାକୁ ଇତିମଧ୍ୟରେ ବୃଦ୍ଧି କରାଯାଇଛି। କେତେକ ସ୍ଥାନରେ ଜଙ୍ଗଲ ଓ ପରିବେଶ ମଞ୍ଜୁରୀଗତ ବିଳମ୍ବ କାରଣରୁ ଆନ୍ତଃରାଜ୍ୟ ଗ୍ରୀଡ୍ ସଂଯୋଗ ପ୍ରକଳ୍ପ ଅଟକି ଯାଇଛି। ଏଥିପ୍ରତି ମଧ୍ୟ ଦୃଷ୍ଟି ଦେବାକୁ ପଡ଼ିବ।

ଅପରପକ୍ଷରେ ଶକ୍ତି ମନ୍ତ୍ରଣାଳୟ ବ୍ୟାଟେରି ଭଣ୍ଡାରଣ କ୍ଷମତାକୁ ୫୪୦୦ କୋଟି ଟଙ୍କା ବ୍ୟୟ ଅଟକଳରେ ୩୦ ଗିଗାୱାଟ୍ ଆୱାର ପର୍ଯ୍ୟନ୍ତ ବୃଦ୍ଧି କରିବାକୁ ଯୋଜନା ଚୂଡ଼ାନ୍ତ କରିଛି। ୨୦୩୨ ସୁଦ୍ଧା ଏହାକୁ କାର୍ଯ୍ୟକ୍ଷମ କରିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ତେବେ ଏ ଦିଗରେ ମଧ୍ୟ ମୁଖ୍ୟ ବାଧକ ସାଜିଛି ଚୀନ୍। ଏବେ ବ୍ୟାଟେରି ଭଣ୍ଡାରଣ ଉପକରଣ ଓ ଜ୍ଞାନକୌଶଳରେ ଚୀନ୍ ବିଶ୍ୱର ସିଂହଭାଗ ଦଖଲ କରିଥିବା ବେଳେ ଭାରତକୁ ବିରଳ ମୃତ୍ତିକା ରପ୍ତାନି କାଣ୍ଟଛାଣ୍ଟ କରିଛି। ତେଣୁ ଧାର୍ଯ୍ୟ ସମୟ ମଧ୍ୟରେ ଲକ୍ଷ୍ୟ ପୂରଣ ହୋଇପାରିବ କି ନାହିଁ ତାହାକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି। ଆଶା ସଦ୍ୟ ସମାପ୍ତ ଏସ୍‌ସିଓ ବୈଠକରେ ଭାରତ ଏ ପ୍ରସଙ୍ଗ ଚୀନ୍ ଆଗରେ ଉପସ୍ଥାପନ କରିଥିବେ।

## ଓଡ଼ିଶାରେ ଅସୁସ୍ଥ ସ୍ୱାସ୍ଥ୍ୟସେବା

ଡ. ପ୍ରଫୁଲ୍ଲ କୁମାର ସାହୁ

ଶାରୀରିକ, ମାନସିକ ଓ ସାମାଜିକ ସ୍ତରରେ ସୁସ୍ଥତା ହିଁ ସ୍ୱାସ୍ଥ୍ୟ, ଯାହା ମଣିଷର ମୌଳିକ ଆବଶ୍ୟକତା। ଉପନିଷଦ କହେ - 'ଶରୀରମାଦ୍ୟଂ ଖଲୁ ଧର୍ମ ସାଧନମ୍'। ଅର୍ଥାତ୍ ସୁସ୍ଥ ଶରୀର ଦ୍ୱାରା ସମସ୍ତ କାର୍ଯ୍ୟ ସଂପାଦନ ସମ୍ଭବ। ସୁସ୍ଥ ନାଗରିକ ହେଉଛନ୍ତି ଦେଶର ମୁଖ୍ୟ ସମ୍ବଳ। ରାଜ୍ୟ ଓ ଦେଶର ପ୍ରଗତିରେ ଥାଏ ସ୍ୱାସ୍ଥ୍ୟସେବାର ମହତ୍ତ୍ୱପୂର୍ଣ୍ଣ ଯୋଗଦାନ। ତେଣୁ ସମସ୍ତଙ୍କୁ ସବୁଠାରେ ଉତ୍ତମ ସ୍ୱାସ୍ଥ୍ୟସେବା ଯୋଗାଇଦେବା ସରକାରଙ୍କ ଦାୟିତ୍ୱ। ବିଶେଷକରି ସ୍ୱାସ୍ଥ୍ୟସେବା ସର୍ବଦା ସମ୍ବେଦନଶୀଳ, ସହଜଲବ୍ଧ, ଗୁଣବତ୍ତା ସଂପନ୍ନ ଓ ଉତ୍ତରଦାୟୀ ହେବା ଜରୁରୀ। ଉପରୋକ୍ତ ପ୍ରେକ୍ଷାପଟରେ ବିଚାର କଲେ ଭାରତବର୍ଷରେ ସାର୍ବଜନୀନ ସ୍ୱାସ୍ଥ୍ୟସେବାର ଭିତ୍ତିଭୂମି ଅତ୍ୟନ୍ତ ଦୁର୍ବଳ। ତୁଳନାତ୍ମକ ଭାବେ ଓଡ଼ିଶାର ସ୍ଥିତି ଆହୁରି ନୈରାଶ୍ୟଜନକ।

ଇଣ୍ଡିଆନ ପବ୍ଲିକ ହେଲ୍‌ଥ ଷ୍ଟାଣ୍ଡାର୍ଡ ନିର୍ଦ୍ଧାରିତ ମାନ ଅନୁସାରେ ସମତଳ ଅଞ୍ଚଳରେ ପ୍ରତି ୩୦ହଜାର ଲୋକଙ୍କ ପାଇଁ ଗୋଟିଏ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଓ ୧ଲକ୍ଷ ୨୦ ହଜାର ଲୋକଙ୍କ ପାଇଁ ଗୋଟିଏ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ରହିବା ଆବଶ୍ୟକ। ସେହିପରି ଆଦିବାସୀ ଅଧ୍ୟୁଷିତ ବନାଞ୍ଚଳରେ ପ୍ରତି ୨୦ ହଜାର ଲୋକରେ ଗୋଟିଏ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଓ ୮୦ହଜାର ଲୋକରେ ଗୋଟିଏ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ରହିବା ବ୍ୟବସ୍ଥାସମ୍ମତ। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ହିସାବ ଅନୁଯାୟୀ ପ୍ରତି ଏକହଜାର ଲୋକରେ ଜଣେ ଡାକ୍ତର ରହିବା ଆବଶ୍ୟକ ଥିବା ସ୍ଥଳେ ଓଡ଼ିଶାରେ ୧୯୪୩ ଜଣ ଲୋକଙ୍କ ପାଇଁ ଅଛନ୍ତି ଜଣେ ଡାକ୍ତର। ତଥ୍ୟ ଅନୁସାରେ ଓଡ଼ିଶାରେ ମୋଟ ୧୮୧୫ଟି ଏଲୋପାଥି ଡାକ୍ତରଖାନା ଅଛି ଏବଂ ସେସବୁ ଡାକ୍ତରଖାନାରେ ମଞ୍ଜୁରୀପ୍ରାପ୍ତ ଡାକ୍ତର ପଦବୀ ସଂଖ୍ୟା ୬୭୧୯। ବିଡ଼ମ୍ବନାର ବିଷୟ ସେଥିମଧ୍ୟରୁ ୪୩୧୫ ଜଣ ନିୟମିତ ଡାକ୍ତର ଥିବା ବେଳେ ଖାଲି ପଡ଼ିଛି ୨୦୦୪ଟି ନିୟମିତ ଡାକ୍ତର ପଦବୀ।

ଜୀବନ ରକ୍ଷାକାରୀ ସେବାପରାୟଣ ଡାକ୍ତରଙ୍କୁ କୁହାଯାଏ ଦ୍ୱିତୀୟ ଈଶ୍ୱର। ଦ୍ୱିତୀୟ ଈଶ୍ୱର ସୃଷ୍ଟି କରିବା ତଥା ଉଚ୍ଚମାନର ରୋଗୀସେବା ପ୍ରଦାନ କରିବା ମେଡିକାଲ କଲେଜଗୁଡ଼ିକର ଗୁରୁଦାୟିତ୍ୱ। ମାତ୍ର ଆବଶ୍ୟକ ସଂଖ୍ୟକ ଶିକ୍ଷକ ନଥିବାରୁ ଓଡ଼ିଶାରେ ଡାକ୍ତରୀଶିକ୍ଷା ବ୍ୟବସ୍ଥା ଏବେ ଅବହେଳିତ। ଓଡ଼ିଶାର ସର୍ବପୁରାତନ ଶିକ୍ଷାନୁଷ୍ଠାନ ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ ସମେତ ରାଜ୍ୟରେ ଥିବା ବିଭିନ୍ନ କିସମର ୧୭ଟି ମେଡିକାଲ କଲେଜରେ ଲାଗି ରହିଛି ଶିକ୍ଷକ ମରୁଡ଼ି।

ଓଡ଼ିଶାରେ ବହୁଳ ଆଦୃତ, ପ୍ରଚଳିତ ସାଫଲ୍ୟମଣ୍ଡିତ ବିଜୁ ସ୍ୱାସ୍ଥ୍ୟକଲ୍ୟାଣ ଯୋଜନା ବଦଳରେ ରାଜ୍ୟରେ ଲାଗୁ ହୋଇଛି କେନ୍ଦ୍ର ସରକାରଙ୍କର ବହୁ ଚର୍ଚ୍ଚିତ ଆୟୁଷ୍ମାନ ଭାରତ ଯୋଜନା। କୌଣସି ଏକ ପ୍ରଚଳିତ ଯୋଜନାଠାରୁ ଅନ୍ୟ ଏକ ଯୋଜନାକୁ ଉତ୍କୃଷ୍ଟ ସାବ୍ୟସ୍ତ କରିବାକୁ ହେଲେ ତାହା ପ୍ରଚଳିତ ଯୋଜନା ଅପେକ୍ଷା ସୁଲଭ ସରଳ ଓ ସର୍ବଗ୍ରାହ୍ୟ ହେବା ଆବଶ୍ୟକ। ମାତ୍ର ବିଶେଷଜ୍ଞମାନଙ୍କ କହିବା ଅନୁଯାୟୀ ତତ୍କାଳ ସେବା ଯୋଗାଇବା ନିମନ୍ତେ ବିଜୁ ସ୍ୱାସ୍ଥ୍ୟ ଯୋଜନା ତୁଳନାରେ ଆୟୁଷ୍ମାନ ଭାରତ ଯୋଜନା ଖୁବ୍ ଦୁର୍ବଳ। ଏଥିରେ ଆଶୁ ସେବା ଯୋଗାଇବା କ୍ଷେତ୍ରରେ ବାଧକ ହୋଇଛି ଅନାବଶ୍ୟକ ତଥ୍ୟବହୁଳ ଓ ସର୍ତ୍ତ ସମ୍ବଳିତ ପଞ୍ଜିକରଣ ପ୍ରକ୍ରିୟା। ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ହେଉ କି ଆୟୁଷ୍ମାନ ଭାରତ ଯୋଜନା, ଏ ବାବଦରେ ସରକାର ଦେଉଥିବା ଲକ୍ଷଲକ୍ଷ ଟଙ୍କାର ଅନୁଦାନ ତୁଳନାରେ ରାଜ୍ୟରେ ସୁଦୃଢ଼ ଚିକିତ୍ସା ଭିତ୍ତିଭୂମି ନଥିବାରୁ ଏହାର ସୁଯୋଗ ନେଉଛନ୍ତି ସେବାକୁ ବେପାର ଭାବରେ ଗ୍ରହଣ କରିଥିବା ଘରୋଇ ଡାକ୍ତରଖାନାର ମାଲିକମାନେ। ସରକାରୀ ଅଧିକାରୀଙ୍କ ସହିତ ସଲାସୁତୁରା କରି ସେମାନେ ମାଲେମାଲ ହେଉଛନ୍ତି ଉପରୋକ୍ତ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ମାଧ୍ୟମରେ। ଏହି ଯୋଜନା ଅନ୍ତର୍ଗତ କେଉଁ ରୋଗ ପାଇଁ ସରକାର କେତେ ଟଙ୍କା ଦେବେ, ତାହା ନିର୍ଦ୍ଧାରଣ କରିବାରେ ବି ରହିଛି ସେମାନଙ୍କ ପ୍ରଚ୍ଛନ୍ନ ହାତ।

ଗଲା କେତେବର୍ଷ ମଧ୍ୟରେ ଗମନାଗମନ କ୍ଷେତ୍ରରେ ଯଥେଷ୍ଟ ବିକାଶ ହୋଇଥିବା ସତ୍ତ୍ୱେ ରାଜ୍ୟରେ ଏମିତି ସାତ ହଜାରରୁ ଅଧିକ ଅପହଞ୍ଚ ଗାଁ ଅଛି, ଯେଉଁଠିକି ଯାଇ ପାରୁନି ଆମ୍ବୁଲାନ୍ସ। ସେହିସବୁ ଗାଁ ଲୋକଙ୍କ ପାଇଁ କୌଣସି ଅର୍ଥ ବହନ କରେନି ୧୦୮ ଆମ୍ବୁଲାନ୍ସ ସେବା। ଗ୍ରାମାଞ୍ଚଳର ଆଉଏକ ସମସ୍ୟା ହେଉଛି ସେଠାକାର ସ୍ୱାସ୍ଥ୍ୟ କେନ୍ଦ୍ରଗୁଡ଼ିକରେ ଡାକ୍ତରମାନଙ୍କ ଅନୁପସ୍ଥିତି। ଗ୍ରାମାଞ୍ଚଳରେ ନିଯୁକ୍ତି ପାଇଥିବା ଡାକ୍ତରମାନେ ପ୍ରାୟତଃ ସହରରେ ରୁହନ୍ତି ଏବଂ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିୟମିତ ଯାଆନ୍ତି ନାହିଁ କି ସେଠାରେ ରୋଗୀ ଦେଖନ୍ତିନି ନିର୍ଦ୍ଧାରିତ ସମୟରେ। ଉପାନ୍ତ ଅଞ୍ଚଳରେ କିଛି ଡାକ୍ତରଖାନାରେ ଡାକ୍ତର ଓ ନର୍ସଙ୍କ ଅନୁପସ୍ଥିତିରେ ରୋଗୀ ସେବା କରନ୍ତି ସୁଇପର ଓ ରାତ୍ରି ଜଗୁଆଳି।

ଆମ ସମାଜରେ ଆଜି ବି ଏମିତି ଡାକ୍ତର ଅଛନ୍ତି, ଯେଉଁମାନଙ୍କ ପାଇଁ ରୋଗୀସେବା ଏକ ବୃତ୍ତି ନୁହେଁ ପ୍ରବୃତ୍ତି। ଏକ ସଂକଳ୍ପ। ଏହି ଉତ୍ସର୍ଗୀକୃତ ଡାକ୍ତରଙ୍କ ମିଠାକଥାରେ, ଶ୍ରଦ୍ଧାଶୀଳ ଆଚରଣରେ, ସ୍ପର୍ଶରେ ରୋଗୀ ଅନୁଭବ କରେ ଅଧା ଉପଶମ। ସେମାନଙ୍କ ନିଃସର୍ତ୍ତ ସେବାପଣ ଆଗରେ ନଇଁଯାଏ ମଥା। ଆଉ ଏକ କିସମର ଡାକ୍ତର ଅଛନ୍ତି, ଯିଏ ଲାଭ ଓ ଲୋଭର ତରାଜୁରେ ମାପନ୍ତି ସେବାର ମାନ। ଏମାନେ ସରକାରୀ ଚାକିରିରେ ଥାଇ ସୁଦ୍ଧା ଅଧିକ ସମୟ ଦିଅନ୍ତି ଘରୋଇ ଚିକିତ୍ସାରେ। ଘରୋଇ ଚିକିତ୍ସାର ଅର୍ଥ ନୁହେଁ, ଯୋଜନାବଦ୍ଧ ଭାବରେ ସରକାରୀ ଡାକ୍ତରଖାନା ପ୍ରତି ଅନାସ୍ଥାଭାବ ସୃଷ୍ଟି କରି ରୋଗୀକୁ ଘରୋଇ ଚିକିତ୍ସା ଆଡ଼କୁ ଟାଣିବା। ସାର୍ବଜନୀନ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଏହା ହିଁ ବିଡ଼ମ୍ବିତ ସତ୍ୟ। ଏହି କାରଣରୁ ଆଶ୍ଚର୍ଯ୍ୟଜନକ ଭାବେ ଅଚଳ ହୋଇଯାଏ ସରକାରୀ ଡାକ୍ତରଖାନାର ବହୁ ମୂଲ୍ୟବାନ ଯନ୍ତ୍ରପାତି।

ଗଲା କେତେ ଦଶନ୍ଧି ମଧ୍ୟରେ ଓଡ଼ିଶାରେ ଅନେକଗୁଡ଼ିଏ କର୍ପୋରେଟ ପରିଚାଳିତ ଡାକ୍ତରଖାନା ପ୍ରତିଷ୍ଠା ହୋଇପାରିଛି ଏବଂ ଘରୋଇ ଡାକ୍ତରଖାନାଗୁଡ଼ିକ ପାଇଁ ରାଜ୍ୟ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଆସିପାରିଛି ବୈପ୍ଳବିକ ପରିବର୍ତ୍ତନ। ଜଟିଳ ରୋଗର ଚିକିତ୍ସା ପାଇଁ ଆଉ ଯିବାକୁ ପଡୁନି ଦିଲ୍ଲୀ, ମୁମ୍ବାଇ ଓ ବାଙ୍ଗାଲୋର। ସବୁ ପ୍ରକାର ଚିକିତ୍ସା ସୁବିଧା ଓଡ଼ିଶାର ଘରୋଇ ଡାକ୍ତରଖାନାରେ ଉପଲବ୍ଧ। ଏସବୁ ଡାକ୍ତରଖାନାର ଚିକିତ୍ସା ବ୍ୟବସ୍ଥା ଯେତିକି ଉଚ୍ଚମାନର, ତଣ୍ଟିକଟା ଯୋଜନା ସେତିକି ସୁପରିକଳ୍ପିତ। ରୋଗୀ ମରିଗଲା ପରେ ବି ତା' ଦେହରେ ଭେଣ୍ଟିଲେଟର ଲଗାଇ ପରିବାର ଲୋକଙ୍କଠାରୁ ଶୋଷଣ କରାଯାଏ ଟଙ୍କା। ରୋଗୀ ବିଜୁସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଓ ଆୟୁଷ୍ମାନ ଭାରତ ଯୋଜନା ଅନ୍ତର୍ଭୁକ୍ତ ହୋଇଥିଲେ, ରୋଗୀ ଆରୋଗ୍ୟ ପରେ ବି ଚିକିତ୍ସା ଚାଲେ ନିର୍ଦ୍ଧାରିତ ଅର୍ଥରାଶି ହଡ଼ପ ସରିବା ପର୍ଯ୍ୟନ୍ତ। ସାଧାରଣ ଲୋକଙ୍କୁ ଅଳ୍ପ ଖର୍ଚ୍ଚରେ ସ୍ୱାସ୍ଥ୍ୟସେବା ଯୋଗାଇ ଦେବା ସର୍ତ୍ତରେ ଏମାନେ ଶାଗମାଛ ଦରରେ ହାତେଇଛନ୍ତି ମୂଲ୍ୟବାନ ସରକାରୀ ଜମି। ସର୍ତ୍ତ ଖିଲାପ ପରେ ବି ସେମାନଙ୍କ ବିରୋଧରେ କିଛି କାର୍ଯ୍ୟାନୁଷ୍ଠାନ ହେବା ପରିବର୍ତ୍ତେ ସେମାନଙ୍କ ବ୍ୟବସାୟ ବଢ଼େଇବା ପାଇଁ ଜାଣିଶୁଣି ସରକାରୀ ଡାକ୍ତରଖାନାରେ ସୃଷ୍ଟି କରାଯାଉଛି ଅଚଳାବସ୍ଥା।

ଓଡ଼ିଶାରେ ସ୍ୱାସ୍ଥ୍ୟ ସେବାରେ ଆଉ ଏକ ସମସ୍ୟା ହେଉଛି ନକଲି ଓ ନିମ୍ନମାନର ଔଷଧ। ନିମ୍ନମାନର ଔଷଧ ଯେତିକି ବିପଦଜ୍ଜନକ, ନକଲି ଔଷଧ ସେତିକି ମାରାତ୍ମକ। ରୋଗୀ ଔଷଧ ଖାଏ ରୋଗ ଭଲ ହେବା ପାଇଁ। ମାତ୍ର ରୋଗ ଭଲ ହେବା ତ ଦୂରର କଥା ନକଲି ଔଷଧ ରୋଗୀ ଦେହରେ ସୃଷ୍ଟି କରେ ନୂଆ ରୋଗ। ଏହି ଦୃଷ୍ଟିରୁ ଯେଉଁମାନେ ନକଲି ଔଷଧ କାରବାର କରନ୍ତି, ସେମାନେ ଜଣେ ଜଣେ ହତ୍ୟାକାରୀ ବା ଜୀବନଭକ୍ଷକ। ଅସାଧୁ ବ୍ୟକ୍ତି ବା ଫାର୍ମାସ୍ୟୁଟିକାଲ କମ୍ପାନୀ ଦ୍ୱାରା ନକଲି ଔଷଧ ତିଆରି ହୁଏ, ଯା'ର ଏକମାତ୍ର ଉଦ୍ଦେଶ୍ୟ ଅସାଧୁ ଉପାୟରେ ପର୍ଯ୍ୟାପ୍ତ ଅର୍ଥ ଉପାର୍ଜନ। ଆମ ରାଜ୍ୟରେ ବିଭିନ୍ନ ସମୟରେ ନକଲି ଔଷଧ ଜବତ ହେଉଥିଲେ ବି ଦୋଷୀ ଧରାପଡୁନାହାନ୍ତି, କିମ୍ବା ଧରାପଡ଼ିଲେ ମଧ୍ୟ ସେମାନଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ହେଉନାହିଁ, ଯାହା ଦୁର୍ଭାଗ୍ୟଜନକ। ନକଲି ଔଷଧ ଯୋଗୁଁ ହେଉଥିବା ମୃତ୍ୟୁ ପାଇଁ କେବଳ ତା'ର ନିର୍ମାତା ଓ ବ୍ୟବସାୟୀ ଦାୟୀ ନୁହନ୍ତି, ଏଥିପାଇଁ ସରକାରୀ ବ୍ୟବସ୍ଥା ମଧ୍ୟ ଦାୟୀ।

ଭଦ୍ରକ୍, ମୋ: ୬୩୭୧୬୪୨୪୬୪

## ଆତ୍ମହତ୍ୟା ପ୍ରବଣତା ଏକ ଅସୁସ୍ଥ ମାନସିକତା

ଅର୍ଜ୍ଜୁନ ଘଡ଼େଇ

ଯେକୌଣସି ଗୁରୁତର ସମସ୍ୟାର ସାମାଧାନ ପାଇଁ ଅନେକ ଉପାୟ ନିର୍ଣ୍ଣୟ କରାଯାଇପାରେ। କିନ୍ତୁ ପ୍ରତ୍ୟକ୍ଷ ବା ପରୋକ୍ଷ ଭାବେ ସମସ୍ୟାର ସମାଧାନ କରି ନ ପାରି ଆତ୍ମହତ୍ୟା ପରି ନିଷ୍ଠୁର, ଅଶୋଭନୀୟ, ବିବେକହୀନ, ଅଯୌକ୍ତିକ ଓ ଅସାମାଜିକ କାର୍ଯ୍ୟକୁ ଆପଣେଇ ନେବା ଏକ ସୁସ୍ଥ ମାନସିକତାର ପରିଚାୟକ ନୁହେଁ। ଏହାଦ୍ୱାରା ନା ହୁଏ ସମାସ୍ୟାର ସମାଧାନ ନା ମିଳେ ଆତ୍ମସମ୍ମାନ। ତେଣୁ ନିଜକୁ ଅସହାୟ, ନିରୁପାୟ ଭାବି ଆତ୍ମହତ୍ୟା କରିବାକୁ ଉଦ୍ୟମ କରିବା ଏକମାତ୍ର ବିକଳ୍ପ ନୁହେଁ। ସଂସାର ଅଛି ମାନେ ସମସ୍ୟା ଅଛି - ସମାଧାନ ବି ଅଛି। ଶୀଘ୍ର ନହେଲେ ବି ବିଳମ୍ବରେ ହେଇପାରେ। ଜୀବନ ଅଛି ମାନେ ଯନ୍ତ୍ରଣା ବି ରହିବ। କିନ୍ତୁ ଯନ୍ତ୍ରଣାରୁ ଉପଶମ ପାଇଁ ବା ମୁକ୍ତ ହେବା ପାଇଁ ଆତ୍ମହତ୍ୟା କରିବା ଅମାନବିକ, ଅନୈତିକ ଓ ଅପରିଣାମଦର୍ଶୀ କାର୍ଯ୍ୟ ଭାବେ ବିବେଚନା କରିବାକୁ ହେବ।

ଅଧିକାର ସାବ୍ୟସ୍ତ ପାଇଁ ସଂଗ୍ରାମ କରିବା, ସମସ୍ୟା ବିରୁଦ୍ଧରେ ସଂଗ୍ରାମ ପାଇଁ ଶକ୍ତି ସଂଚୟ କରିବା, ବଞ୍ଚିବା ପାଇଁ ଉପାୟ ଖୋଜିବା ଆମର ସନ୍ତୁଳିତ ମାନସିକତାର ଗଠନପୂର୍ଣ୍ଣ କର୍ତ୍ତବ୍ୟ ହେବା ବିଧେୟ। ଆମ ପୂର୍ବସୂରୀ, ଜ୍ଞାନୀ, ଗୁଣୀ, ସମାଜ ସେବୀ, ତ୍ୟାଗୀ ମହାପୁରୁଷମାନଙ୍କର କର୍ତ୍ତବ୍ୟ ସମୂହରୁ ଆମେ ଏମିତି ଅନେକ ଶିକ୍ଷା ପାଇଛେ, ଯାହାକୁ ଆଧାର କରି ଅନେକ ବ୍ୟକ୍ତି ଆତ୍ମହତ୍ୟା କରିବାକୁ ଯାଇ ଫେରିଆସିଛନ୍ତି। ପରବର୍ତ୍ତୀ ଜୀବନରେ ସମାଜ ପାଇଁ ଅନେକ ମହତ୍ତ୍ୱପୂର୍ଣ୍ଣ କାର୍ଯ୍ୟ କରିପାରିଛନ୍ତି। କିନ୍ତୁ ଆଜିର ସମାଜରେ ଲୋକମାନଙ୍କ ମନରେ ଆତ୍ମହତ୍ୟା ପ୍ରବଣତା ଯେପରି ବୃଦ୍ଧିପାଇଛି, ଦେଖିଲେ ଯେତିକି ଦୁଃଖଲାଗୁଛି ସେତିକି ବିସ୍ମୟାଭିଭୂତ ହେବାକୁ ପଡୁଛି। ଏହା ଆମ ଅସ୍ଥିର ଭାବନା ଓ ଧୈର୍ଯ୍ୟଚ୍ୟୁତି ଯୋଗୁଁ ଯେ ଘଟୁଛି ଏହା ନିଃସନ୍ଦେହ।

ଅନେକ କାରଣରୁ ଆମ ମନ ବିଚଳିତ ହୁଏ। ବିଚାରରେ ବିଭ୍ରାଟ ସୃଷ୍ଟି ହୁଏ। ମାନସିକ ଅବସ୍ଥା ଅସ୍ଥିର ହୁଏ। ବେଳେବେଳେ ପରିବାରର ଆତ୍ମୀୟ, ରକ୍ତ ସମ୍ପର୍କୀୟ, ସମାଜର ଅସାମାଜିକ ଚରିତ୍ର, ନ୍ୟାୟିକ ବ୍ୟବସ୍ଥା ଓ ଆଇନ କାନୁନ୍ ସୁରକ୍ଷା ପାଇଁ ନିଯୁକ୍ତ ଥିବା, ଦାୟିତ୍ୱ ବହନ କରିଥିବା ବ୍ୟକ୍ତିବିଶେଷ - ଏସମସ୍ତଙ୍କର ଏଥିରେ ପ୍ରତ୍ୟକ୍ଷ କିମ୍ବା ପରୋକ୍ଷ ହାତଥାଏ। ଜଣଙ୍କୁ ଆତ୍ମହତ୍ୟା ନ କରିବା ପାଇଁ ସେମାନେ ସେମାନଙ୍କର ଦାୟିତ୍ୱ ସଠିକ ଭାବେ ନିର୍ବାହ କରିପାରନ୍ତି ନାହିଁ। କିନ୍ତୁ ଆମେ ଯେଉଁମାନେ ଏପରି ନୀତିହୀନ କାର୍ଯ୍ୟ କରିବାକୁ ପ୍ରୟାସ କରୁଛେ, ଆମେ କ'ଣ ନିଜକୁ ଜଣେ ବିଚାରବନ୍ତ ମଣିଷଭାବେ ପରିଚୟ ଦେଇପାରିବା ନାହିଁ? ଆମର ଶିକ୍ଷା, ଦୀକ୍ଷା, ସାମାଜିକ ଦାୟିତ୍ୱବୋଧ, ନୀତି, ନୈତିକତା କ'ଣ ଆମକୁ ବିପତ୍ତି, ବିପର୍ଯ୍ୟୟରୁ ମୁକ୍ତ କରିପାରିବ ନାହିଁ? ଏଥିପାଇଁ ଦୃଢ଼ ମନୋବଳ ସହ ଧୈର୍ଯ୍ୟ, ପ୍ରାଜ୍ଞ, ସହନଶୀଳତା ଆଦି ପ୍ରାଣ ସୁରକ୍ଷାକାରୀ ଚେତନାଗୁଡ଼ିକୁ ଉଜ୍ଜୀବିତ କରିବାକୁ ପଡ଼ିବ ଶେଷ ଜୀବନ ହେବା ଯାଏଁ।

ଏ ଜୀବନ ଆମର ନୁହେଁ- ଏହା ଈଶ୍ୱର ପ୍ରଦତ୍ତ ବା ଐଶୀଶକ୍ତି ସମ୍ପର୍କୀତ, ଯାହା ଆମେ ଆଧ୍ୟାତ୍ମିକ ତତ୍ତ୍ୱ ସମୂହରୁ ଜାଣିଛେ। ଯାହା ଆମର ଅଧିକାର ନୁହେଁ ତାହା ଆମେ ଧ୍ୱଂସ କରିବାକୁ ପ୍ରୟାସ କରି ଅମାନବିକତାର ପରିଚୟ ଦେବା ଉଚିତ ନୁହେଁ।

ଜୀବନରେ ଯୋଗ, ଆସନ, ପ୍ରାଣାୟମ ଆଦି ଦ୍ୱାରା ମନ, ଚିତ୍ତରେ ସ୍ଥିରତା ଆସେ। ଧୈର୍ଯ୍ୟଭାବ ସୃଷ୍ଟି ହୁଏ। ଏକଥା ପିଲାଦିନୁ ଅଭ୍ୟାସ କଲେ ପିଲାଟି ବଡ଼ ହେଲା ପରେ ନିଜକୁ ସଶକ୍ତ କରି ଗଢ଼ିପାରିବ। ଦ୍ୱିତୀୟରେ ପିଲା ଦିନରୁ ପ୍ରାପ୍ତବୟସ୍କ ହେବା ପର୍ଯ୍ୟନ୍ତ ଅନେକ ପିଲା ପରିବାରଠାରୁ ଦୂରରେ ରହି ଶିକ୍ଷାଗ୍ରହଣ କରୁଛନ୍ତି। ସେମାନେ ପାରିବାରିକ ସ୍ନେହ, ଶ୍ରଦ୍ଧା, ସମ୍ପର୍କକୁ ବୁଝିବାରେ ଅସମର୍ଥ ହୋଇ ଏ କାର୍ଯ୍ୟ ଯୋଗୁଁ ସେମାନଙ୍କ ପରିବାର ଲୋକେ କେତେ ଦୁଃଖ ପାଇବେ ତାହା ଅନୁଭବରେ ଆଣିପାରୁନାହାନ୍ତି। ତୃତୀୟରେ ବ୍ୟକ୍ତିଟିର କୌଣସି ତ୍ରୁଟିଯୁକ୍ତ କାର୍ଯ୍ୟକୁ ଅତ୍ୟଧିକ ସମାଲୋଚନା ନକରି ସେହି କାର୍ଯ୍ୟରୁ ନିବୃତ୍ତ ରହିବା ପାଇଁ ପରାମର୍ଶ ଦେବା ଆମ ପରିବାରର ଲୋକ, ବନ୍ଧୁ ଓ ଶୁଭେଚ୍ଛୁମାନଙ୍କ ଉପଯୁକ୍ତ କର୍ତ୍ତବ୍ୟ ହେବା ବିଧେୟ। ତାହା କରିବାରେ ଆମର ଅବହେଳା ହେଉଛି। ଆଇନ୍ ସୁରକ୍ଷାକାରୀଙ୍କ କାଳକ୍ଷେପଣ ନୀତି, କିମ୍ବା ଅଣଦେଖା ଦ୍ୱାରା ଅନେକ ବ୍ୟକ୍ତି ଠିକ୍‌ସମୟରେ ଉପଯୁକ୍ତ ନ୍ୟାୟ ନ ପାଇ ଅସହାୟ ମନେ କରି ଆତ୍ମହତ୍ୟା ଆଡ଼କୁ ମନ ବଳାଉଛନ୍ତି। ନ୍ୟାୟିକ ବ୍ୟବସ୍ଥାରେ ଆତ୍ମହତ୍ୟା ପାଇଁ ପ୍ରୋତ୍ସାହିତ କରୁଥିବା କିମ୍ବା ନିଜେ କରୁଥିବା ବ୍ୟକ୍ତିମାନଙ୍କୁ ତତ୍‌କ୍ଷଣାତ୍, ସର୍ବସମ୍ମୁଖରେ କଠୋର ଶାସ୍ତି ଦେବାର ବ୍ୟବସ୍ଥା କରାଯାଇପାରୁନାହିଁ। ଏପରି ଅନେକ କାରଣ ଯୋଗୁଁ ଅତ୍ୟାଚାରିତ, ନିଷ୍ପେଷିତ, ଅନେକ ବ୍ୟକ୍ତି ଆତ୍ମହତ୍ୟା କରିବାକୁ ଆଗେଇ ଆସୁଛନ୍ତି।

ଏହା ସର୍ବଶେଷ ନିଷ୍ପତ୍ତି ହୋଇନପାରେ। ଏଥିପାଇଁ କିଛି ସମୟ ପାଇଁ ଏପରି ଅନୁଷ୍ଠାନ ବା ସ୍ଥାନମାନଙ୍କଠାରୁ ଦୂରେଇ ଯାଇ ଏକ ନିରାପଦ ସୁରକ୍ଷା ପ୍ରଦାନକାରୀ ସ୍ଥାନ ସ୍ଥିର କରି କିଛିଦିନ ଅତିବାହିତ କରିଦେଲେ ମାନସିକତାରେ ପରିବର୍ତ୍ତନ ଆସିଯାଇପାରେ କିମ୍ବା ଅନ୍ୟ କିଛି ସମାଧାନର ସୂତ୍ର ବାହାରିପାରେ। ସମୟ ସ୍ରୋତରେ ଭାସିନଯାଇ ପ୍ରତିକୂଳରେ ଗତି କରିବା ଶିଖିବା ଆବଶ୍ୟକ। ବିଶୃଙ୍ଖଳିତ ସାମାଜିକ ବ୍ୟବସ୍ଥାକୁ ପ୍ରତିହତ କରିବା ବୁଦ୍ଧିମତ୍ତାର ପରିଚୟ ହୋଇଥାଏ। ପରିବାରଠାରୁ ସମାଜ ପର୍ଯ୍ୟନ୍ତ ସମସ୍ତେ ନିଜ ନିଜ ସ୍ତରରେ ଏଥିପାଇଁ ସଚେତନା ସୃଷ୍ଟି କଲେ ଆତ୍ମହତ୍ୟା ପ୍ରବଣତା ସମାଜରେ କମିଯିବ - ଏ ବିଶ୍ୱାସ ରଖିବା ଉଚିତ। ସାମାଜିକ ପରିସ୍ଥିତିକୁ ଲକ୍ଷ୍ୟ କରି ବିଭିନ୍ନ ସାମାଜିକ ସଂଗଠନ କିମ୍ବା ଧାର୍ମିକ ଅନୁଷ୍ଠାନ ଏ ଦିଗରେ ଆଲୋଚନା କରି ଜନ ସଚେତନତା ସୃଷ୍ଟି କରିବାର ଯଥେଷ୍ଟ ଆବଶ୍ୟକତା ରହିଛି। ଲୋକମାନଙ୍କ ମନରୁ ଏପରି କୁତ୍ସିତ ଚିନ୍ତାଧାରା କିପରି ଦୂର କରାଯାଇପାରିବ ସେଥିପାଇଁ ସରକାରୀ ଓ ବେସରକାରୀ ସବୁସ୍ତରରେ ଉଦ୍ୟମ ହେବା ଆବଶ୍ୟକ।

ମଣିଷ ଅମୃତର ସନ୍ତାନ। ଭଗବାନଙ୍କର ସର୍ବଶ୍ରେଷ୍ଠ ସୃଷ୍ଟି। ଯେଉଁ ଆତ୍ମାର ଗତି, ସ୍ଥିତି, ବିଲୟ ଆମ ଅଧିକାର ଭୁକ୍ତ ନୁହେଁ, ସେ ଆତ୍ମାକୁ ଶେଷ କରିବାର ନିଷ୍ପତ୍ତି ଆମେ ନେବା ଉଚିତ କି? ଥରେ ହୁଏତ ଏତିକି ଅନୁଭବ କଲେ ସବୁଦିନ ପାଇଁ ଆତ୍ମହତ୍ୟା କରିବାର ମାନସିକତା ଦୂର ହୋଇଯା'ନ୍ତା।

ଦାଣ୍ଡମୁକୁନ୍ଦପୁର(ପୁରୀ),
ମୋ: ୯୪୩୮୦୪୮୬୧୫)

## ଆମ ବୃକ୍ଷଲତା ଆମ ଜୀବନ

ସୌଭାଗ୍ୟସୁନ୍ଦର

**ଅମରପୋଇ**

**ପ୍ରକୃତି-ପରିବେଶ**

ଅମରପୋଇ ମାଡାଗାସ୍କର ଏବଂ ଦକ୍ଷିଣ ଆଫ୍ରିକାର ମୂଳ ଜାତ। କିନ୍ତୁ ସାରା ବିଶ୍ୱରେ ଉଷ୍ଣମଣ୍ଡଳୀୟ ଅଞ୍ଚଳରେ ପ୍ରାକୃତିକ ହୋଇସାରିଛି। ଏହା ସାଧାରଣତଃ ଏସିଆ, ଆଫ୍ରିକା ଏବଂ ଦକ୍ଷିଣ ଆମେରିକାର ଦେଶଗୁଡ଼ିକରେ ଦେଖାଯାଏ। ଅମରପୋଇ ଏକ ବହୁବର୍ଷୀୟ ରସାଳ, ଚମକଦାର ଔଷଧି ତୃଣ ଯାହା ପ୍ରାୟ ଏକ ମିଟର ଉଚ୍ଚତା ପର୍ଯ୍ୟନ୍ତ ବଢ଼ିଥାଏ। ଅଦ୍ଭୁତ ଚିକିତ୍ସା କ୍ଷମତା ଯୋଗୁଁ ଅମରପୋଇକୁ 'ଅଦ୍ଭୁତ ପତ୍ର' ଓ 'ଜୀବନ ଉଦ୍ଭିଦ' କୁହାଯାଏ। କାଣ୍ଡଗୁଡ଼ିକ ହାଲୁକା ସବୁଜ ରଙ୍ଗର। ପତ୍ରଗୁଡ଼ିକ ପ୍ରତି ଗଣ୍ଠିରୁ ଦୁଇଟି ଲେଖା ବିପରୀତ ଦିଗରେ ଉତ୍ପନ୍ନ ହୋଇଥାଏ। ଫୁଲଗୁଡ଼ିକ ଲମ୍ବିତ ଓ ବଡ଼। ଫୁଲର କେଲିକ୍ସ ଅର୍ଥାତ ବହିରାବରଣ ବା ବୃତି ମଣ୍ଡଳ ସବୁଜ ଏବଂ ଉପର ଭାଗରେ ଫିକା ସବୁଜ। ଫୁଲର କରୋଲା ବା ପାଖୁଡ଼ା ଲମ୍ବା ନଳାକାର, ଲାଲ-ବାଇଗଣୀ ଓ ମୂଳରେ ଅଷ୍ଟକୋଣୀୟ। ଫଳଟି କ୍ୟାଲିକ୍ସ ଓ କୋରୋଲା ମଧ୍ୟରେ ଆବଦ୍ଧ ରହିଥାଏ। ବିହନଗୁଡ଼ିକ ଛୋଟ, ମସୃଣ ଓ ଆୟତରେ ଅଣ୍ଡାକାର।

ଅମରପୋଇରେ ଉପସ୍ଥିତ ଫାଇଟୋକେମିକାଲ୍ ବା ଜୈବ ରସାୟନିକ ଉପାଦାନଗୁଡ଼ିକ ହେଉଛି ଆଲକାଲଏଡ୍, ସାପୋନିନ୍, ଫ୍ଲାଭୋନଏଡ୍, ଟାନିନ୍ ଓ କାର୍ଡିଆକ୍ ଗ୍ଲାଇକୋସାଇଡ୍ (ବ୍ରାୟୋଫିଲିନ୍-ଏ), ଇତ୍ୟାଦି। ପୁଷ୍ଟିକର ବିଶ୍ଳେଷଣ ଦର୍ଶାଏ ଯେ ଏଥିରେ କାର୍ବୋହାଇଡ୍ରେଟ୍ ବା ଶର୍କରା ପରିମାଣ ସର୍ବାଧିକ ଏବଂ ଏସ୍ ବା ପାଉଁଶ ସର୍ବନିମ୍ନ ଥାଏ। କ୍ୟାଲସିୟମ ଓ ପୋଟାସିୟମ୍ ସ୍ତର ପ୍ରାଧାନ୍ୟ ବିସ୍ତାର କଲା ବେଳେ ସୀସା ଓ ଜିଙ୍କ୍ ସର୍ବନିମ୍ନର ସ୍ତରରେ ଥାଏ। ଏଥିରେ ଫ୍ଲାଭୋନଏଡ୍ସ ଓ ଫେନୋଲିକ୍ ଯୌଗିକ ଉପାଦାନ ପରି ଆଣ୍ଟିଅକ୍ସିଡାଣ୍ଟ, ଅକ୍ସିଡେଟିଭ୍, ଆଣ୍ଟି-ଇନଫ୍ଲେମେଣ୍ଟାରୀ, ଆଣ୍ଟିମାଇକ୍ରୋବାୟଲ୍, ଆଣ୍ଟିଫଙ୍ଗାଲ, ଆନାଲ୍ଜେସିକ୍, ଡାଏ୍ୟୁରେଟିକ, ଗୁଣ ଭରପୂର ରହିଛି। ଅମରପୋଇର ସବୁଠାରୁ ଜଣାଶୁଣା ବ୍ୟବହାର ମଧ୍ୟରୁ ଗୋଟିଏ ହେଉଛି କିଡନୀ ବା ବୃକକ୍ ପଥର ଚିକିତ୍ସା। ଉଦ୍ଭିଦର ଔଷଧୀୟ ବ୍ୟବହାର ମଧ୍ୟରେ ହୃତପିଣ୍ଡ ସ୍ୱାସ୍ଥ୍ୟକୁ ଉନ୍ନତ କରିବାଠାରୁ ଆରମ୍ଭ କରି ପାଚନ ଅସ୍ୱସ୍ତିର ଦୂର, ରକ୍ତ ଚାପ ଓ ରକ୍ତ ସର୍କରା ନିୟନ୍ତ୍ରଣ, କୋଲେଷ୍ଟ୍ରଲ୍ ସ୍ତର ହ୍ରାସ, ରକ୍ତ ସଞ୍ଚାଳନକୁ ଉନ୍ନତ, ଆସ୍ଥମା, ବ୍ରୋଙ୍କାଇଟିସ୍, ଦୀର୍ଘକାଳୀନ କାଶ, ଶ୍ୱାସକ୍ରିୟା ସମସ୍ୟା, ଆର୍ଥ୍ରାଇଟିସ୍, ଗଣ୍ଠି ଯନ୍ତ୍ରଣା, ମାଂସପେଶୀ ପ୍ରଦାହ, ଫୁଲା ଓ ଯନ୍ତ୍ରଣା ହ୍ରାସ, ଚର୍ମ ରୋଗ ଚିକିତ୍ସା, ପୋଡ଼ାଜଳା, କଟା, ଫୋଡ଼ା, କୀଟପତଙ୍ଗ କାମୁଡ଼ା ଚିକିତ୍ସା, କୋଷ୍ଠକାଠିନ୍ୟ, ଅଜୀର୍ଣ୍ଣ, ମୁଣ୍ଡବିନ୍ଧା, ଋତୁସ୍ରାବ ଯନ୍ତ୍ରଣା, ମେଦ ବହୁଳତା, କଳାଦାଗ ହ୍ରାସର ଚିକିତ୍ସା ଆଦି ରହିଛି।

ଯଦିଓ ଆମରପୋଇ ଅନେକ ସ୍ୱାସ୍ଥ୍ୟ ଲାଭ ପ୍ରଦାନ କରେ, ଏହାର କିଛି ସମ୍ଭାବ୍ୟ ପାର୍ଶ୍ୱ ପ୍ରତିକ୍ରିୟା ବିଷୟରେ ସଚେତନ ରହିବା ଆବଶ୍ୟକ ଏବଂ ସ୍ୱାସ୍ଥ୍ୟସେବା ବିଶେଷଜ୍ଞଙ୍କ ସହ ପରାମର୍ଶ କରିବା ଅତ୍ୟନ୍ତ ଜରୁରୀ। ଗର୍ଭବତୀ ପ୍ରସୂତିମାନେ ବିଶେଷଜ୍ଞଙ୍କ ପରାମର୍ଶ ବିନା ଅମରମୋଇ ବ୍ୟବହାର କରିବାରୁ ନିବୃତ୍ତ ରହିବାକୁ ପରାମର୍ଶ ଦିଆଯାଇଛି।

ଅମରପୋଇର ବିବିଧ ଔଷଧୀୟ ବ୍ୟବହାର ଏହାକୁ ପ୍ରାକୃତିକ ଆରୋଗ୍ୟ ପାଇଁ ଏକ ପସନ୍ଦର ଉଦ୍ଭିଦ କରିଥାଏ। ସୁସ୍ଥ ଓ ସତେଜ ରହିବା ପାଇଁ ଏହି ତୃଣ ପୂର୍ଣ୍ଣ ସୂର୍ଯ୍ୟ କିରଣରୁ ଆଂଶିକ ଛାଇ ଆବଶ୍ୟକ କରେ। ଏହା ଥଣ୍ଡା ପ୍ରତିରୋଧୀ ନୁହେଁ ଏବଂ ଥଣ୍ଡା ପରିସ୍ଥିତିରେ ବଞ୍ଚି ରହେ ନାହିଁ। ସେଭଳି ପରିସ୍ଥିତିରେ ଏହାର ମୂଳର ଚାରିପାଖରେ ମାଟିରେ ମଲ୍‌ଚ କିମ୍ବା ଗୋଡ଼ିର ଏକ ସ୍ତର ରଖିବା ଦ୍ୱାରା ଏହାକୁ ଉଷ୍ମ ରଖିବାରେ ସାହାଯ୍ୟ କରିପାରିବ। ଏହାକୁ ଏକ ଭଲ ବାୟୁଚଳନ ସ୍ଥାନରେ ରଖିବା ଉଚିତ। ଏହାର ବଂଶବିସ୍ତାର ସହଜରେ ବିହନ କିମ୍ବା ପତ୍ର, କାଣ୍ଡ କିମ୍ବା ଅଗ୍ରଭାଗ କଟିଙ୍ଗ ଦ୍ୱାରା ପ୍ରସାରିତ ହୁଏ। ନୂତନ ଚାରା ପତ୍ର ଧାରରେ ସୃଷ୍ଟି ହୁଏ ଏବଂ ଏହାକୁ ଅଲଗା କରି ପୋତାଯାଇପାରିବ। ପିଲାମାନେ ଆମୋଦ ପାଇଁ ବହି କିମ୍ବା ଖାତା ଭିତରେ ଅମରପୋଇ ପତ୍ର ରଖନ୍ତି। କିଛିଦିନ ପରେ ପତ୍ରଧାରର ବିଭିନ୍ନ ସନ୍ଧିରୁ ଚେର ବାହାରେ। ତେଣୁ ଏହାର ପତ୍ରକୁ ପୋତିଲେ ମଧ୍ୟ ଗଛ ସୃଷ୍ଟି କରାଯାଇପାରିବ। ତେଣୁ ତାହାକୁ ଅମରପୋଇ ନାମ ଦିଆଯାଇଥିବା ଚର୍ଚ୍ଚା ହୁଏ।

ଭୁବନେଶ୍ୱର, ମୋ: ୯୪୩୭୧୯୦୪୨୦

ସକାଳ
THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ପାରିବାରିକ କଳହରୁ ମା'କୁ ହତ୍ୟା

### ଜେଲ୍ ଗଲା ପୁଅ



ରାଉରକେଲା,୭।୯(ସମିସ): ପାରିବାରିକ କଳହକୁ କେନ୍ଦ୍ର କରି ଜନ୍ମ କଲା ମାଆକୁ ହତ୍ୟା ଅଭିଯୋଗରେ ହେମଗିରି ପୁଲିସ୍ ଜଣେ ଯୁବକକୁ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲା, ସୁନ୍ଦରଗଡ଼ ଜିଲ୍ଲାର ହେମଗିରି ଥାନା ଅନ୍ତର୍ଗତ ବନ୍ଧପାଲି ଗାଁର ବଳିନ୍ଦ୍ର ଧୁରୁଆ (୪୨)। କୋର୍ଟରେ ଜାମିନ ନାମଞ୍ଜୁର ହେବାରୁ ବଳିନ୍ଦ୍ରକୁ ଜେଲ୍ ହାଜତକୁ ପଠାଇ ଦିଆଯାଇଛି। ଅପରପକ୍ଷେ ପୁଲିସ୍ ବଳିନ୍ଦ୍ରଙ୍କ ମା' ଶୈଳ ଧୁରୁଆ (୬୦)ଙ୍କ ଶବକୁ ବ୍ୟବଚ୍ଛେଦ କରାଇ ପରିବାରଲୋକଙ୍କୁ ହସ୍ତାନ୍ତର କରିଛି। ସୂଚନା ମୁତାବକ, ବଳିନ୍ଦ୍ରଙ୍କ ଝିଅମାନେ ପଡ଼ୋଶୀ ଘରକୁ ଯାଇଥିବାରୁ ଶୈଳ ଗତକାଲି ଅପରାହ୍ଣରେ ସେମାନଙ୍କୁ ପାଟିତୁଣ୍ଡ କରିଥିଲେ। ବଳିନ୍ଦ୍ର ଏହାର ପ୍ରତିବାଦ କରିବାରୁ ମା'-ପୁଅଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ତେବେ କଥା ଆଗକୁ ବଢ଼ିବାରୁ ଦୁହେଁ ଧସ୍ତାଧସ୍ତି ହୋଇଥିଲେ। ଏତିକିବେଳେ ପୁଅର ଧକ୍କାରେ ଶୈଳ ତଳେ ପଡ଼ି ସଂଜ୍ଞାହୀନ ହୋଇଯାଇଥିଲେ। ତାଙ୍କ ମୁଣ୍ଡ ଫାଟି ରକ୍ତ ବାହାରିଥିଲା। ଶୈଳଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲେ ହେଁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଶୈଳଙ୍କ ସାନ ଭଉଣୀ ସୋଉକି ଭୋଇଙ୍କ ଅଭିଯୋଗ ଆଧାରରେ ପୁଲିସ୍ ବଳିନ୍ଦ୍ରଙ୍କୁ ଆଜି ଗିରଫ କରି କୋର୍ଟ ଚାଲାଣ କରିଛି।

## ଜାହାଜରୁ ଖସି ନିଖୋଜ କର୍ମଚାରୀଙ୍କ ଶବ ଉଦ୍ଧାର



ପାରାଦୀପ, ୭।୯ (ସମିସ): ଜାହାଜରୁ ଖସି ନିଖୋଜ ଥିବା କର୍ମଚାରୀଙ୍କ ମୃତଦେହ ଆଜି ସନ୍ଧ୍ୟାରେ ପିଆଇସିଟି-୨ ବର୍ଥରୁ ଉଦ୍ଧାର କରାଯାଇଛି। ଉଦ୍ଧାର ମୃତଦେହକୁ ବନ୍ଦର ମେଡିକାଲରେ ରଖାଯାଇଥିବା ବେଳେ ଆସନ୍ତାକାଲି ବ୍ୟବଚ୍ଛେଦ କରାଯିବ ବୋଲି ମେରାଇନ୍ ଥାନା ପକ୍ଷରୁ ସୂଚନା ଦିଆଯାଇଛି। ମୃତ କର୍ମଚାରୀଜଣଙ୍କ ଚୀନ୍‌ର ନାଗରିକ ଝାଙ୍ଗ ତାଇ (୨୦) ବୋଲି ଜଣାପଡ଼ିଛି।

ସୂଚନା ମୁତାବକ, ଜାହାଜ 'ଲକି-ଡ୍ରାଗନ୍' ପଣ୍ୟ ଖାଲି କରିବା ପରେ ବର୍ଥ ଛାଡ଼ିବା ବେଳେ ଦୁଇଜଣ କର୍ମଚାରୀ ସମୁଦ୍ର ମଧ୍ୟକୁ ଖସି ପଡ଼ିଥିଲେ। ବାଂଲାଦେଶୀ କର୍ମଚାରୀଙ୍କୁ ଉଦ୍ଧାର କରାଯାଇଥିବା ବେଳେ ଚୀନ୍ ନାଗରିକ ଝାଙ୍ଗ ତାଇ ନିଖୋଜ ଥିଲେ। ଆଜି ୩ଦିନ ପରେ ତାଙ୍କ ମୃତଦେହକୁ ଉଦ୍ଧାର କରାଯାଇଛି।

## ୭ ଫୁଟ୍‌ର ଅଜଗର ଉଦ୍ଧାର



କୋରୁକୋଣ୍ଡା, ୭।୯(ସମିସ): ମାଲକାନଗିରି ଜିଲ୍ଲା ବାଲିମେଳା ସହରର ୨ ନମ୍ବର ୱାର୍ଡସ୍ଥିତ ଆନିଆ ସାହିର ଜଣେ ବ୍ୟକ୍ତିଙ୍କ ଘରୁ ଆଜି ସକାଳେ ୭ ଫୁଟ୍‌ର ଏକ ଅଜଗର ଉଦ୍ଧାର ହୋଇଛି। ଘର ଭିତରେ ଦୁର୍ଗନ୍ଧ ହେବାରୁ ମୂଷା ମରିଯାଇଥିବା ଭାବି ଘରର ଏଣେତେଣେ ସେମାନେ ଖୋଜି ବୁଲିଥିଲେ। ତେବେ ଘରକୋଣରେ ଅଜଗରକୁ ଦେଖି ସେମାନେ ଭୟଭୀତ ହୋଇପଡ଼ିଥିଲେ। ଖବର ପାଇ ବିଶିଷ୍ଟ ସାପ ଧରାଳି ରାଜେନ୍ଦ୍ର ଖରା ସେଠାରେ ପହଞ୍ଚି ସାପକୁ ଉଦ୍ଧାର କରି ନିକଟସ୍ଥ ଜଙ୍ଗଲରେ ଛାଡ଼ି ଦେଇଥିଲେ।

## କଂଗ୍ରେସର ସଂଗଠନ ସୃଜନ ଅଭିଯାନ

# କାମ କରି ନ ପାରିଲେ ଜିଲ୍ଲା ସଭାପତି ପଦରୁ ବିଦା

ଭୁବନେଶ୍ୱର, ୭।୯(ସମିସ): ସଂଗଠନ ସୃଜନ ଦ୍ୱାରା ଜିଲ୍ଲା ସଭାପତି ଚୟନ ହେବାର ୩ ମାସ ଜୋରଦାର କାମ ହେବ। ସେଥିରେ ଯେଉଁମାନେ ପାସ୍ ନ ହେବେ, ସେମାନେ ପଦରୁ ବିଦା ହେବେ। ଦଳ ପକ୍ଷରୁ ଯେଉଁ କାମ ଦିଆଯିବ, ତାହା ସଠିକ ଭାବେ କରି ଦେଖାଇଲେ ପଦରେ ରହିବେ, ନହେଲେ ସେମାନେ ବିଦା ହେବେ ବୋଲି ପିସିସି ସଭାପତି ଭକ୍ତ ଚରଣ ଦାସ କହିଛନ୍ତି।

ରାଜ୍ୟରେ କଂଗ୍ରେସର ୩୫ଟି ସାଂଗଠନିକ ଜିଲ୍ଲା ପାଇଁ ସଂଗଠନ ସୃଜନ ମାଧ୍ୟମରେ ସଭାପତି ଚୟନ ପ୍ରକ୍ରିୟା ଜାରି ରହିଛି। ଆସନ୍ତା ୧୪ତାରିଖ ସୁଦ୍ଧା ଏହି ପ୍ରକ୍ରିୟା ଶେଷ ହେବାକୁ ଥିବା ବେଳେ ଏଆଇସିସି ପର୍ଯ୍ୟବେକ୍ଷକମାନେ ସଭାପତିଙ୍କ ନାମ ସୁପିରିସ୍ କରିବେ। ଏହାରି ଭିତରେ ଭକ୍ତ ଆଜି ଏହି ମନ୍ତବ୍ୟ ଦେବା ସହ ସଭାପତି ଚୟନ ପ୍ରକ୍ରିୟା ଓ ଯେଉଁ ବାଟରେ ସଭାପତି ପଦରେ ବସିଲେ ବି କାମ କରି ଦେଖାଇବାକୁ ପଡ଼ିବ ବୋଲି କହିଛନ୍ତି।

### ୩ ମାସ ପର୍ଯ୍ୟନ୍ତ ଜିଲ୍ଲା ସଭାପତିଙ୍କ କାମ ଉପରେ ନଜର

ସେ ଆହୁରି କହିଛନ୍ତି ଯେ ସଙ୍ଗଠନ ସୃଜନ ଅଭିଯାନ ରାହୁଲ ଗାନ୍ଧୀଙ୍କ ଏକ ଅନନ୍ୟ ପ୍ରୟାସ। ଗଣତାନ୍ତ୍ରିକ ପ୍ରକ୍ରିୟାରେ ତୃଣମୂଳ ସ୍ତରରେ ଜିଲ୍ଲା ସଭାପତି ଚୟନ କାର୍ଯ୍ୟକ୍ରମ ସାରା ଓଡ଼ିଶାରେ ଚାଲିଛି। କଂଗ୍ରେସ ଦଳର ୩୫ଟି ସାଙ୍ଗଠନିକ ଜିଲ୍ଲା ପାଇଁ ଏଆଇସିସିରୁ ଜଣେ ଏବଂ ପିସିସିରୁ ତିନିଜଣ ଏଭଳି ଚାରିଜଣ ପର୍ଯ୍ୟବେକ୍ଷକ ନିଯୁକ୍ତ ହୋଇଛନ୍ତି। ଏହି ସଙ୍ଗଠନ ସୃଜନ କାର୍ଯ୍ୟକ୍ରମ ଜିଲ୍ଲାରୁ ବ୍ଲକ୍‌ସ୍ତର ପର୍ଯ୍ୟନ୍ତ କଂଗ୍ରେସ କର୍ମୀଙ୍କ ମଧ୍ୟରେ ଏକ ଅପୂର୍ବ ଉତ୍ସାହ ପରିଲକ୍ଷିତ ହେଉଛି, ଯାହା କଂଗ୍ରେସ ଦଳର ଭବିଷ୍ୟତ ପାଇଁ ଅତି ଶୁଭଙ୍କର ବିଷୟ। ଏହି ପ୍ରକ୍ରିୟାକୁ ଦଳର ଅଗଣିତ ନେତା ଓ କର୍ମୀ ଯେଭଳି ଉତ୍ସବମୁଖର କରୁଛନ୍ତି, ତାହା ସାଧାରଣ ଜନତାଙ୍କ ଉପରେ ସକାରାତ୍ମକ ପ୍ରଭାବ ପଡୁଛି। ଆଗାମୀ ୧୪ ତାରିଖରେ ସଙ୍ଗଠନ ସୃଜନ କାର୍ଯ୍ୟକ୍ରମର ପରିସମାପ୍ତି ହୋଇ ପ୍ରତ୍ୟେକ ସାଙ୍ଗଠନିକ ଜିଲ୍ଲା ପାଇଁ ସଭାପତି ନିଯୁକ୍ତି ହେବ। ସେ ପୁଣି କହିଛନ୍ତି, ତୃଣମୂଳସ୍ତରରେ ଏଭଳି ଗଣତାନ୍ତ୍ରିକ ଉପାୟରେ, ସମସ୍ତ କଂଗ୍ରେସ କର୍ମୀଙ୍କ ମତାମତକୁ ସମ୍ମାନ ଦେଇ ନେତା ଚୟନର ଏତେ ବ୍ୟାପକ କାର୍ଯକ୍ରମ କେବଳ କଂଗ୍ରେସ ଦଳ ପକ୍ଷରେ ହିଁ ସମ୍ଭବ। କଂଗ୍ରେସ ସବୁବେଳେ ଗଣତନ୍ତ୍ର, ସମ୍ବିଧାନ ଏବଂ ଲୋକଙ୍କ ଅଧିକାର ଉପରେ ଅଗ୍ରାଧିକାର ଦେଇଥାଏ। କଂଗ୍ରେସ କେବଳ ଗଣତନ୍ତ୍ରର ଭାଷଣ ଦିଏ ନାହିଁ, ବରଂ ଗଣତାନ୍ତ୍ରିକ ଉପାୟରେ ନିଜ ଦଳକୁ ନିର୍ମାଣ କରିବାରେ ବିଶ୍ୱାସ କରେ। ସଂଗଠନ ସୃଜନ ଅଭିଯାନରେ ଅତ୍ୟନ୍ତ ଉତ୍ସାହ ସହକାରେ ଅଂଶଗ୍ରହଣ କରୁଥିବାରୁ ସମସ୍ତ କଂଗ୍ରେସ କର୍ମକର୍ତ୍ତା ଏବଂ କର୍ମୀଙ୍କୁ କୃତଜ୍ଞତା ଜ୍ଞାପନ କରିବା ସହ ରାହୁଲ ଗାନ୍ଧୀଙ୍କ ନୀତିଗତ ପ୍ରୟାସକୁ ନେଇ ଆଗାମୀ ଦିନରେ କଂଗ୍ରେସକୁ ଅଧିକ ମଜଭୁତ କରାଯାଇ ଲୋକଙ୍କ ଅଧିକାର ପାଇଁ ଅବିରାମ ସଂଘର୍ଷ କରାଯିବ ବୋଲି ଶ୍ରୀ ଦାସ କହିଛନ୍ତି।

## ବରଗଡ଼ ସହରରେ ଜବରଦଖଲ ଉଚ୍ଛେଦକୁ ନେଇ ଉତ୍ତେଜନା

# ପୁଲିସ୍-କଂଗ୍ରେସ କର୍ମୀ ଧସ୍ତାଧସ୍ତି

ବରଗଡ଼, ୭।୯(ସମିସ): କିଛି ଦିନର ବ୍ୟବଧାନ ପରେ ରବିବାର ବରଗଡ଼ ସହରରେ ପ୍ରଶାସନ ତରଫରୁ ଜବରଦଖଲ ଉଚ୍ଛେଦ ପ୍ରକ୍ରିୟା ଆରମ୍ଭ ହୋଇଛି। ଏହାକୁ ନେଇ ଉତ୍ତେଜନାମୂଳକ ପରିସ୍ଥିତି ଦେଖିବାକୁ ମିଳିଥିଲା। ପୁଲିସ ଓ କଂଗ୍ରେସ କର୍ମୀ ମୁହାଁମୁହିଁ ହୋଇଥିଲେ। ଜବରଦଖଲ ଉଚ୍ଛେଦକୁ ବିରୋଧ କରିବାରୁ କଂଗ୍ରେସ ନେତା ନିପନ ଦାସଙ୍କୁ ପୁଲିସ ଲେଙ୍ଗୁମିଶ୍ର ଛକରୁ ଉଠାଇନେଇ ଦୀର୍ଘ ସମୟ ପର୍ଯ୍ୟନ୍ତ ଥାନାରେ ଅଟକ ରଖିଥିଲା। ବ୍ୟବସାୟୀ ଅନୁଷ୍ଠାନମାନଙ୍କୁ ସମୟ ଦେବା ସହ ସୁପ୍ରିମକୋର୍ଟ, ଉଚ୍ଚ ନ୍ୟାୟଳୟ ତଥା ହ୍ୟୁମାନ ରାଇଟ୍ସ କମିସନଙ୍କ ଆଦେଶକୁ ପ୍ରଶାସନ ଉଲ୍ଲଂଘନ ନ କରିବାକୁ କଂଗ୍ରେସ ନେତା ନିପନ୍ ଦାଶ ଦାବି କରିଥିଲେ। ନିପନଙ୍କୁ ପୁଲିସ ଘଟଣାସ୍ଥଳରୁ ଉଠାଇନେବା ପରେ ଘଟଣାସ୍ଥଳରେ ରାଜ୍ୟ ଛାତ୍ର କଂଗ୍ରେସ ଉପସଭାପତି ଗୌରବ ଆଜାଦ ପତିଙ୍କ ସମେତ ବହୁ କଂଗ୍ରେସ କର୍ମୀ ଏକତ୍ରିତ ହୋଇ ହୋହଲ୍ଲା କରିଥିଲେ। ଏହାକୁ ନେଇ ଉତ୍ତେଜନା ଦେଖାଯାଇଥିଲା।

ପରେ ବରଗଡ଼ ଗାନ୍ଧୀ ଛକଠାରେ ମଧ୍ୟ କଂଗ୍ରେସ କର୍ମୀଙ୍କ ତରଫରୁ ରାସ୍ତା



ଅବରୋଧ କରାଯାଇଥିଲା। ହେଲେ ପୁଲିସ କଂଗ୍ରେସ କର୍ମୀଙ୍କୁ ରାସ୍ତା ଅବରୋଧରୁ ହଟାଇ ଦେଇଥିଲା। ଉଚ୍ଛେଦ ପାଇଁ ୫୦ ବର୍ଷରୁ ଅଧିକ ପୁରୁଣା ବ୍ୟବସାୟିକ ଅନୁଷ୍ଠାନକୁ ଜିଲ୍ଲା ପ୍ରଶାସନ କେବଳ ୪୮ ଘଣ୍ଟାର ସମୟ ଦେଇ ବୁଲଡୋଜର୍ ଲଗାଇ ଭାଙ୍ଗି ଦେଇଛି। ଏହାର ପ୍ରତିବାଦରେ ବରଗଡ଼ ସଚେତନ ନାଗରିକ ମଞ୍ଚ ତରଫରୁ ବରଗଡ଼ ବ୍ୟବସାୟିକ ସଂଘ ତରଫରୁ ରବିବାର ଆଗ୍ରଗାମୀ ଯୁବକ ସଂଘ ପରିସରରେ ଏକ ସାଧାରଣ ସଭା ଆଗତ ହୋଇଯାଇଛି। ସଭାରେ ବରଗଡ଼ ଜଗନ୍ନାଥ ବ୍ୟବସାୟିକ ସଂଘ, ଚାମ୍ବର ଅଫ୍ କମର୍ସ, ବରଗଡ଼ ବିକାଶ ମଞ୍ଚ, ଚେତନା ସାମାଜିକ ସଂଗଠନ, ବରିଷ୍ଠ ନାଗରିକ ସଙ୍ଘ, ପ୍ରଗତି ସାମାଜିକ ସଂଗଠନ, ପ୍ରଗତି କ୍ଲବ୍, ମରଚାଣ୍ଟ ଆସୋସିଏସନ, ବାପୁଜୀ ବଣିକ ସଙ୍ଘ, ହୋଟେଲ ଓ ରେଷ୍ଟୁରାଣ୍ଟ ଆସୋସିଏସନ, ଆଇନଜୀବୀ ବିମଳ କର, ଲିପ୍ସିତ ମିଶ୍ର, ନିପନ ଦାସଙ୍କ ସହିତ ଶତାଧିକ ଜନସାଧାରଣ ଉପସ୍ଥିତ ଥିଲେ। ବୁଦ୍ଧିଜୀବୀଙ୍କୁ ନେଇ ବୈଠକ ଆୟୋଜିତ ହେବା ସହ ସୋମବାର ବ୍ୟବସାୟୀକ ସଙ୍ଘ ତରଫରୁ ବରଗଡ଼ ଜିଲ୍ଲାପାଳଙ୍କୁ ଦାବିପତ୍ର ଦିଆଯିବ ବୋଲି ନିଷ୍ପତ୍ତି ଗ୍ରହଣ କରାଯାଇଛି।

## ୧୨ ଗେଟ୍ ବନ୍ଦ କଲା ହୀରାକୁଦ

### କମିଲା ବର୍ଷା

ସମ୍ବଲପୁର,୭।୯(ସମିସ): ଉପରମୁଣ୍ଡରେ ବର୍ଷା ପରିମାଣ କମିବାରୁ ହୀରାକୁଦ ଜଳଭଣ୍ଡାରକୁ ଜଳ ପ୍ରବେଶର ପରିମାଣ କମିଛି। ଏହାକୁ ଦୃଷ୍ଟିରେ ରଖି ହୀରାକୁଦ କର୍ତ୍ତୃପକ୍ଷ ଗତକାଲି ରାତି ୪ଟି ଓ ଆଜି ପର୍ଯ୍ୟାୟକ୍ରମେ ୮ଟି, ଏହିପରି ମୋଟ ୧୨ ଗୋଟି ଗେଟ୍ ବନ୍ଦ କରିଦେଇଛନ୍ତି। ରବିବାର ସନ୍ଧ୍ୟା ସୁଦ୍ଧା ହୀରାକୁଦ ଜଳସ୍ତର ୬୨୬.୬୨ ଫୁଟ୍‌ରେ ପହଞ୍ଚିଛି। ଏବେ ୪ଟି ଗେଟ୍ ଦେଇ ବନ୍ୟାଜଳ ନିଷ୍କାସିତ ହେଉଛି। ନଦୀବନ୍ଧର ବାମପଟର ୩ଟି ଓ ଡାହାଣ ପଟର ଗୋଟିଏ ଗେଟ୍ ଦେଇ ବନ୍ୟାଜଳ ନିଷ୍କାସନ କରାଯାଉଛି। ଜଳଭଣ୍ଡାରକୁ ସେକେଣ୍ଡ ପିଛା ୧,୬୪,୫୫୬ ଘନଫୁଟ୍ ଜଳ ପ୍ରବେଶ କରୁଥିବା ବେଳେ ପାୱାର ଚ୍ୟାନେଲ, ଶିଳ୍ପାନୁଷ୍ଠାନ, କେନାଲ ଆଦି ଦେଇ ୧,୦୫,୦୦୬ କ୍ୟୁସେକ୍ ଜଳ ନିଷ୍କାସିତ ହେଉଛି। ସ୍ପିଲୱେ ଦେଇ ୬୪୭୩୨ ଘନଫୁଟ୍, ପାୱାର ଚ୍ୟାନେଲ ଦେଇ ୩୫,୯୯୭ ଘନଫୁଟ୍, ଶିଳ୍ପାନୁଷ୍ଠାନ ସକାଶେ ୨୪୩ଘନଫୁଟ୍, କେନାଲ ପାଇଁ ୪,୦୩୪ ଘନଫୁଟ୍ ଜଳ ନିଷ୍କାସିତ ହେଉଛି। ତଳମୁଣ୍ଡରେ ପଥର୍ଲାଠାରେ ୩୨୭୮୦ କ୍ୟୁସେକ୍ ଜଳ ପ୍ରବାହିତ ହେଉଥିବା ବେଳେ ଖଇରମାଲଠାରେ ୩୧୦୦୦୦ କ୍ୟୁସେକ୍, ବାରମୁଲଠାରେ ୩୭୩୭୫୦କ୍ୟୁସେକ୍ ଏବଂ ମୁଣ୍ଡଲୀଠାରେ ୬୨୫୯୭୫ କ୍ୟୁସେକ୍ ଜଳ ପ୍ରବାହିତ ହେଉଥିବା ସୂଚନା ରହିଛି। ଗତ ୨୪ ଘଣ୍ଟାରେ ଉପରମୁଣ୍ଡରେ ୧.୦୨ ମିମି ଏବଂ ତଳମୁଣ୍ଡରେ ୨.୨୩ ମିମି ବର୍ଷା ହୋଇଥିବା ଜଣାପଡ଼ିଛି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଫୁଲିଲା ମହାନଦୀ...

ବନ୍ୟାଜଳ ସର୍ବୋଚ୍ଚ ସ୍ତରରେ ପହଞ୍ଚିଛି। ଦିନ ୧୧ଟା ବେଳକୁ ମୁଣ୍ଡଳୀରେ ୬ ଲକ୍ଷ ୧୭ ହଜାର କ୍ୟୁସେକ୍ ଜଳ ପ୍ରଭାବିତ ହେଉଛି। ଏହା ପରେ ଜଳସ୍ତର ଧିରେ ଧିରେ କମିବ ବୋଲି ଆଶା କରାଯାଉଛି।

ସେହିପରି ନରାଜ, କୁଶଭଦ୍ରାଠାରେ ମହାନଦୀ ବିପଦ ସଙ୍କେତ ତଳେ ରହିଛି। ହୀରାକୁଦ୍ ଗେଟ୍ ଖୋଲିଥିବାରୁ ମହାନଦୀର ଜଳସ୍ତର ଫୁଲିବାରେ ଲାଗିଛି। ହୀରାକୁଦରେ ପର୍ଯ୍ୟାୟ କ୍ରମେ ଗେଟ୍ ବନ୍ଦ ହେଉଛି ତେଣୁ ଆଗକୁ ପାଣି କମିବ। ମାତ୍ର ମହାନଦୀ ଓ ଏହାର ଶାଖା ନଦୀକୂଳିଆ ଜିଲ୍ଲା ପ୍ରଶାସନ ସହ ଜଳ ସମ୍ପଦ ବିଭାଗ ପ୍ରସ୍ତୁତ ଅଛି। ଯେ କୌଣସି ପ୍ରକାର ପରିସ୍ଥିତି ଉପୁଜିଲେ ଆମେ ପ୍ରସ୍ତୁତ ରହିଛୁ ବୋଲି ସେ କହିଛନ୍ତି। ସେହିପରି ରେଙ୍ଗାଲି ଡ୍ୟାମର ସବୁ ଗେଟ ବନ୍ଦ ଅଛି। କେବଳ ୩ ଟି ବ୍ଲକରେ ୫୦ମିମି ବର୍ଷା ହୋଇଛି। ଢେଙ୍କାନାଳର ଭୁବନରେ ୧୦୦ମିମିରୁ ଅଧିକ ବର୍ଷା ହୋଇଛି। ସେହିପରି ପ୍ରବଳ ବର୍ଷା କାରଣରୁ ଜଳକା ନଦୀର ଜଳସ୍ତର ବଢ଼ିବା ଯୋଗୁ ବାଲେଶ୍ୱରର କିଛି ସ୍ଥାନରେ ବନ୍ୟା ସ୍ଥିତି ସୃଷ୍ଟି ହୋଇଥିଲା। ଶନିବାର ଜଳକା ନଦୀ ଜଳସ୍ତର କମିଛି। ଏହା ବିପଦ ସଙ୍କେତ ସ୍ତରଠାରୁ ତଳେ ରହିଛି। ଜଳକାର ମଥାନି ରୋଡ଼୍‌ରେ ଜଳସ୍ତର ୬.୪୮ ମିଟର ରହିଛି। ଏଠାରେ ବିପଦ ସଙ୍କେତ ୬.୫୦ ମିଟର ଥିବାବେଳେ ଏହାଠାରୁ ତଳେ ଜଳ ପ୍ରବାହିତ ହେଉଛି।

ଆସନ୍ତା ୧୩ ତାରିଖରେ ପୁଣି ଏକ ଲଘୁଚାପ ସୃଷ୍ଟି ହେବା ନେଇ ଆଶଙ୍କା ରହିଛି। ଏଥିପାଇଁ ପୁଣି ଥରେ ବର୍ଷା ବଢ଼ିବା ନେଇ ଆକଳନ କରାଯାଇଛି। ବର୍ଷାର ପ୍ରଭାବ ୧୧ରୁ ଆରମ୍ଭ ହେବ ବୋଲି ପୂର୍ବାନୁମାନ ରହିଛି। ବର୍ତ୍ତମାନ ଉତ୍ତରପଶ୍ଚିମ ବଙ୍ଗୋପସାଗରରେ ଗୋଟିଏ ଘୂର୍ଣ୍ଣିବଳୟ ରହିଛି। ଏହା ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ଆଶଙ୍କା ରହିଛି। ୧୧ ତାରିଖରୁ ବର୍ଷାର ପ୍ରଭାବ ସାମାନ୍ୟ ବଢ଼ିବା ନେଇ ପାଣିପାଗ କେନ୍ଦ୍ର ଆକଳନ କରିଛି।

### ଜନ୍ମଦିନ ପାର୍ଟିରେ...

୧୦.୩୦ରେ ଯୁବତୀ ଜଣକ ସେଠାରୁ ଖସି ପଳାଇବାକୁ ସକ୍ଷମ ହୋଇଥିଲେ। ଘରକୁ ଫେରିବା ପରେ ଯୁବତୀ ତାଙ୍କ ପରିବାର ଲୋକଙ୍କୁ ସବୁକଥା କହିଥିଲେ। ତାଙ୍କ ଅଭିଯୋଗକୁ ଆଧାର କରି ଥାନାରେ ମାମଲା ରୁଜୁ କରାଯାଇଛି। ଦୁଇ ଅଭିଯୁକ୍ତଙ୍କୁ ଗରିଫ କରିବା ପାଇଁ ପୁଲିସ ପ୍ରୟାସ ଜାରି ରଖିଛି। ସେମାନେ ଫେରାର ଅଛନ୍ତି। କିଛି ମାସ ତଳେ ଚନ୍ଦନ ସହ ଯୁବତୀଙ୍କ ପରିଚୟ ହୋଇଥିଲା। ଦକ୍ଷିଣ କୋଲକାତାର ଏକ ବଡ଼ ଦୁର୍ଗାପୂଜା କମିଟିର ମୁଖ୍ୟ ଭାବେ ଚନ୍ଦନ ତାଙ୍କୁ ପରିଚୟ ଦେଇଥିଲା। ଚନ୍ଦନ ମାଧ୍ୟମରେ ଯୁବତୀ ଜଣକ ଦୀପ ସହ ପରିଚିତ ହୋଇଥିଲେ। ୩ ଜଣ ପରସ୍ପର ସହ ପରିଚିତ ଥିଲେ ଓ ସମ୍ପର୍କରେ ଥିଲେ। ପୂଜା କମିଟିରେ ଯୁବତୀଙ୍କୁ ସାମିଲ କରିବାକୁ ଦୁହେଁ ପ୍ରତିଶ୍ରୁତି ଦେଇ ଏହି କାଣ୍ଡ ଘଟାଇଛନ୍ତି ବୋଲି କୁହାଯାଇଛି। ଉଲ୍ଲେଖଥାଉ କି ପୂର୍ବରୁ ଦକ୍ଷିଣ କୋଲକାତାର ଏକ ଲ କଲେଜ କ୍ୟାମ୍ପସରେ ଜଣେ ଛାତ୍ରୀଙ୍କୁ ଗଣଦୁଷ୍କର୍ମ କରାଯିବା ନେଇ ହଇଚଇ ସୃଷ୍ଟି ହୋଇଥିଲା। ଏହାପୂର୍ବରୁ ଆରଜି କର ମେଡକାଲ କଲେଜରେ ଜଣେ ଟ୍ରେନି ଡାକ୍ତରଙ୍କୁ ଦୁଷ୍କର୍ମ କରାଯାଇ ହତ୍ୟା କରାଯାଇଥିଲା। ଏହି ଦୁଇଟି ମାମଲାକୁ ନେଇ ସାରା ଦେଶରେ ଆଲୋଡନ ସୃଷ୍ଟି କରିଥିଲା।

### ଗଣେଶ ବିସର୍ଜନ...

ଭାସଯାଇଛନ୍ତି। ପୁଣେର ବିରୱାଡିରେ ଜଣେ ବ୍ୟକ୍ତି କୂଅ ଭିତରେ ଖସି ପଡିଛନ୍ତି। ଦୁଇ ଜଣଙ୍କ ମୃତଦେହ ଉଦ୍ଧାର କରାଯାଇଛି ଓ ଆଉ ଦୁଇଜଣଙ୍କୁ ଖୋଜିବା ପ୍ରକ୍ରିୟା ଜାରି ରହିଛି। ସେହିପରି ନାନ୍ଦେଦ ଜିଲ୍ଲାର ଗାଡେଗାଓଁରେ ଥିବା ଏକ ନଦୀରେ ୩ ଜଣ ଭାସି ଯାଇଛନ୍ତି। ଜଣଙ୍କୁ ଉଦ୍ଧାର କରାଯାଇଥିବା ବେଳେ ଅନ୍ୟ ଦୁଇଜଣଙ୍କୁ ଖୋଜା ଚାଲିଛି। ନାସିକ୍‌ରେ ୪ ଜଣ ଲୋକ ଭାସି ଯାଇଥିବା ବେଳେ ଜଣଙ୍କ ମୃତଦେହ ଉଦ୍ଧାର କରାଯାଇଛି। ସେହିପରି ଜଲଗାଓଁ ୩ ଜଣ ଲୋକ ଭାସି ଯାଇଥିବା ବେଳେ ସେମାନଙ୍କୁ ଖୋଜା ଜାରି ରହିଛି। ଥାଣେ ଜିଲ୍ଲାରେ ମଧ୍ୟ ଗଣେଶ ବିସର୍ଜନ ବେଳେ ୩ଜଣ ଭାସି ଯାଇଥିବା ବେଳେ ଜଣକର ମୃତଦେହ ଉଦ୍ଧାର କରାଯାଇଛି। ଅମରାବତୀରେ ଜଣେ ଶ୍ରଦ୍ଧାଳୁ ବୁଡି ଯାଇଛନ୍ତି ବୋଲି ପୁଲିସ କହିଛି। ମାହାରାଷ୍ଟ୍ରରେ ଗଣେଶ ପୂଜା ଏକ ଗଣପର୍ବ ଭାବେ ପାଳନ କରାଯାଇଥାଏ।

### ଅନ୍‌ଲାଇନ୍‌ରେ ଖାଦ୍ୟ...

କରିଛି। ପ୍ରତିଦ୍ୱନ୍ଦ୍ୱୀ ଜୋମାଟୋ ମଧ୍ୟ ଏହାର ଶୁଳ୍କ ୧୨.୫୦ ଟଙ୍କା (ଜିଏସ୍‌ଟି ବ୍ୟତୀତ) ବୃଦ୍ଧି କରିଛି, ଯେତେବେଳେ କି ତୃତୀୟ ବୃହତ୍ ଖାଦ୍ୟ ବିତରଣକାରୀ କମ୍ପାନୀ ମ୍ୟାଜିକ୍‌ପିନ୍ ମଧ୍ୟ ଏହାର ପ୍ଲାଟଫର୍ମ ଶୁଳ୍କ ଅର୍ଡର ପିଛା ୧୦ ଟଙ୍କାକୁ ସଂଶୋଧନ କରିଛି। ଯାହାଫଳରେ ସେପ୍ଟେମ୍ବର ୨୨ରୁ ଡେଲିଭରି ଶୁଳ୍କ ଉପରେ ଲାଗୁ ହେବାକୁ ଥିବା ୧୮% ଜିଏସ୍‌ଟି ଜୋମାଟୋ ବ୍ୟବହାରକାରୀଙ୍କ ଉପରେ ଅର୍ଡର ପିଛା ପ୍ରାୟ ୨ ଟଙ୍କା ଏବଂ ସ୍ୱିଗୀ ଗ୍ରାହକଙ୍କ ପାଇଁ ୨.୬ ଟଙ୍କା ଅତିରିକ୍ତ ବୋଝ ପକାଇବ। ଏ ସମ୍ପର୍କରେ ସ୍ୱିଗୀ ଏବଂ ଜୋମାଟୋ ପକ୍ଷରୁ ଏ ପର୍ଯ୍ୟନ୍ତ କୌଣସି ବିବୃତ୍ତି ଦିଆଯାଇନାହିଁ।

### ଆଶା-ଆଶଙ୍କାରେ...

ଦାସ ନାୟକ, ସୀମାରାଣି ନାୟକ, ସରୋଜ ପାଢ଼ୀ ପ୍ରମୁଖ ବିଭିନ୍ନ ସମୟରେ ଗଣମାଧ୍ୟମର ଶିରୋନାମାରେ ରହୁଥିବା ବେଳେ ମନ୍ତ୍ରୀପଦ ପାଇଁ ଆଶାୟୀ ମଧ୍ୟ ରହିଛନ୍ତି। ତେବେ ବିଜେପି ଜିଲ୍ଲା ସଭାପତି ନିର୍ବାଚନ ବେଳେ ଦଳ ଯେଉଁ ମାପକାଠିକୁ ସର୍ବାଗ୍ରେ ରଖିଥିଲା, ତନ୍ମଧ୍ୟରେ ଦଳୀୟ ଆନୁଗତ୍ୟ ଶୀର୍ଷରେ ଥିଲା। ଦଳରେ ଯୋଗଦେବା ପରେ ଅତିକମରେ ୬ ବର୍ଷ ଦଳ ପାଇଁ କାମ କରିନଥିଲେ, ଜଣେ ନିଜେ କିମ୍ବା ନିଜ ଅନୁଗତକୁ ଦଳର ଜିଲ୍ଲା ସଭାପତି ଆସନରେ ବସାଇପାରିବ ନାହିଁ ବୋଲି ସେତେବେଳେ ବିଜେପି ନିର୍ବାଚନ ଅଧିକାରୀ ରୋକଠୋକ୍ ଶୁଣାଇଥିଲେ। ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ବେଳେ ବିଜେପି ଶୀର୍ଷ ନେତୃତ୍ୱ ସମାନ ନୀତି ଆପଣେଇପାରନ୍ତି ବୋଲି ଦଳଡିଆଁ ଆଶଙ୍କା କରୁଛନ୍ତି। ବିଶେଷକରି ମନ୍ତ୍ରୀପଦ ପାଇଁ ସିଦ୍ଧାନ୍ତ, ଆକାଶ ଓ ସୀମାରାଣିଙ୍କ ନାମ ବେଶ୍ ଆଗରେ ଥିବାବେଳେ ବିଜେପି ନେତୃତ୍ୱ ତାଙ୍କ ଉପରେ ଭରସା କରିବେ କି ନାହିଁ, ସେନେଇ ସେମାନେ ଦ୍ୱନ୍ଦରେ ଥିବା ଜଣାପଡ଼ିଛି। ଅପରପକ୍ଷେ ବିଜେପିର ଜଣେ ବରିଷ୍ଠ ନେତା ଦେଇଥିବା ସୂଚନା ଅନୁଯାୟୀ ରେସରେ ଥିବା ଦଳଡିଆଁ ଯଦି ମନ୍ତ୍ରିମଣ୍ଡଳରୁ ବାଦ୍ ପଡ଼ନ୍ତି, ସେମାନଙ୍କ ମଧ୍ୟରୁ କେତେଜଣଙ୍କୁ ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ପଦରେ ଥଇଥାନ କରାଯିବ। ସେହିପରି କେତେଜଣଙ୍କୁ ଦଳର ରାଜ୍ୟ ସଂଗଠନରେ ଭଲ ପଦପଦବୀରେ ଆସୀନ କରାଯାଇ ସନ୍ତୁଷ୍ଟ କରାଯିବ। ପ୍ରଥମେ ସେମାନେ ଦଳ ପାଇଁ କାମ କରିବେ, ପରେ ସେମାନଙ୍କୁ ଅନ୍ୟ ପଦ ପଦବୀ ପାଇଁ ବିଚାରକୁ ନିଆଯିବ ବୋଲି ଉକ୍ତ ନେତା ଜଣଙ୍କ କହିଛନ୍ତି। ରାଜ୍ୟରେ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ଚର୍ଚ୍ଚା ଜୋର୍ ଧରିଥିବା ବେଳେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆସନ୍ତାକାଲି ପୁଣି ଦିଲ୍ଲୀ ଗସ୍ତ କରୁଛନ୍ତି। ଏହି ସ୍ଥିତିରେ ସମ୍ପ୍ରସାରଣ ପରେ ହିଁ ନୂଆ ମନ୍ତ୍ରିମଣ୍ଡଳ ଚିତ୍ର ସ୍ପଷ୍ଟ ହେବ ବୋଲି ରାଜନୈତିକ ମହଲରେ ମତପ୍ରକାଶ ପାଇଛି।

### ରାଜଧାନୀରେ ପୁଣି...

ଜଣେ ବ୍ୟକ୍ତି ସେଠାକୁ ଶୌଚ ପାଇଁ ଯାଇଥିବା ବେଳେ ପ୍ରବଳ ଦୁର୍ଗନ୍ଧ ହୋଇଥିଲା। ଏଣେତେଣେ ଖୋଜାଖୋଜି କରିବା ପରେ ଶୌଚାଳୟ ପଛରେ ମୃତଦେହ ପଡ଼ିଥିବା ଦେଖି ପୁଲିସକୁ ଖବର ଦେଇଥିଲେ।

ସ୍ଥାନୀୟ ଲୋକଙ୍କ କହିବାନୁସାରେ, ହତ୍ୟା କରାଯାଇଥିବା ସ୍ଥାନ ଅନ୍ଧାରୁଆ ରହୁଥିବାରୁ ରାତି ୧୨ଟା ପର୍ଯ୍ୟନ୍ତ ସେଠାରେ ବହୁ ଅସାମାଜିକ ତତ୍ତ୍ୱ ଖଟି କରନ୍ତି। ମଦ ପିଇବା ସହ ପାଟିତୁଣ୍ଡ କରିଥା'ନ୍ତି। କୌଣସି କାରଣକୁ ନେଇ ଝଗଡ଼ା ହେବା ପରେ ଯୁବକଙ୍କୁ ହତ୍ୟା କରାଯାଇଥାଇପାରେ ବୋଲି ସେମାନେ କହିଛନ୍ତି। ମୃତ ବ୍ୟକ୍ତିର ପରିଚୟ ମିଳିବା ପରେ ହତ୍ୟାକାରୀ ଧରାପଡ଼ିବ ବୋଲି ଥାନା ଅଧିକାରୀ ମୃତ୍ୟୁଞ୍ଜୟ ସ୍ୱାଇଁ କହିଛନ୍ତି।

### ସାର ପାଇଁ...

ଭାବେ ଆଲୋଚନା ହୋଇଥିଲା। ମାତ୍ର ଆଜି ସକାଳୁ ମାଲକାନଗିରି ଜିଲ୍ଲାରେ ସାର ମିଳୁନଥିବା ଅଭିଯୋଗରେ ଚାଷୀ ରାଜରାସ୍ତା ଅବରୋଧ କରିବାର ଚିତ୍ର ସାମ୍ନାକୁ ଆସିଛି। ପଶ୍ଚିମ ଓଡ଼ିଶାର ବିଶେଷକରି ବରଗଡ଼ ଓ ବଲାଙ୍ଗୀର ଆଦି ଜିଲ୍ଲାର ସାର ଅଭାବକୁ ନେଇ ପ୍ରତିଦିନ ଚାଷୀ ଆନ୍ଦୋଳନ, ରାସ୍ତା ରୋକ୍ ସଂଗଠିତ ହେଉଛି। ମାତ୍ର ଏହାର ସମାଧାନ ହୋଇପାରୁନି। ତେଣୁ ବାସ୍ତବରେ ସରକାର ଚାଷୀଙ୍କ ସମସ୍ୟାକୁ ହୃଦୟଙ୍ଗମ କରିପାରୁଛନ୍ତି ନା ଉପରଠାଉରିଆ ଭାବେ କେବଳ ସମୀକ୍ଷା କରି ଦାୟିତ୍ୱ ସାରି ଦେଉଛନ୍ତି ବୋଲି କୃଷକ ସଂଗଠନମାନେ ପ୍ରଶ୍ନ କରିଛନ୍ତି।

ସାର ଯୋଗାଣରେ ଅନିୟମିତତା ଓ କଳାବଜାରୀ ବାବଦରେ ସରକାର ଜାଣି ସୁଦ୍ଧା ଆଖି ବୁଜି ଦେଇଛନ୍ତି ବୋଲି ଅଭିଯୋଗ ହେଉଛି। ଘରୋଇ କମ୍ପାନୀମାନଙ୍କୁ ପ୍ରୋତ୍ସାହନ ଦେବା ସହ କଳାବଜାରୀକୁ ପରୋକ୍ଷରେ ସରକାର ସମର୍ଥନ କରିବା ପାଇଁ ଏପରି କରାଯାଉଥିବା କୁହାଯାଇଛି। କୃଷି ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଏହାକୁ ଗୁରୁତ୍ୱର ସହ ନେବା ପରିବର୍ତ୍ତେ ଚାଷୀଙ୍କୁ ସାର ବ୍ୟବହାର କମ୍ କରିବା ପାଇଁ ପ୍ରସ୍ତାବ ଦେଉଛନ୍ତି। ସରକାର ଓ ସରକାରୀ ମନ୍ତ୍ରୀଙ୍କ ଏଭଳି ମନୋଭାବକୁ ନେଇ ରାଜ୍ୟବ୍ୟାପୀ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି। ସରକାରୀ ସୂଚନା ମୁତାବକ, ସେପ୍ଟେମ୍ବର ୫ ସୁଦ୍ଧା କେନ୍ଦ୍ରରୁ ଓଡ଼ିଶାକୁ ମୋଟ ୧୧ ଲକ୍ଷ ୩୩ ହଜାର ୭୭୬ ମେଟ୍ରିକ ଟନ ସାର ମିଳିଛି। ଏ ପର୍ଯ୍ୟନ୍ତ ୯.୧୬ ଲକ୍ଷ ମେଟ୍ରିକ୍ ଟନ ସାର ବିକ୍ରୟ ହୋଇସାରିଛି। ଏବେ ସୁଦ୍ଧା ଆହୁରି ୨ ଲକ୍ଷ ୭ ହଜାର ୨୨୦ ମେଟ୍ରିକ ଟନ୍ ସାର ରାଜ୍ୟ ପାଇଁ ଉପଲବ୍ଧ ଅଛି। ମାତ୍ର ବିକ୍ରି ହୋଇଥିବା ସାର ଚାଷୀ ପାଇନଥିବା ଅଭିଯୋଗ ହେଉଛି। ଏହା ଉପରେ ସରକାର ସ୍ପଷ୍ଟ କରନ୍ତୁ ବୋଲି ଚାଷୀମାନେ ଦାବି କରିଛନ୍ତି।

ଓଡ଼ିଶା ରାଜ୍ୟ ସମବାୟ ବାଣିଜ୍ୟ ମହାସଂଘ(ମାର୍କଫେଡ୍) ଅଧୀନ ୨୭୧୦ଟି ପ୍ୟାକ୍ସ ଓ ଲ୍ୟାମ୍ପ୍‌ସ ମଧ୍ୟରୁ ପ୍ରାୟ ୭୮୩ଟିକୁ ସାର ଯୋଗାଣ ପ୍ରକ୍ରିୟାରୁ ବାଦ ଦିଆଯାଇଛି। ଅପରପକ୍ଷରେ ଖୋଲା ବଜାରରେ ୬୫ଭାଗ ସାର ଯୋଗାଣରେ ବ୍ୟାପକ କଳାବଜାର ଓ ଦୁର୍ନୀତି ନେଇ ପ୍ରଶ୍ନ ଉଠିଛି। ସାର ଯୋଗାଣର ମାତ୍ର ୩୫ ଭାଗ ମାର୍କଫେଡ୍ ଅଧୀନରେ ଥିବା ପ୍ୟାକ୍ସ ଓ ଲ୍ୟାମ୍ପ୍‌ସ ଜରିଆରେ ଚାଷୀମାନଙ୍କୁ ଯୋଗାଣ କରିବାର ଲକ୍ଷ୍ୟ ରହିଥିବା ବେଳେ ଏଥିରେ ୧,୯୮,୪୨୧ ମେଟ୍ରିକ୍ ଟନ୍ ସାର ଯୋଗାଣ ହୋଇଛି। ରାଜ୍ୟରେ ମୋଟ ୨୭୧୦ଟି ପ୍ୟାକ୍ସ ଓ ଲ୍ୟାମ୍ପସ ମଧ୍ୟରୁ ୧୯୨୭ଟି ଚଳିତ ବର୍ଷ ଏହି ସାର ଯୋଗାଣ ପ୍ରକ୍ରିୟାରେ ସାମିଲ କରାଯାଇଥିବା ବେଳେ ୭୮୩ଟି ବାଦ୍ ପଡ଼ିଛନ୍ତି। ଅଥଚ ରାଜ୍ୟ କୃଷି ନିଗମକୁ ୧୫ଭାଗ ଓ ଖୋଲା ମାର୍କେଟ୍ କୁ ୫୦ଭାଗ ସାର ଯୋଗାଣ ହୋଇଛି। ଅର୍ଥାତ୍ ମାର୍କଫେଡ୍ ବାଦ୍ ୬୫ ଭାଗ ସାର ଦୋକାନୀମାନଙ୍କ ଜରିଆରେ ବିକ୍ରି ହେଉଛି। ଏଠି ବ୍ୟାପକ ଦୁର୍ନୀତି ହେଉଥିବାର ଅଭିଯୋଗ ହେଉଛି।

### ଜାତୀୟ ରାଜପଥ...

ଚାଷୀମାନଙ୍କୁ ବୁଝାସୁଝା କରି ପ୍ରତିଶ୍ରୁତି ଦେବା ପରେ ଅବରୋଧ ହଟିଥିଲା। ତେବେ ଆସନ୍ତା ଦୁଇ ଦିନ ମଧ୍ୟରେ ପଞ୍ଚାୟତରେ ସାର ନ ପହଞ୍ଚିଲେ ପୁଣି ରାସ୍ତା ଅବରୋଧ କରାଯିବ ବୋଲି ଚାଷୀମାନେ ଚେତାବନୀ ଦେଇଛନ୍ତି। ଚାଷୀମାନଙ୍କ ଅଭିଯୋଗ ହେଲା, ଲ୍ୟାମ୍ପ୍‌ସ ତରଫରୁ ପ୍ରତି ପଞ୍ଚାୟତରେ ସାର ଦିଆଯିବାକୁ ଥିବା ବେଳେ ଏ ପର୍ଯ୍ୟନ୍ତ ମହାରାଜପଲ୍ଲୀ ପଞ୍ଚାୟତରେ ସାର ପହଞ୍ଚି ପାରିନାହିଁ। ଫଳରେ ସେମାନଙ୍କ ଚାର୍ଯ୍ୟ କାର୍ଯ୍ୟ ଆଗେଇ ପାରୁନାହିଁ। ଉଲ୍ଲେଖଯୋଗ୍ୟ, କିଛି ଦିନ ତଳେ ପୁସୁଗୁଡ଼ା ପଞ୍ଚାୟତରେ ଚଢ଼ାଦରରେ ସାର ବିକ୍ରିକୁ ନେଇ ଚାଷୀମାନେ ରାଜରାସ୍ତା ଅବରୋଧ ହୋଇଥିଲା।

## ଜମିଜମା ବିବାଦରୁ ଫୁଟିଲା ଗୁଳି

ରାସଗୋବିନ୍ଦପୁର/ମୋରଡ଼ା,୭।୯(ସମିସ): ଜମିଜମା ବିବାଦକୁ କେନ୍ଦ୍ର କରି ଫୁଟିଲା ଗୁଳି। ମୟୂରଭଞ୍ଜ ଜିଲ୍ଲା ରାସଗୋବିନ୍ଦପୁର ଥାନା ଅନ୍ତର୍ଗତ ମାଣିକପୁର ଗ୍ରାମରେ ଶନିବାର ବିଳମ୍ବିତ ରାତିରେ ଏଭଳି ଏକ ଆପରାଧିକ ଘଟଣା ଘଟିଛି। ତେବେ ଏଥିରୁ ଗ୍ରାମର ଦିଲ୍ଲୀପ କୁମାର ଗିରି(କାଳିଆ) ଓ ତାଙ୍କ ପରିବାର ଅଳ୍ପକେ ବର୍ତ୍ତିଯାଇଛନ୍ତି। ଦିଲ୍ଲୀପଙ୍କ ଅଭିଯୋଗ ଆଧାରରେ ପୁଲିସ୍ ନମ୍ବର ୩୫୦/୨୫ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଅଭିଯୋଗ ଅନୁଯାୟୀ, ଦିଲ୍ଲୀପଙ୍କ ସହ ତାଙ୍କ ପୁତୁରା ଦୀପା ଗିରିଙ୍କ ମଧ୍ୟରେ ଜମିଜମାକୁ ନେଇ ବିବାଦ ରହିଥିଲା। ଗତ ରାତି ପ୍ରାୟ ସାଢ଼େ ୧୦ଟାରେ ଦିଲ୍ଲୀପ ନିଜ ଘର ଛାତ ଉପରେ କୁକୁଡ଼ାକୁ ଦାନା ଦେଉଥିଲେ। ଏହି ସମୟରେ ୩ ସହଯୋଗୀଙ୍କ ସହ ଦୀପା ତାଙ୍କ ଘର ପାଖରେ ପହଞ୍ଚି ଅସଭ୍ୟ ଭାଷାରେ ଗାଳିଗୁଲଜ କରିଥିଲା। ଏହା ଦେଖି ଦିଲ୍ଲୀପ ତଳକୁ ଆସି ଘର ଲୋକଙ୍କୁ କବାଟ ଝରକା ବନ୍ଦ କରିବାକୁ କହିଥିଲେ। ପରେ ଅଭିଯୁକ୍ତମାନେ ତାଙ୍କ ଘର ଉପରକୁ ଗୁଳି ଚଳାଇଥିଲେ। ଗୁଳି ଶବ୍ଦ ଶୁଣି ଦିଲ୍ଲୀପ ଓ ତାଙ୍କ ପରିବାରଲୋକ ଭୟଭୀତ ହୋଇଯାଇଥିଲେ। କାଳିଆ ପୁଲିସ୍‌କୁ ଏ ସଂପର୍କରେ ଫୋନ୍ କରି ଡାକିବା ଜଣାଇଥିଲେ। ପୁଲିସ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଘଟଣାସ୍ଥଳରୁ ପୁଲିସ୍ ଗୋଟିଏ ଖୋକା ଏବଂ କିଛି ଦୂରରେ ଏକ ଜୀବନ୍ତ ଗୁଳି ପାଇଛି। ଘଟଣାରେ କେହି ଆହତ ହୋଇନଥିବା ବେଳେ ଜଣଙ୍କୁ ପୁଲିସ ଥାନାରେ ଅଟକ ରଖି ପଚରାଉଚୁରା ଜାରି ରଖିଛି।


**AFFIDAVIT**

By virtue of an affidavit no.174, dtd. 06.09.2025 before the Executive Magistrate, Dharakote, Dist.: Ganjam, I, Tambar Goud, Spouse of Late Balab Goud have changed my name & Date of Birth from Tambal Goud to Tambar Goud & Dob from 10.03.1970 to 27.01.1967. Henceforth I shall be known as **Tambar Goud and DOB 27.01.1967** for all purposes.

**AFFIDAVIT**

By virtue of an affidavit before The Executive Magistrate, BBSR dtd:04.09.2025 .I Narendra Kumar Panda aged about ,44 yrs, S/O- Banamali Panda R/O- At- Balipokhari (Beherapatna), PO- Paramanandapur, P.S-Jajpur Town, Dist-Jajpur,odisha have changed my name from Narendra Panda to Narendra Kumar Panda .Henceforth I shall be known as **Narendra Kumar Panda,** S/O- Baanamali Panda for all purposes.

**AFFIDAVIT**

By virtue of an affidavit sworn before Executive Magistrate, Nabarangapur, dtd. 6th September 2025, I **Padman Nayak**, permanent resident of Vill.- Mahuli, Po.- Usigaon, Ps.- Papadahandi, in the district of Nabarangpur, Odisha, Pin No. 764071 declare that, I have changed my son's name from **Sudhir Nayak** (Old Name) to **Sudhipta Nayak** (New Name). Henceforth, He shall be known as **Sudhipta Nayak** (New Name) for all purposes.

**Padman Nayak**

**AFFIDAVIT**

By virtue of an affidavit sworn before Executive Magistrate, Bhubaneswar dtd 04/09/2025. I, **Gyanti Debi Singh,** address Plot No. 643/642, Kumbhar Sahi, Near Kali Mandir, Baramunda, PS- Khandagiri, Bhubaneswar, Dist- Khorda, PIN-751003, Odisha declare that I have changed the name of my son from **Amit Kumar** to **Amit Kumar Singh.** Henceforth, he shall be known as **Amit Kumar Singh** for all purposes.

**Gyanti Debi Singh**

**AFFIDAVIT**

By virtue of an affidavit sworn before Executive Magistrate, Baripada, Mayurbhanj, Odisha dated:13-05-205 with serial No:3089. I, Dhanimani Murmu Resident of At-Chandua, Po- Chandua, Ps-Chandua, Dist- Mayurbhanj, Odisha, Pin- 757014 declare that I have change my own name From Dhani Murmu To Dhanimani Murmu. Hence forth I will be known as Dhanimani Murmu for all purposes.

**Dhanimani Murmu**

**AFFIDAVIT**

I, Sanmat Dash formerly called Manish Kumar Das, S/o- Shyama Sundar Dash resident of Vill./Po.- Jarada, Ps.- Kabi-suryanagar, Dist.- Ganjam, Odisha, Pin- 761104 state vide affidavit no. A-V dated 26/08/2025 before The Executive Magistrate, Kabisu-ryanagar, Ganjam that, I have changed my name from **Manish Kumar Das** to **Sanmat Dash**. Henceforth I shall be known as **Sanmat Dash** for all future purposes.

Sd/- **Sanmat Dash**

**LOST**

I, **Prof. Dr. Pritam Pal, Director** of Regional College of Management (A Unit of Regional College of Management Trust) RCMT Campus I: Plot No. GD 2/12 & 2/13, RCM Lane, Chakadola Vihar, Chandrasekharpur, Bhubaneswar, Odisha, 751023, INDIA do hereby solemnly affirm that we have been issued a Migration Certificate of Mr. Raza Quadir, son of Md. Khurshid Alam of At- Tibihta, Po- Saraiya, Dist- Muzaffarpur, State- Bihar, PIN-843122 from BPUT Rourkela in the session 2012-14 and the said Original Migration Certificate has been lost in college premises, Bhubaneswar. Despite our best efforts we could not trace it out.

**LOST**

I RANJIB KUMAR MAHAPATRA, S/o Jahan Chandra Mahapatra resident of Village At- Gopikantapur, Po- Nayahat, Ps- Kakatpur, Dist- Puri, Odisha declare that I have lost my Original B.Tech certificates are Original Provision Certificate, Original Certificate, Minor Grade Certificate, Grade Sheet, Grade Sheet, Grade Sheet, Grade Sheet, which I had secured from Bijupattnaik University of Technology, Odisha in the academic year 2018-19. The above said certificates which has been lost on dtd 03.09.2025 when I had travelling from Gopikantapur to Bhubaneswar, which has been not found yet after my best effort. This notice of publication was required for issue of above said certificate in my favour.

**AFFIDAVIT**

I, Smt. Pratima Satnami, W/o- Rilu Satnami, resident of Vill./Po.- Adhikariguda, Ps.- Umerkote, Dist.- Nabarangpur state vide affidavit dtd.4.9.2025 that, my Son's actual name is **Ayu Satanami**, Date of Birth is 08.08.2015. But in the Aadhar card his name mentioned as Ayaush Satanami. Hence **Ayu Satanami** and **Ayaush Satanami** is one and same person.

Sd/- Smt. Pratima Satnami

ସକାଳ
THE SAKALA



### ଶାଳପଡ଼ା ପଞ୍ଚାୟତ ଦିବ୍ୟାଙ୍ଗ ଭତ୍ତା କେଳେଙ୍କାରୀ

# ୫୨ ଜଣଙ୍କ ମଧ୍ୟରୁ ୪ ଜଣ ଅସଲି, ୨୯ ଜାଲ୍

ଭାପୁର,୭।୯(ସମିସ): ନୟାଗଡ଼ ଜିଲ୍ଲା ଭାପୁର ବ୍ଲକ ଶାଳପଡା ପଞ୍ଚାୟତରେ ମାଳମାଳ ଜାଲ ଦିବ୍ୟାଙ୍ଗ ଭତ୍ତା ହିତାଧିକାରୀ ଥିବାର ଅଭିଯୋଗ ପରେ ଜିଲ୍ଲା ସ୍ତରୀୟ ଯାଞ୍ଚ କରାଯାଇଛି। ପଞ୍ଚାୟତର ୫୨ ଜଣ ଭିନ୍ନକ୍ଷମ ଭତ୍ତା ହିତାଧିକାରୀଙ୍କ ମଧ୍ୟରୁ ୨୯ ଜଣ ସମ୍ପୂର୍ଣ୍ଣ ନକଲି ଓ ୪ ଜଣ ଅସଲି ବୋଲି ଜଣାପଡିଛି। ଅନ୍ୟ ୧୯ ଜଣ ସେମାନେ ଭତ୍ତା ପାଇବା ପାଇଁ ପୁନର୍ବାର ଡାକ୍ତରୀ ପ୍ରମାଣପତ୍ର ପ୍ରଦାନ କରିବାକୁ କୁହାଯାଇଛି। ଭାପୁର ବ୍ଲକ ଶାଳପଡା ପଞ୍ଚାୟତରେ ମାଳମାଳ ଜାଲ ଭିନ୍ନକ୍ଷମ ଭତ୍ତା ହିତାଧିକାରୀ ଥିବାର ଅଭିଯୋଗ ହୋଇ ଆସୁଥିଲା। ସେମାନେ ଏହି ଜାଲ ପ୍ରମାଣ ପତ୍ର ମାଧ୍ୟମରେ ୩୫୦୦ ଟଙ୍କା ଭତ୍ତା ପାଉଥିଲେ। ଏହି ହିତାଧିକାରୀଙ୍କ ବିରୁଦ୍ଧରେ ସେହି ପଞ୍ଚାୟତର ଅନେକ ବ୍ୟକ୍ତି ବାରମ୍ବାର ଜିଲ୍ଲା ପ୍ରଶାସନ ନିକଟରେ ତଦନ୍ତ ପାଇଁ ଲିଖିତ ଅଭିଯୋଗ କରିଥିଲେ। ଏହି ଅଭିଯୋଗ ଆଧାରରେ ଜିଲ୍ଲା ପ୍ରଶାସନ ନିର୍ଦ୍ଦେଶରେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ନିକଟକୁ ଏହି ଭିନ୍ନକ୍ଷମ ପ୍ରମାଣପତ୍ର ଯାଞ୍ଚ ପାଇଁ ପଠାଯାଇଥିଲା। ଏହାର ସତ୍ୟତା ଯାଞ୍ଚ କରି ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଗତମାସ ୨୧ ତାରିଖରେ ଚିଠି ନମ୍ବର ୩୯୩୩ ରେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀଙ୍କୁ ଉପରୋକ୍ତ ତଥ୍ୟ ଜଣାଇଛନ୍ତି। ଏହି ଚିଠି ଅନୁଯାୟୀ ପଞ୍ଚାୟତ ସୌରଭ ପଣ୍ଡା, ଆଶାମଣୀ ପଣ୍ଡା, ଜମୁନା ପଣ୍ଡା ଓ ସବିତା ପ୍ରଧାନ ଅସଲି ହିତାଧିକାରୀ ହୋଇଥିବାବେଳେ ୨୯ ଜଣଙ୍କ ପ୍ରମାଣ ପତ୍ର ସମ୍ପୂର୍ଣ୍ଣ ଜାଲ ଓ ଅନ୍ୟ ୧୯ ହିତାଧିକାରୀ ଆଉ ଥରେ ନୂତନ ଭାବେ ପ୍ରମାଣ ପତ୍ର ପ୍ରଦାନ ପାଇଁ ନିର୍ଦ୍ଦେଶ ଦେଇଛନ୍ତି।

**୧୯ ପୁନର୍ବାର ପ୍ରମାଣପତ୍ର ପ୍ରଦାନ କରିବେ**

### ଶ୍ରୀଅନ୍ନ ଅଭିଯାନ ମହାଘୋଟାଲା

# ଦୁଇ ଏନ୍‌ଜିଓ ଉପରେ ଲାଗିଲା ଅଙ୍କୁଶ

ନୟାଗଡ଼,୭।୯(ସମିସ)

ନୟାଗଡ଼ ଜିଲ୍ଲାରେ ଶ୍ରୀଅନ୍ନ ଅଭିଯାନ ଯୋଜନାରେ ମହାଘୋଟାଲା ହୋଇଥିବା ବେଳେ ଏହାକୁ ଜିଲ୍ଲା କୃଷି ବିଭାଗ ଆଦୌ ଗୁରୁତ୍ୱ ଦେଉନଥିଲା। ଗତ ୨ ତାରିଖ ନୋଡାଲ ଅଫିସର ନନ୍ଦିନ ଦଳେଇ ନୟାଗଡ଼ ଆସି ଏନଜିଓ ଗୁଡ଼ିକର କାର୍ଯ୍ୟପନ୍ଥାକୁ ଛାନଭିନ୍ କରିବା ପରେ ଦୁଇଟି ଏନଜିଓ ଉପରେ ଅଙ୍କୁଶ ଲଗାଇଥିବା ସୂଚନା ମିଳିଛି। ନୟାଗଡ଼ ଜିଲ୍ଲାରେ ମାଣ୍ଡିଆ ଚାଷ ନହୋଇ କେବଳ କାଗଜପତ୍ର ଚାଷ ହେଉଥିବା ନେଇ ବାରମ୍ବାର ଅଭିଯୋଗ ଆସିଥିଲା। ଯାହାକୁ ନେଇ ଗତ ୨ ତାରିଖରେ ନୋଡାଲ ଅଫିସରଙ୍କ ଉପସ୍ଥିତିରେ ୫ଟି ବ୍ଲକ ପାଇଁ ୫ଟି ସଚେତନତା ରଥ ଶୁଭାରମ୍ଭ କରାଯାଇଥିଲା।

- ଓଡ଼ଗାଁ ଓ ନୂଆଗାଁରେ ବୁଲିଲାନି ରଥ
- ଆରମ୍ଭ ହେବ କେଳେଙ୍କାରୀ ଖୋଳତାଡ଼
- ବଦଳିବେ ଜିଲ୍ଲା ସ୍ତରୀୟ ଅଧିକାରୀ

ମଧ୍ୟାହ୍ନରେ ନୋଡାଲ ଅଫିସର ବିଭିନ୍ନ ବ୍ଲକ ପରିଦର୍ଶନ କରିବା ପରେ ଓଡ଼ଗାଁ ଓ ନୂଆଗାଁରେ ଚାଷ ନହୋଇ କେବଳ କାଗଜପତ୍ରରେ ଶ୍ରୀଅନ୍ନ ଅଭିଯାନ ଚାଲିଥିବା ଦେଖିବାକୁ ପାଇଥିଲେ। ଯାହାକୁ ନେଇ ନୋଡାଲ ଅଫିସର ଦୁଇ ଏନଜିଓ ନୂଆଗାଁର ହାମସ୍ ଏବଂ ଓଡ଼ଗାଁରେ କାର୍ଯ୍ୟରତ ଏନଜିଓ ଇ-ଇକୋ ସଲ୍ୟୁସନ୍ ଉପରେ ପ୍ରତିବନ୍ଧକ ତଥା ଅଙ୍କୁଶ ଲଗାଇଥିବା ସୂଚନା ମିଳିଛି। ଏହି ଦୁଇ ଏନଜିଓଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ହେବାର ଆଶଙ୍କା ସୃଷ୍ଟି ହୋଇଛି। ଏହା ସହିତ ଦୁଇଟି ବ୍ଲକରେ ସଚେତନତା ରଥ ବୁଲିବା ବନ୍ଦ କରାଯାଇଥିବା ଜଣାପଡ଼ିଛି। ଏହା ସହିତ ଜିଲ୍ଲା ସ୍ତରୀୟ ଅଧିକାରୀଙ୍କ ଉପରେ ମଧ କାର୍ଯ୍ୟାନୁଷ୍ଠାନ ହେବାର ସମ୍ଭାବନା ସୃଷ୍ଟି ହୋଇଛି। ନୟାଗଡ଼ ଜିଲ୍ଲା କୃଷି ବିଭାଗ ପକ୍ଷରୁ ଯେତିକି ମାଣ୍ଡିଆ ଚାଷ କରାଯାଉଥିବା ନେଇ ତଥ୍ୟ ପ୍ରଦାନ କରାଯାଉଛି, ବାସ୍ତବରେ ତାହାର ୧୦ ପ୍ରତିଶତ ଜମିରେ ଚାଷ ହେଉନଥିବା ଜଣାପଡ଼ିଛି। ରାଜ୍ୟ ସରକାରଙ୍କ ଅନୁଦାନକୁ ଏନଜିଓମାନେ ହଡ଼ପ କରି ଚାଲିଛନ୍ତି।

### ● ଜଣେ ବ୍ୟକ୍ତି; ଦୁଇଟି ସ୍ଥାନରୁ ଦରମା

# ବାପ ପୁଅଙ୍କ ଖେଳରେ କୃଷି ବିଭାଗ ଜଳକା

ନୟାଗଡ଼,୭।୯(ସମିସ): ନୟାଗଡ଼ ଜିଲ୍ଲା କୃଷି ବିଭାଗକୁ ଜଳକା ସଜାଇ ଲୁଟି ଚାଲିଛନ୍ତି ବାପା ଓ ପୁଅ। ଜିଲ୍ଲା ମୁଖ୍ୟ କୃଷି ଅଧିକାରୀଙ୍କ ଅଧିନସ୍ଥ ଶ୍ରୀଅନ୍ନ ଅଭିଯାନ ପାଇଁ ବିଭିନ୍ନ ଏନ୍‌ଜିଓକୁ ଦାୟିତ୍ୱ ଦିଆଯାଇଛି। ମାତ୍ର ଏହାକୁ ସୁଯୋଗ ଭାବି ବାପା ଓ ପୁଅ ଉଭୟ ମିଶି ଦିଅଁ ଖାଇ ଠାକୁର ଖାଇଦେବାକୁ ବସିଲେଣି। ନୟାଗଡ଼ ଜିଲ୍ଲାରେ ଶ୍ରୀଅନ୍ନ ଅଭିଯାନରେ ହୋଇଥିବା କେଳେଙ୍କାରୀର ମୁଖ୍ୟ କାର୍ପଟଦାର ଇ-ଇକୋ ସଲ୍ୟୁସନ ଓଡ଼ଗାଁ ବ୍ଲକ ପୂର୍ବତନ କୋଡିନେଟର ଚନ୍ଦନ ପୃଷ୍ଟି ଏବଂ ତାଙ୍କ ବାପା ତ୍ରିଲୋଚନ ପୃଷ୍ଟି ଏଭଳି କେଳେଙ୍କାରୀ କରିଥିବା ଜଣାପଡ଼ିଛି। ଉଭୟ ବାପା ଓ ପୁଅ ଗୋଟିଏ ଏନଜିଓରେ କାର୍ଯ୍ୟ କରି ଗତବର୍ଷ ବ୍ୟାପକ ପରିମାଣର କେଳେଙ୍କାରୀ କରିଥିବା ପ୍ରମାଣ ଆଧାରରେ "ସକାଳ'ରେ ଖବର ପ୍ରକାଶ ପାଇଥିଲା। ଯାହାକୁ ନେଇ ଚନ୍ଦନ ଶ୍ରୀଅନ୍ନ ଅଭିଯାନରୁ ନିଜକୁ ଦୂରେଇ ନେଇ ମକା ମିଶନ ଦଶପଲ୍ଲା ବ୍ଲକ କୋଡିନଟେର ଭାବେ କାର୍ଯ୍ୟ କରୁଥିବା ଜଣାପଡ଼ିଛି। ତାଙ୍କ ବାପା ତ୍ରିଲୋଚନ ପୃଷ୍ଟି ଏବେ ବି ଶ୍ରୀଅନ୍ନ ଅଭିଯାନ ଓଡ଼ଗାଁ ବ୍ଲକରେ ସିଆର୍‌ପି ଭାବେ କାର୍ଯ୍ୟ କରୁଥିବା ବେଳେ ଅର୍ଗାନିକ୍ ଚାରା ରୋପଣ ଉପରେ କାର୍ଯ୍ୟ କରୁଥିବା ସିଲବାଇ ଟେକ୍ ଏନଜିଓରେ ମଧ କାର୍ଯ୍ୟ କରୁଥିବା ଜଣାପଡ଼ିଛି। ତ୍ରିଲୋଚନା ପୃଷ୍ଟି ଶ୍ରୀଅନ୍ନ ଅଭିଯାନ ଦ୍ୱାରା କୃଷି ବିଭାଗରୁ ଦରମା ପାଉଥିବା ବେଳେ ସିଲବାଇ ଟେକ୍ ଏନଜିଓରୁ ମଧ ଦରମା ପାଉଥିବା ସୂଚନା ମିଳିଛି। ଜଣେ ବ୍ୟକ୍ତି କିଭଳି ସ୍ଥାନରେ କାର୍ଯ୍ୟ କରି ଦରମା ପାଉଛନ୍ତି, ତାହା ସମସ୍ତଙ୍କୁ ଆଚମ୍ବିତ କରିଛି। ଏହି ଘଟଣାର ପୁଙ୍ଖାନୁପୁଙ୍ଖ ତଦନ୍ତ କରାଯାଇ ଉଭୟ ବାପା ଓ ପୁଅଙ୍କ ବିରୁଦ୍ଧରେ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଅପରାଧିକ ମାମଲା କରିବାକୁ ଦାବି ହେଉଛି। ଚାଷୀଙ୍କ ସ୍ୱାର୍ଥକୁ ଜଳାଞ୍ଜଳୀ ଦେଇ ଉଭୟ ବାପା ଓ ପୁଅ ନିଜ ସ୍ୱାର୍ଥ ପାଇଁ ସରକାରୀଙ୍କ ଯୋଜନାକୁ ଦଳି ମକଚି ଖାଇ ଚାଲିଥିବା ଅଭିଯୋଗ ହୋଇଛି।

### ନଗର ବିଜେଡି ସଭାପତିଙ୍କ ଉଦ୍ଦେଶ୍ୟରେ ସ୍ମୃତିସଭା

# ଅମୂଲ୍ୟ ନୟାଗଡ଼ ପାଇଁ ଅମୂଲ୍ୟ ଥିଲେ



ନୟାଗଡ଼,୭।୯(ସମିସ): ଅବସରପ୍ରାପ୍ତ ପୁଲିସ ଅଧିକାରୀ ତଥା ନଗର ବିଜେଡି ସଭାପତି ଅମୂଲ୍ୟ ମହାନ୍ତିଙ୍କ ପରଲୋକରେ ଆଜି ବ୍ଲକ ସଭାଗୃହଠାରେ ଏକ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ଆଇନଜୀବୀ ପ୍ରତାପ ନନ୍ଦଙ୍କ ସଂଯୋଜନାରେ ଅନୁଷ୍ଠିତ ସ୍ମୃତି ସଭାରେ ନୟାଗଡ଼ ବିଧାୟକ ଡ. ଅରୁଣ କୁମାର ସାହୁ, ଜିଲ୍ଲା ପରିଷଦ ଅଧ୍ୟକ୍ଷ ଇଂ.ଦେବାଶିଷ ପଟ୍ଟନାୟକ, ପୌର ପରିଷଦ ଅଧ୍ୟକ୍ଷା ନିରୂପମା ଖଟେଇ, ପୌର ପରିଷଦ ଉପାଧ୍ୟକ୍ଷ ଗୁରୁପ୍ରସାଦ ଜେନା, ବ୍ଲକ ଅଧ୍ୟକ୍ଷ କିଶୋର ଚନ୍ଦ୍ର ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଏହି ସଭାରେ ବହୁ ବରିଷ୍ଠ ନାଗରିକ, ବୁଦ୍ଧିଜୀବୀ ଓ ସାମ୍ବାଦିକ ଯୋଗ ଦେଇ ଅମୁଲ୍ୟ ମହାନ୍ତି ନୟାଗଡ଼ ପାଇଁ ଅମୁଲ୍ୟ ଥିଲେ ମତବ୍ୟକ୍ତ କରିଥିଲେ। ଶ୍ରୀଯୁକ୍ତ ମହାନ୍ତିଙ୍କ ଜନ୍ମ ଜଗତସିଂହପୁର ଜିଲ୍ଲାରେ ହୋଇଥିଲେ ବି ସେ ନିଜକୁ ସର୍ବଦା ନୟାଗଡ଼ିଆ ବୋଲି କହି ଆସୁଥିଲେ। ନୟାଗଡ଼ ପ୍ରତି ତାଙ୍କର ଅହେତୁକ ଭଲପାଇବା, ନୟାଗଡ଼ ବାସୀଙ୍କ ପ୍ରତି ଆବେଗ ସର୍ବଦା ପ୍ରତିପାଦିତ ହୋଇ ଆସିଛି। ସେ ଜଣେ ସମାୟାନୁବର୍ତ୍ତୀ, ସୁନାମଧନ୍ୟ ଓ ନିଷ୍ଠାପର ବ୍ୟକ୍ତିତ୍ୱ ଥିଲେ ବୋଲି ଅନେକ ମତ ରଖିଛନ୍ତି। ନୟାଗଡ଼ ବିଧାୟକ ଡ. ସାହୁ ତାଙ୍କ ବକ୍ତବ୍ୟରେ ଅମୂଲ୍ୟ ମହାନ୍ତି ମୃତ୍ୟୁକୁ ଜିତିଗଲେ ବୋଲି କହିଛନ୍ତି। ଏହି ବୈଠକରେ ଜିଲ୍ଲା ପରିଷଦ ସଦସ୍ୟ କ୍ଷୀରୋଦ ମହାପାତ୍ର, ବରିଷ୍ଠ ନାଗରିକ ବିଶ୍ୱନାଥ ନାୟକ, ରୁଦ୍ରପ୍ରସନ୍ନ ରଥଙ୍କ ସମେତ ବହୁ କାଉନସିଲର ଉପସ୍ଥିତ ରହିଥିଲେ।

# ସାର ଅଭାବ ନେଇ ଚିନ୍ତାରେ ଚାଷୀ

ଓଡ଼ଗାଁ,୭।୯(ସମିସ): ନୟାଗଡ଼ ଜିଲ୍ଲା ଓଡ଼ଗାଁ ବ୍ଲକ ଏବଂ ଏନ୍‌ଏସି ଅଞ୍ଚଳରେ ସାର ଅଭାବ ନେଇ ଚାଷୀ କୂଳ ଏବେ ଚିନ୍ତାରେ ପଡିଯାଇଛନ୍ତି। ଓଡ଼ଗାଁ ବ୍ଲକର କୌଣସି କୃଷି ସେବା ସମବାୟ ସମିତିରେ ଆଦୌ ସାର ନଥିବା ବେଳେ ଘରୋଇ ଡିଲର ମାନଙ୍କ ପାଖରେ ଗଚ୍ଛିତ ସାର ଧରପଗଡ ଭୟରେ ବିକ୍ରି ନକରି ଲୁଚାଇ ରଖିଛନ୍ତି। ସାର ଥାଇ ମଧ ନଥିଲା ଭଳି ସମସ୍ୟା ଦେଖାଦେଇଛି। ଜୈବିକ ସାର ଏକ ପ୍ରକାର ଲୋପ୍ ପାଇବାକୁ ଯାଉଥିବା ବେଳେ ରସାୟନ ସାର ଉପରେ ନିର୍ଭରଶୀଳ ଚାଷୀ ଜମିକୁ କମଣି କରି ଆବଶ୍ୟକ କାର୍ଯ୍ୟ ସାରି ପ୍ରାୟ ୧୫ ଦିନ ହେଲା ସାର ପାଇଁ ଅନାଇ ରହିଛି। ସାର ପ୍ରୟୋଗ ପରେ ଧାନ ଗଛ ପିଲଧରି ବୁଦାହେବା ସହିତ ଧାନଗଛ ସଠିକ୍ ଗର୍ଭଧାରଣ କରିବ। ଫଳରେ ଚାଷୀ ଉଚିତ୍ ଅମଳ କରିପାରିବ। କିନ୍ତୁ ଏବେ ତାହା ସନ୍ଦିହାନ। ଦିନ ସବୁ ଅତିକ୍ରାନ୍ତ ହୋଇ ଚାଲିଥିବା ବେଳେ ସରକାରଙ୍କ ଉଦାସୀନତା ମନୋଭାବ ଚାଷିମାନଙ୍କୁ ବ୍ୟଥିତ କରିବା ସ୍ୱାଭାବିକ। ଏପରି ସମସ୍ୟା ପ୍ରତି ବର୍ଷ ପରି ଚଳିତ ବର୍ଷ ମଧ ଦେଖାଯାଇଛି।ଉଦାହରଣ ସ୍ୱରୂପ ଗୋଟିଏ କୃଷି ସମବାୟ ସମିତିରେ ଯଦି ୫ଶହ ଚାଷୀ ଚାଷ କାର୍ଯ୍ୟ କରୁଛନ୍ତି ଚାଷୀଙ୍କ ସଂଖ୍ୟା ପରିବର୍ତ୍ତେ ସେମାନଙ୍କ ଚାଷ ଜମିର ପରିମାଣ ଆଧାରରେ ସାର ଯୋଗାଣ ହେଉ, ଅଥବା ଯୋଗାଣରେ ଅଭାବ ନରଖି ସାରକୁ ଖୋଲାବଜାରରେ ବିକ୍ରି ପାଇଁ ଅନୁମତି ପ୍ରଦାନ କଲେ କେତେକାଂଶରେ ଚାଷୀମାନଙ୍କ ସମସ୍ୟା ଲାଘବ ହୁଅନ୍ତା ବୋଲି ସାଧାରଣରେ ଆଲୋଚନା ହେଉଛି। ନତୁବା ସମୟ ଅନୁସାରେ ସରକାର ବଦଳିବ ହେଲେ ଚାଷୀର ସମସ୍ୟାରେ କୌଣସି ପରିବର୍ତ୍ତନ ହେବନାହିଁ।

# ମହାନଦୀ ଗର୍ଭକୁ ନ ଯିବାକୁ ବୁଲିଲା ପ୍ରଚାର ଗାଡ଼ି

ଗଣିଆ,୭।୯(ସମିସ): ଜିଲ୍ଲା ପ୍ରଶାସନର ନିର୍ଦ୍ଦେଶରେ ଗଣିଆ ବ୍ଲକ ପ୍ରଶାସନ ତରଫରୁ ପ୍ରଚାର ଗାଡି ବୁଲିଥିବା ଜଣାପଡିଛି। ମହାନଦୀର ଉପରମୁଣ୍ଡରେ ଲଗାଣ ବର୍ଷା ଯୋଗୁଁ ହିରାକୁଦ ଜଳଭଣ୍ଡାରର ଜଳସ୍ତର ବୃଦ୍ଧି ପାଇଛି। ଫଳରେ ହିରାକୁଦର ଗେଟ୍ ଖୋଲାଯାଇ ଜଳ ନିଷ୍କାସନ ହେଉଛି। ମହାନଦୀରେ ଜଳସ୍ତର ବୃଦ୍ଧି ଘଟୁଥିବାରୁ ମହାନଦୀ ଭିତରକୁ ନଯିବାକୁ ପ୍ରଶାସନ ତରଫରୁ ନିବେଦନ କରାଯାଇଛି। ପ୍ରଚାର ଗାଡି ମାଧ୍ୟମରେ ଗଣିଆ ବ୍ଲକର ବିଭିନ୍ନ ଅଞ୍ଚଳରେ ସଚେତନତା ସୃଷ୍ଟି କରାଯାଇଥିବା ଜଣାପଡ଼ିଛି। ବିଶେଷକରି ନଦୀକୁ ମାଛମାରି ନଯିବାକୁ ମତ୍ସ୍ୟଜୀବୀଙ୍କୁ ବାରଣ କରାଯାଇଛି। ଗଣିଆ ଦେଇ ମହାନଦୀ ପ୍ରବାହିତ ହେଉଥିବା ବେଳେ ନଦୀକୂଳିଆ ଗ୍ରାମବାସୀମାନେ ଭୟଭୀତ ଅବସ୍ଥାରେ ଅଛନ୍ତି। ସୂଚନା ଯୋଗ୍ୟ ଯେ ଗତ କିଛିଦିନ ତଳେ ମହାନଦୀରୁ ଏକ କୁମ୍ଭୀର ବୃଢଙ୍ଗ ନଦୀକୁ ଚାଲି ଆସିଥିବା ବେଳେ କୁମ୍ଭୀର ଖଣି ଠାରେ ଗ୍ରାମବାସୀ ମାନେ କୁମ୍ଭୀରକୁ ଦେଖି ବନବିଭାଗକୁ ଖବର ଦେଇଥିଲେ। କୁମ୍ଭୀରର ଗତିବିଧିକୁ ଲକ୍ଷ୍ୟ କରିବାକୁ ନନ୍ଦନକାନନ ଜୁଲୋଜିକାଲ ସର୍ଭେ ଟିମ ଆସି ବିଭିନ୍ନ ଅଞ୍ଚଳରେ ସର୍ଭେ କରିଥିଲେ।

# ବାଲ୍ୟ ବିବାହ ରୋକିଲା ଚାଇଲ୍ଡ଼ ଲାଇନ୍

ନୟାଗଡ଼,୭।୯(ସମିସ): ନୟାଗଡ଼ ଜିଲ୍ଲା ନୂଆଗାଁ ଥାନା ଅନ୍ତର୍ଗତ ଟଭାପଲ୍ଲୀ ଗାଁରେ ଏକ ବାଲ୍ୟ ବିବାହ ହେଉଥିବା ଖବର ପାଇ ଚାଇଲ୍ଡ଼ ଲାଇନ ଓ ପୁଲିସ ଚଢ଼ଉ କରି ଏହାକୁ ବନ୍ଦ କରିଛି। ଟଭାପଲ୍ଲୀ ଗାଁର ବିକାଶ ମେହେନା ଜଣେ ୧୬ ବର୍ଷ ବୟସ୍କା ନାବାଳିକାକୁ ବିବାହ କରିବାକୁ ସମସ୍ତ ପ୍ରସ୍ତୁତି ସରିଥିଲା। ନାବାଳିକା ଜଣଙ୍କ ଖୋର୍ଦ୍ଧା ଜିଲ୍ଲା ବୋଲଗଡ଼ ଥାନା ଅଞ୍ଚଳର ବୋଲି ଜଣାପଡ଼ିଛି। ଝିଅଟି ୩ଦିନ ହେଲା ପୁଅ ଘରକୁ ଚାଲି ଆସିଥିଲା। ଆଜି ବିବାହ ପାଇଁ ପ୍ରସ୍ତୁତି ସରିଥିବା ବେଳେ ଚାଇନ ଲାଇନ କର୍ମଚାରୀ ଝିଅକୁ ଉଦ୍ଧାର କରି ଜିଲ୍ଲା ଶିଶୁ ମଙ୍ଗଳ ସମିତିରେ ହାଜର କରାଇଥିଲେ। ଝିଅକୁ ନୟାଗଡ଼ ସଖି କେନ୍ଦ୍ରରେ ରଖାଯାଇଥିବା ସୂଚନା ମିଳିଛି। ଚଢ଼ଉରେ ବିଭୁତି ଭୂଷଣ ସାହୁ, ସୁଜାତା ବେହେରା, ମହୀପୁର ଫାଣ୍ଡିର କର୍ମକର୍ତ୍ତା ସାମିଲ ହୋଇଥିଲେ।

# ଦଶପଲ୍ଲା କଂଗ୍ରେସ ସଂଗଠନ ସୃଜନ ଅଭିଯାନ

ଦଶପଲ୍ଲା,୭।୯(ସମିସ): ଅଖିଳ ଭାରତ କଂଗ୍ରେସ କମିଟି ଆହ୍ୱାନରେ ନୟାଗଡ଼ ଜିଲ୍ଲା କଂଗ୍ରେସ କମିଟି ଆଜି ଦଶପଲ୍ଲାରେ ସଂଗଠନ ସୃଜନ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ମୈତ୍ରୀ ସମ୍ମିଳନୀ କକ୍ଷରେ ଦଶପଲ୍ଲା ବ୍ଲକ କଂଗ୍ରେସ କମିଟିର ଶତାଧିକ କଂଗ୍ରେସ କର୍ମୀ ଏଥିରେ ଅଂଶଗ୍ରହଣ କରିଥିଲେ। ଜିଲ୍ଲା ସଂଯୋଜକ ସତ୍ୟବ୍ରତ ନାୟକଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସାଂଗଠନିକ କାର୍ଯ୍ୟକ୍ରମରେ ଏଆଇସିସି ପର୍ଯ୍ୟବେକ୍ଷକ ଭାବରେ ସଂଗ୍ରାମ ମହାନ୍ତି ଯୋଗଦେଇ କର୍ମୀଙ୍କ ମନୋବଳ ବୃଦ୍ଧି କରିବା ସହିତ ମାର୍ଗ ଦର୍ଶନ ଦେଇଥିଲେ। ଅନ୍ୟତମ ମଞ୍ଚାସନ ଅତିଥି ଭାବରେ ବରିଷ୍ଠ କଂଗ୍ରେସ ନେତା ମନୋଜ ସାହୁ, ସରୋଜ ପରିଡ଼ା, ହୁସେନ୍ ଖାନ୍, ବିଭୁ ମିଶ୍ର, ରଣଜିତ୍ ଦାସ ପ୍ରମୁଖ ତୃଣ ମୂଳ ସ୍ତରରେ ଦଳୀୟ ସଂଗଠନକୁ ମଜବୁତ୍ ନିମନ୍ତେ ଉପାଦେୟ ମତ ରଖିଥିଲେ। ନଗର ସଭାପତି ଆଇନଜୀବୀ ବିନୟ ମିଶ୍ର, ବ୍ଲକ ସଭାପତି ବୁଲୁ ପରିଡ଼ା, ମହିଳା କଂଗ୍ରେସ ନେତ୍ରୀ ଉମାରାଣୀ ପାଣି, ରାଜୀବ ମିଶ୍ର, ନାରାୟଣ ସାହୁ, ରମେଶ ପରିଡ଼ା, ସୁଶାନ୍ତ ସାହୁ, ଉପେନ୍ଦ୍ର ନାୟକ, ଲାଲା ଗୁରୁ, କିଶୋର ପଣ୍ଡା, ନକୁଳ ପାତ୍ର, ବାଟି ନାୟକ, ଅଶୋକ ଚୌଧୁରୀ ପ୍ରମୁଖ ସକ୍ରିୟ କଂଗ୍ରେସ ନେତା ମାନେ ପ୍ରମୁଖ ଅଂଶଗ୍ରହଣ କରିଥିଲେ।




### ପୂରାତନ ଛାତ୍ରଛାତ୍ରୀଙ୍କ ଦ୍ୱାରା ଗୁରୁ ପୂଜନ ଓ ସମ୍ବର୍ଦ୍ଧନା

# ଶିକ୍ଷା ଆନ୍ଦୋଳନର ଅନ୍ୟତମ ପୁରୋଧା ଅଲେଖ୍ ସାର୍




ନୟାଗଡ଼,୭।୯(ସମିସ): ନୟାଗଡ଼ ବ୍ରଜେନ୍ଦ୍ର ଉଚ୍ଚ ବିଦ୍ୟାଳୟ ସଭାକକ୍ଷରେ ପ୍ରାକ୍ତନ ଶିକ୍ଷକ, ଶିକ୍ଷକ ଆନ୍ଦୋଳନର ପ୍ରମୁଖ ନେତା ତଥା ଦକ୍ଷ ଶିକ୍ଷା ସଙ୍ଗଠକ ଅଲେଖ ବେହେରାଙ୍କୁ ପୁରାତନ ଛାତ୍ରଛାତ୍ରୀଙ୍କ ଦ୍ୱାରା ଗୁରୁ ପୂଜନ ଓ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ କରାଯାଇଛି। ବର୍ଷୀୟାନ ଶିକ୍ଷକ ଲିଙ୍ଗରାଜ ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାକୁ ପରିଚାଳନା କରିଥିଲେ ପ୍ରାକ୍ତନ ଛାତ୍ର ବିଶ୍ୱନାଥ ମହାପାତ୍ର। ଅଧ୍ୟାପିକା ନୀଳିମା ନନ୍ଦ ସର୍ବପ୍ରଥମେ ଗୁରୁବନ୍ଦନା ପାଠ କଲାପରେ ଗୁରୁଜୀଙ୍କ ଶତାଧିକ ପୁରାତନ ଛାତ୍ର ଛାତ୍ରୀ ପୁଷ୍ପଗୁଚ୍ଛ ସହ ଉତ୍ତରୀୟ ପ୍ରଦାନ ପୂର୍ବକ ଗୁରୁ ପ୍ରଣାମ କରିଥିଲେ।। ଅତିଥି ଭାବେ ନୟାଗଡ଼ ବିଧାୟକ ଡ. ଅରୁଣ କୁମାର ସାହୁ ଓ ଦଶପଲ୍ଲାର ବିଧାୟକ ରମେଶ ଚନ୍ଦ୍ର ବେହେରା ଗୁରୁ ଶିଷ୍ୟ ସମ୍ପର୍କର ପବିତ୍ର ବନ୍ଧନ, ଗୁରୁ ପୂଜନର ମହନୀୟ ପରମ୍ପରା ଓ ଶିକ୍ଷକ ଅଲେଖ ବେହେରାଙ୍କ ଶୈକ୍ଷିକ ଅବଦାନ ଉପରେ ଆଲୋକପାତ କରିଥିଲେ। ଏଥିରେ ବିଶିଷ୍ଟ ସାହିତ୍ୟିକ ଡ. ପ୍ରେମାନନ୍ଦ ମହାପାତ୍ର, ଅଧ୍ୟାପିକା ଡ. କନକଲତା ମହାପାତ୍ର, ପଣ୍ଡିତ ଗୌରାଙ୍ଗ ରଥ, ଶଙ୍କର୍ଷଣ କର, ଏସ୍‌ଏ ଖାଲିକ୍, ଡ. ଭଗବାନ ଦାଶ ପ୍ରମୁଖ ଯୋଗଦେଇଥିଲେ। ଏହି ଗୁରୁ ପୂଜନ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ପ୍ରାକ୍ତନ ଛାତ୍ର ପ୍ରଧାନୀ ବୃନ୍ଦାବନ ମହାପାତ୍ର, ନିରଞ୍ଜନ ସାହୁ, ବିଶ୍ୱନାଥ ମିଶ୍ର, ପ୍ରଦୀପ୍ତ କୁମାର ମହାନ୍ତି, ପୂର୍ଣ୍ଣଚନ୍ଦ୍ର ଧରାମହାପାତ୍ର, ମଞ୍ଜୁଲତା ମହାପାତ୍ର ଓ ସୁରେନ୍ଦ୍ର ନାଥ ପ୍ରଧାନ ପ୍ରମୁଖ। ଅନ୍ୟତମ ଅତିଥି ବ୍ରଜେନ୍ଦ୍ର ହାଇସ୍କୁଲର ହେଡମାଷ୍ଟର ଉମାକାନ୍ତ ସେଠୀ ଏହି ଗୁରୁ ପୂଜନ କାର୍ଯ୍ୟକ୍ରମର ଉଚ୍ଚ ପ୍ରଶଂସା କରିଥିଲେ।

### ନୟାଗଡ଼ ନିର୍ବାଚନ ମଣ୍ଡଳୀ

# ମୂଳ ବିଜେପି ଓ ଦଳଡିଆଁ ବିଜେପି ଦୁଇଗୋଷ୍ଠୀ

ନୟାଗଡ଼,୭।୯(ସମିସ)

ନିର୍ବାଚନ ପରଠାରୁ ନୟାଗଡ଼ ନିର୍ବାଚନ ମଣ୍ଡଳୀରେ ବିଜେପି ଦୁଇଗୋଷ୍ଠୀ ହୋଇ କାର୍ଯ୍ୟ କରୁଛି। ଯାହା ଚର୍ଚ୍ଚା ଓ ଆଲୋଚନା ହେଉଥିଲା, ତାହା ଏହି ଦୁଇ ଦିନ ମଧ୍ୟରେ ସ୍ପଷ୍ଟ ହୋଇଯାଇଛି। ଦଳଡିଆଁ ବିଜେପି ଏବଂ ମୂଳ ବିଜେପି ଭାବେ ଜଣାଶୁଣା ହୋଇ ଦୁଇ ଗୋଷ୍ଠୀ କାର୍ଯ୍ୟ କରୁଥିଲେ। ନୟାଗଡ଼ ନିର୍ବାଚନ ମଣ୍ଡଳୀରେ ଗତ ସାଧାରଣ ନିର୍ବାଚନରେ

**ମଙ୍ଗ ଧରିବାକୁ ସକ୍ରିୟ ହେଲେଣି ସନ୍ତୋଷ**

ନାରୀନେତ୍ରୀ ପ୍ରତ୍ୟୁଷା ରାଜେଶ୍ୱରୀ ସିଂ ପ୍ରାର୍ଥୀ ହୋଇଥିଲେ। ସମସ୍ତ ଏକଜୁଟ ହୋଇ ନିର୍ବାଚନ ମଇଦାନକୁ ଓହ୍ଲାଇଥିବା ବେଳେ ନିର୍ବାଚନ ପରେ ସମସ୍ତେ ଦୁଇ ଗୋଷ୍ଠୀ ହୋଇଗଲେ। ପ୍ରତ୍ୟୁଷାଙ୍କ ଶିବିରରେ ରହିଥିବା ନେତା ଓ କର୍ମୀ ସମସ୍ତେ ବିଜେଡିରୁ ବିଜେପିକୁ ଆସିଛନ୍ତି। ଦୁଇ ଦିନ ତଳେ ପୂର୍ବତନ ସାଂସଦ ହେମେନ୍ଦ୍ର ଚନ୍ଦ୍ର ସିଂଙ୍କ ଶ୍ରାଦ୍ଧା ବାର୍ଷିକ ପାଳନରେ ପ୍ରତ୍ୟୁଷାଙ୍କ ଶିବିରରେ ଦମ ନଥିବା ଭଳି ଅନୁମାନ ହେଲା। ବାଚସ୍ପତି ସୁରମା ପାଢ଼ୀ, ଖଣ୍ଡପଡ଼ା ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁ ଅତିଥି ହୋଇଥିବା ବେଳେ ଆୟୋଜିତ ରକ୍ତଦାନ ଶିବିରରେ ମାତ୍ର ୨୨ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ଯାହା ଦଳୀୟ ସଂଗଠନର ଦୁର୍ବଳତାକୁ ପ୍ରତିପାଦିତ କରିଥିଲା। ଗତକାଲି ନୟାଗଡ଼ର ଜଣାଶୁଣା ଯୁବନେତା ସନ୍ତୋଷ ପ୍ରଧାନ ଏକ ସାଂଗଠନିକ ସଭା ଆହ୍ୱାନ କରିଥିଲେ। ଏହି ସଭାରେ ମୂଳ ବିଜେପିର ସମସ୍ତ କାର୍ଯ୍ୟକର୍ତ୍ତା, ନେତା ଓ କର୍ମୀ ଯୋଗ ଦେଇଥିଲେ। ଆୟୋଜିତ ବୈଠକରେ ସିଧାସଳଖ ଭାବେ ପ୍ରତ୍ୟୁଷାଙ୍କ ଶିବିରକୁ ଟାର୍ଗେଟ କରାଯାଇଥିବା ଦେଖିବାକୁ ମିଳିଛି। ସନ୍ତୋଷଙ୍କ କାର୍ଯ୍ୟକ୍ରମ ପ୍ରେସ୍ ବାର୍ତ୍ତାରୁ ଏହା ସ୍ପଷ୍ଟ ହୋଇଛି। ନୟାଗଡ଼ ନିର୍ବାଚନ ମଣ୍ଡଳୀରେ ଦଳୀୟ ବିଶୃଙ୍ଖଳା, ନେତ୍ରୀଙ୍କ ଅନୁପସ୍ଥିତିରେ ଅନ୍ୟଦଳରୁ ଆସି ମାମଲତକାର ସାଜିଥିବା କୁଚକ୍ରୀମାନେ ବିଜେପିର ନୀତି ଆଦର୍ଶ ଜଳାଞ୍ଜଳି ଦେଇ ନିଜ ବ୍ୟକ୍ତିଗତ ଲାଭ ପାଇଁ ବିଜେଡି ଲୋକଙ୍କୁ ରାଜନୈତିକ ସଂରକ୍ଷଣ ଦେଇ ଦଳକୁ ବଦନାମ କରିବା ସହିତ, ପୁରୁଖା କର୍ମୀଙ୍କୁ ଅଣଦେଖା କରିବାକୁ ନେଇ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିବା କୁହାଯାଇଛି। ଉକ୍ତ ସଭାରେ ଶହ ଶହ ସଂଖ୍ୟାରେ ବିଜେପି କର୍ମୀ ଯୋଗ ଦେଇ ସନ୍ତୋଷଙ୍କ ଉପରେ ଆସ୍ଥା ପ୍ରକଟ କରିଥିବା ବେଳେ ଆଗାମୀ ପଞ୍ଚାୟତ ନିର୍ବାଚନ ସନ୍ତୋଷଙ୍କ ନେତୃତ୍ୱରେ ଲଢ଼ିବାକୁ ମତ ପ୍ରକାଶ ପାଇଛି। ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ସଦସ୍ୟ ତଥା ଯୁବ ଓ କୃଷକନେତା ଭାବେ ପରିଚିତ ସନ୍ତୋଷ ପ୍ରଧାନଙ୍କ ନିର୍ବାଚନ ମଣ୍ଡଳୀରେ ଦବଦବା ରହିଛି। ସନ୍ତୋଷ ମଙ୍ଗ ଧରିବାକୁ ପ୍ରସ୍ତୁତ ବୋଲି ଉକ୍ତ ସଭାରୁ ସ୍ପଷ୍ଟ ହୋଇଛି। ଉକ୍ତ ସଭାରେ ବିଜେପି ନେତା କୃପାସିନ୍ଧୁ ଗୌଡ଼, ନୃସିଂହ ଚରଣ ମହାପାତ୍ର, ବସନ୍ତ ପଟ୍ଟନାୟକ, ସଞ୍ଜୟ କୁମାର ନାୟକ, ଅଜୟ ନାୟକ, ସ୍ନେହରଞ୍ଜନ ବଳିଆରସିଂଙ୍କ ସମେତ ବହୁ ବ୍ୟକ୍ତି ଉପସ୍ଥିତ ରହି ନିଜର ମତ ପ୍ରକାଶ କରିଥିବା ସୂଚନା ମିଳିଛି। ଏହି ସଭାକୁ ନେଇ ଜିଲ୍ଲା ବିଜେପିରେ ଚାପା ଗୁଞ୍ଜରଣ ସୃଷ୍ଟି ହୋଇଥିବା ଜଣାପଡ଼ିଛି। ଏହି ସଭା ଜରିଆରେ ବିଜେପି ନେତାମାନେ କୁଆଡ଼େ ବିଜେପି ନାଁରେ ଚାନ୍ଦା ଆଦାୟ କରି ନିଜ ସ୍ୱାର୍ଥ ସାଧନ କରୁଥିବା ବ୍ୟକ୍ତିଙ୍କୁ ଟାର୍ଗେଟ କରାଯାଇଛି ବୋଲି ଆଲୋଚନା ହେଉଛି। ନୟାଗଡ଼ ନିର୍ବାଚନ ମଣ୍ଡଳୀରେ ଦଳଡିଆଁ ବିଜେପି ଏବଂ ମୂଳ ବିଜେପି ମଧ୍ୟରେ କିଭଳି ସମନ୍ୱୟ ରକ୍ଷା କରି ଜିଲ୍ଲା ସଭାପତି ତାପସ କୁମାର ମାର୍ଥା କାର୍ଯ୍ୟ କରିବେ ବୋଲି ଆଲୋଚନା ଜୋର ଧରିଛି।




### ପ୍ରଶାସନ ଶୁଣିଲାନି

# ଗ୍ରାମବାସୀ କଲେ ରାସ୍ତା ମରାମତି



ଭାପୁର,୭।୯(ସମିସ): ନୟାଗଡ଼ ଜିଲ୍ଲା ଭାପୁର ବ୍ଲକ ରାକମା ପଞ୍ଚାୟତରୁ ବାଉଁଶବାଟୀ ପଞ୍ଚାୟତକୁ ସଂଯୋଗ କରୁଥିବା ବାଦିଲୋ ମାନପୁର ଦେଇ ଛେଳିଆ ରାସ୍ତାଟି ମରଣଯନ୍ତା ପାଲଟିଥିଲା। ଏନେଇ ଉପରୋକ୍ତ ତିନି ଗ୍ରାମବାସୀମାନେ ବ୍ଲକ ପ୍ରଶାସନ ଓ ବିଧାୟକଙ୍କ ବାରମ୍ବାର ଦୃଷ୍ଟି ଆକର୍ଷଣ କରିଥିଲେ ହେଁ କେହି କର୍ଣ୍ଣପାତ କରିନଥିଲେ। ବର୍ତ୍ତମାନ ସରପଞ୍ଚଙ୍କ ପ୍ରତିନିଧି ଓ ବାଦିଲୋ ଗ୍ରାମର ଯୁବକମାନେ ନିଜେ ଅର୍ଥ ଓ ଶ୍ରମ ଦେଇ ଏହି ରାସ୍ତା ମରାମତି କରିଛନ୍ତି। ଏକ କିଲୋମିଟରରୁ ଊଣେ ଏହି ରାସ୍ତା କାଦୁଆ ପଙ୍କ ହୋଇ ମରଣଯନ୍ତା ପାଲଟି ଥିଲା। କାଦୁଅ ପଚପଚ ହୋଇଥିବାରୁ ବାଧ ହୋଇ ଗ୍ରାମବାସୀମାନେ ବହୁ କଷ୍ଟରେ ଯିବା ଆସିବା କରୁଥିଲେ। ଏନେଇ ରାକମା ପଞ୍ଚାୟତ ସରପଞ୍ଚ ସନ୍ତୋଷୀ ବେହେରାଙ୍କୁ ଜଣାଇବା ପରେ ରାସ୍ତା ମରାମତି ପାଇଁ କୌଣସି ଫଣ୍ଡ ନଥିବା କହିଥିଲେ ବ୍ଲକ ପ୍ରଶାସନ ଚାହିଁଲି ଅର୍ଥ ଦେଇ ପାରିବ ବୋଲି କହିଥିଲେ। ବ୍ଲକ ପ୍ରଶାସନ ଓ ବିଧାୟକ କୌଣସି ପଦକ୍ଷେପ ନ ନେବାରୁ ରାକମା ପଞ୍ଚାୟତ ସରପଞ୍ଚଙ୍କ ପ୍ରତିନିଧି ମାଧବ ବେହେରା ୫୦ ହଜାର ଟଙ୍କା ନିଜ ପକେଟରୁ ଦେଇ ତିନୋଟି ହାଇୱା ଡଷ୍ଟ ତାପଙ୍ଗରୁ ମଗାଇ ରାସ୍ତାରେ ପକାଇଛନ୍ତି। ଏହି ଡଷ୍ଟକୁ ବାଦିଲୋ ଗ୍ରାମର ନାଗାର୍ଜୁନ ବେହେରା, ଚନ୍ଦୁ ବେହେରା, ଚନ୍ଦନ ବେହେରା, ନନ୍ଦୁ ବେହେରା, ଉଦ୍ଧବ ସେଠୀ, ବିପିନ ବେହେରା ଓ ପବନା ବେହେରା ତିନି ଦିନ ଧରି ଶ୍ରମଦାନ କରି ରାସ୍ତା ମରାମତି କରି ଅନ୍ୟ ମାନଙ୍କ ପାଇଁ ଉଦାହରଣ ସାଜିଛନ୍ତି।

## ଜଟଣୀ ଗଣେଶ ପୂଜାର ଭସାଣି ଉତ୍ସବ

# ୪୫ ପୂଜା ପେଣ୍ଡାଲର ଗଣପତିଙ୍କ ହରି-ହର ଭେଟ

ଜଟଣୀ,୭।୯ (ସମିସ)

ଓଡ଼ିଶା ପ୍ରସିଦ୍ଧ ଜଟଣୀ ଗଣେଶ ପୂଜାର ରବିବାର ଭସାଣି ଉତ୍ସବ ଅନୁଷ୍ଠିତ ହୋଇଛି। ଏଥିରେ ସହରର ମୁଖ୍ୟ ୪୫ଟି ପୂଜା ପେଣ୍ଡାଲର ପ୍ରଭୁ ଗଣପତିଙ୍କ ସ୍ଥାନୀୟ ସୀତାରାମ ଛକରେ ହୋଇଥିଲା ହରି-ହର ଭେଟ। ରବିବାର ଚନ୍ଦ୍ରଗ୍ରହଣ ପଡୁଥିବାରୁ ଅନେକ ପୂଜା ମଣ୍ଡପ ଶନିବାରଠାରୁ ଦେବନୀତି ଅନୁଯାୟୀ ବିସର୍ଜନ କାର୍ଯ୍ୟକ୍ରମ ସମ୍ପନ୍ନ କରାଯାଇଥିଲା। ରବିବାର ପାରମ୍ପରିକ ରୀତିନୀତି ଅନୁଯାୟୀ ବିସର୍ଜନ କାର୍ଯ୍ୟକ୍ରମ ଆୟୋଜନ ହୋଇଥିଲା। ସମସ୍ତ ପୂଜା ମଣ୍ଡପ ଦ୍ୱାରା ପ୍ରଭୁଙ୍କ ମେଲାଣି ସମୟରେ ବାଘ ନାଚ, ଘୋଡ଼ା ନାଚ, ନାଗା ନାଚ, ସମ୍ବଲପୁରୀ, ପଞ୍ଜାବୀ ଓ ଆଦିବାସୀ ନାଚ ସହିତ ମହୁରୀ ଆଦି ବାଜାର ତାଳେ ତାଳେ ଜଟଣୀ ସହର ମଧ୍ୟରେ ଭକ୍ତ ଓ ଭଗବାନ ଏକାଠି ହୋଇଥିବା ବିରଳ ଦୃଶ୍ୟ ଦେଖିବାକୁ ମିଳିଥିଲା। ବାଣ, ବାଜା ଓ ରୋଷଣୀ ସହିତ ଲକ୍ଷାଧିକ ଜନସମାଗମ ମଧ୍ୟରେ ବିଦାୟ ନେଲେ ପ୍ରଭୁ ଗଜାନନ।




ଜଟଣୀ ଅଞ୍ଚଳର ୨୦୦ରୁ ଉର୍ଦ୍ଧ୍ୱ ପୂଜା ମଣ୍ଡପରୁ ଦୀର୍ଘ ୧୧ ଦିନର ବିଭିନ୍ନ ପ୍ରତିଯୋଗିତାରେ ମେଲାଣି ନେଲେ ପ୍ରଭୁ ଗଜାନନ। ପାର୍ବଣ ମଧ୍ୟରେ ଠାକୁରଙ୍କ ରୀତିନୀତି ଅନୁସାରେ ବିଭିନ୍ନ ପ୍ରକାର କାର୍ଯ୍ୟକ୍ରମ ସହିତ ମିନାବଜାର, ଭଜନ, ଅପେରା ଆୟୋଜନ କରାଯାଇଥିଲା। ପୂଜା ମଣ୍ଡପ ମଧ୍ୟରୁ ସ୍ଥାନୀୟ ପୋଷ୍ଟ ଅଫିସ ଛକ ଏବଂ ଗୋପବନ୍ଧୁ ଛକ ପକ୍ଷରୁ ଲଡୁ ନିଲାମ ପ୍ରକ୍ରିୟା କରାଯାଇଥିଲା। ଅନ୍ୟପକ୍ଷରେ ଶୃଙ୍ଖଳିତ ଭାବେ ପୂଜା ପରିଚାଳିତ ପାଇଁ ମେଲାଣି ଉତ୍ସବରେ ଭାଗନେବା ଲାଗି ପୂଜା ପେଣ୍ଡାଲର ପ୍ରଶାସନିକ ଅନୁମତିପତ୍ର ରହିଥିବା ଜଣାପଡ଼ିଛି। ଗୋପବନ୍ଧୁ ଛକ, ପୋଷ୍ଟ ଅଫିସ ଛକ, ବିନାୟକ କ୍ଲବ୍, ହରିଭାଇନା ଛକ, ସୀତାରାମ ଛକ, ନୀଳଚକ୍ର ମାର୍କେଟ୍, ବଡ଼ ବଜାର, ମାଛ ଓ ପରିବା ମାର୍କେଟ୍, ମେଡିକାଲ୍ ଛକ, ମହୁଲଗୁଡ଼ିଆ ଛକ ଆଦି ଛୋଟବଡ଼ ୪୫ଟି ପୂଜା ମଣ୍ଡପ ଏହି କ୍ରମରେ ସୀତାରାମ ଛକଠାରେ ରବିବାର ସନ୍ଧ୍ୟାରେ ଏକତ୍ରିତ ହେବାପରେ ସେଠାରେ ଭସାଣି ଉତ୍ସବ କମିଟିର ସଭାପତି ତଥା ଜଟଣୀର ପୂର୍ବତନ ପୌରାଧ୍ୟକ୍ଷ ସଂଗ୍ରାମ କେଶରୀ ରାଉତରାୟ ରୀତିନୀତି ଅନୁଯାୟୀ ମେଲାଣି ଦେଇଥିଲେ। ଶନିବାରଠାରୁ ଉତ୍ସବ କମିଟିର ସଭାପତି ଶ୍ରୀ ରାଉତରାୟ ସମସ୍ତ ପୂଜା ମଣ୍ଡପ ବୁଲି ଗୁଆ, ନଡ଼ିଆ, ଭୋଗହାଣ୍ଡି ପ୍ରଦାନ କରି ନିମନ୍ତ୍ରଣ କରିଥିଲେ। ଏହି ଅବସରରେ ଜଟଣୀ ମୁଖ୍ୟ ରାସ୍ତାକଡ଼ରେ ଗଜାନନଙ୍କୁ ମେଲାଣି ଦେବା ପାଇଁ ବିଜେଡି ଜିଲ୍ଲା ସଭାପତି ତଥା ଜଟଣୀ ବିଧାୟକ ବିଭୂତି ବଳବନ୍ତରାୟ, ନଗରପାଳ ଅନନ୍ତ ବେହେରାଙ୍କ ସହିତ ବହୁ ବିଜେଡି କର୍ମୀ ସମସ୍ତ ପୂଜା ମଣ୍ଡପରେ ଗଜାନନଙ୍କୁ ମେଲାଣି ଦେଇଥିଲେ।

ସେହିପରି ଉତ୍କଳ ଦଳିତ ମହାସଂଘ, ନଗର କଂଗ୍ରେସ, ମାରୱାଡ଼ି ଯୁବ ସଂଘ, ନାଗରିକ କମିଟି, ଭାରତୀୟ ଜନତା ପାର୍ଟି, କର୍ମ ମନ୍ଦିର ଆଦି ସଂଗଠନ ପକ୍ଷରୁ ସମସ୍ତ ପୂଜାମଣ୍ଡପକୁ ରୀତିନୀତି ଅନୁସାରେ ମେଲାଣି ଦିଆଯାଇଥିଲା। ଏଥି ସହିତ ବିଭିନ୍ନ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏହି ଅବସରରେ ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି। କମିସନରେଟ୍ ପୁଲିସର ୫ ଜଣ ଏସିପି, ୧୨ ଜଣ ଇନ୍ସପେକ୍ଟର, ୪୨ ଜଣ ଏସ୍ଆଇ ଏବଂ ଏଏସ୍ଆଇ, ୧୬୦ଜଣ ହୋମ୍‌ଗାର୍ଡଙ୍କ ସମେତ ମୋଟ୍ ୧୬ ପ୍ଲାଟୁନ୍ ଫୋର୍ସ ମୁତୟନ କରାଯାଇଥିଲା। ଶାନ୍ତିଶୃଙ୍ଖଳା ସହିତ ମେଲାଣି ଉତ୍ସବକୁ ପାଳନ କରିବା ଲାଗି କମିସନରେଟ୍ ପୁଲିସ ପକ୍ଷରୁ ପୂଜା ପେଣ୍ଡାଲଗୁଡ଼ିକୁ ନିର୍ଦ୍ଦେଶ ଦିଆଯାଇଛି। ପ୍ରଦୂଷଣମୁକ୍ତ ମୂର୍ତ୍ତି ବିସର୍ଜନ ଲାଗି ପୌର ପରିଷଦ ପକ୍ଷରୁ ସ୍ଥାନୀୟ ଷଣ୍ଢପୁର ମୌଜା ଅଞ୍ଚଳରେ ୪ଟି ଅସ୍ଥାୟୀ ପୋଖରୀ ନିର୍ମାଣ କରାଯାଇଥିଲା। ଶବ୍ଦ ପ୍ରଦୂଷଣ ଲାଗି ଭସାଣି ଉତ୍ସବରେ ଡିଜେ ସାଉଣ୍ଡ ପ୍ରତି ଆଇନ କଡ଼ାକଡ଼ି କରାଯାଇ ଡିଜେକୁ ସମ୍ପୂର୍ଣ୍ଣ ବାରଣ କରାଯାଇଥିଲା। ଭସାଣି ପାଇଁ ଭାରୀଯାନ ଚଳାଚଳ ଉପରେ କଟକଣା କରାଯାଇଥିଲା। ଏହି କ୍ରମରେ ବିଳମ୍ବିତ ରାତି ପର୍ଯ୍ୟନ୍ତ ବିସର୍ଜନ ଉତ୍ସବ ପାଳନ ହୋଇଥିଲା। ଏହି ଅବସରରେ ସୋମବାର ଜଟଣୀ ସହର ବନ୍ଦ ରହିବାର ସୂଚନା ଦିଆଯାଇଛି।

## ଗଣେଶ ଭସାଣିରେ ଦୁଲୁକିଲା ନିରାକାରପୁର

ନିରାକାରପୁର,୭।୯ (ସମିସ): ଖୋର୍ଦ୍ଧା ଜିଲ୍ଲା ପୂର୍ବରୁ ନରେନ୍ଦ୍ରପୁର ସାହି ୟୁନାଇଟେଡ୍ କ୍ଲବ୍ ଭସାଣି ଶେଷ ହୋଇଥିବାବେଳେ ରବିବାର ପାଣ୍ଡବପାଟଣା ପ୍ରଗତି କ୍ଲବ୍, ଗେଟ୍ ବଜାର ନିକଟ ଯାଜପୁର ରୋଡ୍‌ସ୍ଥିତ ଇଗଲ କ୍ଲବ୍ ପୂଜା କମିଟି, ପଦ୍ମପୁର ଗଣେଶ ପୂଜା କମିଟି ଓ ମରିଆ ପାଟଣା ପୂଜା କମିଟି ଦ୍ୱାରା ଆୟୋଜିତ ବିରାଟକାୟ ଗଣେଶ ମେଢ଼କୁ ବିରାଟ ପଟୁଆରରେ ବିସର୍ଜନ କରାଯାଇଛି। ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ନାଚଗୀତର ତାଳେ ତାଳେ କ୍ଲବ୍‌ର ସଦସ୍ୟମାନଙ୍କ ସହିତ ଗ୍ରାମବାସୀ ଅତି ଆନନ୍ଦ ଉଲ୍ଲାସରେ ଝୁମିଥିଲେ। ଶାନ୍ତିଶୃଙ୍ଖଳା ରକ୍ଷା କରିବା ସହିତ ଟ୍ରାଫିକ୍ ପରିଚାଳନା ପାଇଁ ନିରାକାରପୁର ପୁଲିସ ବ୍ୟାପକ ବନ୍ଦୋବସ୍ତ କରିଥିଲେ। ସବୁ ପୂଜା କମିଟି ସଭ୍ୟମାନେ ଏହି ଭସାଣି ଶୋଭାଯାତ୍ରାରେ ଭାଗନେଇଥିଲା।



## ଟ୍ରିପଲ 'ଏ'ରେ ଗୁରୁ ଦିବସ



ଖୋର୍ଦ୍ଧା,୭।୯ (ସମିସ): ଖୋର୍ଦ୍ଧାର ଅଗ୍ରଣୀ ଶିକ୍ଷାନୁଷ୍ଠାନ ଟ୍ରିପଲ 'ଏ'ରେ ଗୁରୁ ଦିବସ ବିଦ୍ୟାଳୟର ପ୍ରତିଷ୍ଠାତା ଡ. ନନ୍ଦକିଶୋର ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ପାଳିତ ହୋଇଛି। ଗୁରୁଙ୍କ ଉପରେ ଆଧାରିତ ଏକ ଆବାହନ ସଂଗୀତ ବିଦ୍ୟାଳୟର ସଂଗୀତ ବିଭାଗ ସଂଯୋଜନାରେ ଗାନ କରାଯିବା ସହ ନୃତ୍ୟ ଓ ଗୀତରେ ପରିବେଶ ଗୁରୁମୟ ହୋଇଯାଇଥିଲା। ଛାତ୍ରଛାତ୍ରୀମାନେ ଗୁରୁମାନଙ୍କର ପୂଜ୍ୟପୂଜା କରିବା ସହ ଗୁରୁ-ଶିଷ୍ୟ ପରମ୍ପରା ଉପରେ ଆଧାରିତ ଏକ କ୍ଷୁଦ୍ର ନାଟକ ପରିବେଷଣ କରିଥିଲେ। ଗୁରୁ ଦିବସର ନିମନ୍ତ୍ରିତ ଅତିଥିଙ୍କ ଦ୍ୱାରା କେକ୍ କଟାଯାଇଥିଲା। ଦିବସଟିକୁ ଆହୁରି ମଧୁର କରିବା ପାଇଁ ପିଲାମାନଙ୍କ ମଧ୍ୟରେ କ୍ରୀଡ଼ା ପ୍ରତିଯୋଗିତା ବିଦ୍ୟାଳୟର କ୍ରୀଡ଼ା ବିଭାଗ ଦ୍ୱାରା ଆୟୋଜିତ ହୋଇଥିଲା। ଏହି ଉତ୍ସବରେ ବିଦ୍ୟାଳୟର ଅଧ୍ୟକ୍ଷା ଡ. ଦୀପ୍ତିମୟୀ ମହାନ୍ତି, ଇଷ୍ଟେଟ୍ ମ୍ୟାନେଜର ଚିତ୍ତରଞ୍ଜନ ପଟ୍ଟନାୟକ, ଆସୋସିଏଟ୍ ଡାଇରେକ୍ଟର ମିତାଲି ପରିଡ଼ା, ଏନ୍‌ଡିଏ ମୁଖ୍ୟ ସୁବେଦାର ମେଜର ଶୁଶାନ୍ତ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ଏହି ସଭାକୁ ଚତୁର୍ଥ ଶ୍ରେଣୀର ସାଇମୁକ୍ତା ଓ ଶ୍ରଦ୍ଧାସଗୁନ ଏବଂ ଦ୍ୱାଦଶ ଶ୍ରେଣୀର ପ୍ରଶାନ୍ତ ଓ ସ୍ନେହା ପରିଚାଳନା କରିଥିବାବେଳେ ଚତୁର୍ଥ ଶ୍ରେଣୀର ଛାତ୍ରୀ ଦିବ୍ୟାଂଶୀ ଓ ଏକାଦଶ ଶ୍ରେଣୀର ସମାପିକା ଧନ୍ୟବାଦ ଅର୍ପଣ କରିଥିଲେ।

## ବାଲୁଗାଁ ଉଚ୍ଚ ବିଦ୍ୟାଳୟ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ

ବାଲୁଗାଁ,୭।୯ (ସମିସ): ବାଲୁଗାଁ ସରକାରୀ ଉଚ୍ଚ ବିଦ୍ୟାଳୟ ପକ୍ଷରୁ ବିଦ୍ୟାଳୟ ପରିସରସ୍ଥିତ ଇନ୍‌ଡୋର ଷ୍ଟାଡିୟମ୍ ପରିସରରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ସ୍ୱାଧୀନ ମଞ୍ଜରୀ ବେହେରାଙ୍କ ତତ୍ତ୍ୱାବଧାନରେ ଆୟୋଜିତ ସଚେତନତା କାର୍ଯ୍ୟକ୍ରମରେ ଅତିଥି ଭାବେ ବାଲୁଗାଁ ଥାନା ଅଧିକାରୀ ଜୟପ୍ରକାଶ ପରିଡ଼ା, ଏସ୍ଆଇ ସୌମ୍ୟରଞ୍ଜନ ପାଣିଗ୍ରାହୀ, ଏସ୍ଆଇ ଜ୍ୟୋତ୍ସ୍ନା ସାହୁ, ବିଦ୍ୟାଳୟର ଶିକ୍ଷକ ଗୋପୀନାଥ ପ୍ରଧାନ ପ୍ରମୁଖ ସାମିଲ୍ ହୋଇ ଉପସ୍ଥିତ ଛାତ୍ରଛାତ୍ରୀଙ୍କୁ ସଚେତନ କରାଇଥିଲେ। ବାଲ୍ୟବିବାହଠାରୁ ଦୂରେଇ ରହିବାକୁ ପରାମର୍ଶ ଦେବା ସହିତ ଦୁର୍ଘଟଣାରୁ ସୁରକ୍ଷା ଓ ସାଇବର ଠକଙ୍କ ଦ୍ୱାରା ଅର୍ଥ ଲୁଟ୍‌ର ଶିକାରରୁ ନିଜକୁ କିପରି ସୁରକ୍ଷିତ ରଖିବ, ସେ ସମ୍ପର୍କରେ ଉପସ୍ଥିତ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ସଚେତନ କରାଇଥିଲେ। ସର୍ବଦା ରାସ୍ତାର ବାମ ପାର୍ଶ୍ୱରେ ଯାତାୟାତ କରି ଟ୍ରାଫିକ୍ ନିୟମ ମାନିବା, ଅସାମାଜିକ ବ୍ୟକ୍ତିଙ୍କଠାରୁ ସର୍ବଦା ଦୂରେଇ ରହିବା, ଅନ୍ୟାୟ କାର୍ଯ୍ୟକୁ ବିରୋଧ କରିବା ପାଇଁ ପ୍ରଚେଷ୍ଟା କରିବା ସହ ଆବଶ୍ୟକ ସ୍ଥଳେ ପୁଲିସକୁ ଅବଗତ କରାଇବା ଓ ଜୀବନରେ ଉଚିତ୍ ଶିକ୍ଷା ଗ୍ରହଣ କଲେ ଜଣେ ଛାତ୍ର କିମ୍ବା ଛାତ୍ରୀ ବିଦ୍ୟାଳୟ ସହିତ ନିଜର ବାପାମାଆଙ୍କ ନାମ ରଖିପାରିବ ଆଦି ସମ୍ପର୍କରେ ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏଥିରେ ବାଲୁଗାଁ ଉଚ୍ଚ ବିଦ୍ୟାଳୟର ବହୁ ଛାତ୍ରଛାତ୍ରୀ ଓ ସମସ୍ତ ଶିକ୍ଷକଶିକ୍ଷୟିତ୍ରୀ ସାମିଲ୍ ହୋଇଥିଲେ।

## ଆର୍‌ଏସ୍‌ଏସ୍ ପକ୍ଷରୁ ବିଦ୍ୟାର୍ଥୀ ସମ୍ମିଳନୀ

ବେଗୁନିଆ,୭।୯ (ସମିସ): ବେଗୁନିଆ ସଦର ମହକୁମାସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ(ଆର୍‌ଏସ୍‌ଏସ୍) ପକ୍ଷରୁ ବେଗୁନିଆ ମହାବିଦ୍ୟାଳୟର ବିଦ୍ୟାର୍ଥୀମାନଙ୍କୁ ନେଇ ଏକ ସମ୍ମିଳନୀ ଅନୁଷ୍ଠିତ ହୋଇଛି। ଏଥିରେ ବେଗୁନିଆ ଖଣ୍ଡ କାର୍ଯ୍ୟବାହ ଡ. ଭାସ୍ୱର ବାଗମିତା ପରିଡ଼ାଙ୍କ ତତ୍ତ୍ୱାବଧାନରେ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ପୁରୀ ବିଭାଗ କାର୍ଯ୍ୟବାହ ପ୍ରସନ୍ନ କୁମାର ସେନାପତି ମୁଖ୍ୟ ଅତିଥି ଓ ପୁରୀ ବିଭାଗ ମୁଖ୍ୟ ମାର୍ଗ ସଂଯୋଜକ ସୁଜାତ ନାରାୟଣ ଶାନ୍ତିକାମୀ ଅତିଥି ଭାବେ ଉପସ୍ଥିତ ଥିଲେ। ପ୍ରାରମ୍ଭରେ ଆଦର୍ଶ ଜୀବନଚର୍ଯ୍ୟାକୁ ପାଳନ କରିବା ପାଇଁ ଶପଥପାଠ କରିଥିବାବେଳେ ଜୟୀ ରାଜଗୁରୁ ଶାଖା ମୁଖ୍ୟ ଶିକ୍ଷକ ଶୁଭ୍ରଜିତ୍ ସାହୁ ଓ ବେଗୁନିଆ ଖଣ୍ଡ ଶାରୀରିକ ପ୍ରମୁଖ ଆଶୁତୋଷ ପଣ୍ଡା ପରିଚାଳନା କରିଥିଲେ।

## ୭୦ ହଜାର ଟଙ୍କାର ବାଣ ଓ ସରଞ୍ଜାମ ଜବତ, ଦୁଇ ଗିରଫ

ବେଗୁନିଆ,୭।୯ (ସମିସ): ପାର୍ବଣ ଋତୁ ଆରମ୍ଭ ହୋଇଥିବାରୁ ପ୍ରଶାସନ ପକ୍ଷରୁ ଲାଇସେନ୍ସଧାରୀ କେବଳ ବାଣ ପ୍ରସ୍ତୁତି ଓ ବିକ୍ରି କରିବାକୁ ଅନୁମତି ପତ୍ର ପାଇଛନ୍ତି। ତେବେ ବେଆଇନ ଭାବେ ଲୁଚିଛପି ବାଣ ପ୍ରସ୍ତୁତି ଓ ବିକ୍ରି ହେଉଥିବା ପୁଲିସ ନିକଟରେ ଅଭିଯୋଗ ହୋଇଥିଲା। ଏଥିରେ ବାଘମାରୀ ଥାନା ଅଧିକାରୀ ଶମ୍ଭୁନାଥ ନାୟକଙ୍କ ନେତୃତ୍ୱରେ ପୁଲିସ ଲେଖନପୁର ଗ୍ରାମରେ ପହଞ୍ଚି ଶେଷଦେବ ମାର୍ଥା ଓ ରବୀନ୍ଦ୍ର ସାହୁଙ୍କ ଘରେ ଚଢ଼ଉ କରିଥିଲେ। ତାଙ୍କଠାରୁ ମୋଟ୍ ୭୦ ହଜାରରୁ ଉର୍ଦ୍ଧ୍ୱ ଟଙ୍କାର ବାଣ ଓ ଆବଶ୍ୟକୀୟ ସରଞ୍ଜାମ ଜବତ କରି ଉଭୟଙ୍କୁ କୋର୍ଟ ଚାଲାଣ କରାଯାଇଛି ବୋଲି ସୂଚନା ମିଳିଛି।

## 'ଭାଗବତ ପଠନରେ ମୁକ୍ତିର ମାର୍ଗ ପ୍ରଶସ୍ତ ହୁଏ'

ଖୋର୍ଦ୍ଧା,୭।୯ (ସମିସ): ଭାବ, ଜ୍ଞାନ, ବ୍ରହ୍ମ, ତତ୍ତ୍ୱର ସମାହାର ହେଉଛି ଭାଗବତ। ଚିନ୍ମୟ ଚିଦଘନ ରସମୟ କୃଷ୍ଣ ଆନନ୍ଦ ରୂପିଣୀ ରାଧାଙ୍କର ଚରିତ୍ର ହିଁ ଭାଗବତ ବୋଲି ଶ୍ରୀଶ୍ରୀ ରାଧାବଲ୍ଲଭ ଦେବଙ୍କ ମନ୍ଦିରରେ ଅନୁଷ୍ଠିତ ଶ୍ରୀମଦ୍ ଭାଗବତ ପାରାୟଣର ଅନ୍ତିମ ଦିବସରେ ଭକ୍ତି ବେଦାନ୍ତ ବୋଧାୟନ ମହାରାଜ ପ୍ରବକ୍ତା ଭାବରେ ଯୋଗଦେଇ କହିଥିଲେ। ଭାଗବତ ହେଉଛି ଓଡ଼ିଆ ଜାତି ପକ୍ଷରେ ବେଦ ପରି ପବିତ୍ର ଯାହା ଓଡ଼ିଶାରେ ସାଂସ୍କୃତିକ ବିପ୍ଳବ ସୃଷ୍ଟି କରିପାରିଛି। ଭାଗବତ ପଠନରେ ମୁକ୍ତିର ମାର୍ଗ ପ୍ରଶସ୍ତ ହୋଇଥାଏ। ଏହି ପବିତ୍ର ଭାଗବତ ପାରାୟଣରେ ପ୍ରତ୍ୟହ ସାଧୁ ପ୍ରଭୁ ପାରାୟଣ ଆଚାର୍ଯ୍ୟ ଭାବେ ଭାଗବତପାଠ କରୁଥିଲେ। ଏହି ସପ୍ତାହବ୍ୟାପୀ କାର୍ଯ୍ୟକ୍ରମକୁ ଭାଗବତ ପ୍ରଚାର ସମିତିର କର୍ମକର୍ତ୍ତା, ଅଧ୍ୟାପକ ସୁଶାନ୍ତ ମିଶ୍ର, ରବି ନାରାୟଣ ମହାପାତ୍ର, ଗୋବିନ୍ଦ ଚନ୍ଦ୍ର ପ୍ରଧାନ, ହରି ପ୍ରସାଦ ଦୋରା, ଲାଲା କାଶୀନାଥ ରାୟ, ଚିତ୍ତରଞ୍ଜନ ଦାସ, ସୂର୍ଯ୍ୟ ନାରାୟଣ ପାତ୍ର, ଅବନୀ କୁମାର ଦାସ ପରିଚାଳନା କରିଥିଲେ। ପ୍ରତ୍ୟହ ଏହି ଭାଗବତ କାର୍ଯ୍ୟକ୍ରମରେ ପ୍ରଚାର ସମିତିର ସଭାପତି ଅମୂଲ୍ୟ କୁମାର ମହାନ୍ତି, ଅଜିତ୍ ପଟ୍ଟନାୟକ ଓ ସମସ୍ତ ସଭ୍ୟ ଯୋଗଦେବା ସହ ଖୋର୍ଦ୍ଧା ସହର ଓ ବିଭିନ୍ନ ପ୍ରାନ୍ତରୁ ବହୁ ସଂଖ୍ୟାରେ ଭାଗବତ ପ୍ରେମୀ ଯୋଗଦେଇଥିଲେ।



## ଚନ୍ଦନ ସାହିରେ ଭାଗବତ ଜନ୍ମୋତ୍ସବ

ଭୂଷଣ୍ଡପୁର,୭।୯ (ସମିସ): ଟାଙ୍ଗୀ ବ୍ଲକ୍‌ର ବାଲିପାଟପୁର ଗ୍ରାମପଞ୍ଚାୟତର ଦେଉଳ ସାହି ଓ ଚନ୍ଦନ ସାହିରେ ଅବସ୍ଥିତ ଭାଗବତ ଗୃହରେ ପ୍ରତି ବର୍ଷ ଭଳି ଚଳିତ ବର୍ଷ ମଧ୍ୟ ଭାଗବତଙ୍କ ଜନ୍ମ ଉତ୍ସବ ପାଳିତ ହୋଇଛି। ଭାଦ୍ରବ ମାସର ଶୁକ୍ଳ ପକ୍ଷ ପୂର୍ଣ୍ଣିମା ତିଥିରେ ଇନ୍ଦ୍ରୋତ୍ସବ, ଭାଗବତ ଜନ୍ମ ଭାଗବତ ପୂର୍ଣ୍ଣିମା ସହିତ ଚଳିତ ବର୍ଷ ପୂର୍ଣ୍ଣ ଗ୍ରାସ ଚନ୍ଦ୍ରଗ୍ରହଣ ହେତୁ ଯଥାଶୀଘ୍ର ଗ୍ରହଣ କଟକଣା ପୂର୍ବରୁ ଭାଗବତଙ୍କ ସମସ୍ତ ପୂଜାବିଧି ସମ୍ପନ୍ନ ହୋଇଥିଲା। ବୈଦିକ ବ୍ରାହ୍ମଣ ନିରଞ୍ଜନ ବାହିନୀପତିଙ୍କ ଦ୍ୱାରା ସମସ୍ତ ପୂଜାବିଧି ଓ ହୋମଯଜ୍ଞ କରାଯାଇ ସମାଜର କଲ୍ୟାଣ ନିମିତ୍ତ ଆହୁତି ପ୍ରଦାନ କରାଯାଇଥିଲା। କର୍ତ୍ତା ଭାବେ ଭାଗବତ ଗୃହର ସଭାପତି ଗୋଲକ ବିହାରୀ ପଟ୍ଟନାୟକ ବସିଥିବାବେଳେ ସାହିର ବିଭୁତି ବରାଳ, ଦେବେନ୍ଦ୍ର ନାୟକ, ବସନ୍ତ ବେହେରା, ସୁଦର୍ଶନ ବରାଳ ସହଯୋଗ କରିଥିଲେ।



## ବେଆଇନ ଚିଙ୍ଗୁଡ଼ି ଘେରି ଉଚ୍ଛେଦ ଦାବି

ଟାଙ୍ଗୀ,୭।୯ (ସମିସ): ଚିଙ୍ଗୁଡ଼ି ମାଫିଆଙ୍କ ଦ୍ୱାରା ଚିଲିକାରେ ଗଢ଼ି ଉଠିଥିବା ବେଆଇନ ଚିଙ୍ଗୁଡ଼ି ଘେରି ଉଚ୍ଛେଦ ଦାବିରେ ମତ୍ସ୍ୟଜୀବୀ ମହାସଂଘ ସରକାରଙ୍କୁ ଚେତାବନୀ ଦେଇଛି। ୧୫ ଦିନ ମଧ୍ୟରେ ପ୍ରତିକାର ବ୍ୟବସ୍ଥା ନ ହେଲେ ଚିଲିକାର ୧୮ଟି ଅଞ୍ଚଳରେ ଥିବା ଚିଙ୍ଗୁଡ଼ି ଘେରିକୁ ୩ ହଜାର ମତ୍ସ୍ୟଜୀବୀ ୫ଶହ ଡଙ୍ଗା ସାହାଯ୍ୟରେ ଘେରେ ଉଚ୍ଛେଦ କରିବାକୁ ବାଧ୍ୟ ହେବେ ବୋଲି ମତ୍ସ୍ୟଜୀବୀ ମହାସଂଘ ସଭାପତି ଶ୍ୟାମସୁନ୍ଦର ବେହେରା ଏକ ପ୍ରେସ୍ ଇସ୍ତାହାରରେ ଜଣାଇଛନ୍ତି।



ସୂଚନାଯୋଗ୍ୟ, ଚିଙ୍ଗୁଡ଼ି ମାଫିଆମାନେ ଚିଲିକାର ଡାଲତୋଳା ନାସି, କଣ୍ଟିବଣିଆ ନୂଆଗାଁ, ବୁଧିବର ନାସି, ବୋରିଆକୁଦ ନାସି, ପାନଖିଆ, ପାଣ୍ଡା ନାସି, କୃଷ୍ଣପ୍ରସାଦ ଜେଟି ନିକଟ, ଚଢ଼େଇବଣି, ଜଅଁବଲ, ବଳଙ୍ଗା, ଶେରିସାହି, ଡାଲପହଣ୍ଡା, ଚିଖିଲି, ଚକ୍ରକୋଟ, ସାପିଆ, କୁରୁପାଳ, ନୂଆପଡ଼ା, ଗୁରୁବାଇ ଅଞ୍ଚଳରେ ବେଆଇନ ଚିଙ୍ଗୁଡ଼ି ଘେରି ଫଳରେ ୪ ଲକ୍ଷ ପାରମ୍ପରିକ ମତ୍ସ୍ୟଜୀବୀଙ୍କ ମଧ୍ୟରୁ ଅଢ଼େଇ ଲକ୍ଷ ମତ୍ସ୍ୟଜୀବୀ କେରଳ, ଆନ୍ଧ୍ରପ୍ରଦେଶ, ତାମିଲନାଡୁ ଭଳି ବିଭିନ୍ନ ରାଜ୍ୟରେ ଦାଦନ ଖଟୁଥିବାବେଳେ ଏହାର ସଂଖ୍ୟା ମଧ୍ୟ ବଢ଼ିବାରେ ଲାଗିଛି। ୧୯୯୩ ନଭେମ୍ବର ୨୩ରେ ହାଇକୋର୍ଟ, ୧୯୯୨ ଡିସେମ୍ବର ୧୧ରେ ସୁପ୍ରିମ୍ କୋର୍ଟ ଓ ୧୯୯୯ରେ ରାଜ୍ୟ ସରକାରଙ୍କ ହାଉସ କମିଟି ଚିଲିକାରେ ଚିଙ୍ଗୁଡ଼ି ଚାଷକୁ ସମ୍ପୂର୍ଣ୍ଣ ଭାବେ ନିଷିଦ୍ଧ କରିଥିବା ଏପରିକି ଯିଏ ଚିଙ୍ଗୁଡ଼ି ଚାଷ କରିବା ଜଣାପଡ଼େ, ତେବେ ସେମାନଙ୍କ ବିରୁଦ୍ଧରେ ଆଇନଗତ ପଦକ୍ଷେପ ନେବାକୁ କଡ଼ା ନିର୍ଦ୍ଦେଶ ଥିଲେ ମଧ୍ୟ ସରକାରଙ୍କ ବଡ଼ପଣ୍ଡାଙ୍କ ଛତ୍ରଛାୟା ତଳେ ଥିବା ମାଫିଆମାନେ ବେଧଡ଼କ ଘେରି କରିଥିବା ସଭାପତି ଶ୍ରୀ ବେହେରା ଦାବିପତ୍ରରେ ଉଲ୍ଲେଖ କରିଛନ୍ତି। ଗତ ଜୁଲାଇ ୬ ତାରିଖରେ ପୁରୀ ଜିଲ୍ଲାପାଳଙ୍କୁ ଚିଲିକା ମତ୍ସ୍ୟଜୀବୀ ମହାସଂଘ ତରଫରୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ପୁରୀ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ ସତ୍ତ୍ୱେ କୃଷ୍ଣପ୍ରସାଦ ତହସିଲ୍‌ଦାର ଆଇନକୁ ଆଖିଠାର ଭଳି କାର୍ଯ୍ୟ କରୁଥିବା ଅଭିଯୋଗ ମଧ୍ୟ ହୋଇଛି। ଯଦି ୧୫ ଦିନ ମଧ୍ୟରେ ସରକାର ଚିଙ୍ଗୁଡ଼ି ଘେରି ଉଚ୍ଛେଦ ନ କରନ୍ତି ତେବେ ମତ୍ସ୍ୟଜୀବୀମାନେ ଘେରି ଉଚ୍ଛେଦ କରିବେ ଓ ଏଥିରେ କୌଣସି ଅପ୍ରିତିକର ପରିସ୍ଥିତି ଉପୁଜିଲେ ସରକାର ଦାୟୀ ରହିବେ ବୋଲି ସଭାପତି ଶ୍ରୀ ବେହେରା, ସମ୍ପାଦକ କାଳନ୍ଦି ବେହେରା, କେଦାରନାଥ ଜେନା, ଦୁଃଖିଶ୍ୟାମ ବେହେରା, ରଙ୍କନାଥ ବେହେରା, ଫାଲଗୁନି ଜାଲି, ରଙ୍କନାଥ ଜେନା, ତପନ ବେହେରା, ବିରଞ୍ଚି ବେହେରା, ରତନ ବେହେରା, ବନମାଳି ବାଲା, ଭୀମସେନ ବେହେରା ପ୍ରମୁଖ ଦାବି କରିଛନ୍ତି।

### ଚିଲିକା ମତ୍ସ୍ୟଜୀବୀ ମହାସଂଘର ସରକାରଙ୍କୁ ଚେତାବନୀ

## 'ଫିଟ୍ ଇଣ୍ଡିଆ ସାଇକେଲିଂ' ଅଭିଯାନ

ଜଟଣୀ,୭।୯ (ସମିସ): ଦେଶବ୍ୟାପୀ ଫିଟ୍ ଇଣ୍ଡିଆ ଆନ୍ଦୋଳନ ସହିତ ସମନ୍ୱୟ ରଖି ପୂର୍ବତଟ ରେଳପଥ ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳ "ସାଇକଲ୍ ଉପରେ ରବିବାର' ବା ସଣ୍ଡେ ଅନ ସାଇକଲ୍ ବ୍ୟାନରରେ ଏକ ସ୍ୱତନ୍ତ୍ର ସାଇକ୍ଲୋଥନ୍-୨୦୨୫ ସଚେତନତା ଅଭିଯାନ ଆୟୋଜନ କରିଛି। ଏହି ପ୍ରୟାସର ଲକ୍ଷ୍ୟ ହେଉଛି ରେଳ କର୍ମଚାରୀ ଏବଂ ସମାଜ ମଧ୍ୟରେ ଶାରୀରିକ ଓ ମାନସିକ ସୁସ୍ଥତା ଏବଂ ପରିବେଶ ସଚେତନତାକୁ ପ୍ରୋତ୍ସାହିତ କରିବା। ଫିଟ୍ ଇଣ୍ଡିଆ ଅଭିଯାନ ସଚେତନତା କାର୍ଯ୍ୟକ୍ରମ ପୂର୍ବତଟ ରେଳପଥ ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳ କ୍ରୀଡ଼ା ସଂଗଠନ(ଇକୋର୍ଷା) ଦ୍ୱାରା ଷ୍ଟାଡିୟମ୍‌ଠାରୁ ଆଇଆଇଟି ପର୍ଯ୍ୟନ୍ତ ଯାଇ ପୁଣି ସେଠାରୁ ଫେରି ୧୦ କି.ମି. ପର୍ଯ୍ୟନ୍ତ ସଚେତନତା କାର୍ଯ୍ୟକ୍ରମ କରାଯାଇଥିଲା। ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳର ମଣ୍ଡଳ ରେଳବାଇ ପ୍ରବନ୍ଧକ ଆଲୋକ ତ୍ରିପାଠୀ ଏହି କାର୍ଯ୍ୟକ୍ରମରେ ଯୋଗଦେଇ କାର୍ଯ୍ୟକ୍ରମକୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଖୋର୍ଦ୍ଧା ରୋଡ୍ ଇକୋର୍ଷା ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମରେ ରେଳମଣ୍ଡଳର ସମସ୍ତ ବରିଷ୍ଠ ଅଧିକାରୀ, କ୍ରୀଡ଼ାବିତ୍ ଓ ରେଳ କର୍ମଚାରୀ ଏବଂ ସେମାନଙ୍କ ପରିବାର ସଦସ୍ୟ ଅଂଶଗ୍ରହଣ କରିଥିଲେ।



## ସିଗ୍‌ମା ସ୍କୁଲରେ ଗୁରୁ ଦିବସ ପାଳିତ




ଖୋର୍ଦ୍ଧା,୭।୯ (ସମିସ): ଖୋର୍ଦ୍ଧା ବିଡିଏ କଲୋନୀସ୍ଥିତ ସିଗ୍‌ମା ପବ୍ଲିକ ସ୍କୁଲ୍‌ରେ ଗୁରୁ ଦିବସ ପାଳିତ ହୋଇଛି। ଅଧ୍ୟକ୍ଷା ମମତାଞ୍ଜଳି ପଟ୍ଟନାୟକଙ୍କ ପୌରୋହିତ୍ୟରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବିଶିଷ୍ଟ ଶିକ୍ଷାବିତ୍ ତଥା ସଂଖ୍ୟା ବିଜ୍ଞାନୀ ଦୀପ୍ତି ରଥ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ଏକାଗ୍ରତା, ଅଧ୍ୟୟନ ଏବଂ ଦୈନନ୍ଦିନ କାର୍ଯ୍ୟରେ ସଂଖ୍ୟାର ମହତ୍ତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ। ଅନୁଷ୍ଠାନର ନିର୍ଦ୍ଦେଶକ ଶୁଭ୍ରାଂଶୁ ରଞ୍ଜନ ସାମନ୍ତରାୟ ଯୋଗଦେଇ ଭାରତ ପ୍ରଥମ ଉପରାଷ୍ଟ୍ରପତି ସର୍ବପଲ୍ଲୀ ରାଧାକ୍ରିଷ୍ଣନଙ୍କ ଜୀବନୀ ଏବଂ ଗୁରୁ ଦିବସ ଉପରେ ପର୍ଯ୍ୟାଲୋଚନା କରିଥିଲେ। ଛାତ୍ରୀ ଆଦ୍ୟାଶ୍ରୀ ମହାପାତ୍ର ଏବଂ କାଜଲ ପୃଷ୍ଟିଙ୍କ ସଂଯୋଜନାରେ ସମସ୍ତ ଛାତ୍ରଛାତ୍ରୀ ଅନୁଷ୍ଠାନର ଶିକ୍ଷକଶିକ୍ଷୟିତ୍ରୀମାନଙ୍କୁ ଗୁରୁବନ୍ଦନା ନୃତ୍ୟ ମାଧ୍ୟମରେ ପୂଜା କରି ସେମାନଙ୍କଠାରୁ ଆଶୀର୍ବାଦ ଗ୍ରହଣ କରିଥିଲେ। ଏହି ଉପଲକ୍ଷେ ଆୟୋଜିତ ବକ୍ତୃତା, ସଙ୍ଗୀତ, ଚିତ୍ରାଙ୍କନ, ଶ୍ଳୋକ ଆବୃତ୍ତି ପ୍ରତିଯୋଗିତାରେ କୃତୀ ଶିଶୁମାନଙ୍କୁ ମୁଖ୍ୟ ଅତିଥି ପୁରସ୍କୃତ କରିଥିଲେ।

## ମୃତ ଡ୍ରାଇଭରଙ୍କ ପରିବାରକୁ ସହାୟତା

ବାଣପୁର,୭।୯ (ସମିସ): ବାଣପୁର ଡ୍ରାଇଭର ସଂଘ ଏକ ମହାନତା କାର୍ଯ୍ୟ କରି ପ୍ରଶଂସିତ ହୋଇଛି। ବାହାର ରାଜ୍ୟରେ ପ୍ରାଣ ହରାଇଥିବା ବାଣପୁର ଅଞ୍ଚଳର ଜଣେ ଡ୍ରାଇଭରଙ୍କ ପରିବାରକୁ ସହାୟତାର ହାତ ବଢ଼ାଇଛି। ପ୍ରାୟ ଦୁଇ ସପ୍ତାହ ପୂର୍ବେ ବାହାର ରାଜ୍ୟରେ ବାଣପୁର ବ୍ଲକ୍ ଅନ୍ତର୍ଗତ ଗମ୍ଭାରୀମୁଣ୍ଡା ହଜ ଗ୍ରାମର ଚାଳକ ନୀଳମଣି ବେହେରାଙ୍କ ଦେହାନ୍ତ ହୋଇଯାଇଥିଲା। ତାଙ୍କ ବିୟୋଗ ଖବର ଶୁଣି ବାଣପୁର ଡ୍ରାଇଭର ସଂଘ ମର୍ମାହତ ହୋଇ ତାଙ୍କ ଅନ୍ତ୍ୟେଷ୍ଟିକ୍ରିୟା ନିମନ୍ତେ ତାଙ୍କ ପରିବାର ସଦସ୍ୟଙ୍କୁ ୩୦ହଜାର ଟଙ୍କା ସହାୟତା ରାଶିର ଏକ ଚେକ୍ ପ୍ରଦାନ କରିଥିଲେ।

## ଶିକ୍ଷା ପାଇଁ ପଲ୍ଲୀରୁ ଜାପାନ ଗଲେ ଛାତ୍ର

ନିରାକାରପୁର,୭।୯ (ସମିସ): ଖୋର୍ଦ୍ଧା ଜିଲ୍ଲା ଗୋଡ଼ିପଡ଼ା ପଞ୍ଚାୟତ ଲହଙ୍ଗା ଗ୍ରାମର ଦଶମ ଶ୍ରେଣୀ ଛାତ୍ର ଶିକ୍ଷା ପାଇଁ ଜାପାନ ଗସ୍ତ କରି ଫେରିଛନ୍ତି। ମୁଗମଣ୍ଡା ଦେବଗୁରୁ ଆଦର୍ଶ ବିଦ୍ୟାଳୟରେ ଗୋଡ଼ିପଡ଼ା ଲହଙ୍ଗା ଗ୍ରାମର ଓଁ ନାରାୟଣ ପ୍ରଧାନ ଦଶମ ଶ୍ରେଣୀରେ ଅଧ୍ୟୟନ କରୁଛନ୍ତି। ଭାରତୀୟ ଶିକ୍ଷା ବିକାଶ ସଂସ୍ଥାନ ପକ୍ଷରୁ ଏକ ଶିକ୍ଷା ପ୍ରତିଷ୍ଠାନ ଜାପାନ ଯିବା ନେଇ ଏକ ପରୀକ୍ଷା କରାଇଥିଲେ। ଏଥିରେ ଓଡ଼ିଶାର ୧୦ ଜଣ ଛାତ୍ରଛାତ୍ରୀ କୃତିତ୍ୱ ଅର୍ଜନ କରିଥିଲେ। ୮ ଜଣ ଛାତ୍ରଛାତ୍ରୀ ଜାପାନ ଯାଇଥିଲେ। ସେମାନଙ୍କ ସହିତ ଓଁ ନାରାୟଣ ପ୍ରଧାନ ଖୋର୍ଦ୍ଧା ଜିଲ୍ଲାର ଲହଙ୍ଗା ଗ୍ରାମରୁ ଯାଇଥିଲେ। ଜାପାନର ଶିକ୍ଷା ବ୍ୟବସ୍ଥା, ଶୃଙ୍ଖଳା, ସ୍ୱଚ୍ଛତା, ଆତ୍ମନିର୍ଭରଶୀଳତା, ଟେକ୍ନୋଲୋଜି ବ୍ୟବସ୍ଥା ଉପରେ ଛାତ୍ରଛାତ୍ରୀ ଜ୍ଞାନ ଅର୍ଜନ କରିଛନ୍ତି। ଗତ ୧ରୁ ୫ ତାରିଖ ପର୍ଯ୍ୟନ୍ତ ଜାପାନ ଗସ୍ତ କରି ଫେରିଛନ୍ତି। ଏନେଇ ଗୋଡ଼ିପଡ଼ା ପଞ୍ଚାୟତରେ ଖୁସିର ଲହରୀ ଖେଳିଯାଇଛି।



## ବେଲଡିହ ବ୍ରିଜ୍ ନିର୍ମାଣ ବନ୍ଦ ଯୋଗୁଁ ଦୁର୍ଦ୍ଦଶା ଭୋଗୁଛନ୍ତି ୭୦ ପରିବାର, ପ୍ରଶାସନ ନିରବ

# କାର୍ଯ୍ୟ ବନ୍ଦକୁ ନେଇ ଗ୍ରାମରେ ଉତ୍ତେଜନା

ବାଣପୁର/ଗମ୍ଭାରୀମୁଣ୍ଡା,୭।୯ (ସମିସ)





ବାଣପୁର ବ୍ଲକ୍ ୧୪ନଂ ଜିଲ୍ଲା ପରିଷଦ ଜୋନ୍ ଅନ୍ତର୍ଗତ ଆୟତପୁର ପଞ୍ଚାୟତର ବେଲଡିହ ଗ୍ରାମର ମୁଖ୍ୟରାସ୍ତାସ୍ଥିତ ଏକ ବ୍ରିଜ୍ ନିର୍ମାଣ କାର୍ଯ୍ୟ ଏବେ ଦୀର୍ଘ ୬ ମାସ ହେବ ବନ୍ଦ ଥିବା ଯୋଗୁଁ ଗ୍ରାମର ୭୦ଟି ବସ୍ତିର ପରିବାର ଲୋକଙ୍କ ଦୁର୍ଦ୍ଦଶା କହିଲେ ନସରେ। ପୁରାତନ ବ୍ରିଜ୍ ଭାଙ୍ଗି ପଡ଼ିଥିବାବେଳେ ଠିକାଦାରଙ୍କ ଅବହେଳା ଯୋଗୁଁ ଏବେ ସେଠାରେ ଏକ ବିରାଟ ଘାଇ ସୃଷ୍ଟି ହୋଇ ସେହି ରାସ୍ତାରେ ଆଣ୍ଠୁଏ ଉଚ୍ଚରେ ପାଣି ସୁଅ ଛୁଟୁଛି। ଏନେଇ ଉକ୍ତ ୭୦ଟି ପରିବାରର ଲୋକେ ସ୍ଥାନୀୟ ଓ ଜିଲ୍ଲା ପ୍ରଶାସନ ଏବଂ ନେତା ମନ୍ତ୍ରୀଙ୍କ ନିକଟରେ ବାରମ୍ବାର ଅଭିଯୋଗ କରିଆସୁଥିବା ସହ ଏ ସମ୍ପର୍କରେ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶିତ ହୋଇଥିଲେ ମଧ୍ୟ କୌଣସି ସୁଫଳ ନ ମିଳିବାରେ ଏବେ ଗ୍ରାମରେ ଉତ୍ତେଜନା ପ୍ରକାଶ ପାଇଛି।

ସୂଚନା ମୁତାବକ, ବେଲଡିହ ଗ୍ରାମରେ ପ୍ରାୟ ୨୫୦ରୁ ଉର୍ଦ୍ଧ୍ୱ ବସ୍ତି ଥିବାବେଳେ ଗ୍ରାମର ପଶ୍ଚିମ ପାର୍ଶ୍ୱରେ ପ୍ରାୟ ୭୦ ବସ୍ତିର ଲୋକେ ବସବାସ କରନ୍ତି। ସେହି ପଶ୍ଚିମ ପାର୍ଶ୍ୱର୍ ସାହିକୁ ଯିବା ରାସ୍ତାରେ ଜରିପଡ଼ା ନାମକ ଏକ ନାଳ ପଡୁଥିବାବେଳେ ସେଠାରେ ଏକ ପରିତ୍ୟକ୍ତ ବ୍ରିଜ୍ ଥିଲା। ଉକ୍ତ ବ୍ରିଜ୍‌କୁ ପୁନରୁଦ୍ଧାର ନିମନ୍ତେ ଗ୍ରାମବାସୀଙ୍କ ତରଫରୁ ଦାବି ହୋଇଆସୁଥିବାବେଳେ ବ୍ରିଜ୍ ନିର୍ମାଣ ନିମନ୍ତେ ବିଜେଡି ସରକାର ସମୟରେ ପ୍ରାୟ ୮୦ ଲକ୍ଷ ଟଙ୍କା ମଞ୍ଜୁର ହୋଇ ବ୍ରିଜ୍ ନିର୍ମାଣ ପାଇଁ ଟେଣ୍ଡର ହୋଇଥିଲା। ଉକ୍ତ ବ୍ରିଜ୍ ନିର୍ମାଣ ଲାଗି ଗତ ମାର୍ଚ୍ଚ ମାସରେ କାର୍ଯ୍ୟ ଆରମ୍ଭ କରି ଠିକାଦାର ପୁରୁଣା ବ୍ରିଜ୍‌ଟିକୁ ଭାଙ୍ଗି ଦେଇ କାର୍ଯ୍ୟ ଆରମ୍ଭ କରିବା ପରେ ବର୍ତ୍ତମାନ ଦୀର୍ଘ ୬ମାସ ହେବ କାମ ବନ୍ଦ ରହିଥିବାରୁ ଏଯାବତ୍ ସେଠାରେ ବ୍ରିଜ୍ ନିର୍ମାଣ କାର୍ଯ୍ୟ ସମାପନ ହୋଇପାରିଲା ନାହିଁ। ବର୍ତ୍ତମାନ ବର୍ଷା ଦିନରେ ଉକ୍ତ ଜରିପଡ଼ା ନାଳ ଦେଇ ପ୍ରାୟ ୩ ଫୁଟ୍ ଉଚ୍ଚରେ ପାଣି ସୁଅ ଛୁଟୁଥିବାବେଳେ ଉକ୍ତ ରାସ୍ତାରେ ଯାତାୟାତ ସମ୍ପୂର୍ଣ୍ଣ ଠପ୍ ହୋଇଯାଇଛି। ଫଳରେ ୭୦ ବସ୍ତି ପରିବାର ଲୋକେ ଏକପ୍ରକାର ଅଞ୍ଚଳରୁ ବିଚ୍ଛିନ୍ନ ହୋଇ ପଡ଼ିଛନ୍ତି। ଏପରିକି ପିଲାମାନେ ସ୍କୁଲ କଲେଜ ଯିବା ଏକପ୍ରକାର ବନ୍ଦ ହୋଇ ପଡ଼ିଥିବାବେଳେ ରୋଗୀଙ୍କୁ ଡାକ୍ତରଖାନାକୁ ନେବାରେ ଲୋକେ ନାହିଁ ନଥିବା ହଇରାଣ ହରକତ ହେଉଛନ୍ତି। ଲୋକଙ୍କ ଯାତାୟାତ ନିମନ୍ତେ ଠିକାଦାର ଏକ ଅସ୍ଥାୟୀ ରାସ୍ତା ନିର୍ମାଣ କରିଥିଲେ ମଧ୍ୟ ତାହା ଖାଲୁଆ ସ୍ଥାନରେ ହୋଇଥିବାରୁ ସ୍ୱଳ୍ପ ବର୍ଷାରେ ଉକ୍ତ ରାସ୍ତାରେ ପ୍ରାୟ ଅଣ୍ଟାଏ ଉଚ୍ଚରେ ପାଣି ସୁଅ ଛୁଟୁଛି। ଫଳରେ ଉକ୍ତ ରାସ୍ତାରେ ଯାତାୟାତରେ ବ୍ୟାଘାତ ସୃଷ୍ଟି ହୋଇ ଗ୍ରାମର ୭୦ ପରିବାର ଏବେ ବିଚ୍ଛିନ୍ନାଞ୍ଚଳ ଭଳି ରହି ଦୁର୍ଦ୍ଦଶା ଭୋଗୁଛନ୍ତି। କିଛିଦିନ ପୂର୍ବେ ଜଣେ ବୟସ୍କ ରୋଗୀଙ୍କୁ ଚିକିତ୍ସା ପାଇଁ ସେହି ପାଣି ଭିତରେ ବାଣପୁର ଡାକ୍ତରଖାନାକୁ ନେଉଥିବା ସମୟରେ ରାସ୍ତାରେ ପଡ଼ିଯାଇ ତାଙ୍କର ଅବସ୍ଥା ଆହୁରି ଗୁରୁତର ହୋଇପଡ଼ିଥିବାବେଳେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ତେବେ ବ୍ରିଜ୍ ନିର୍ମାଣ କାର୍ଯ୍ୟ ଯଥାଶୀଘ୍ର ଶେଷ କରିବାକୁ ଗ୍ରାମବାସୀ ସ୍ଥାନୀୟ ଓ ଜିଲ୍ଲା ପ୍ରଶାସନିକ ଅଧିକାରୀଙ୍କଠାରୁ ଆରମ୍ଭ କରି ଖୋଦ୍ ଚିଲିକା ବିଧାୟକ ତଥା ଆଇନ ମନ୍ତ୍ରୀଙ୍କୁ ନିଜର ଦୁଃଖ ଜଣାଇଥିଲେ ମଧ୍ୟ କିଛି ସୁଫଳ ମିଳିନାହିଁ। ବ୍ରିଜ୍ ନିର୍ମାଣ କାର୍ଯ୍ୟ ହେଉ ନ ଥିବାରୁ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇ ଏବେ ଉତ୍ତେଜନା ପ୍ରକାଶ ପାଇଛି। ଲୋକଙ୍କ ବୃହତର ସ୍ୱାର୍ଥ ଦୃଷ୍ଟିରୁ ଏହାକୁ ଗୁରୁତ୍ୱର ସହ ନେଇ ଯଥାଶୀଘ୍ର ବ୍ରିଜ୍ ନିର୍ମାଣ କାର୍ଯ୍ୟ ସମ୍ପାଦନ କରିବାକୁ ଅଞ୍ଚଳବାସୀ ଦୃଢ଼ ଦାବି କରିଛନ୍ତି।

**ମୁଦ୍ରା ବିନିମୟ ମୂଲ୍ୟ**



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୮୮.୭୫ ● ପାଉଣ୍ଡ ୧୧୯.୨୫
- ୟୁରୋ ୧୦୩.୬୮ ● ୟେନ୍ ୦.୫୯

**ସୁନା, ରୁପା ଦର (ଟଙ୍କାରେ)**




୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)
- ସୁନା: ୯୯,୪୫୦ (ନୂଆଦିଲ୍ଲୀ)
- ରୁପା : ୧,୨୮,୦୦୦ (କେଜି)



**ଷ୍ଟକ୍ ମାର୍କେଟ୍**

ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୮୦,୭୧୦.୦୦
- ନିଫ୍ଟି ୨୪,୭୪୧.୦୦



**ପେଟ୍ରୋଲ-ଡିଜେଲ୍**

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୦



# ଡା. ଶକ୍ତିପ୍ରସାଦ ଦାସଙ୍କୁ ଆନ୍ତର୍ଜାତିକ ସମ୍ମାନ



ଭୁବନେଶ୍ୱର,୭।୯(ସମିସ): ବିଶିଷ୍ଟ ଅସ୍ଥିଶଲ୍ୟ ବିଶେଷଜ୍ଞ ତଥା ଓଲଟପୁରସ୍ଥିତ 'ନିର୍‌ତାର'ର ପୂର୍ବତନ ନିର୍ଦ୍ଦେଶକ ଡା. ଶକ୍ତିପ୍ରସାଦ ଦାସ, ବିଶ୍ୱର ସର୍ବବୃହତ୍ତ ଅସ୍ଥିଶଲ୍ୟ ସଂଘ 'ସିକଟ୍' ଦ୍ୱାରା ଶ୍ରେଷ୍ଠ ଅସ୍ଥିଶଲ୍ୟ ବିଶେଷଜ୍ଞ ଭାବେ ସମ୍ମାନିତ ହୋଇଛନ୍ତି। ବିଶେଷକରି ଶିଶୁ ଅସ୍ଥିଶଲ୍ୟ ଚିକିତ୍ସା କ୍ଷେତ୍ରରେ ତାଙ୍କ ବିଶେଷ ଅବଦାନର ସ୍ୱୀକୃତି ସ୍ୱରୂପ ତାଙ୍କୁ ଏହି ସମ୍ମାନ ସ୍ପେନ୍‌ର ରାଜଧାନୀ ମାଦ୍ରିଦ୍ ଠାରେ ଆୟୋଜିତ ଚଳିତ ବର୍ଷର ବାର୍ଷିକ ସମ୍ମିଳନୀ ଅବସରରେ ପ୍ରଦାନ କରାଯାଇଛି। ଜନ୍ମଗତ ବିକଳାଙ୍ଗ ଥିବା ଶିଶୁମାନଙ୍କର (ଯେଉଁମାନଙ୍କର ହାତ ନ ଥାଏ) କିଭଳି ଭାବରେ ଏକ ସ୍ୱତନ୍ତ୍ର ଚିକିତ୍ସା ପଦ୍ଧତି ମାଧ୍ୟମରେ ସଫଳ ଚିକିତ୍ସା କରାଯାଇ କାର୍ଯ୍ୟକ୍ଷମ ହୋଇ ପାରୁଥିବା ଏକ ନୂତନ ପଦ୍ଧତି ଉପରେ ତାଙ୍କର ଗବେଷଣାଲବ୍ଧ ତଥ୍ୟ ସମ୍ବଳିତ ସନ୍ଦର୍ଭଟି ଉଚ୍ଚ ପ୍ରଶଂସିତ ହେବା ସହିତ ଗତ ୫ ତାରିଖରେ ସମ୍ମିଳନୀର ଉଦ୍‌ଯାପନୀ ଉତ୍ସବରେ 'ସିକଟ୍'ର ସଭାପତି ଇଂଲଣ୍ଡର ଡା. ବିକାଶ ଖଣ୍ଡୁଜା ଓ ସମ୍ପାଦକ ମାର୍କ ପାଟରସନ୍ ଡା. ଦାସଙ୍କୁ ଏହି ସମ୍ମାନ ପ୍ରଦାନ କରିଥିଲେ।

## ଆମେରିକାରେ ଅବୈଧ ପ୍ରବାସୀଙ୍କ ବିରୋଧରେ ବଡ଼ କାର୍ଯ୍ୟାନୁଷ୍ଠାନ

# ହ୍ୟୁଣ୍ଡାଇ, ଏଲ୍‌ଜି ବ୍ୟାଟେରୀ ପ୍ଲାଣ୍ଟରେ ଚଢ଼ଉ

ୱାଶିଂଟନ୍,୭।୯(ଏଜେନ୍ସି)

ଆମେରିକାରେ ଅବୈଧ ପ୍ରବାସୀଙ୍କ ବିରୋଧରେ ଏକ ବଡ଼ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରାଯାଇଛି। ଏଥିରେ ଆମେରିକାର ଆପ୍ରବାସନ ଅଧିକାରୀମାନେ ଜର୍ଜିଆରେ ଏକ ହ୍ୟୁଣ୍ଡାଇ ଏବଂ ଏଲ୍‌ଜି ବ୍ୟାଟେରୀ ପ୍ଲାଣ୍ଟରେ ଚଢାଉ କରିଛନ୍ତି। ଏହି ଚଢାଉରେ କାରଖାନାରୁ ୪୭୫ରୁ ଅଧିକ ଦକ୍ଷିଣ କୋରିଆ ନାଗରିକ ଓ କର୍ମଚାରୀଙ୍କୁ ଗିରଫ କରାଯାଇଛି। ସେମାନଙ୍କୁ ହାତକଡି ଏବଂ ଶିକୁଳିରେ ବନ୍ଧାଯାଇଛି। ଏହି ଘଟଣାରେ ଦକ୍ଷିଣ କୋରିଆ ଏହି ଚିନ୍ତା ପ୍ରକଟ ସହ ଦୁଃଖ ପ୍ରକାଶ କରିଛି। ସିଓଲ ଆମେରିକା ସରକାରଙ୍କୁ ଏହାର ନାଗରିକଙ୍କ ଅଧିକାରକୁ ସମ୍ମାନ ଦେବାକୁ ନିବେଦନ କରିଛି। ଆମେରିକୀୟ ଅଧିକାରୀମାନେ କହିଛନ୍ତି ଯେ ଏହି ଲୋକମାନେ ବେଆଇନ ଭାବରେ କାମ କରୁଥିଲେ। ବିବିସି ରିପୋର୍ଟ ଅନୁଯାୟୀ, ଘଟଣା ପରେ ଦକ୍ଷିଣ କୋରିଆ ସରକାର ଏକ ଜରୁରୀ ବୈଠକ ଡାକିଛନ୍ତି। ଘଟଣା ପରେ ସିଓଲ ଏହାର କୂଟନୀତିଜ୍ଞଙ୍କୁ ଜର୍ଜିଆ ପଠାଇଥିବାବେଳେ ଏଲ୍‌ଜି ଏନର୍ଜି ସଲ୍ୟୁସନ ଆମେରିକାକୁ ଅଧିକାଂଶ ବ୍ୟବସାୟିକ ଯାତ୍ରାକୁ ଅସ୍ଥାୟୀ ଭାବରେ ବନ୍ଦ କରିଦେଇଛି।

ରଏଟର୍ସ ଅନୁଯାୟୀ, ଅବୈଧ ପ୍ରବାସୀଙ୍କୁ ବିଦା କରିବାର ଏହି କାର୍ଯ୍ୟରେ ହେଲିକପ୍ଟର ଏବଂ ସଶସ୍ତ୍ର ଯାନଗୁଡିକ ମଧ୍ୟ ନିୟୋଜିତ କରାଯାଇଥିଲା। ଦକ୍ଷିଣ କୋରିଆ ରାଷ୍ଟ୍ରପତି ଲି ଜାଏ ମ୍ୟୁଙ୍ଗ ଏ ବିଷୟରେ ଚିନ୍ତା ପ୍ରକାଶ କରିଛନ୍ତି ଏବଂ ସମସ୍ତ ମନ୍ତ୍ରଣାଳୟକୁ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ସେହି ସମୟରେ ବୈଦେଶିକ ମନ୍ତ୍ରୀ ଚୋ ହ୍ୟୁନ କହିଛନ୍ତି ଯେ ସରକାର ଏକ ସ୍ୱତନ୍ତ୍ର ଟିମ୍ ଗଠନ କରିଛନ୍ତି ଏବଂ ଆବଶ୍ୟକ ହେଲେ ସେମାନେ ୱାଶିଂଟନ ଯାଇ ଆମେରିକୀୟ ଅଧିକାରୀମାନଙ୍କୁ ଭେଟିବେ।

- ୪୭୫ରୁ ଅଧିକ ଦକ୍ଷିଣ କୋରିଆ ନାଗରିକ ଓ କର୍ମଚାରୀ ଗିରଫ
- ହାତକଡି ଏବଂ ଶିକୁଳରେ ବନ୍ଧାଯାଇଛି
- ଘଟଣାରେ ଦକ୍ଷିଣ କୋରିଆ ରାଷ୍ଟ୍ରପତିଙ୍କ ଚିନ୍ତା ପ୍ରକଟ




ଏହି ଗିରଫଦାରୀ ମାମଲାକୁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ କଠୋର ଇମିଗ୍ରେସନ ନୀତିର ଏକ ଅଂଶ ଭାବରେ ବର୍ଣ୍ଣନା କରାଯାଉଛି। ଭିଡିଓ ଫୁଟେଜରେ ଦେଖାଯାଇଛି ଯେ ଅନେକ ଶ୍ରମିକଙ୍କୁ ହ୍ୟାଣ୍ଡକପ୍ ଏବଂ ଶିକୁଳିରେ ବସ୍‌ରେ ନିଆଯାଇଥିଲା, ସେମାନଙ୍କ ମଧ୍ୟରୁ କିଛିଙ୍କ ପୋଷାକରେ ହ୍ୟାଣ୍ଡକପ୍ ଏବଂ ଏଲ୍‌ଜି ସିଏନ୍‌ଏସ୍ ଭଳି ନାମ ମଧ୍ୟ ଲେଖାଯାଇଥିଲା। ଏହି ଚଢାଉକୁ ଆମେରିକା ଗୃହ ସୁରକ୍ଷା ବିଭାଗର ଇତିହାସରେ ସବୁଠାରୁ ବଡ଼ କାର୍ଯ୍ୟାନୁଷ୍ଠାନ ଭାବରେ ବର୍ଣ୍ଣନା କରାଯାଉଛି। ଏହି ଘଟଣା ବାଣିଜ୍ୟ ଚୁକ୍ତିକୁ ନେଇ ଆମେରିକା ଏବଂ ଦକ୍ଷିଣ କୋରିଆ ମଧ୍ୟରେ ପୂର୍ବରୁ ଚାଲିଥିବା ଉତ୍ତେଜନାକୁ ଆହୁରି ବୃଦ୍ଧି କରିପାରେ।

ରିପୋର୍ଟ ଅନୁଯାୟୀ, ଟ୍ରମ୍ପ ଏହି କାର୍ଯ୍ୟାନୁଷ୍ଠାନକୁ ସମର୍ଥନ କରି କହିଛନ୍ତି ଯେ ସେମାନେ ଅବୈଧ ପ୍ରବାସୀ ଏବଂ ଆଇସିଇ (ଇମିଗ୍ରେସନ୍ ଏବଂ କଷ୍ଟମ୍ସ ଏନଫୋର୍ସମେଣ୍ଟ) ଏହାର କାମ କରିଛି। ଆଇସିଇ ଦ୍ୱାରା ଜାରି କରାଯାଇଥିବା ଭିଡିଓରେ ଅନେକ ଏସୀୟ ଶ୍ରମିକଙ୍କୁ ହ୍ୟାଣ୍ଡକପ୍ ଏବଂ ଶିକୁଳିରେ ବନ୍ଧା ହୋଇଥିବା ଦେଖାଯାଇଥିଲା। ଆମେରିକୀୟ ଏଜେନ୍ସି କହିଛି ଯେ ସ୍ୱଳ୍ପକାଳୀନ କିମ୍ବା ପର୍ଯ୍ୟଟନ ଭିସାରେ ଆସୁଥିବା ଲୋକମାନେ କାମ କରିବାକୁ ଯୋଗ୍ୟ ନୁହଁନ୍ତି ଏବଂ ଆମେରିକୀୟ ଚାକିରିକୁ ସୁରକ୍ଷା ଦେବା ପାଇଁ ଏପରି କାର୍ଯ୍ୟାନୁଷ୍ଠାନ ଆବଶ୍ୟକ। ହୋମଲ୍ୟାଣ୍ଡ ସିକ୍ୟୁରିଟି ଇନଭେଷ୍ଟିଗେସନ୍ (ଏଚ୍‌ଏସ୍‌ଆଇ) କହିଛି ଯେ ଏହି ଚଢାଉ ଏକ ସ୍ପଷ୍ଟ ବାର୍ତ୍ତା ଯେ ଯେଉଁମାନେ ବ୍ୟବସ୍ଥାର ଅପବ୍ୟବହାର କରୁଛନ୍ତି ସେମାନଙ୍କୁ ଛଡ଼ାଯିବନାହିଁ।

# ଟ୍ରମ୍ପ୍ ଟାରିଫ୍‌କୁ ନେଇ ଆମେରିକାରେ ହୋ ହଲ୍ଲା

ନୂଆଦିଲ୍ଲୀ,୭।୯(ଏଜେନ୍ସି): ଭାରତ ଏବଂ ରୁଷ ମଧ୍ୟରେ ତୈଳ କାରବାର ଯୋଗୁଁ ଆମେରିକା ସମସ୍ୟାର ସମ୍ମୁଖୀନ ହେଉଛି। ହେଲେ ଭାରତ ଉପରେ ଏହି ଟାରିଫ୍ ଲାଗୁ ବିରୋଧରେ ଆମେରିକାରେ ମଧ୍ୟ ହୋ ହଲ୍ଲା ଆରମ୍ଭ ହୋଇଯାଇଛି। ଭାରତ ଉପରେ ଭାରୀ ଶୁଳ୍କ ଲାଗୁ କରିବା ସତ୍ତ୍ୱେ, ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ନିକଟତମ ଲୋକମାନେ ଭାରତ ବିରୁଦ୍ଧରେ ନିରନ୍ତର ନକାରାତ୍ମକ ବୟାନ ଦେଉଛନ୍ତି। ବର୍ତ୍ତମାନ ଟ୍ରମ୍ପଙ୍କ ବାଣିଜ୍ୟ ଏବଂ ଉତ୍ପାଦନ ବ୍ୟାପାର ପରାମର୍ଶଦାତା ପିଟର ନାଭାରୋ ଏବଂ ବିଶ୍ୱର ସବୁଠାରୁ ଧନୀ ବ୍ୟକ୍ତି ଏଲନ୍ ମସ୍କଙ୍କ ମଧ୍ୟରେ ଭାରତକୁ ନେଇ ସମ୍ପର୍କରେ ସୋସିଆଲ ମିଡିଆରେ ବିବାଦ ଚାଲିଛି। ଏହି ଲଢ଼େଇ ଆରମ୍ଭ ହୋଇଥିଲା ଯେତେବେଳେ ମସ୍କଙ୍କ ସୋସିଆଲ ମିଡିଆ ପ୍ଲାଟଫର୍ମ 'ଏକ୍ସ' ରେ ଭାରତ ରୁଷରୁ ତେଲ

## ପିଟର ନବାରୋ-ମସ୍କ ମୁହାଁମୁହିଁ

କିଣିବା ବିଷୟରେ ଏକ ପୋଷ୍ଟ ଆସିଥିଲା, ଯାହାକୁ ନାଭାରୋ ଭୁଲ ବୋଲି କହିଥିଲେ। ନାଭାରୋଙ୍କୁ ଟ୍ରମ୍ପଙ୍କ ଗୁରୁ ମଧ୍ୟ କୁହାଯାଏ, ଯେତେବେଳେ ମସ୍କଙ୍କୁ ଥରେ ଟ୍ରମ୍ପଙ୍କ ନିକଟତର ବୋଲି ବିବେଚନା କରାଯାଉଥିଲା। ତଥାପି, ଏବେ ମସ୍କ ଏବଂ ଟ୍ରମ୍ପଙ୍କ ମଧ୍ୟରେ ଦୂରତା ବଢ଼ିଯାଇଛି।

।ୱାଶିଂଟନ୍ ପୋଷ୍ଟରେ ଟ୍ରମ୍ପ ପ୍ରଶାସନର ଭାରତ ନୀତିରେ ଥିବା ବିରୋଧାଭାସ ଉପରେ ଆଲୋଚନା କରାଯାଇଥିବା ଏକ ଲେଖା ପ୍ରକାଶିତ ହେବା ପରେ ବିବାଦ ଆରମ୍ଭ ହୋଇଥିଲା। ସେହି ଲେଖାର ଜବାବରେ, ପିଟର ନାଭାରୋ ସୋସିଆଲ ମିଡିଆ ପ୍ଲାଟଫର୍ମ 'ଏକ୍ସ'ରେ ପୋଷ୍ଟ କରିଥିଲେ ଏବଂ ରୁଷରୁ ତେଲ କିଣି ଆମେରିକୀୟ ଚାକିରିକୁ କ୍ଷତି ପହଞ୍ଚାଉଥିବା ଅଭିଯୋଗ କରିଥିଲେ। ନାଭାରୋ ଦାବି କରିଥିଲେ ଯେ ଭାରତ ଏବେ ରୁଷର ତୈଳ ବିଶୋଧନ କେନ୍ଦ୍ର ପାଲଟିଛି ଏବଂ ଏହା ଏକ ପ୍ରକାରର 'ତେଲ ମନି ଲଣ୍ଡରିଂ'। ସେ କହିଛନ୍ତି ଯେ ୟୁକ୍ରେନ ଉପରେ ଆକ୍ରମଣ ପୂର୍ବରୁ ଭାରତ ରୁଷରୁ ତେଲ କିଣୁ ନ ଥିଲା, କିନ୍ତୁ ବର୍ତ୍ତମାନ ଏହା କେବଳ ଲାଭ ପାଇଁ ଏପରି କରୁଛି। ଅପରପକ୍ଷେ 'ଏକ୍ସ' ନାଭାରୋଙ୍କ ପୋଷ୍ଟ ଉପରେ କଡ଼ା ପ୍ରତିକ୍ରିୟା ପ୍ରକାଶ କରିଛି। କମ୍ପାନୀ ଦ୍ୱାରା ଜାରି ବିବୃତ୍ତିରେ କୁହାଯାଇଛି ଯେ ଭାରତ ଦ୍ୱାରା ରୁଷରୁ ତେଲ କ୍ରୟ କୌଣସି ପ୍ରତିବନ୍ଧକର ଉଲ୍ଲଂଘନ ନୁହେଁ କିମ୍ବା ଏହା କେବଳ ଲାଭ ପାଇଁ ନୁହେଁ। ଏହା ଏହାର ଶକ୍ତି ସୁରକ୍ଷା ସହିତ ଜଡିତ ଏକ ଆବଶ୍ୟକୀୟ ନିଷ୍ପତ୍ତି। 'ଏକ୍ସ'ଏହା ମଧ୍ୟ କହିଛି ଯେ ସେବା କ୍ଷେତ୍ରରେ ଭାରତ ସହିତ ଆମେରିକାର ବାଣିଜ୍ୟ ବଳକା ଅଛି ଏବଂ ଆମେରିକା ନିଜେ ମଧ୍ୟ ରୁଷରୁ କିଛି ସାମଗ୍ରୀ ଆମଦାନୀ କରେ, ଯାହାକୁ ଅଣଦେଖା କରାଯାଇପାରିବନାହିଁ।

ପିଟର ନାଭାରୋଙ୍କୁ ଟ୍ରମ୍ପଙ୍କ 'ଡାହାଣ ହାତ' ବୋଲି ବିବେଚନା କରାଯାଏ, ଯେତେବେଳେ କି ମସ୍କଙ୍କୁ ଏକ ସମୟରେ ଟ୍ରମ୍ପଙ୍କ ନିକଟତର



ବୋଲି ବିବେଚନା କରାଯାଉଥିଲା। କିନ୍ତୁ ଏବେ ଉଭୟଙ୍କ ପଥ ଅଲଗା ହୋଇଯାଇଛି। ନାଭାରୋ ଭାରତର ଉଦ୍ଦେଶ୍ୟ ଉପରେ ପ୍ରଶ୍ନ ଉଠାଇ ସେ କହିଥିଲେ, ଭାରତ କେବଳ ଲାଭ ପାଇଁ ରୁଷଠାରୁ ତେଲ କିଣୁଛି। ୟୁକ୍ରେନୀୟ ଲୋକଙ୍କ ହତ୍ୟା ବନ୍ଦ ହେବା ଉଚିତ ଏବଂ ଆମେରିକୀୟ ଚାକିରି ଚୋରି ମଧ୍ୟ ବନ୍ଦ ହେବା ଉଚିତ। ଗତ ଦୁଇ ଦଶନ୍ଧିରେ ଭାରତ ଏବଂ ଆମେରିକା ମଧ୍ୟରେ ରଣନୈତିକ ଏବଂ ଆର୍ଥିକ ସହଯୋଗ ଦୃଢ଼ ରହିଛି, କିନ୍ତୁ ସାମ୍ପ୍ରତିକ ସମୟରେ ବାଣିଜ୍ୟ ଚୁକ୍ତି ଉପରେ ଆଲୋଚନାରେ ଏକ ଅଚଳାବସ୍ଥା ଦେଖାଦେଇଛି। ଏହି କାରଣରୁ ଭାରତ ବିଷୟରେ ଆମେରିକାରୁ କଡ଼ା ମନ୍ତବ୍ୟ ଶୁଣାଯାଉଛି। ଡୋନାଲ୍ଡ ଟ୍ରମ୍ପ୍ ପୂର୍ବରୁ ମଧ୍ୟ ଭାରତ ଉପରେ ୫୦ ପ୍ରତିଶତ ଶୁଳ୍କ ଲାଗୁ କରିବା ବିଷୟରେ କଥା ହୋଇଥିଲେ। ସେହି ସମୟରେ ଟ୍ରମ୍ପ୍ ଏହା ମଧ୍ୟ ଦାବି କରିଥିଲେ ଯେ ସେ ଭାରତ ଏବଂ ପାକିସ୍ତାନ ମଧ୍ୟରେ ସାମରିକ ଉତ୍ତେଜନାକୁ ସମାପ୍ତ କରିଛନ୍ତି, ଯାହାକୁ ଭାରତ ପ୍ରତ୍ୟାଖ୍ୟାନ କରିଛି। ଏହା ବ୍ୟତୀତ ଭାରତ ନାଭାରୋଙ୍କ ଅଭିଯୋଗକୁ ସମ୍ପୂର୍ଣ୍ଣ ପ୍ରତ୍ୟାଖ୍ୟାନ କରିଛି ଏବଂ ସେଗୁଡ଼ିକୁ 'ମିଥ୍ୟା ଏବଂ ଭ୍ରାମକ' ବୋଲି କହିଛି।

# ୨୩ ବର୍ଷରେ ପ୍ରଥମ ଥର ; ଆମେରିକାକୁ ଭାରତୀୟଙ୍କ ଯାତ୍ରାରେ ବଡ଼ ହ୍ରାସ

ନୂଆଦିଲ୍ଲୀ,୭।୯(ଏଜେନ୍ସି): ଆମେରିକା ସହିତ ଉତ୍ତେଜନା ମଧ୍ୟରେ ଭାରତୀୟଙ୍କ ମନୋଭାବରେ ଏକ ବଡ଼ ପରିବର୍ତ୍ତନ ଦେଖାଯାଇଛି। ଦିନ ଥିଲା ଯେତେବେଳେ ଭାରତୀୟମାନଙ୍କର ଆମେରିକା ଯିବା ଏକ ସ୍ୱପ୍ନ ଥିଲା। କିନ୍ତୁ, ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଅବାନ୍ତର ବାଣିଜ୍ୟ

ନୀତି ସବୁକିଛି ପଥଚ୍ୟୁତ କରିଦେଇଛି। ୨୦୦୧ ପରେ ପ୍ରଥମ ଥର ପାଇଁ ଭାରତରୁ ଆମେରିକା ଯାଉଥିବା ଲୋକଙ୍କ ସଂଖ୍ୟା ହ୍ରାସ ପାଇଛି। କରୋନା ମହାମାରୀ ବର୍ଷଗୁଡ଼ିକୁ ଛାଡିଦେଲେ, ଆମେରିକା ଯାଉଥିବା ଭାରତୀୟଙ୍କ ସଂଖ୍ୟାରେ ଏହି ହ୍ରାସ ଏକ ବଡ଼ ସଙ୍କେତ। ଏହା ଆମେରିକାର ଦ୍ରୁତ ବୃଦ୍ଧି ପାଉଥିବା ଟ୍ରାଭେଲ୍ ବଜାରରେ ମାନ୍ଦାବସ୍ଥାର ଏକ ସଙ୍କେତ କୁହାଯାଇପାରେ। ଆମେରିକା ବାଣିଜ୍ୟ ବିଭାଗର ଜାତୀୟ ଯାତ୍ରା ଏବଂ ପର୍ଯ୍ୟଟନ କାର୍ଯ୍ୟାଳୟ (ଏନ୍‌ଟିଟିଓ) ଅନୁଯାୟୀ, ୨୦୨୫ ଜୁନରେ କେବଳ ୨.୧ ଲକ୍ଷ ଭାରତୀୟ ଆମେରିକା ଯାଇଥିଲେ। ଏହି ସଂଖ୍ୟା ୨୦୨୪ ଜୁନରେ ୨.୩ ଲକ୍ଷ ଅପେକ୍ଷା ୮% କମ୍। ପ୍ରାରମ୍ଭିକ ତଥ୍ୟ ଦର୍ଶାଉଛି ଯେ ଜୁଲାଇରେ ମଧ୍ୟ ସମାନ ଧାରା ଜାରି ରହିଥିଲା। ଏହା ବର୍ଷସାରା ୫.୫% ହ୍ରାସ ପାଇଛି। ୨୦୦୧ ପରେ ଏହା ପ୍ରଥମ ଥର ଯେତେବେଳେ କି ଭାରତୀୟ ଯାତ୍ରୀଙ୍କ ସଂଖ୍ୟା ହ୍ରାସ ପାଇଛି। କରୋନା ମହାମାରୀ ବର୍ଷଗୁଡ଼ିକୁ ଏହାର ବ୍ୟତିକ୍ରମ ଭାବେ ଧରାଯାଇପାରେ। ଆନ୍ତର୍ଜାତୀୟ ଯାତ୍ରୀଙ୍କ ସଂଖ୍ୟା ମଧ୍ୟ ହ୍ରାସ ପାଇଛି।

ଏନ୍‌ଟିଟିଓ ଏହା ମଧ୍ୟ କହିଛି ଯେ ଜୁନ୍ ମାସରେ ଆନ୍ତର୍ଜାତୀୟ ଯାତ୍ରୀଙ୍କ ସଂଖ୍ୟା ମୋଟ ୬.୨% ହ୍ରାସ ପାଇଛି। ଏଥିରେ ମେ' ମାସରେ ୭%, ମାର୍ଚ୍ଚରେ ୮% ଏବଂ ଫେବୃଆରୀରେ ୧.୯% ହ୍ରାସ ପାଇଛି। କେବଳ ଜାନୁଆରୀ ଏବଂ ଏପ୍ରିଲରେ ଏହା ସାମାନ୍ୟ ବୃଦ୍ଧି ହୋଇଥିଲା। ଆମେରିକା ଆସୁଥିବା ଆନ୍ତର୍ଜାତୀୟ ଯାତ୍ରୀଙ୍କ ସଂଖ୍ୟାରେ ଭାରତ ଚତୁର୍ଥ ସ୍ଥାନରେ ରହିଛି। କାନାଡା ପ୍ରଥମ ସ୍ଥାନରେ, ମେକ୍ସିକୋ ଦ୍ୱିତୀୟରେ ଏବଂ ବ୍ରିଟେନ ତୃତୀୟରେ ଅଛି। ଅଣ-ସୀମାବର୍ତ୍ତୀ ଦେଶମାନଙ୍କ ମଧ୍ୟରେ ଭାରତ ଦ୍ୱିତୀୟ ସ୍ଥାନରେ। ବ୍ରିଟେନ ପ୍ରଥମ ସ୍ଥାନରେ ଏବଂ ବ୍ରାଜିଲ ତୃତୀୟରେ ଅଛି। ଜୁନ୍ ମାସରେ ଏହି ୫ଟି ଦେଶରୁ ଆମେରିକା ଆସୁଥିବା ଯାତ୍ରୀଙ୍କ ସଂଖ୍ୟା ପ୍ରାୟ ୬୦% ଥିଲା। ଆମେରିକା ପରିଦର୍ଶନ କରୁଥିବା ଭାରତୀୟମାନେ

## ଆମେରିକାର ଯାଦୁ ଶେଷ!




ସାଧାରଣତଃ ଛାତ୍ର, ବୃତ୍ତିଗତ ଏବଂ ପରିବାରକୁ ଭେଟିବାକୁ ଯାଉଥିବା ଲୋକ। ସେମାନେ ବିଶେଷକରି ଭ୍ରମଣ ପାଇଁ ଯାଆନ୍ତିନାହିଁ। ଅଧିକାରୀମାନେ କହିଛନ୍ତି ଯେ ଚଳିତବର୍ଷ ଛାତ୍ରଙ୍କ ସଂଖ୍ୟା ସବୁଠାରୁ ଅଧିକ ହ୍ରାସ ପାଇଛି। ଯଦି ଭିସା ପାଇବାରେ ସମସ୍ୟା ଜାରି ରୁହେ, ତେବେ ବ୍ୟବସାୟ ପାଇଁ ଏବଂ ପରିବାରକୁ ଭେଟିବା ପାଇଁ ଯାଉଥିବା ଲୋକଙ୍କ ସଂଖ୍ୟା ମଧ୍ୟ ହ୍ରାସ ପାଇପାରେ। ଆମେରିକାରେ ୫୦ ଲକ୍ଷରୁ ଅଧିକ ଭାରତୀୟଙ୍କ ଏକ ଦୃଢ଼ ସମ୍ପ୍ରଦାୟ ଅଛି। ଏହି କାରଣରୁ ସେଠାରେ ଲୋକଙ୍କର ନିରନ୍ତର ଗତିବିଧି ଚାଲିଛି। କିନ୍ତୁ, ଚଳିତ ବର୍ଷ ଜୁନ୍ ମାସରେ ଭାରତରୁ ଆସୁଥିବା ଲୋକଙ୍କ ସଂଖ୍ୟାରେ ବୃଦ୍ଧିର ୨୩ ବର୍ଷ ଧରି ଚାଲିଥିବା ଧାରା ଭାଙ୍ଗିଯାଇଛି।

ଆମେରିକା ବଦଳରେ ୟୁଏଇ, ସାଉଦି ଆରବ, ଥାଇଲ୍ୟାଣ୍ଡ, ସିଙ୍ଗାପୁର ଅଧିକ ପସନ୍ଦ

୨୦୨୫ ଏପ୍ରିଲ ଭାରତୀୟ ପର୍ଯ୍ୟଟକଙ୍କ ପାଇଁ ବିଦେଶ ଯାତ୍ରା ପାଇଁ ଏକ ଭଲ ମାସ ଥିଲା। ଏହି ସମୟ ମଧ୍ୟରେ ୨୯ ଲକ୍ଷ ଲୋକ ବିଦେଶ ଯାଇଥିଲେ। ଅଧିକାଂଶ ଲୋକ ୟୁଏଇ, ସାଉଦି ଆରବ, ଥାଇଲ୍ୟାଣ୍ଡ, ସିଙ୍ଗାପୁର ଏବଂ ତା'ପରେ ଆମେରିକା ଯାଇଥିଲେ। ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ମନୋଭାବ ଯୋଗୁଁ ଭାରତ ଏବଂ ଆମେରିକା ମଧ୍ୟରେ ସମ୍ପର୍କ ଖରାପ ହୋଇଛି। ତାଙ୍କର ସମଗ୍ର ପ୍ରଶାସନ ଭାରତକୁ ଟାର୍ଗେଟ କରିଛି। ଏହା ଭାରତୀୟମାନଙ୍କୁ ଆମେରିକା ପ୍ରତି ମୋହ ଭଙ୍ଗ କରିଛି। ପର୍ଯ୍ୟଟନ ଯେକୌଣସି ଦେଶର ଅର୍ଥନୀତି ପାଇଁ

## ଚଳିତବର୍ଷ ଭାରତୀୟ ଛାତ୍ରଙ୍କ ଆମେରିକା ଗସ୍ତରେ ବଡ଼ ହ୍ରାସ

ଗୁରୁତ୍ୱପୂର୍ଣ୍ଣ। ଭାରତ ମଧ୍ୟ ଏଥିରୁ ଅସ୍ପୃଶ୍ୟ ନୁହେଁ। ନୀତି ଆୟୋଗର ପୂର୍ବତନ ସିଇଓ ଅମିତାଭ କାନ୍ତଙ୍କ ସାମ୍ପ୍ରତିକ ଚେତାବନୀରୁ ଏହା ବୁଝାଯାଇପାରେ। ସେ କହିଥିଲେ ଯେ ଭାରତକୁ ଏହାର ପର୍ଯ୍ୟଟନ କ୍ଷେତ୍ରକୁ ପ୍ରୋତ୍ସାହିତ କରିବା ଉଚିତ। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଭାରତୀୟ ସାମଗ୍ରୀ ଉପରେ ୫୦% ଶୁଳ୍କ ଲଗାଇବା ପରେ କାନ୍ତ ଏହି ପରାମର୍ଶ ଦେଇଥିଲେ। ସେ କହିଥିଲେ ଯେ ପର୍ଯ୍ୟଟନ ଏପରି ଶୁଳ୍କ ଦ୍ୱାରା ପ୍ରଭାବିତ ହୁଏ ନାହିଁ। ଏହା ଭାରତର ରପ୍ତାନି ଆୟର ସବୁଠାରୁ ବଡ଼ ଉତ୍ସ ହୋଇପାରେ। କାନ୍ତ ଗୁରୁତ୍ୱାରୋପ କରିଥିଲେ ଯେ ଭାରତରେ ପ୍ରାକୃତିକ ସୌନ୍ଦର୍ଯ୍ୟ, ଇତିହାସ ଏବଂ ସଂସ୍କୃତି ଥିବା ସତ୍ତ୍ୱେ, ବିଶ୍ୱ ପର୍ଯ୍ୟଟକଙ୍କ ଆଗମନର କେବଳ ୧.୫% ରହିଛି। ତେଣୁ, ପର୍ଯ୍ୟଟନକୁ ପ୍ରୋତ୍ସାହିତ କରାଯିବା ଉଚିତ।

## ଟ୍ରମ୍ପ୍ ଟାରିଫ୍ ମାଡ଼; ଏଥର ଆଇଟିର ପାଳି

# ଭାରତୀୟ କମ୍ପାନୀଙ୍କଠାରୁ କାମ ଛଡ଼ାଇନେବ ଆମେରିକା

ନୂଆଦିଲ୍ଲୀ,୭।୯(ଏଜେନ୍ସି):ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଭାରତ ଉପରେ ୫୦% ଶୁଳ୍କ ଲଗାଇବା ପରେ ତାହାକୁ ନେଇ ଦେଶର ଅଧିକାଂଶ କ୍ଷେତ୍ରରେ ଦେଖିବାକୁ ମିଳିଛି। ଟ୍ରମ୍ପ୍ ପ୍ରଶାସନର ଟାରିଫ୍ ମାଡ଼ରେ ଏବେ ଭାରତୀୟ ଆଇଟି ଶିଳ୍ପର ପାଳି ପଡିବା ଆଶଙ୍କା କରାଯାଉଛି। କାରଣ ଭାରତୀୟ




କମ୍ପାନୀଙ୍କଠାରୁ କାମ ଛଡାଇନେବ ଆମେରିକା। ଆମେରିକୀୟ ଆଇଟି କମ୍ପାନୀଗୁଡ଼ିକୁ ଭାରତ ଭଳି ଦେଶଗୁଡ଼ିକୁ କାମ ଆଉଟସୋର୍ସିଂ କରିବା ବନ୍ଦ କରିବାକୁ ବିଚାର କରୁଛନ୍ତି। ଆମେରିକୀୟ କର୍ମୀ ଏବଂ ଟ୍ରମ୍ପ୍‌ଙ୍କ ନିକଟତର ସମର୍ଥକ ଲୌରା ଲୁମର ଏହି ଦାବି କରିଛନ୍ତି।

ଏକ ସୋସିଆଲ ମିଡିଆ ପୋଷ୍ଟରେ ଲୁମର ଲେଖିଛନ୍ତି ଯେ ଏହାର ଅର୍ଥ ହେଉଛି ଯେ ଏବେ ଆପଣଙ୍କୁ ଇଂରାଜୀ ପାଇଁ ୨ ଦବାଇବା ଆବଶ୍ୟକ ନାହିଁ। କଲ୍ ସେଣ୍ଟରଗୁଡ଼ିକୁ ପୁଣି ଥରେ ଆମେରିକୀୟ କରାଯାଉ। ଲୁମରଙ୍କ ଇସାରା ଭାରତର କଲ୍ ସେଣ୍ଟରଗୁଡ଼ିକୁ ଥଇଲା, ଯେଉଁଠାରୁ ଆମେରିକୀୟ କମ୍ପାନୀଗୁଡ଼ିକ ପାଇଁ ଗ୍ରାହକ ସହାୟତା ଶସ୍ତାରେ ଯୋଗାଇ ଦିଆଯାଏ। ସେ 'ମେକ୍ କଲ୍ ସେଣ୍ଟର ଆମେରିକାନ୍ ଏଗେନ୍' ସ୍ଲୋଗାନ ଦେଇଥିଲେ, ଅର୍ଥାତ୍ ସେ କଲ୍ ସେଣ୍ଟରଗୁଡ଼ିକୁ ଆମେରିକାକୁ ଫେରାଇ ଆଣିବା ବିଷୟରେ କହିଛନ୍ତି। ଗୁଗୁଲ୍ ଏବଂ ଆମାଜନ ସମେତ ଅନେକ ଆମେରିକୀୟ କମ୍ପାନୀ ଭାରତରୁ ଆଉଟସୋର୍ସିଂ ମାଇକ୍ରୋସଫ୍ଟ, ଗୁଗୁଲ୍, ଆମାଜନ, ଆଇବିଏମ୍, ସିସ୍କୋ ଏବଂ ଓରାକେଲ୍ ଭଳି ଅନେକ ବଡ଼ ଆମେରିକୀୟ ଟେକ୍ କମ୍ପାନୀ ଭାରତରେ ସେମାନଙ୍କର ଉପସ୍ଥିତି ଜାହିର କରିଛନ୍ତି। ଏହି କମ୍ପାନୀଗୁଡ଼ିକ ଭାରତରେ ସେମାନଙ୍କର ବିକାଶ କେନ୍ଦ୍ର, ଗବେଷଣା କେନ୍ଦ୍ର ଏବଂ କଲ୍ ସେଣ୍ଟର ପରିଚାଳନା କରନ୍ତି।

ସମ୍ପ୍ରତି, ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ପରାମର୍ଶଦାତାମାନେ ବିଦେଶୀ ଆଉଟସୋର୍ସିଂ ଏବଂ ଉପାନ୍ତ ଅଞ୍ଚଳର କର୍ମଚାରୀମାନଙ୍କ ଉପରେ ଶୁଳ୍କ ଲାଗୁ କରିବା କଥା କରିଛନ୍ତି। ଏହା ଭାରତର ୨୮୩ ବିଲିୟନ ଡଲାରର ଆଇଟି ଶିଳ୍ପକୁ ପ୍ରଭାବିତ କରିପାରେ, କାରଣ ଏହି ଶିଳ୍ପ ଆମେରିକା ଉପରେ ବହୁତ ନିର୍ଭରଶୀଳ। ଏହା ଭାରତୀୟ ବୃତ୍ତିଗତମାନଙ୍କ ପାଇଁ ଚାକିରି ହ୍ରାସ କରିପାରେ। ଟ୍ରମ୍ପ୍ ସମ୍ପ୍ରତି କହିଥିଲେ ଯେ ସେ ଭାରତ ସହିତ ସମ୍ପର୍କ ପୁଣି ଥରେ ଆରମ୍ଭ କରିବାକୁ ପ୍ରସ୍ତୁତ। ପୂର୍ବରୁ, ଶୁକ୍ରବାର ଭାରତ ବିରୁଦ୍ଧରେ ତାଙ୍କ ବୟାନ ଉପରେ ପ୍ରାୟ ୧୨ ଘଣ୍ଟା ମଧ୍ୟରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ପଛକୁ ହଟିଗଲେ। ହ୍ୱାଇଟ୍ ହାଉସରେ ଏକ ସାମ୍ବାଦିକ ସମ୍ମିଳନୀରେ ସେ ଏକ ପ୍ରଶ୍ନର ଉତ୍ତର ରଖି କହିଥିଲେ ଯେ, 'ମୁଁ ସର୍ବଦା ମୋଦିଙ୍କ ବନ୍ଧୁ ରହିବି। ମୁଁ ଭାରତ ସହିତ ସମ୍ପର୍କ ପୁନଃସ୍ଥାପନ କରିବାକୁ ସର୍ବଦା ପ୍ରସ୍ତୁତ। ଏହା ପୂର୍ବରୁ ଶୁକ୍ରବାର ସକାଳ ୬ଟାରେ ସେ ସୋସିଆଲ ମିଡିଆ ଟ୍ରୁଥ୍‌ରେ ଲେଖିଥିଲେ, ଏପରି ମନେ ହେଉଛି ଯେ ଆମେ ଭାରତ ଏବଂ ରୁଷକୁ ଚୀନ୍ ହାତରେ ହରାଇଛୁ। ଆଶା କରୁଛି ସେମାନଙ୍କର ଭବିଷ୍ୟତ ଭଲ ହେବ।

**ଭାରତରୁ ଆଉଟସୋର୍ସିଂର ୩ଟି ମୁଖ୍ୟ କାରଣ**

- ଭାରତରେ ଶ୍ରମ ମୂଲ୍ୟ ଆମେରିକା ତୁଳନାରେ ବହୁତ କମ୍, ଯାହା ଆମେରିକୀୟ କମ୍ପାନୀଗୁଡ଼ିକ ପାଇଁ ବେଶ ଲାଭଦାୟକ।
- ଭାରତରେ ପ୍ରତିବର୍ଷ ଲକ୍ଷ ଲକ୍ଷ ଇଞ୍ଜିନିୟର ଏବଂ ବୈଷୟିକ ବୃତ୍ତିଗତ ସ୍ନାତକ ହୁଅନ୍ତି, ଯେଉଁମାନେ ଦକ୍ଷ ଏବଂ ଭଲ ସେବା ପ୍ରଦାନ କରନ୍ତି।
- ଭାରତରେ ଟିସିଏସ୍, ଇନ୍‌ଫୋସିସ୍ ଏବଂ ୱିପ୍ରୋ ଭଳି କମ୍ପାନୀଗୁଡ଼ିକ ବିଶ୍ୱ ସ୍ତରରେ ପ୍ରତିଷ୍ଠିତ ଏବଂ ନିର୍ଭରଯୋଗ୍ୟ ସେବା ପ୍ରଦାନ କରନ୍ତି।

## ବର୍ଷ ଶେଷ ସୁଦ୍ଧା ବଡ଼ ବାଣିଜ୍ୟ ଚୁକ୍ତି

# ସ୍ୱାକ୍ଷର ହେବ ଭାରତ-ଇୟୁ ଏଫ୍‌ଟିଏ

ନୂଆଦିଲ୍ଲୀ,୭।୯(ଏଜେନ୍ସି)

ଭାରତ ଏବଂ ୟୁରୋପୀୟ ସଂଘ (ଇୟୁ) ଖୁବ୍ ଶୀଘ୍ର ଏକ ବଡ଼ ବାଣିଜ୍ୟ ଚୁକ୍ତି ସ୍ୱାକ୍ଷର କରିବାକୁ ଯାଉଛନ୍ତି। ଏଥିପାଇଁ ଉଭୟ ପକ୍ଷ ଆସନ୍ତା ଗୋଟିଏ ମାସରେ ଦୁଇଥର ପରସ୍ପର ସହ ସାକ୍ଷାତ ଆଲୋଚନା କରିବେ। ସେମାନେ ଚୁକ୍ତିକୁ ଚୂଡ଼ାନ୍ତ କରିବା ପାଇଁ ମଧ୍ୟ ବୈଠକ କରିବେ। ଏହି ସମୟରେ ଉଭୟ ପକ୍ଷ କିଛି ସମସ୍ୟାର ସମାଧାନ କରିବାକୁ ଚେଷ୍ଟା କରିବେ। ସୂଚନାନୁଯାୟୀ, ଆମେରିକା ଏବଂ ଚୀନ୍ ଏହି ବାଣିଜ୍ୟ ଚୁକ୍ତି ଉପରେ ନଜର ରଖିଛନ୍ତି। ଆମେରିକା ମଧ୍ୟ ଭାରତ ସହିତ ଏକ ବାଣିଜ୍ୟ ଚୁକ୍ତି ଉପରେ ଆଲୋଚନା କରୁଛି। କିନ୍ତୁ, ଦୁଇ ଦେଶ ମଧ୍ୟରେ ବଢୁଥିବା ଉତ୍ତେଜନା ଯୋଗୁଁ ଏଥିରେ ବାଧା ସୃଷ୍ଟି ହୋଇଛି। ଭାରତ ଏବଂ ୟୁରୋପୀୟ ସଂଘ ଚଳିତ ବର୍ଷ ଶେଷ ସୁଦ୍ଧା ବାଣିଜ୍ୟ ଚୁକ୍ତି କାର୍ଯ୍ୟକାରୀ କରିବାକୁ ଚାହାଁନ୍ତି।

ଭାରତ ଏବଂ ୟୁରୋପୀୟ ସଂଘ ଏକ ମୁକ୍ତ ବାଣିଜ୍ୟ ଚୁକ୍ତି (ଏଫ୍‌ଟିଏ) ସ୍ୱାକ୍ଷର କରିବାକୁ ଚାହାଁନ୍ତି। ଏହା ଉଭୟଙ୍କ ମଧ୍ୟରେ ବାଣିଜ୍ୟକୁ ସହଜ କରିବ। ଆଲୋଚନାରେ କିଛି ବିଷୟ ଉପରେ ଏ ପର୍ଯ୍ୟନ୍ତ ସହମତି ହୋଇନାହିଁ। ଯେପରିକି ସାମଗ୍ରୀ କେଉଁଠାରେ ତିଆରି ହୁଏ, ବଜାର ପ୍ରବେଶ ଏବଂ ମଦ ଏବଂ ଦୁଗ୍ଧ ଉତ୍ପାଦ ଉପରେ ଟିକସ। ୟୁରୋପୀୟ ସଂଘର ଦୁଇ ଶୀର୍ଷ ଅଧିକାରୀ ଚଳିତ ସପ୍ତାହରେ ଭାରତ ଆସୁଛନ୍ତି। ସେମାନେ ଭାରତୀୟ ଅଧିକାରୀଙ୍କ ସହ କଥାବାର୍ତ୍ତା କରିବେ। ଉଭୟ ପକ୍ଷ ଚାହାଁନ୍ତି ଯେ ଚଳିତବର୍ଷ ଶେଷ ସୁଦ୍ଧା ଏଫ୍‌ଟିଏ ସ୍ୱାକ୍ଷରିତ ହେଉ।

ସୂଚନାଯୋଗ୍ୟ ଯେ, ଇୟୁ ହେଉଛି ଭାରତର ସବୁଠାରୁ ବଡ଼ ବାଣିଜ୍ୟିକ ଅଂଶୀଦାର। ଗତ ଆର୍ଥିକବର୍ଷରେ, ଉଭୟଙ୍କ ମଧ୍ୟରେ ୧୩୫ ବିଲିୟନ ଡଲାରର ବାଣିଜ୍ୟ କାରବାର ହୋଇଥିଲା। ଭାରତ ଏବଂ ଇୟୁ କେବଳ ବାଣିଜ୍ୟ କ୍ଷେତ୍ରରେ ନୁହେଁ ବରଂ ଅନ୍ୟାନ୍ୟ ଅନେକ ବିଷୟରେ ମଧ୍ୟ ଏକାଠି କାମ କରୁଛନ୍ତି। ସେମାନେ ରାଜନୈତିକ ଏବଂ ପ୍ରତିରକ୍ଷା ସମ୍ପର୍କକୁ ମଧ୍ୟ ମଜବୁତ କରିବାକୁ ଚାହାଁନ୍ତି। ଏହା କରାଯାଉଛି କାରଣ ବର୍ତ୍ତମାନ ବିଶ୍ୱରେ ଅନେକ ସମସ୍ୟା ଚାଲିଛି। ଇୟୁ ସେପ୍ଟେମ୍ବର ୧୭ ରେ ଭାରତ ସହିତ ସମ୍ପର୍କରେ ଏକ ନୂତନ ଯୋଜନା ପ୍ରକାଶ କରିବ। ଆଶା କରାଯାଉଛି ଯେ ଏହି ଯୋଜନା ଭାରତ-ଇୟୁ ଶିଖର ସମ୍ମିଳନୀରେ କୁହାଯିବ। ଆଗାମୀ ତିନି ମାସ ମଧ୍ୟରେ ଉଭୟ ପକ୍ଷ ମଧ୍ୟରେ ଅନେକ ବୈଠକ ହେବ। ଇୟୁର ରାଜନୈତିକ ଏବଂ ସୁରକ୍ଷା କମିଟି ମଧ୍ୟ ଭାରତ ଆସିବ। ଏଥିରେ ଇୟୁର ୨୭ ସଦସ୍ୟ ଦେଶର ପ୍ରତିନିଧି ସାମିଲ ହେବେ।



## ଚୀନ୍-ଆମେରିକା ରଖିଛନ୍ତି ନଜର



## ଆଜିର ରାଶିଫଳ

**ମେଷ:** ଦୀର୍ଘଦିନରୁ ଚାଲିଥିବା ପାରିବାରିକ ମତଭେଦ ଦୂର ହେବ। କର୍ମଚଞ୍ଚଳ ରହିବେ। ବିଦ୍ୟାର୍ଥୀ ପ୍ରତିଯୋଗିତା ପରୀକ୍ଷାରେ କୃତକାର୍ଯ୍ୟ ହେବେ। ଜୀବନସାଥୀଙ୍କଠାରୁ ଉପହାର ପାଇବେ।

**ବୃଷ:** ପାରିବାରିକ ଜୀବନ ସୁଖମୟ ହେବ। ଭାଇ ଭଉଣୀଙ୍କ ସହଯୋଗ ମିଳିବ। ବ୍ୟବସାୟକୁ ନେଇ ଦୂର ସ୍ଥାନକୁ ଯାତ୍ରା କରିବେ। ବନ୍ଧୁଙ୍କ ସହ ବୁଲିବାକୁ ଯିବେ। ନୂଆ ବ୍ୟବସାୟ ଆରମ୍ଭ କରିପାରନ୍ତି।

**ମିଥୁନ:** କ୍ୟାରିୟରକୁ ନେଇ ଚିନ୍ତାରେ ରହିବେ। ପରିବାର ପାଇଁ ସମୟ ବାହାର କରିବେ। ପ୍ରେମିକ-ପ୍ରେମିକାଙ୍କ ମଧ୍ୟରେ ମତଭେଦ ସୃଷ୍ଟି ହେବ। ନିବେଶରୁ ଲାଭ ପାଇବେ। ନିବେଶ କରିବା ପାଇଁ ଉପଯୁକ୍ତ ସମୟ।

**କର୍କଟ:** ଅଫିସ୍‌ରେ ପଦୋନ୍ନତି ସମ୍ଭାବନା ଅଛି। ନୂଆ କାମ ଆରମ୍ଭ କରିବା ପୂର୍ବରୁ ଗୁରୁଜନଙ୍କ ପରାମର୍ଶ ନେବେ। ଛାତ୍ରଛାତ୍ରୀ ଖେଳକୁଦରେ ସମୟ ଅତିବାହିତ କରିବେ।

**ସିଂହ:** ବ୍ୟବସାୟ ପାଇଁ ଚିନ୍ତାରେ ରହିବେ। ଅର୍ଥ ନିବେଶରୁ ଦୂରେଇ ରହିବେ। ନୂଆ କାମ ପାଇଁ ଉପଯୁକ୍ତ ସମୟ। କୋର୍ଟ କଚେରୀ ମାମଲାରେ ବିଜୟ ଲାଭ କରିବେ। ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେବ।

**କନ୍ୟା:** ଆର୍ଥିକ ସମସ୍ୟା ଦେଖା ଦେବ। ଚିନ୍ତାରେ ରହିବେ ଏବଂ ପେଟଜନିତ ସମସ୍ୟା ଦେଖା ଦେବ। ଧାର୍ମିକ କାର୍ଯ୍ୟ ଆୟୋଜନ କରିବେ। ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଭୁଲ୍ ବୁଝାମଣା ଦେଖାଦେବ।

**ତୁଳା:** ମନ ପ୍ରସନ୍ନ ରହିବ। ଦିନଟି ଶୁଭଫଳ ପ୍ରଦାନ କରିବ। ବ୍ୟବହାରରେ ସଂଯମତା ରକ୍ଷା କରିବେ। ମନରୁ ନକାରାତ୍ମକ ଚିନ୍ତାଧାର ଦୂର ହେବ। ନୂଆ ଲୋକଙ୍କ ସଂସ୍ପର୍ଶରେ ଆସିବେ।

**ବିଛା:** ଜମିବାଡ଼ିକୁ ନେଇ ବିବାଦ ଦେଖା ଦେବ। ଅଯଥା ଖର୍ଚ୍ଚରୁ ଦୂରେଇ ରହିବେ। ଉଚ୍ଚଶିକ୍ଷା ପାଇଁ ବିଦେଶ ଯାତ୍ରା ଯୋଗ ଅଛି। ଦାମ୍ପତ୍ୟ ଜୀବନରେ ତିକ୍ତତା ଆସିବ।

**ଧନୁ:** ଘର ପାଇଁ ନୂଆ ଜିନିଷ କିଣିବେ। ସନ୍ତାନଙ୍କ ଭବିଷ୍ୟତ ପାଇଁ ନୂଆ ଯୋଜନା କରିବେ। ଜୀବନସାଥୀଙ୍କ ସହ ଦୂର ସ୍ଥାନକୁ ଯାତ୍ରା କରିବେ। ବିଦ୍ୟାର୍ଥୀ କଠିନ ପରିଶ୍ରମ କରିବେ। ସମସ୍ତ ଇଚ୍ଛା ପୂରଣ ହେବ।

**ମକର:** ବିବାଦୀୟ କାର୍ଯ୍ୟରୁ ଦୂରେଇ ରହିବେ। ନୂଆ ଗାଡ଼ି କିଣିବେ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ଭଗବାନ ଶିବଙ୍କୁ ପୂଜା କରିବେ। ପରିବାର ସଦସ୍ୟଙ୍କ ସହ ହସଖୁସିରେ ସମୟ ଅତିବାହିତ କରିବେ।

**କୁମ୍ଭ:** ନୂଆ କାର୍ଯ୍ୟ ଆରମ୍ଭରୁ ଦୂରେଇ ରହିବେ। ଅଫିସ୍‌ରେ ସହକର୍ମୀଙ୍କ ସାହାଯ୍ୟ ମିଳିବ। ପଡ଼ୋଶୀଙ୍କ ସହ ମତାନ୍ତର ଦୂର ହେବ। ଛାତ୍ରଛାତ୍ରୀ ମନୋରଞ୍ଜନରେ ସମୟ ଅତିବାହିତ କରିବେ।

**ମୀନ:** ବ୍ୟବସାୟରେ ବାଧା ଆସିବ। ଗୀତ, ନାଚରେ ସମୟ ଅତିବାହିତ କରିବେ। ସ୍ୱାସ୍ଥ୍ୟ ସମସ୍ୟା ଦୂର ହେବ। ବନ୍ଧୁ ମିଳନ କାର୍ଯ୍ୟକ୍ରମରେ ଯୋଗ ଦେବେ। ଅସହାୟଙ୍କୁ ସାହାଯ୍ୟ କରିବେ।

## ଆଜିର ଇତିହାସ

- ୧୯୩୪: ନ୍ୟୁୟର୍କ ଉପକୂଳରେ ଯାତ୍ରୀବାହୀ ଜଳ ଜାହାଜରେ ଅଗ୍ନିକାଣ୍ଡ ଘଟି ୧୩୭ ଜଣ ବ୍ୟକ୍ତିଙ୍କର ମୃତ୍ୟୁ ହୋଇଥିଲା।
- ୧୯୫୧: ବିଶ୍ୱର ୪୮ ଟି ରାଷ୍ଟ୍ର ଜାପାନ ସହ ଶାନ୍ତି ଚୁକ୍ତିରେ ସ୍ୱାକ୍ଷର କରିଥିଲେ।
- ୧୯୯୧: ମାସିଡୋନିଆ ସ୍ୱାଧୀନ ହୋଇଥିଲା।
- ୨୦୦୬: ମହାରାଷ୍ଟ୍ରର ମାଲେଗାଁଓରେ ହୋଇଥିବା ବିସ୍ଫୋରଣରେ ୪୫ ମୃତ, ୧୨୫ରୁ ଅଧିକ ଆହତ।

## ଆନ୍ତର୍ଜାତିକ ସାକ୍ଷରତା ଦିବସ



ରାଷ୍ଟ୍ର ତଥା ସମାଜର ବିକାଶ ପାଇଁ ସାକ୍ଷରତା ଅପରିହାର୍ଯ୍ୟ। ସାକ୍ଷରତା ବିନା ଗୋଟିଏ ସମାଜ ଅନୁନ୍ନତ ହୋଇ ରହେ ଏବଂ ଜନ ସହଯୋଗ ଓ ଭାଗିଦାରୀ ବିନା ଏହା ବିକାଶ ପଥରେ ଅଗ୍ରସର ହୋଇପାରେ ନାହିଁ। ଯେଉଁ ଦେଶର ସାକ୍ଷରତା ହାର ଯେତେ ଅଧିକ ତାହା ସେତେ ବିକଶିତ। ସାକ୍ଷରତା କେବଳ ପଢ଼ିବା ଓ ଲେଖିବା ମଧ୍ୟରେ ସୀମିତ ରହି ନ ଥାଏ। ଏହା ଲୋକମାନଙ୍କୁ ନିଜ ଅଧିକାର ପ୍ରତି ସଚେତନ କରିଥାଏ। ଗରିବୀ ଦୂର କରିବା, ଶିଶୁ ମୃତ୍ୟୁହାର କମାଇବା, ଜନସଂଖ୍ୟା ବୃଦ୍ଧିକୁ ନିୟନ୍ତ୍ରଣ କରିବା, ଲିଙ୍ଗଗତ ପ୍ରଭେଦକୁ ଦୂର କରିବା ପାଇଁ ଜଣେ ସାକ୍ଷର ହେବାର ଆବଶ୍ୟକତା ରହିଛି। କେବଳ ଉନ୍ନତ ଶିକ୍ଷା ମାଧ୍ୟମରେ ହିଁ ଏଭଳି ସମସ୍ୟାକୁ ଦୂର କରାଯାଇପାରିବ। ଏକ ସୁସ୍ଥ ସମାଜ ଗଠନରେ ସାକ୍ଷରତାର କିଭଳି ଆବଶ୍ୟକତା ରହିଛି ସେସମ୍ପର୍କରେ ଜନସାଧାରଣଙ୍କୁ ଅବଗତ କରିବା ନିମନ୍ତେ ପ୍ରତିବର୍ଷ ସେପ୍ଟେମ୍ବର ୮ ତାରିଖରେ ଆନ୍ତର୍ଜାତିକ ସାକ୍ଷରତା ଦିବସ ପାଳିତ ହୁଏ। ସାକ୍ଷରତାର ମହତ୍ତ୍ୱ ପ୍ରତିପାଦନ କରିବା ସହ ବ୍ୟକ୍ତିଗତ, ସାମୁଦାୟିକ ତଥା ସାମାଜିକ ସ୍ତରରେ ସାକ୍ଷରତା ହାର ବଢ଼ାଇବା ନିମିତ୍ତ ସଚେତନତା ସୃଷ୍ଟି କରାଇବା ଏହାର ମୁଖ୍ୟ ଉଦ୍ଦେଶ୍ୟ। ସାରା ବିଶ୍ୱରେ ନିରକ୍ଷରତା ହଟାଇବା ପାଇଁ ଏହି ଦିବସ ପାଳନ କରାଯାଉଥିବାବେଳେ ଏହାର ସୂତ୍ରପାତ ଇରାନରୁ ହୋଇଥିଲା। ୧୯୬୫ ମସିହା ସେପ୍ଟେମ୍ବର ୮ ରୁ ୧୯ ତାରିଖ ଏହି ଦିବସ ପ୍ରଥମେ ଇରାନ୍‌ର ରାଜଧାନୀ ତେହେରାନ୍‌ରେ ପାଳିତ ହୋଇଥିଲା। ସେତେବେଳେ ଏହା ଅନ୍ତର୍ଜାତୀୟ ମାନ୍ୟତା ପାଇ ନଥିଲା। ଇରାନ୍‌ରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଅନେକ ରାଷ୍ଟ୍ରର ଶିକ୍ଷାମନ୍ତ୍ରୀମାନେ ଅଂଶଗ୍ରହଣ କରିଥିଲେ। ୨୬ ଅକ୍ଟୋବର ୧୯୬୬ ମସିହାରେ ୟୁନେସ୍କୋ ଦ୍ୱାରା ଏହାର ୧୪ତମ ଅଧିବେଶନରେ ୮ ସେପ୍ଟେମ୍ବରକୁ ଅନ୍ତଃରାଷ୍ଟ୍ରୀୟ ସାକ୍ଷରତା ଦିବସ ରୂପେ ପାଳିବାକୁ ଏକ ଘୋଷଣାନାମା ଗୃହୀତ ହୋଇଥିଲା। ପ୍ରଥମ ଥର ପାଇଁ ଏହା ୧୯୬୭ ମସିହାରେ ପାଳିତ ହେଲା। ବିଶ୍ୱରୁ ନିରକ୍ଷରତା ଦୂର କରିବା ଏହାର ପ୍ରାଥମିକ ଲକ୍ଷ୍ୟ। ରାଷ୍ଟ୍ର ବା ସମାଜର ବିକାଶ ପାଇଁ ସାକ୍ଷରତା ଅପରିହାର୍ଯ୍ୟ। ସାକ୍ଷରତା ବିନା ଜଣେ ନାଗରିକ ହିସାବରେ ବିକାଶ ପ୍ରକ୍ରିୟାରେ ଅଂଶଗ୍ରହଣ କରିବା ଅସମ୍ଭବ। ପଢ଼ିବା ଓ ଲେଖିବା ପାଇଁ ଅସମର୍ଥ ହେଲେ ଶିକ୍ଷା ବାଧାପ୍ରାପ୍ତ ହୁଏ ଓ ଆମ ବ୍ୟକ୍ତିତ୍ୱର ବିକାଶ ମଧ୍ୟ କଷ୍ଟକର ପାଲଟିଥାଏ। ତେଣୁ ସାକ୍ଷରତାର ପ୍ରୟୋଜନ ପ୍ରତି ଜନସଚେତନତା ସୃଷ୍ଟି କରିବା ଆନ୍ତର୍ଜାତିକ ସାକ୍ଷରତା ଦିବସର ପ୍ରମୁଖ ଉଦ୍ଦେଶ୍ୟ। ସାକ୍ଷରତା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ସୃଷ୍ଟି କରିଥିବା ସଂସ୍ଥାଗୁଡ଼ିକୁ ୟୁନେସ୍କୋ ପକ୍ଷରୁ ପ୍ରତିବର୍ଷ ଅନ୍ତର୍ଜାତୀୟ ସାକ୍ଷରତା ଦିବସରେ ସମ୍ମାନିତ କରାଯାଏ।



## ଇଟାଲୀରେ 'ଲଭ୍ ଆଣ୍ଡ ୱାର୍'ର କ୍ଲାଇମାକ୍ସ

ବଲିଉଡ୍‌ର ଆଗଧାଡ଼ିର ନିର୍ଦ୍ଦେଶକ ସଞ୍ଜୟ ଲୀଳା ଭଁସାଲୀଙ୍କ ଫିଲ୍ମ 'ଲଭ ଆଣ୍ଡ ୱାର୍'ର ରିଲିଜ୍‌କୁ ଦର୍ଶକେ ଏବେ ଚାହିଁ ବସିଛନ୍ତି। ଏଥିରେ ରଣବୀର କପୁର, ଭିକି କୌଶଳ ଓ ଆଲିଆ ଭଟ୍ଟ ଲିଡ୍ ରୋଲରେ ନଜର ଆସିବେ। ଗତବର୍ଷ ନଭେମ୍ବରରୁ ଫିଲ୍ମର ସୁଟିଂ ଆରମ୍ଭ ହୋଇ ଯାଇଛି। ସୁଟିଂ ସେଟ୍‌ରୁ ଫଟୋ ଓ ଭିଡିଓ ମଧ୍ୟ ଅନେକ ସମୟରେ ଭାଇରାଲ ହେଉଛି। ଇତିମଧ୍ୟରେ ୧୨୫ ଦିନର ସୁଟିଂ ସରି ଯାଇଛି। ମୁମ୍ବାଇରେ ଏକ ବିଶାଳ ସେଟ୍‌ରେ ଏବେ ଏହାର ସୁଟିଂ ଚାଲିଛି। ଅକ୍ଟୋବର ଅଧାଅଧି ପର୍ଯ୍ୟନ୍ତ ଏଠାରେ ସୁଟିଂ ଚାଲିବ। ଏହାପରେ ସଞ୍ଜୟ ସୁଟିଂ ପାଇଁ ଇଟାଲୀ ଯିବେ। ଫିଲ୍ମର କ୍ଲାଇମାକ୍ସ ସିନ୍‌ର ସୁଟିଂ ସେ ସିସ୍‌ଲିରେ କରିବା ପାଇଁ ଲକ୍ଷ୍ୟ ରଖିଛନ୍ତି। ତେବେ କ୍ଲାଇମାକ୍ସ ସିନ୍‌ରେ ଫିଲ୍ମକୁ ପୂରାପୂରି ଏକ ନୂଆ ମୋଡ଼ ଦେବା ପାଇଁ ସେ ଯୋଜନା କରିଥିବା ଜଣାପଡ଼ିଛି। ଏହି ସମୟରେ ସେ ରଣବୀର, ଭିକି ଓ ଆଲିଆଙ୍କୁ ନେଇ ଏଠାରେ ଗୋଟିଏ ଗୀତର ମଧ୍ୟ ସୁଟିଂ କରିବେ। ପାଖାପାଖି ମାସେ ଧରି ସଞ୍ଜୟ ଏଠାରେ ରହିବେ। ଆସନ୍ତା ଡିସେମ୍ବର କିମ୍ବା ଜାନୁୟାରୀ ସୁଦ୍ଧା ସେ ଏହାର ସୁଟିଂ ସାରିବା ଯୋଜନା କରିଛନ୍ତି। ସଞ୍ଜୟ ଫିଲ୍ମର ସୁଟିଂ ସହ ଏଡିଟିଂ କାମ ମଧ୍ୟ କରୁଛନ୍ତି। ଏହା ମାର୍ଚ୍ଚ ୨୦, ୨୦୨୬ରେ ରିଲିଜ୍ ହେବ।

## କାନ୍ଦିବା ପାଇଁ ଲୋକେ ଗଣୁଛନ୍ତି ଟଙ୍କା



ସାରା ଦୁନିଆରେ ବିଭିନ୍ନ ପ୍ରକାର କ୍ଲବ୍ ଥିବାବେଳେ ସେଥିରୁ ଅନ୍ୟତମ କ୍ରାଏ କ୍ଲବ୍। ମୁମ୍ବାଇର ବିଭିନ୍ନ ସ୍ଥାନରେ ଏବେ ଏହା ଖୋଲାଯାଇଛି। ଫଳରେ ଲୋକେ ଏଠାରେ ମନ ଖୋଲି କାନ୍ଦିବାର ସୁଯୋଗ ପାଇପାରୁଛନ୍ତି। ଏଠାକୁ ଲୋକେ ଆସି କାନ୍ଦି ନିଜର ମନ ହାଲୁକା କରିପାରୁଛନ୍ତି। ବୈଜ୍ଞାନିକ ଦୃଷ୍ଟିକୋଣରୁ ଜଣେ କାନ୍ଦିବା ପରେ ମନରେ ଚାପି ହୋଇ ରହିଥିବା ଦୁଃଖ ଲାଘବ ହୋଇଥାଏ। ମୁମ୍ବାଇର କ୍ରାଏ କ୍ଲବ୍ ଏହି ବିଚାରଧାରା ଉପରେ ପର୍ଯ୍ୟବେସିତ। ସେହିପରି ଏହି କ୍ଲବ୍‌ରେ ଲୋକେ ଏକ ନିର୍ଦ୍ଦିଷ୍ଟ ମାତ୍ରାର ଫି' ଦେଇ କାନ୍ଦିବା ସେସନ୍‌ରେ ସାମିଲ ହୁଅନ୍ତି। କାନ୍ଦିବା ଦୁର୍ବଳତାକୁ ଦର୍ଶାଏ ନାହିଁ, ବରଂ ମଣିଷର ମାନସିକସ୍ଥିତିକୁ ଠିକ୍ ରଖିବା ନିମନ୍ତେ ଏହା ଏକ ନିବେଶ। ଯେମିତି ଲୋକେ ଜିମ୍‌ରେ ଝାଳ ବୁହାଇ ଶରୀରର ବିଷାକ୍ତ ତତ୍ତ୍ୱଗୁଡ଼ିକୁ ବାହାର କରିଥାନ୍ତି ସେହିପରି ଲୁହ ଜରିଆରେ ମଣିଷର ଭାବନାତ୍ମକ ବୋଝ ହାଲୁକା ହୁଏ ବୋଲି ଏହି କ୍ଲବ୍ ପକ୍ଷରୁ କୁହାଯାଇଛି। ଭାରତ ପାଇଁ ଯଦିଓ ଏହି ପରିକଳ୍ପନା ନୂଆ, ହେଲେ ଏହାର ଆରମ୍ଭ ଜାପାନରୁ ହୋଇଥିଲା। ୨୦୧୩ ମସିହାରେ ହିଦେଫୁମି ୟୋଶିଦା ଏବଂ ହିରୋକି ତେରାଇ ଏହାକୁ ପ୍ରଥମେ ଆରମ୍ଭ କରିଥିଲେ। ସେମାନଙ୍କର କହିବାନୁସାରେ, ଅନେକ ଲୋକ ଅବସାଦ, ଏକାକୀତ୍ୱ ଦେଇ ଗତି କରୁଛନ୍ତି। ଯଦି ସେମାନଙ୍କୁ ଏକ ସେଭଳି ମାହୋଲ ଦିଆଯାଏ, ସେମାନେ ଅପରିଚିତ ଲୋକଙ୍କ ଗହଣରେ ମନଖୋଲି କାନ୍ଦିପାରିବେ। ଏହାଦ୍ୱାରା ସେମାନଙ୍କର ମାନସିକ ସ୍ଥିତି ଭଲ ରହିବା ସହ ସେମାନେ ମନରେ ବୋଝ ନେଇ ବଞ୍ଚିବେ ନାହିଁ। ଏବେ ଏହି ଟ୍ରେଣ୍ଡ ଟୋକିଓରେ ସୀମିତ ନ ରହି, ବେଙ୍ଗାଲୁରୁ, ପୁଣେ, ମୁମ୍ବାଇରେ ପହଞ୍ଚିଲାଣି। ଆମ ସମାଜରେ କାନ୍ଦିବାକୁ ମଣିଷର ଦୁର୍ବଳତା ଭାବେ ଦେଖାଯାଏ। ସେହିଭଳି ଲୋକେ ଅଜଣା ଲୋକଙ୍କ ସମ୍ମୁଖରେ କାନ୍ଦିବାକୁ ପସନ୍ଦ କରନ୍ତି। କାରଣ ଅଜଣା ଲୋକ ସମ୍ମୁଖରେ କାନ୍ଦିବା ଦ୍ୱାରା ମାନ ସମ୍ମାନ ହ୍ରାସ ହେବା ଆଶଙ୍କା ନ ଥାଏ। ୨୦୧୯ ର ଏକ ଅଧ୍ୟୟନରୁ ଜଣାପଡ଼ିଥିଲା, ଯେଉଁମାନେ ଭାବପ୍ରବଣ ହୋଇ କାନ୍ଦନ୍ତି, ସେମାନଙ୍କର ମାନସିକ ସ୍ଥିତି ଠିକ୍ ରହିଥାଏ।

## ଦ୍ୱିତୀବାହନ ଓଷା

ଆଶ୍ୱିନ କୃଷ୍ଣ ଅଷ୍ଟମୀକୁ 'ମୂଳାଷ୍ଟମୀ' କୁହାଯାଏ। ଏହିଦିନ 'ଦ୍ୱିତୀବାହନ' ଓଷା ପାଳନ କରାଯାଏ। ତେବେ ଓଡ଼ିଶାର ବିଭିନ୍ନ ଅଞ୍ଚଳରେ ଏହା ଭିନ୍ନ ଭିନ୍ନ ନାମରେ ପରିଚିତ। ଏହା 'ଦୁତିଆ ଓଷା', 'ପୁଅ ଜିଉଁତିଆ ଓଷା', 'ଦୂତିବାମନ ଓଷା' ଆଦି ନାମରେ ମଧ୍ୟ ଜଣା। ଓଡ଼ିଶାର ପଶ୍ଚିମାଞ୍ଚଳରେ ଏହା 'ପୁଅ ଜିଉଁତିଆ' ନାମରେ ମୁଖ୍ୟ ଓଷା ଭାବେ ପାଳନ କରାଯାଏ। ଏଥିରେ ଦ୍ୱିତୀବାହନଙ୍କୁ ପୂଜା କରାଯାଏ। ପୁତ୍ରଲାଭ ଓ ସନ୍ତାନଙ୍କ ମଙ୍ଗଳ କାମନା ପାଇଁ ମହିଳାମାନେ ଏହି ଓଷା କରିଥାନ୍ତି। ଦ୍ୱିତୀବାହନଙ୍କୁ ପୂଜା କଲେ ଅପୁତ୍ରିକ ପୁତ୍ରଲାଭ କରୁଥିବା ବିଶ୍ୱାସ ଅଛି। ବିଧବା ବ୍ରାହ୍ମଣୀଙ୍କ ଗର୍ଭରୁ ଜନ୍ମିତ ସୂର୍ଯ୍ୟଦେବଙ୍କ ପୁତ୍ର ହେଉଛନ୍ତି ଦ୍ୱିତୀବାହନ। ସୂର୍ଯ୍ୟଦେବ ଆଶୀର୍ବାଦରେ ଦ୍ୱିତୀବାହନଙ୍କ ଜନ୍ମଦିନରେ ଏହି ଓଷା ପାଳନ କରାଯାଏ। ଏହିଦିନ ମହିଳାମାନେ ଉପବାସରେ ରହନ୍ତି। ଓଷା ପରଦିନ ସବୁ ପରିବା ମିଶାଇ ଘାଣ୍ଟ ତରକାରି ପ୍ରସ୍ତୁତ କରାଯାଏ। ଏହାକୁ ବନ୍ଧୁବାନ୍ଧବଙ୍କ ମଧ୍ୟରେ ବଣ୍ଟନ କରାଯିବାର ପ୍ରଥା ଅଛି। ଚଳିତବର୍ଷ ଏହି ଓଷା ସେପ୍ଟେମ୍ବର ୧୪ ତାରିଖରେ ପଡ଼ୁଛି।



## ସ୍ୱସ୍ତି

## ପିତୃପକ୍ଷରେ ଦାନର ମହତ୍ତ୍ୱ

**ଆରମ୍ଭ ହୋଇଛି ପିତୃପକ୍ଷ। ପ୍ରତିବର୍ଷ ଭାଦ୍ରବ ପୂର୍ଣ୍ଣିମାରୁ ଆଶ୍ୱିନ କୃଷ୍ଣ ଅମାବାସ୍ୟା ବା ମହାଳୟା ଅମାବାସ୍ୟା ପର୍ଯ୍ୟନ୍ତ ଅବଧିକୁ 'ପିତୃପକ୍ଷ' ବା ଅପରପକ୍ଷ କୁହାଯାଏ। ଏହି ୧୬ ଦିନ ସମ୍ପୂର୍ଣ୍ଣ ପିତୃପୁରୁଷଙ୍କୁ ସମର୍ପିତ। ଲୋକ ବିଶ୍ୱାସ ଅନୁଯାୟୀ, ଏହି ସମୟରେ ପୂର୍ବପୁରୁଷଗଣ ପିତୃଲୋକ ତ୍ୟାଗ କରି ନିଜ ନିଜର ଉତ୍ତର ପୁରୁଷଙ୍କ ଘରେ ଅବସ୍ଥାନ କରିଥାନ୍ତି। ଏହିପକ୍ଷରେ ପିତୃପୁରୁଷଙ୍କୁ ତର୍ପଣ ଓ ପିଣ୍ଡଦାନ କରାଯାଏ। ତେବେ ପିତୃପକ୍ଷରେ ଦାନ-ପୁଣ୍ୟର ବିଶେଷ ମହତ୍ତ୍ୱ ଅଛି।**



- ପିତୃପକ୍ଷରେ ରୁପା ଜିନିଷ ଦାନ କରିବା ଅତ୍ୟନ୍ତ ଶୁଭ। କୁହାଯାଏ, ରୁପା ଦାନ କରିବା ଦ୍ୱାରା ପିତୃପୁରୁଷଙ୍କ ଆତ୍ମାକୁ ଶାନ୍ତି ମିଳେ ଏବଂ ସେମାନଙ୍କ ଆଶୀର୍ବାଦ ମିଳିଥାଏ।
- ଚାଉଳ, ରାଶି ଦାନ କରିବା ଦ୍ୱାରା ଜୀବନର ସମସ୍ୟା ଦୂର ହୋଇଥାଏ।
- ପିତୃପକ୍ଷରେ ଭୂମି ଦାନକୁ ଅତ୍ୟନ୍ତ ଶୁଭ ବୋଲି କୁହାଯାଇଛି। ଏହା ଦ୍ୱାରା ପାପ ଓ ପିତୃଦୋଷରୁ ମୁକ୍ତି ମିଳେ।
- ପିତୃପକ୍ଷରେ ଗୁଡ଼ ଦାନ ମଧ୍ୟ ଲାଭକାରୀ। ଗୁଡ଼ ଦାନ ଦ୍ୱାରା ପରିବାରରେ ସୁଖ, ସମୃଦ୍ଧି ବୃଦ୍ଧି ପାଏ।
- ପିତୃପକ୍ଷରେ ଗୋ ଦାନ ଦ୍ୱାରା କାର୍ଯ୍ୟରେ ବିଘ୍ନ ଦୂର ହୁଏ।

## ରାଶି ଅନୁସାରେ କେଶ ବିନ୍ୟାସ

**ଜ୍ୟୋତିଷ ଶାସ୍ତ୍ର ଅନୁସାରେ, ମହିଳାମାନେ ରାଶି ଅନୁସାରେ କେଶ ବିନ୍ୟାସ କରିବା ଦ୍ୱାରା ଏହା କେବଳ ଭାଗ୍ୟରେ ଉନ୍ନତି ଆଣି ନ ଥାଏ। ଏଥିରୁ ଆତ୍ମବିଶ୍ୱାସ ମଧ୍ୟ ବୃଦ୍ଧି ପାଏ। ତେବେ କେଉଁ ରାଶି କେଉଁ ପ୍ରକାର ହେୟାର ଷ୍ଟାଇଲ ଆପଣାଇବା ଦରକାର, ସେ ସମ୍ପର୍କରେ ଜାଣିବା।**

**ମେଷ:** ଏହି ରାଶିର ମହିଳା ସ୍ୱଭାବରେ ଉତ୍ସାହୀ ହୋଇଥାନ୍ତି। ଷ୍ଟେପ୍-କଟ୍ ହେୟାର୍ ଷ୍ଟାଇଲ୍ ସେମାନଙ୍କ ଲାଗି ଉତ୍ତମ। ଏହା ଶକ୍ତି ବଜାୟ ରଖେ।

**ବୃଷ:** ଏହି ରାଶିର ମହିଳା ପରିଶ୍ରମୀ ହୋଇଥାନ୍ତି। ଜ୍ୟୋତିଷ ଶାସ୍ତ୍ର ଅନୁସାରେ, ଏହି ରାଶିଧାରୀ ମହିଳାଙ୍କ ପାଇଁ ବବ୍-କଟ୍ ହେୟାର ଷ୍ଟାଇଲ ଉତ୍ତମ।

**ମିଥୁନ:** ମିଥୁନ ରାଶି ମହିଳାମାନେ ବୁଦ୍ଧିମାନ ହୋଇଥାନ୍ତି। ସେମାନେ ସବୁବେଳେ କିଛି ନା କିଛି ନୂଆ ଶିଖିବାକୁ ଚାହାନ୍ତି। ତେବେ ଏହି ରାଶି ମହିଳାଙ୍କୁ ନିଜ ପସନ୍ଦର ଯେକୌଣସି ହେୟାର୍-ଷ୍ଟାଇଲ ଭଲ ମାନିଥାଏ।

**କର୍କଟ:** ଏହି ରାଶିର ମହିଳା ଭାବୁକ ଏବଂ ନମ୍ର ହୋଇଥାନ୍ତି। ସ୍ୱଭାବରେ ଚୁଲବୁଲି ହୋଇଥାନ୍ତି। ୟୁ ସେପ୍ କଟ୍ ଏଭଳି ମହିଳାଙ୍କୁ ଭଲ ଲାଗେ।

**ସିଂହ:** ଏହି ରାଶିର ମହିଳା ଶକ୍ତିବାନ, ପରିଶ୍ରମୀ ଓ କ୍ରୋଧୀ ହୋଇଥାନ୍ତି। ଚ୍ୟାଲେଞ୍ଜ ଯୁକ୍ତ କାମ କରିବାକୁ ସେମାନେ ଭଲପାଆନ୍ତି। ତେବେ ସେମାନଙ୍କୁ ଲେୟାର୍ କଟ୍ ହେୟାର୍ ଷ୍ଟାଇଲ ଭଲ ଲାଗେ।

**କନ୍ୟା:** ପ୍ରତ୍ୟେକ କାମରେ କନ୍ୟା ରାଶି ମହିଳାଙ୍କୁ ପରଫେକସନ ପସନ୍ଦ। ଆତ୍ମବିଶ୍ୱାସର ଅଭାବ ଏହି ରାଶି ମହିଳାଙ୍କଠାରେ ନ ଥାଏ। ସେମାନଙ୍କୁ ସର୍ଟ ହେୟାର ଷ୍ଟାଇଲ ଭଲ ଲାଗେ।

**ତୁଳା:** ବୁଝିବିଚାରି କାମ ତୁଳା ରାଶିର ମହିଳାମାନେ କରନ୍ତି। ମୁଖ୍ୟତଃ ସେମାନେ ଠିକ୍ ନିଷ୍ପତ୍ତି ନେଇଥାନ୍ତି। କର୍ଲି ହେୟାର୍ ଷ୍ଟାଇଲ କରିବା ଭଲ।

**ବିଛା:** ଏହି ରାଶି ମହିଳାଙ୍କୁ ଲମ୍ବା କେଶ ରଖିବା ଉଚିତ। କର୍ଲି ଷ୍ଟାଇଲ ବିନ୍ୟାସ ଉପରେ ଗୁରୁତ୍ୱ ଦେଲେ ସୁନ୍ଦର ଲାଗିବେ।

**ଧନୁ:** ଏଭଳି ମହିଳା ସ୍ୱଭାବରେ ଭାବୁକ ହୋଇଥନ୍ତି। ଷ୍ଟ୍ରେଟ୍ ହେୟାର୍ ଷ୍ଟାଇଲ ଏଭଳି ମହିଳାଙ୍କ ଲାଗି ଉତ୍ତମ।

**ମକର:** ନିଜ ନିୟମରେ ଜୀବନ ଜିଇଁବାକୁ ମକର ରାଶି ମହିଳାମାନେ ପସନ୍ଦ କରନ୍ତି। ଲମ୍ବା କେଶ ରଖିବାରେ ସେମାନେ ଅଧିକ ଆକର୍ଷଣୀୟ ଲାଗନ୍ତି।

**କୁମ୍ଭ:** ଏହି ରାଶି ମହିଳା ସ୍ପଷ୍ଟବାଦୀ ହୋଇଥାନ୍ତି। ଠିକ୍ ନିର୍ଣ୍ଣୟ ନିଅନ୍ତି। କେଶ ବାନ୍ଧି ରଖିବା ଏହି ରାଶି ମହିଳାଙ୍କ ଲାଗି ଉତ୍ତମ। ଏହା ଦ୍ୱାରା ସେମାନଙ୍କ ବ୍ୟକ୍ତିତ୍ୱ ଅଧିକ ଆକର୍ଷଣୀୟ ଲାଗେ।

**ମୀନ:** ମୀନ ରାଶି ମହିଳା ମଲଟିଟାସ୍କିଂ ହୋଇଥାନ୍ତି। ତା'ସହ ପରିଶ୍ରମୀ ମଧ୍ୟ। ସେମାନଙ୍କୁ ପିରାମିଡ ହେୟାର୍ ଷ୍ଟାଇଲ ଭଲ ମାନେ।



## ରୋଷେଇ ଘରେ ଖୋଲା ଡଷ୍ଟବିନ୍ ରଖୁଥିଲେ...

**ରୋଷେଇ ଘରେ ଅନେକ ଲୋକ ଡଷ୍ଟବିନ୍ ରଖିଥାନ୍ତି। ରୋଷେଇ ଘରେ ଖୋଲା ଡଷ୍ଟବିନ୍ ରଖିବା ଘର ଉପରେ କିଭଳି ପ୍ରଭାବ ପକାଏ, ସେ ସମ୍ପର୍କରେ ଜାଣିବା।**

- ବାସ୍ତୁ ଶାସ୍ତ୍ର ଅନୁସାରେ, ରୋଷେଇ ଘରେ ଖୋଲା ଡଷ୍ଟବିନ୍ ରଖିଲେ ନକାରାତ୍ମକତା ପୂରା ପରିବେଶରେ ବ୍ୟାପିଥାଏ। ଆବର୍ଜନାର ଗନ୍ଧ ଚାରିଆଡ଼େ ବ୍ୟାପିବା ଦ୍ୱାରା ପରିବାର ସଦସ୍ୟଙ୍କ ମନୋଦଶା ଉପରେ ଏହା ପ୍ରଭାବ ପକାଏ।
- ରୋଷେଇ ଘରେ ଡଷ୍ଟବିନ୍‌କୁ ଖୋଲା ରଖିବା ଦ୍ୱାରା ଖାଦ୍ୟ ଶୀଘ୍ର ଦୂଷିତ ହୋଇଥାଏ। ଏହା ଦ୍ୱାରା ଫୁଡ୍ ପଏଜନିଂ, ଆଲର୍ଜି ଏବଂ ପେଟ ଜନିତ ସମସ୍ୟା ଦେଖା ଦିଏ। ପରିବାରକୁ ସୁସ୍ଥ ରଖିବାକୁ ଚାହୁଁଥିଲେ, ଡଷ୍ଟବିନ୍‌କୁ ସବୁବେଳେ ବନ୍ଦ ରଖିବା ଭଲ।
- କଥାରେ ଅଛି, ଘରେ ଦୁର୍ଗନ୍ଧ ଓ ଅପରିଷ୍କାର ରହିଲେ ଲକ୍ଷ୍ମୀ ବାସ କରନ୍ତି ନାହିଁ। ବାସ୍ତୁ ଶାସ୍ତ୍ରରେ, ସଫାସୁତୁରା ଘରକୁ ସମୃଦ୍ଧି ସହିତ ଯୋଡ଼ା ଯାଇଛି। ସେହିପରି ଡଷ୍ଟବିନ୍ ଖୋଲା ରହିଲେ ଖର୍ଚ୍ଚ ବଢ଼େ। ଏହାସହ ବିନା କାରଣରେ ଅର୍ଥାଭାବ ଦେଖାଦିଏ।



### ଏସିଆ କପ୍ ପୁରୁଷ ହକି

# ଚାମ୍ପିଅନ ସହ ଭାରତକୁ ବିଶ୍ୱକପ୍ ଯୋଗ୍ୟତା



ରାଜଗିର, ୭।୯ (ଏଜେନ୍ସି)

ଡିଫେଣ୍ଡିଂ ଚାମ୍ପିଅନ ଦକ୍ଷିଣ କୋରିଆକୁ ହରାଇ ଭାରତ ଏସିଆ କପ୍ ପୁରୁଷ ହକି ଚାମ୍ପିଅନ ଆଖ୍ୟା ଅର୍ଜନ କରିଛି। ସ୍ଥାନୀୟ ବିହାର ୟୁନିଭର୍ସିଟି ସ୍ପୋର୍ଟ୍ସ ଗ୍ରାଉଣ୍ଡରେ ଖେଳାଯାଇଥିବା ଫାଇନାଲ ମ୍ୟାଚରେ ଭାରତ ଖେଳକୁ ସମ୍ପୂର୍ଣ୍ଣ ନିୟନ୍ତ୍ରଣରେ ରଖି ୪ର୍ଥ ଟାଇଟଲ ଜିତିବାରେ ସମର୍ଥ ହୋଇଥିଲା। ଭାରତ ପକ୍ଷରୁ ଦିଲପ୍ରୀତ ସିଂହ ୨ଟି, ସୁଖଜିତ ସିଂହ, ପେନାଲ୍ଟି କର୍ଣ୍ଣରରୁ ଅମିତ ରୋହିଦାସ ଗୋଟିଏ ଲେଖାଏଁ ଗୋଲ ଦେଇଥିଲେ। ଜୁଗରାଜ ସିଂହ ପେନାଲ୍ଟି ଷ୍ଟ୍ରୋକ୍‌ରୁ ଗୋଲ ଦେବାରେ ବିଫଳ ହୋଇଥିଲେ। କୋରିଆ ପକ୍ଷରୁ ସୋନ ଦାଏନ୍ ଗୋଲ ଶୁଝାଇଥିଲେ। ଫାଇନାଲକୁ ଭାରତ ୪-୧ ଗୋଲରେ ଜିତିଥିଲା।ଏହି ବିଜୟ ଫଳରେ ଆସନ୍ତାବର୍ଷ ବେଲଜିୟମ ଓ ନେଦରଲାଣ୍ଡସରେ ଖେଳାଯିବାକୁ ଥିବା ଏଫ୍‌ଆଇଏଚ୍ ପୁରୁଷ ବିଶ୍ୱକପ୍‌ରେ ଭାଗନେବାକୁ ଭାରତ ସିଧାସଳଖ ଯୋଗ୍ୟତା ଅର୍ଜନ କରିଛି। ଫାଇନାଲ ପୂର୍ବରୁ ଖେଳାଯାଇଥିବା କ୍ଲାସିଫିକେସନ ମ୍ୟାଚ୍‌ରେ ମାଲେସିଆ ୪-୧ ଗୋଲରେ ଚୀନ୍‌କୁ ପରାସ୍ତ କରି ତୃତୀୟ ସ୍ଥାନ ଅଧିକାର କରିଛି। ଫାଇନାଲରେ ଡବଲ ଗୋଲ ସ୍କୋର କରିଥିବା ଭାରତର ଫରୱାର୍ଡ ଖେଳାଳି ଦିଲପ୍ରୀତ ସିଂହଙ୍କୁ ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଥିଲା।

▶ ଭାରତର ଦିଲପ୍ରୀତ୍ ଫାଇନାଲର ଓ ଅଭିଷେକ ଟୁର୍ଣ୍ଣାମେଣ୍ଟର ଶ୍ରେଷ୍ଠ ଖେଳାଳି ବିବେଚିତ

▶ ଫାଇନାଲ୍‌ରେ ଓଡ଼ିଆ ଖେଳାଳି ଅମିତ ରୋହିଦାସ୍‌ଙ୍କ ଗୋଲ

ଦକ୍ଷିଣ କୋରିଆ ବିପକ୍ଷ ଫାଇନାଲ ମୁକାବିଲା ଆରମ୍ଭ ହେବାମାତ୍ରେ ଭାରତ ଆକ୍ରମଣ ରଚନା କରିଥିଲେ। ଏହା ଫଳ ଦଳକୁ ପ୍ରଥମ ମିନିଟ୍‌ରେ ହିଁ ମିଳିଥିଲା। ବାମପଟୁ ଆକ୍ରମଣ ହୋଇଥିଲାବେଳେ ଡି ଭିତରେ ପାଇଥିବା ସୁଯୋଗକୁ ସୁଖଜିତ ସିଂହ ଗୋଲ ସ୍କୋର କରି ଭାରତକୁ ୧-୦ ଅଗ୍ରଣୀ କରାଇଥିଲେ। ଏହା ପରେ ଦଳ ପ୍ରଭାବ ବିସ୍ତାର କରି ଖେଳିଥିଲା। ଖେଳର ୯ମ ମିନିଟ୍‌ରେ ବିପଜ୍ଜନକ ଖେଳଲାଗି ଭାରତକୁ ପେନାଲ୍ଟି ଷ୍ଟ୍ରୋକ୍ ମିଳିଥିଲା। ଜୁଗରାଜ ସିଂହ ମାରିଥିବା ଏହି ସଟ୍‌କୁ ଦକ୍ଷିଣ କୋରିଆ ଗୋଲରକ୍ଷକ ଦାଏହାନ୍ ଜାଙ୍ଗ୍ ଡାହାଣପଟେ ଅଟକାଇ ଦଳକୁ ଏକ ନିଶ୍ଚିତ ଗୋଲରୁ ରକ୍ଷା କରିଥିଲେ। ଦ୍ୱିତୀୟ କ୍ୱାର୍ଟରରେ ଲଢ଼େଇ ଜୋରଦାର ହୋଇଥିଲା। ଏଥିରେ ଉଭୟ ଦଳ ପରସ୍ପର ଉପରେ ଆକ୍ରମଣର ମାତ୍ରା ବୃଦ୍ଧି କରିଥିଲେ। କିନ୍ତୁ ରକ୍ଷଣଭାଗ ଖେଳାଳିଙ୍କ ଦୃଢ଼ତା ଯୋଗୁଁ କେହି କାହାରି ଉପରେ ଗୋଲ ସ୍କୋର କରିପାରି ନ ଥିଲେ। ଖେଳର ୨୮ତମ ମିନିଟ୍‌ରେ ବାମପଟୁ ସଞ୍ଜୟଙ୍କ ପାସ ଦିଲ୍‌ପ୍ରୀତଙ୍କ ନିକଟରେ ପହଞ୍ଚିଥିଲା। କୋରିଆ ରକ୍ଷଣଭାଗ ଖେଳାଳିଙ୍କ ଅସାବଧନତା ଯୋଗୁଁ ଦିଲପ୍ରୀତ୍ ଏହି ସୁଯୋଗରୁ ଫାଇଦା ଉଠାଇ ଭାରତ ଲାଗି ଦ୍ୱିତୀୟ ଗୋଲ ସ୍କୋର କରିଥିଲେ। ପ୍ରଥମାର୍ଦ୍ଧ ଖେଳ ଶେଷସୁଦ୍ଧା ଭାରତ ୨-୦ ଆଗୁଆ ରହିଥିଲା।

ଦ୍ୱିତୀୟାର୍ଦ୍ଧ ଖେଳ ଆରମ୍ଭ ହେବାମାତ୍ରେ କୋରିଆ ଘନ ଘନ ଆକ୍ରମଣ କରିଥିଲେ ମଧ୍ୟ ଭାରତୀୟ ରକ୍ଷଣଭାଗକୁ ଅତିକ୍ରମ କରିବାରେ ସମର୍ଥ ହୋଇ ନ ଥିଲା। ଜବାବରେ ଭାରତର ପ୍ରତ୍ୟାକ୍ରମଣକୁ ମଧ୍ୟ କୋରିଆର ରକ୍ଷଣଭାଗ ପ୍ରତିହତ କରିଥିଲେ। ୪୦ତମ ମିନିଟ୍‌ରେ କୋରିଆର କ୍ରମାଗତ ପେନାଲ୍ଟି କର୍ଣ୍ଣରକୁ ପ୍ରତିହତ କରିଥିଲେ ଭାରତୀୟ ଖେଳାଳି। ତୃତୀୟ କ୍ୱାର୍ଟରର ଶେଷ ମିନିଟ୍‌ରେ ଦିଲପ୍ରୀତ୍ ପାଇଥିବା ସୁଯୋଗକୁ ସଦ୍‌ବ୍ୟବହାର କରି ଦଳ ଲାଗି ତୃତୀୟ ତଥା ବ୍ୟକ୍ତିଗତ ଦ୍ୱିତୀୟ ଗୋଲ ସ୍କୋର କରିଥିଲେ। ଚତୁର୍ଥ କ୍ୱାର୍ଟରରେ ଓଡ଼ିଆ ଖେଳାଳି ଅମିତ ରୋହିଦାସ ଭାରତ ଲାଗି ଚତୁର୍ଥ ତଥା ପେନାଲ୍ଟି କର୍ଣ୍ଣରରୁ ପ୍ରଥମ ଗୋଲ ଦେଇଥିଲେ। କିନ୍ତୁ ଏହାର ପରମୁହୂର୍ତ୍ତରେ ସୋନ ଦାଏନ ଗୋଲ ଶୁଝାଇଦେଇଥିଲେ।

**ଏସିଆ କପ୍ ୧୯୮୨ରୁ ୨୦୨୫**

| ବର୍ଷ | ଚାମ୍ପିଅନ | ରନର୍ସଅପ୍ |
|---|---|---|
| ୧୯୮୨ | ପାକିସ୍ତାନ | ଭାରତ |
| ୧୯୮୫ | ପାକିସ୍ତାନ | ଭାରତ |
| ୧୯୮୯ | ପାକିସ୍ତାନ | ଭାରତ |
| ୧୯୯୪ | ଦ.କୋରିଆ | ଭାରତ |
| ୧୯୯୯ | ଦ.କୋରିଆ | ପାକିସ୍ତାନ |
| ୨୦୦୩ | ଭାରତ | ପାକିସ୍ତାନ |
| ୨୦୦୭ | ଭାରତ | ଦ.କୋରିଆ |
| ୨୦୦୯ | ଦ.କୋରିଆ | ପାକିସ୍ତାନ |
| ୨୦୧୩ | ଦ.କୋରିଆ | ଭାରତ |
| ୨୦୧୭ | ଭାରତ | ମାଲେସିଆ |
| ୨୦୨୨ | ଦ.କୋରିଆ | ମାଲେସିଆ |
| ୨୦୨୫ | ଭାରତ | ଦ.କୋରିଆ |

● ବିସିସିଆଇର ରେକର୍ଡ ରୋଜଗାର

## ୫ବର୍ଷରେ ଆୟ ୧୪୬୨୭ କୋଟି

ମୁମ୍ବଇ, ୭।୯ (ଏଜେନ୍ସି): ବିଶ୍ୱର ସବୁଠୁ ବିତ୍ତଶାଳୀ କ୍ରିକେଟ୍ ବୋର୍ଡ ବିସିସିଆଇ ରେକର୍ଡ ଆୟ ରେକର୍ଡସ୍ତରରେ ପହଞ୍ଚିଛି। ବିସିସିଆଇ ଗତ ୫ ବର୍ଷରେ ୧୪ ହଜାର ୬୨୭ କୋଟି ଟଙ୍କା ଆୟ କରିଛି। ସେଥିମଧ୍ୟରୁ ଗତ ଆର୍ଥିକ ବର୍ଷ (୨୦୨୪-୨୫)ରେ ୪ ହଜାର ୧୯୩ କୋଟି ଟଙ୍କା ରୋଜଗାର କରିଛି ବିସିସିଆଇ। ରାଜ୍ୟ ସଂଘଗୁଡ଼ିକୁ ଦିଆଯାଇଥିବା ଏକ ରିପୋର୍ଟ ଅନୁଯାୟୀ, ୧୨ ମାସ ପୂର୍ବେ ବୋର୍ଡର ମୋଟ୍ ବ୍ୟାଙ୍କ ବାଲାନ୍ସ ୨୦ ହଜାର ୬୮୬ କୋଟି ଟଙ୍କା ରହିଥିବା ଜଣାପଡ଼ିଛି। ରାଜ୍ୟ ୟୁନିଟ୍‌ଗୁଡ଼ିକୁ ସମସ୍ତ ପ୍ରାପ୍ୟ ପ୍ରଦାନ କରିବା ପରେ ମଧ୍ୟ ପାଣ୍ଠିରେ ଏକ ବଡ଼ ବୃଦ୍ଧି ଘଟିଛି। ୨୦୨୪ ବିସିସିଆଇ ଏଜିଏମରେ ଉପସ୍ଥାପିତ କରାଯାଇଥିବା ହିସାବ ଅନୁଯାୟୀ, ୨୦୧୯ ପରଠାରୁ ବିସିସିଆଇର ନଗଦ ଓ ବ୍ୟାଙ୍କ ଜମା ୬,୦୫୯ କୋଟିରୁ ବୃଦ୍ଧି ପାଇ ୨୦,୬୮୬ କୋଟିରେ ପହଞ୍ଚିଛି। ଅର୍ଥାତ୍ ଗତ ଆର୍ଥିକ ବର୍ଷ ଶେଷ ସୁଦ୍ଧା ବିସିସିଆଇ ୫ ବର୍ଷରେ ୧୪ ହଜାର ୬୨୭ କୋଟି ଟଙ୍କା ଆୟ କରିଛି। ଏହା ବ୍ୟତୀତ ୨୦୧୯ ପରଠାରୁ ସାଧାରଣ ପାଣ୍ଠି ମଧ୍ୟ ୩୯୦୬ କୋଟିରୁ ବୃଦ୍ଧି ପାଇ ୭୯୮୮ କୋଟିରେ ପହଞ୍ଚିଛି। ଅର୍ଥାତ୍ ଏଥିରେ ୪ ହଜାର ୮୨ କୋଟି ଟଙ୍କା ବୃଦ୍ଧି ହୋଇଛି। ସେହିଭଳି ଟିକସ ପ୍ରଦାନକୁ ନେଇ ବିଭିନ୍ନ ଟ୍ରିବ୍ୟୁନାଲରେ ମାମଲା ଜାରି ରହିଥିବାବେଳେ ବିସିସିଆଇ ୩ ହଜାରରୁ ଊର୍ଦ୍ଧ୍ୱ କୋଟି ଟଙ୍କା ଏଥିଲାଗି ସଂରକ୍ଷିତ ରଖିଥିବା ଜଣାପଡ଼ିଛି।

● ୧୪୮ ବର୍ଷର ଅନ୍ତର୍ଜାତୀୟ କ୍ରିକେଟ୍ ଇତିହାସରେ ପ୍ରଥମ

## ପ୍ରଥମ ଦୁଇ ବଲ୍‌ରେ ଓପନର୍ ଆଉଟ୍

ଓଣ୍ଟାରିଓ, ୭।୯ (ଏଜେନ୍ସି): ଅନ୍ତର୍ଜାତୀୟ କ୍ରିକେଟ୍‌ର ୧୪୮ ବର୍ଷ ଇତିହାସରେ ପ୍ରଥମଥର ଏକ ବିରଳ ଘଟଣା ଦେଖିବାକୁ ମିଳିଛି। ମ୍ୟାଚର ପ୍ରଥମ ଦୁଇଟି ବଲ୍‌ରେ ଉଭୟ ଓପନର୍ ଖାତା ଖୋଲିବା ପୂର୍ବରୁ ଆଉଟ୍ ହୋଇଛନ୍ତି। କାନାଡା ଓ ସ୍କଟଲାଣ୍ଡ ମଧ୍ୟରେ ଖେଳାଯାଇଥିବା ଆଇସିସି କ୍ରିକେଟ୍ ବିଶ୍ୱକପ୍ ଲିଗ୍-୨ର ଏକ ମ୍ୟାଚରେ ଏହି ଅଲୋଡ଼ା କୀର୍ତ୍ତିମାନ ସୃଷ୍ଟି ହୋଇଛି। ଏହି ମ୍ୟାଚରେ ଟସ୍ ଜିତି ସ୍କଟଲାଣ୍ଡ ଫିଲ୍ଡିଂ ନିଷ୍ପତ୍ତି ନେଇଥିଲା। ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଘରୋଇ କାନାଡା ପାଇଁ ଦୁଇ ଓପନର୍ ଅଲି ନଦୀମ ଓ ଯୁବରାଜ ଶର୍ମା ଇନିଂସ ଆରମ୍ଭ କରିଥିଲେ। ଇନିଂସର ପ୍ରଥମ ଓଭର ବୋଲିଂ କରିଥିବା ବ୍ରାଡ୍ କୁରୀଙ୍କ ପ୍ରଥମ ବଲ୍‌କୁ ଖେଳିବାକୁ ଯାଇ ନଦୀମ ସ୍ଲିପରେ କ୍ୟାଚ୍ ଆଉଟ୍ ହୋଇଥିଲେ। ଏହାପରେ ପରବର୍ତ୍ତୀ ବ୍ୟାଟର୍ ପରଗତ୍ ସିଂହ ଷ୍ଟ୍ରାଇକ କରିଥିଲେ। ସେ ଦ୍ୱିତୀୟ ବଲ୍‌କୁ ଷ୍ଟ୍ରେଟ୍ ଡ୍ରାଇଭ୍ ମାରିଥିଲେ। କିନ୍ତୁ ବଲ୍ ବୋଲରଙ୍କ ହାତ ବାଜି ନନ୍ ଷ୍ଟ୍ରାଇକ ପାୱାର୍ ଷ୍ଟମ୍ପରେ ବାଜିଥିଲା। ଏହି ସମୟରେ ନନ୍‌ଷ୍ଟ୍ରାଇକରେ ଥିବା ଅନ୍ୟତମ ଓପନର୍ ଯୁବରାଜ କ୍ରିଜ ବାହାରେ ଥିବାରୁ ଦୁର୍ଭାଗ୍ୟଜନ ଭାବେ ରନଆଉଟ୍ ହୋଇଥିଲେ। ଫଳରେ ଅନ୍ତର୍ଜାତୀୟ କ୍ରିକେଟ୍‌ର ୩ଟି ଯାକ ଫର୍ମାଟ୍‌ରେ ପ୍ରଥମଥର ଏହା ଘଟିଛି।

### ପୂର୍ବାଞ୍ଚଳ ଆନ୍ତଃରାଜ୍ୟ ବ୍ୟାଡ୍‌ମିଣ୍ଟନ ଚାମ୍ପିଅନସିପ୍

# ଓଡ଼ିଶାକୁ ୩ ସ୍ୱର୍ଣ୍ଣ ଓ ଗୋଟିଏ ରୌପ୍ୟ





ଭୁବନେଶ୍ୱର, ୭।୯ (ସମିସ): ଜାମସେଦପୁରରେ ଶେଷ ହୋଇଥିବା ପୂର୍ବାଞ୍ଚଳ ଆନ୍ତଃରାଜ୍ୟ ବ୍ୟାଡ୍‌ମିଣ୍ଟନ ଚାମ୍ପିଅନସିପ୍‌ରେ ଓଡ଼ିଶାର ଖେଳାଳିମାନେ ଦମ୍‌ଦାର ପ୍ରଦର୍ଶନ କରି ୪ଟି ପଦକ ବିଜୟୀ ହୋଇଛନ୍ତି। ଯେଉଁଥିରେ ୩ଟି ସ୍ୱର୍ଣ୍ଣ ଓ ଗୋଟିଏ ରୌପ୍ୟ ପଦକ ରହିଛି। ପୁରୁଷ ଡବଲ୍ସରେ ଅବିନାଶ ମହାନ୍ତି ଓ ଆୟୂଷ ପଟ୍ଟନାୟକ ଯୋଡ଼ି ଚାମ୍ପିଅନ ହୋଇଥିଲେ। ସେହିଭଳି ୧୯ ବର୍ଷରୁ କମ୍ ଜୁନିଅର ବର୍ଗର ପୁରୁଷ ସିଙ୍ଗଲ୍ସରେ ମୟଙ୍କ ଭରଦ୍ୱାଜ ମଧ୍ୟ ଫାଇନାଲରେ ବିଜୟୀ ହୋଇ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ରାଜ୍ୟ ପାଇଁ ତୃତୀୟ ସ୍ୱର୍ଣ୍ଣପଦକ ଜୁନିୟର ମିକ୍ସଡ ଡବଲ୍ସ ଇଭେଣ୍ଟରୁ ଆସିଥିଲା। ସ୍ୱିଟିପ୍ରିୟା ପ୍ରଧାନ ଓ ଜୟେଶ ଅଗରୱାଲ ଯୋଡ଼ି ଏଥିରେ ଚାମ୍ପିଅନ ହୋଇଥିଲେ। ସେହିଭଳି ଏକମାତ୍ର ରୌପ୍ୟ ପଦକ ତନ୍ୱୀ ପତ୍ରି ଜିତିଥିଲେ। ସେ ଜୁନିଅରବର୍ଗର ବାଳିକା ସିଙ୍ଗଲ୍ସରେ ଫାଇନାଲରେ ହାରିଯାଇଥିଲେ। ଉଲ୍ଲେଖଯୋଗ୍ୟ, କିଟ୍‌ରେ ଅଧ୍ୟୟନ କରୁଥିବା ଅବିନାଶ ଓ ତାଙ୍କ ପାର୍ଟନର ଆୟୂଷ ଗତ ମାସରେ ଘାନା ଇଣ୍ଟରନ୍ୟାସନାଲରେ ରୌପ୍ୟ ବିଜୟୀ ହୋଇ ରାଜ୍ୟ ଓ ଦେଶ ପାଇଁ ଗୌରବ ଆଣିଥିଲେ।

## ବିଶ୍ୱ ତୀରନ୍ଦାଜୀ ଚାମ୍ପିଅନସିପ୍‌ରେ ଭାରତକୁ ୨ ପଦକ

ଗ୍ୱାଙ୍ଗଝୁ, ୭।୯ (ଏଜେନ୍ସି): କୋରିଆରେ ଚାଲିଥିବା ବିଶ୍ୱ ତୀରନ୍ଦାଜୀ ଚାମ୍ପିଅନସିପ୍‌ରେ ଭାରତ ରବିବାର ଦୁଇଟି ପଦକ ବିଜୟୀ ହୋଇଛି। ଯେଉଁଥିରେ ଗୋଟିଏ ଲେଖାଏ ସ୍ୱର୍ଣ୍ଣ ଓ ରୌପ୍ୟ ପଦକ ରହିଛି। ଋଷଭ ଯାଦବ, ଅମନ ସାଇନି ଓ ପ୍ରଥମେଶ ଫୁଗେଙ୍କୁ ନେଇ ଗଠିତ ଭାରତୀୟ ଦଳ କମ୍ପାଉଣ୍ଡ ପୁରୁଷ ଟିମ୍ ଇଭେଣ୍ଟରେ ସ୍ୱର୍ଣ୍ଣିମ ସଫଳତା ପାଇଛି। କମ୍ପାଉଣ୍ଡ ପୁରୁଷ ଟିମ୍ ଇଭେଣ୍ଟ ଫାଇନାଲରେ ଭାରତ ୨୩୫-୨୩୩ ସ୍କୋରରେ ଶକ୍ତିଶାଳୀ ଫ୍ରାନ୍ସକୁ ପରାସ୍ତ କରିଥିଲା। ଏହି ଇଭେଣ୍ଟରେ ଭାରତର ଏହା ପ୍ରଥମ ସ୍ୱର୍ଣ୍ଣ ପଦକ ଥିଲା। ସେହିଭଳି କମ୍ପାଉଣ୍ଡ ମିକ୍ସଡ ଟିମ୍ ଇଭେଣ୍ଟରେ ଭାରତ ରୌପ୍ୟ ପଦକରେ ସନ୍ତୁଷ୍ଟ ରହିଥିଲା। ଜ୍ୟୋତି ସୁରେଖା ଓ ଋଷଭଙ୍କୁ ନେଇ ଗଠିତ ଭାରତୀୟ ମିକ୍ସଡ ଟିମ୍ ଦଳ ଫାଇନାଲରେ ୧୫୫-୧୫୭ ସ୍କୋରରେ ନେଦରଲାଣ୍ଡସ ଯୋଡ଼ିଠାରୁ ହାରିଯାଇଥିଲା।

### ଦୁଲୀପ ଟ୍ରଫି କ୍ରିକେଟ

# କେନ୍ଦ୍ରାଞ୍ଚଳ-ଦକ୍ଷିଣାଞ୍ଚଳ ଫାଇନାଲ



ବେଙ୍ଗାଲୁରୁ, ୭।୯ (ଏଜେନ୍ସି): କେନ୍ଦ୍ରାଞ୍ଚଳ ଓ ଦକ୍ଷିଣାଞ୍ଚଳ ମଧ୍ୟରେ ଚଳିତବର୍ଷର ଦୁଲୀପ୍ ଟ୍ରଫି ଫାଇନାଲ ମୁକାବିଲା ହେବ। ଏଠାରେ ରବିବାର ଶେଷ ହୋଇଥିବା ଦୁଇଟି ଯାକ ସେମିଫାଇନାଲ ମ୍ୟାଚ୍ ହାରଜିତ୍ ବିନା ଫଇସଲାରେ ଶେଷ ହୋଇଛି। ଫଳରେ ପ୍ରଥମ ଇନିଂସ ଅଗ୍ରଣୀ ଭିତ୍ତିରେ ପଶ୍ଚିମାଞ୍ଚଳକୁ ପଛରେ ପକାଇ କେନ୍ଦ୍ରାଞ୍ଚଳ ଓ ଉତ୍ତରାଞ୍ଚଳକୁ ଅତିକ୍ରମ କରି ଦକ୍ଷିଣାଞ୍ଚଳ ଫାଇନାଲରେ ପ୍ରବେଶ କରିଛନ୍ତି। ଫାଇନାଲ ମ୍ୟାଚ୍ ଏଠାରେ ସେପ୍ଟେମ୍ବର ୧୧ରୁ ୧୫ ଯାଏ ବିସିସିଆଇ ସେଣ୍ଟର ଅଫ୍ ଏକ୍ସିଲେନ୍ସିଠାରେ ଖେଳାଯିବ। ଏହି ମୁକାବିଲାରେ କେନ୍ଦ୍ରାଞ୍ଚଳର ଅଫସ୍ପିନର ସାରାଂଶ ଜୈନ ଓ ଦକ୍ଷିଣାଞ୍ଚଳର ଏନ୍ ଜଗଦୀଶନଙ୍କୁ ମ୍ୟାଚର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି।

**ଜୟସ୍ୱାଲଙ୍କ ଅର୍ଦ୍ଧଶତକ, ଆୟର ଫେଲ୍**

ପ୍ରଥମ ସେମିଫାଇନାଲରେ ପ୍ରଥମେ ବ୍ୟାଟିଂ କରିଥିବା ପଶ୍ଚିମାଞ୍ଚଳ ପ୍ରଥମ ଇନିଂସରେ ୪୩୮ ରନ୍ କରିଥିଲା। ଜବାବରେ ୬ଜଣ ଖେଳାଳି ଅର୍ଦ୍ଧଶତକ ହାସଲ କରିବା ଫଳରେ କେନ୍ଦ୍ରାଞ୍ଚଳ ପ୍ରଥମ ଇନିଂସରେ ୬୦୦ ରନ୍ କରି ପ୍ରଥମ ଇନିଂସ ଅଗ୍ରଣୀ ନେଇଥିଲା। ରବିବାର ପଶ୍ଚିମାଞ୍ଚଳର ଦ୍ୱିତୀୟ ଇନିଂସ ୮ ୱିକେଟରେ ୨୧୬ ରନ୍ କରିବା ଫଳରେ ମ୍ୟାଚ୍ ଡ୍ର ରହିଥିଲା। ପଶ୍ଚିମାଞ୍ଚଳ ପକ୍ଷରୁ ଜୟସ୍ୱାଲ ୬୪ ରନ୍ କରିଥିଲେ। କିନ୍ତୁ ପ୍ରଥମ ଇନିଂସରେ ୨୫ ରନ୍ କରିଥିବା ଶ୍ରେୟସ ଆୟର ଦ୍ୱିତୀୟ ଇନିଂସରେ ୧୨ ରନ୍ କରି ବ୍ୟାଟିଂରେ ଫେଲ ମାରିଛନ୍ତି। କେନ୍ଦ୍ରାଞ୍ଚଳ ପକ୍ଷରୁ ହର୍ଷ ଦୁବେ ୩ଟି ଓ ସାରାଂଶ ଜୈନ ୫ଟି ୱିକେଟ ପାଇଥିଲେ।

**ଜଗଦୀଶନଙ୍କ ଶ୍ରେଷ୍ଠ ବ୍ୟାଟିଂ**

ଦ୍ୱିତୀୟ ସେମିଫାଇନାଲରେ ଦକ୍ଷିଣାଞ୍ଚଳ ପ୍ରଥମେ ବ୍ୟାଟିଂ କରି ଏନ୍ ଜଗଦୀଶନଙ୍କ ୧୯୭ ରନ୍ ସହାୟତାରେ ପ୍ରଥମ ଇନିଂସରେ ୫୩୬ ରନ୍ କରିଥିଲା। ଜବାବରେ ଶୁଭମ ଶର୍ମାଙ୍କ ଶତକ ସତ୍ତ୍ୱେ ଉତ୍ତରାଞ୍ଚଳର ପ୍ରଥମ ଇନିଂସ ୩୬୧ରେ ଅଟକିଥିଲା। ପ୍ରଥମ ଇନିଂସରେ ୧୭୫ ରନ୍‌ରେ ଆଗୁଆ ଥିବା ଦକ୍ଷିଣାଞ୍ଚଳ ମ୍ୟାଚ୍ ଶେଷ ବେଳକୁ ଦ୍ୱିତୀୟ ଇନିଂସରେ ୧ ୱିକେଟ ହରାଇ ୯୫ ରନ୍ କରିଥିଲା। ପ୍ରଥମ ଇନିଂସରେ ଶତକ ହାସଲ କରିଥିବା ଜଗଦୀଶନ ୫୨ ରନ୍‌ରେ ଅପରାଜିତ ରହିଥିଲେ। ଫାଇନାଲ ମୁକାବିଲା ଗୁରୁବାରଠାରୁ ଆରମ୍ଭ ହେବ।

● ଦିନିକିଆ କ୍ରିକେଟ୍ ଇତିହାସରେ ବୃହତ୍ ବିଜୟ

## ଇଂଲଣ୍ଡଠୁ ୩୪୨ ରନ୍‌ରେ ହାରିଲା ଦକ୍ଷିଣ ଆଫ୍ରିକା

ସାଉଥାମ୍ପଟନ, ୭।୯ (ଏଜେନ୍ସି): ଦିନିକିଆ କ୍ରିକେଟ୍ ଇତିହାସରେ ଇଂଲଣ୍ଡ ସର୍ବବୃହତ୍ ବିଜୟ ହାସଲ କରିଛି। ରବିବାର ଏଠାରେ ଖେଳାଯାଇଥିବା ଅନ୍ତିମ ତଥା ୩ୟ ଦିନିକିଆରେ ଘରୋଇ ଇଂଲଣ୍ଡ ୩୪୨ ରନର ବୃହତ୍ ବ୍ୟବଧାନରେ ଦକ୍ଷିଣ ଆଫ୍ରିକାକୁ ପରାସ୍ତ କରିଛି। ଅଭିଜ୍ଞ ବ୍ୟାଟର୍ ଜୋ ରୁଟ୍ ଓ ଜ୍ୟାକବ ବେଥେଲଙ୍କ ଶତକ ବଳରେ ପ୍ରଥମେ ବ୍ୟାଟିଂ କରିଥିବା ଘରୋଇ ଦଳ ୫୦ ଓଭରରେ ୫ ୱିକେଟ୍ ହରାଇ ୪୧୪ ରନର ଚ୍ୟାଲେଞ୍ଜିଂ ସ୍କୋର ଠିଆ କରାଇଛି। ୧୯ତମ ଦିନିକିଆ ଶତକ ହାସଲ କରି ରୁଟ୍ ଠିକ୍ ୧୦୦ ରନରେ ଆଉଟ୍ ହୋଇଥିଲେ। ସେହିଭଳି କ୍ୟାରିୟରର ପ୍ରଥମ ଦିନିକିଆ ଶତକ ହାସଲ କରିଥିବା ବେଥେଲ ୮୨ ବଲରେ ୧୧୦ ରନ କରି ପ୍ୟାଭିଲିୟନ ଫେରିଥିଲେ। ଜବାବରେ ଏହି ବିଶାଳ ଲକ୍ଷ୍ୟକୁ ପିଛା କରିଥିବା ଦକ୍ଷିଣ ଆଫ୍ରିକା ୨୦.୫ ଓଭରରେ ମାତ୍ର ୭୨ ରନରେ ଅଲ୍‌ଆଉଟ୍ ହେବା ସହ ୩୪୨ ରନରେ ପରାସ୍ତ ହୋଇଥିଲା। ପୂର୍ବରୁ ୨୦୨୩ରେ ଭାରତ ୩୧୭ ରନରେ ବିଜୟୀ ଇଂଲଣ୍ଡ ଦଳର ଜୋଫ୍ରା ଆର୍ଚର ୪, ଆଦିଲ ରଶିଦ ୩ଟି ୱିକେଟ ନେଇଥିଲେ। ଏହି ମ୍ୟାଚ୍ ହାରିଥିଲେ ମଧ୍ୟ ପୂର୍ବରୁ ପ୍ରଥମ ଦୁଇ ମ୍ୟାଚକୁ ଯଥାକ୍ରମେ ୭ ୱିକେଟ୍ ଓ ୫ ରନରେ ଜିତିଥିବାରୁ ଦକ୍ଷିଣ ଆଫ୍ରିକା ୨-୧ରେ ସିରିଜ ବିଜୟୀ ହୋଇଛି।

**ଦିନିକିଆରେ ବୃହତ୍ ବିଜୟ (ରନରେ)**

| ଦଳ | ବ୍ୟବଧାନ | ପ୍ରତିପକ୍ଷ | ବର୍ଷ |
|---|---|---|---|
| ଇଂଲଣ୍ଡ | ୩୪୨ | ଦ.ଆଫ୍ରିକା | ୨୦୨୫ |
| ଭାରତ | ୩୧୭ | ଶ୍ରୀଲଙ୍କା | ୨୦୨୩ |
| ଅଷ୍ଟ୍ରେଲିଆ | ୩୦୯ | ନେଦରଲାଣ୍ଡସ | ୨୦୨୩ |
| ଜିମ୍ବାୱେ | ୩୦୪ | ଆମେରିକା | ୨୦୨୩ |
| ଭାରତ | ୩୦୨ | ଶ୍ରୀଲଙ୍କା | ୨୦୨୩ |

### ୟୁଏସ୍ ଓପନ ଗ୍ରାଣ୍ଡସ୍ଲାମ୍: ମହିଳା ଏକକ ଫାଇନାଲରେ ହାରିଲେ ଆମାଣ୍ଡା

# ଟାଇଟଲ୍ ବଜାୟ ରଖିଲେ ସାବାଲେଙ୍କା



ନ୍ୟୁୟର୍କ, ୭।୯ (ଏଜେନ୍ସି)


ବେଲାରୁଷର ଆରିନା ସାବାଲେଙ୍କା ୟୁଏସ୍ ଓପନ ମହିଳା ଏକକ ଟାଇଟଲ ବଜାୟ ରଖିଛନ୍ତି। ଶନିବାର ରାତିରେ ଅନୁଷ୍ଠିତ ଫାଇନାଲରେ ଆମେରିକାର ଆମାଣ୍ଡା ଆନିସିମୋଭାଙ୍କୁ ୬-୩, ୭-୬ ସେଟ୍‌ରେ ପରାସ୍ତ କରି କ୍ରମାଗତ ଟାଇଟଲ ବିଜୟୀ ହେବାରେ ସମର୍ଥ ହୋଇଛନ୍ତି। ସେହିପରି ୨୦୧୪ରେ ସେରେନା ୱିଲିୟମ୍ସଙ୍କ ପରେ ପ୍ରଥମ ମହିଳା ଖେଳାଳିଭାବେ ଏକକ ବିଭାଗରେ ପ୍ରଥମ ଖେଳାଳିଭାବେ କ୍ରମାଗତ ଟାଇଟଲ ଜିତିବାରେ ସମର୍ଥ ହୋଇଛନ୍ତି। ଫାଇନାଲରେ ଟପ୍ ସିଡ୍ ସାବାଲେଙ୍କା ଶକ୍ତିଶାଳୀ ଖେଳ ପ୍ରଦର୍ଶନ କରି ଚଳିତବର୍ଷର ପ୍ରଥମ ଗ୍ରାଣ୍ଡସ୍ଲାମ ଓ ତାଙ୍କ ଟେନିସ ଜୀବନର ଚତୁର୍ଥ ଗ୍ରାଣ୍ଡସ୍ଲାମ୍ ଟାଇଟଲ ଜିତିଛନ୍ତି। ଏହା ସହ ଚଳିତବର୍ଷ ମଧ୍ୟ ଜଣେ ମହିଳା ଖେଳାଳିଭାବେ ସର୍ବାଧିକ ୫୬ଟି ମ୍ୟାଚ୍ ଓ ଏହାକୁ ମିଶାଇ ଗ୍ରାଣ୍ଡସ୍ଲାମ୍ ମୁଖ୍ୟ ଡ୍ର'ରେ ୧୦୦ତମ ମ୍ୟାଚ୍ ଜିତିବାରେ ସମର୍ଥ ହୋଇଛନ୍ତି।

ଚଳିତବର୍ଷ ସାବାଲେଙ୍କା ଅଷ୍ଟ୍ରେଲିଆନ ଓପନ ଓ ଫ୍ରେଞ୍ଚ ଓପନ ଫାଇନାଲରେ ପ୍ରବେଶ କରିଥିଲେ। କିନ୍ତୁ ଟାଇଟଲ ଜିତିବାରେ ସମର୍ଥ ହୋଇ ନ ଥିଲେ। ଶନିବାର ଫାଇନାଲରେ ସେ ଅତ୍ୟନ୍ତ ଭାବପ୍ରବଣ ହୋଇ ଦୃଢ଼ତାର ସହ ଖେଳିଥିଲେ। ଅନ୍ୟ ପକ୍ଷରେ ଘରୋଇ ମାଟିରେ ଖେଳୁଥିବା ଏବଂ ଟେନିସ ଜୀବନରେ ଦ୍ୱିତୀୟ ଗ୍ରାଣ୍ଡସ୍ଲାମ୍ ଫାଇନାଲ ଖେଳୁଥିବା ଆନିସିମୋଭା ଜୋରଦାର ଲଢ଼େଇ କରିଥିଲେ ମଧ୍ୟ ଚଳିତବର୍ଷର ୱିମ୍ବଲଡନ ସେମିଫାଇନାଲ ଫଳାଫଳର ପୁନରାବୃତ୍ତି କରିପାରି ନ ଥିଲେ। ଏହି ମୁକାବିଲାରେ ସାବାଲେଙ୍କାଙ୍କୁ ହରାଇ ଆନିସିମୋଭା ପ୍ରଥମ ଗ୍ରାଣ୍ଡସ୍ଲାମ୍ ଫାଇନାଲରେ ପ୍ରବେଶ କରିଥିଲେ। ଏଠାରେ ସାବାଲେଙ୍କାଙ୍କ ନିଖୁଣ ଖେଳ ଆଗରେ ଆନିସିମୋଭା ପ୍ରଥମ ସେଟ୍‌ରେ ଏକତରଫା ହାରିଯାଇଥିଲେ। ୩-୬ରେ ପ୍ରଥମ ସେଟ୍ ହାରିଥିଲେ ମଧ୍ୟ ଦ୍ୱିତୀୟ ସେଟ୍ ଟାଇବ୍ରେକରକୁ ଯାଇଥିଲା। ଏଥିରେ ସାବାଲେଙ୍କା ଚତୁର ଖେଳ ପ୍ରଦର୍ଶନ କରି ୭-୪ରେ ଟାଇବ୍ରେକରକୁ ଜିତିନେଇଥିଲେ। ଏଠାରେ ପରାଜିତ ହୋଇଥିଲେ ମଧ୍ୟ ଆନିସିମୋଭା ପ୍ରଥମ ୫ଜଣଙ୍କ ମଧ୍ୟରେ ସ୍ଥାନ ପାଇବେ ବୋଲି ଆଶା କରାଯାଉଛି।

■ **ସିନ୍ନର-ଆଲକାରାଜ ମୁକାବିଲା**

ପୁରୁଷ ଏକକ ଫାଇନାଲରେ ବିଶ୍ୱର ଦୁଇ ଶ୍ରେଷ୍ଠ ଖେଳାଳି ନଂ-୧ ମାନ୍ୟତାପ୍ରାପ୍ତ ଇଟାଲୀର ଜାନିକ ସିନ୍ନର ଓ ନଂ-୨ ସ୍ପେନ୍‌ର କାର୍ଲୋସ ଆଲକାରାଜଙ୍କ ମଧ୍ୟରେ ଖେଳାଯିବ। ଆଜି ରାତିରେ ଖେଳାଯିବାକୁ ଥିବା ଏହି ଫାଇନାଲ ମୁକାବିଲା ଜୋରଦାର ହୋଇଛି। ସେମିଫାଇନାଲରେ ସିନ୍ନର ୬-୧, ୩-୬, ୬-୩, ୬-୪ ସେଟ୍‌ରେ କାନାଡ଼ାର ୨୫ତମ ସିଡ୍ ଫେଲିକ୍ସ ଅଗର-ଆଲିସିଆମେଙ୍କୁ ପରାସ୍ତ କରିଥିଲେ। ସେହପରି ଅନ୍ୟ ସେମିରେ ଆଲକାରାଜ ୬-୪, ୭-୬, ୬-୨ରେ ୨୪ଟି ଗ୍ରାଣ୍ଡସ୍ଲାମ୍ ଟାଇଟଲ ଜିତିଥିବା ୩୮ ବର୍ଷୀୟ ନୋଭାକ ଜୋକୋଭିଚ୍‌ଙ୍କୁ ହରାଇଥିଲେ। ଆଲକାରାଜ ଏହି ଟୁର୍ଣ୍ଣାମେଣ୍ଟରେ ଗୋଟିଏ ହେଲେ ସେଟ୍‌ରେ ନ ହାରି ଫାଇନାଲରେ ପ୍ରବେଶ କରିଛନ୍ତି। ଏଥିରେ ଯଦି ସେ କୌଣସି ସେଟ୍‌ରେ ନ ହାରି ଟାଇଟଲ ଜିତନ୍ତି ତେବେ ଏଭଳି ପ୍ରଦର୍ଶନ କରିବାରେ ସେ ବିଶ୍ୱର ପ୍ରଥମ ଖେଳାଳି ହେବେ।

## ଜେବାଲୋସ୍-ଗ୍ରାନୋଲର୍ସଙ୍କୁ ପୁରୁଷ ଯୁଗଳ ଟାଇଟଲ



ନ୍ୟୁୟର୍କ, ୭।୯ (ଏଜେନ୍ସି): ଆର୍ଜେଣ୍ଟିନାର ହୋରାସିଓ ଜେବାଲୋସ୍ ଓ କାନାଡାର ମାର୍ସେଲୋ ଗ୍ରାନୋଲର୍ସଙ୍କ ଯୋଡି ୟୁଏସ୍ ଓପନ ପୁରୁଷ ଯୁଗଳ ଟାଇଟଲ ବିଜୟୀ ହୋଇଛନ୍ତି। ଶନିବାର ଅନୁଷ୍ଠିତ ଫାଇନାଲ ଖେଳରେ ୫ମ ସିଡ୍ ଜେବାଲୋସ ଓ ଗ୍ରାନୋଲର୍ସଙ୍କ ଯୋଡି ୬ଷ୍ଠ ସିଡ୍ ନିଲ ସ୍କୁପସ୍କି ଓ ଜୋ ସାଲିସ୍‌ବରୀଙ୍କୁ ୩-୬, ୭-୬, ୭-୫ ସେଟ୍‌ରେ ପରାସ୍ତ କରି ଟାଇଟଲ ବିଜୟୀ ହୋଇଛନ୍ତି। ଏହା ଫଳରେ ଜେବାଲୋସ ଓ ଗ୍ରାନୋଲର୍ସଙ୍କ ଯୋଡି ଗୋଟିଏ ବର୍ଷରେ ୨ଟି ଗ୍ରାଣ୍ଡସ୍ଲାମ୍ ଟାଇଟଲ ଜିତିବାରେ ସମର୍ଥ ହୋଇଛନ୍ତି। ଏମାନେ ଚଳିତବର୍ଷ ସମାନ ପ୍ରତିଦ୍ୱନ୍ଦ୍ୱୀଙ୍କୁ ପରାସ୍ତ କରି ଫ୍ରେଞ୍ଚ୍ ଓପନ ଟାଇଟଲ ଜିତିଥିଲେ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS